

ମୁହଁ ଖୋଲିଲେ ଇମ୍ରାନ୍

▸ପୃଷ୍ଠା ୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

•VOLUME- 41 •ISSUE-148 •BHUBANESWAR •THURSDAY •23 NOVEMBER 2023 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୪୮ •ଭୁବନେଶ୍ୱର •ଗୁରୁବାର •୨୩ ନଭେମ୍ବର ୨୦୨୩ •ପୃଷ୍ଠା-୨୦ •ଟ.୬.୦୦


‘ଶୀତ’ରେ ‘ମୌସୁମୀ’ର ପୁନରାବୃତ୍ତି

# ଗୃହ ଅଚଳକଲେ ବିରୋଧୀ

## ଆରମ୍ଭରୁ ହଟ୍ଟଗୋଳ; ଦ୍ୱିତୀୟ ଦିନ ଅଧିବେଶନରେ ବାଧା

ବିରୋଧୀଙ୍କ ଆଚରଣକୁ ନେଇ ବର୍ଷିଲା ବିଜେଡି

ରାଜ୍ୟବାସୀଙ୍କୁ ନିରାଶ କରିଛନ୍ତି ବିରୋଧୀ ଦଳ



■ ଭୁବନେଶ୍ୱର, ୨୨।୧୧ (ସମିସ): ଜିଦ୍, ହୋ-ହଲ୍ଲା ଓ ହଟ୍ଟଗୋଳର ଯେଉଁ ଚିତ୍ର ବିଧାନସଭାର ମୌସୁମୀ ଅଧିବେଶନରେ ଦେଖିବାକୁ ମିଳିଥିଲା; ଏବେ ‘ଶୀତ’ ଅଧିବେଶନରେ ତାହାର ପୁନରାବୃତ୍ତି ଘଟିଛି। ବିରୋଧୀ ଦଳ ସେତେବେଳେ ଯେଉଁଠୁ ବିରୋଧ, ହଟ୍ଟଗୋଳ ଛାଡ଼ିଥିଲେ, ଏବେ ସେଇଠୁ ପୁଣି ତାହାକୁ ଆରମ୍ଭ କରିଛନ୍ତି। ‘ଶୀତ’ ଅଧିବେଶନର ଦ୍ୱିତୀୟ ଦିନରେ ଆଦିବାସୀ ଜମି ହସ୍ତାନ୍ତର ପ୍ରସଙ୍ଗ ଓ ପେସା ଆଇନ ପ୍ରସଙ୍ଗରେ ଉଭୟ ବିଜେପି ଓ କଂଗ୍ରେସ ଗୃହ ଅଚଳ କରିଛନ୍ତି। ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଅଚଳାବସ୍ଥା ହଟାଇବାକୁ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇନାହିଁ। ଫଳରେ ଗୃହ ମାତ୍ର ୩ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ଗୁରୁବାର ସକାଳ ୧୦ଟା ୩୦ ମିନଟ ଯାଏଁ ମୁଲତବୀ ଘୋଷଣା କରିଛନ୍ତି। ଅପରପକ୍ଷେ ବିରୋଧୀଙ୍କ ଏପରି ହଟ୍ଟଗୋଳ ଏବଂ ଗୃହ ଅଚଳ କରିବା ପ୍ରଥାକୁ ଶାସକ ଦଳ ବିଧାୟକମାନେ ଗୃହ ବାହାରେ ତୀବ୍ର ସମାଲୋଚନା କରିଛନ୍ତି। ରାଜ୍ୟବାସୀ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନର ଆଶା ବିଧାନସଭାଠାରୁ ରଖୁଛନ୍ତି; ମାତ୍ର ପ୍ରତିବାଦ ଆଳରେ ବିରୋଧୀ ଯେପରି ଅକାରଣରେ ଗୃହକୁ ଅଚଳ କରୁଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ଶାସକ ଦଳ ବିଧାୟକମାନେ କହିଛନ୍ତି।

ବୁଧବାର ପ୍ରଶ୍ନକାଳ ଆରମ୍ଭ ହେବ ମାତ୍ରେ ଉଭୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ପ୍ରବଳ ହୋହାଲ୍ଲା କରିଥିଲେ। ଅନ୍ୟପକ୍ଷରେ ଦିଆଯାଇଥିବା ନୋଟିସକୁ ବାଚସ୍ପତି ଗ୍ରହଣ କରି ନ ଥିବା ଅଭିଯୋଗ ଆଣି ବିଜେପି ସଦସ୍ୟମାନେ ହାତରେ ପୋଷ୍ଟର ଧରି ବାଚସ୍ପତିଙ୍କ ପୋଡ଼ିୟମ ତଳେ ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୦ ଟା ୩୧ ରୁ ୧୨ ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ୧୨ଟା ରେ ଗୃହ କାର୍ଯ୍ୟ ଆରମ୍ଭ ସମୟରେ ସମାନ ସ୍ଥିତି ଲାଗି ରହିଥିଲା। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବା ଲାଗି ସର୍ବଦଳୀୟ ବୈଠକ ▸ପୃଷ୍ଠା-୭

### ଶସ୍ତା ରାଜନୀତି କରୁଛନ୍ତି ବିରୋଧୀ: ରାଜସ୍ୱ ମନ୍ତ୍ରୀ

## ଆଦିବାସୀଙ୍କ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ

ଆଦିବାସୀ ଭାଷାକୁ ମାନ୍ୟତା ପାଇଁ କେନ୍ଦ୍ରର ନିରବତାକୁ ନେଇ ପ୍ରଶ୍ନ

କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ଼ କରିବାକୁ କେନ୍ଦ୍ର ସରକାର ପଛଘୁଞ୍ଚା କାହିଁକି

■ ଭୁବନେଶ୍ୱର, ୨୨।୧୧ (ସମିସ): ଆଦିବାସୀ ଜମି ହସ୍ତାନ୍ତର ସଂକ୍ରାନ୍ତରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। କ୍ୟାବିନେଟରେ ହୋଇଥିବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆଦିବାସୀଙ୍କ ବିକାଶରେ ମୁଖ୍ୟମନ୍ତ୍ରୀ ସବୁବେଳେ ଆଗରେ ଅଛନ୍ତି। ଦେଶରେ ଏଫଆରଏଫ୍ ପଟ୍ଟା ଦେବାରେ ଓଡ଼ିଶା ସର୍ବାଗ୍ରେ ରହିଛି। ଆଦିବାସୀଙ୍କ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ବିକାଶକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ମାତ୍ର ବିଜେପି ଓ କଂଗ୍ରେସ ଶସ୍ତା ▸ପୃଷ୍ଠା-୭

ଯୁକ୍ତ ଦୁଇ ଛାତ୍ରଙ୍କ କମାଲ୍

# ଲାଇଟ୍‌ରେ ଚାଲିବ ଇଣ୍ଟରନେଟ୍



ବିଜ୍ଞାନର ପ୍ରୟୋଗ କରି ଉଦ୍ଭାବନ କଲେ ଲାଇ-ଫାଇ ଟେକ୍ନୋଲୋଜି

ଅନ୍ତର୍ଜାତୀୟ ସ୍ତରରେ ମିଳିଛି ସ୍ୱୀକୃତି



■ ଯାଜପୁର, ୨୨।୧୧ (ସନ୍ଦୀପ୍ତ ରାୟ): ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ପ୍ରତିଦିନ ନୂଆ ନୂଆ ଜିନିଷ ଉଦ୍ଭାବନ ହେଉଛି। ଏହି ନୂତନ ଜ୍ଞାନ କୌଶଳକୁ ବ୍ୟବହାର ମଣିଷ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରୁଛି। ଏଭଳି ଏକ ନୂତନ ଟେକ୍ନୋଲୋଜି ବାହାର କରିବାରେ ସକ୍ଷମ ହୋଇଛନ୍ତି +୨ରେ ପାଠ ପଢ଼ୁଥିବା ଛାତ୍ର ଜ୍ଞାନରଞ୍ଜନ ମିଶ୍ର। ବର୍ତ୍ତମାନର ଇଣ୍ଟରନେଟ ଯୁଗରେ ୱାଇଫାଇର ବହୁଳ ବ୍ୟବହାର ଦେଖି ଏହାର ଏକ ବିକଳ୍ପ ବାହାର କରିଛନ୍ତି ଜ୍ଞାନରଞ୍ଜନ। ଗତ କୋଭିଡ ସମୟରେ ଏଭଳି କିଛି ଗବେଷଣା କରି ଲାଇଟ୍‌ରୁ କିଭଳି ମଣିଷ ଇଣ୍ଟରନେଟ ତିଆରି କରିପାରିବ, ତାକୁ ଉଦ୍ଭାବନ କରିବାରେ ସଫଳ ହୋଇଛନ୍ତି। ୱାଇଫାଇ ବ୍ୟବହାର କଲେ ବିକିରଣ (ରେଡିଏସନ)ର ବିପଦ ରହିଥିବାବେଳେ ଏହି ଲାଇଫାଇ ବ୍ୟବହାର କଲେ ମଣିଷ ପ୍ରତି କୌଣସି ବିପଦ ନାହିଁ ବୋଲି ଜ୍ଞାନରଞ୍ଜନ ଦାବି କରିଛନ୍ତି। ▸ପୃଷ୍ଠା-୭

ରାଜୌରୀରେ ଆତଙ୍କବାଦୀଙ୍କ ସହ ଗୁଳିବିନିମୟ

# ମେଜରଙ୍କ ସହ ୪ ଯବାନ ସହିଦ

■ ଶ୍ରୀନଗର, ୨୨।୧୧ (ଏଜେନ୍ସି): ଜମ୍ମୁ-କାଶ୍ମୀରର ରାଜୌରୀ ଜିଲ୍ଲାରେ କମ୍ବିଂ ଅପରେସନ ବେଳେ ଭାରତୀୟ ସେନାର ଜଣେ ମେଜର ଏବଂ ଅନ୍ୟ ଜଣେ ଅଧିକାରୀଙ୍କ ସମେତ ୪ ଯବାନ ସହିଦ ହୋଇଛନ୍ତି। ରାଜୌରୀର ବାଜିମଲ୍ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିବା ପରେ ଗତକାଲି ରାତିରେ ସେନା ଏବଂ ଜମ୍ମୁ କାଶ୍ମୀର ପୁଲିସର ଏସଓଜି ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ରାତି ସାରା ଅପରେସନ ଚାଲିଥିଲା ବେଳେ ବୁଧବାର ପ୍ରତ୍ୟୁଷରେ ଆତଙ୍କବାଦୀ ଏବଂ ସେନା ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ତେବେ ଏହି ସମୟରେ ଆତଙ୍କବାଦୀଙ୍କ ଗୁଳିରେ ଜଣେ ମେଜର ଏବଂ ଅନ୍ୟ ଦୁଇ ଯବାନ ସହିଦ ହୋଇଛନ୍ତି। ଏହାଛଡ଼ା ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ଆତଙ୍କବାଦୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ▸ପୃଷ୍ଠା-୭

# ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱ



ମିଶନ ଶକ୍ତି ବିଭାଗରେ କାର୍ଯ୍ୟଶୈଳୀ ଯୋଗୁଁ ଘରେ ଘରେ ପରିଚିତ

କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ତ୍ୱରାନ୍ୱିତ ହେବା ନେଇ ଆଶା ପ୍ରକାଶ

■ ଭୁବନେଶ୍ୱର, ୨୨।୧୧(ସମିସ): ମିଶନ ଶକ୍ତି ବିଭାଗର ସଚିବ ତଥା କମିଶନର ସୁଜାତା ରାଉତ କାର୍ତ୍ତିକେୟନଙ୍କ ଉପରେ ଆଉ ଏକ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ରାଜ୍ୟ ସରକାର। ୨୦୦୦ ମସିହା ବ୍ୟାଚ୍ ଆଇଏଏସ୍ ସୁଜାତାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ସାଧାରଣ ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟରେ ମହିଳାମନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣି ସେମାନଙ୍କୁ ସାମାଜିକ, ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ଏବଂ ଆତ୍ମନିର୍ଭର ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀଙ୍କ ମିଶନଶକ୍ତିର ନେତୃତ୍ୱ ନେଉଛନ୍ତି ସୁଜାତା ରାଉତ କାର୍ତ୍ତିକେୟନ। ତାଙ୍କ ଦୂରଦୃଷ୍ଟି ତଥା ବ୍ୟକ୍ତିଗତ ଉଦ୍ୟମ କାରଣରୁ ମିଶନ ଶକ୍ତି ବର୍ତ୍ତମାନ ଘରେ ଘରେ ପରିଚିତ ହୋଇ ପାରିଛି। ରାଜ୍ୟର ୭୦ ଲକ୍ଷ ମହିଳା ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ସୁଜାତାଙ୍କ ପଦକ୍ଷେପ ଯୋଗୁଁ ଗତବର୍ଷ ରାଜ୍ୟବ୍ୟାପୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରାୟ ୧୧ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା ଓ ଚଳିତ ବର୍ଷ ଏହି ପରିମାଣ ୧୫ ହଜାର କୋଟି ଟଙ୍କା ଛୁଇଁବ ବୋଲି ଆକଳନ କରାଯାଉଛି। ଏସଏଚ୍‌ଜିକୁ ଏସଏମଇରେ ରୂପାନ୍ତରଣ ପାଇଁ ଶ୍ରୀମତୀ କାର୍ତ୍ତିକେୟନଙ୍କ ଉଦ୍ୟମ ▸ପୃଷ୍ଠା-୭







ସମ୍ପୂର୍ଣ୍ଣା
ସକାଳ
THE SAKALA
www.sakalaepaper.com

ଆଜି ଆସିଥିଲେ...

# ଜନନାୟକ ନବକୃଷ୍ଣ ଚୌଧୁରୀ



ସାମ୍ୟବାଦୀ ଦର୍ଶନର ରୂପକାର, କୃଷକ, ଗରିବ, ଖଟିଖିଆ, ଅବହେଳିତ, ନିଷ୍ପେଷିତ ଜନତାର ସୁଖଦୁଃଖର ସାଥୀ, ସଚ୍ଚା ଦେଶସେବକ, ସରଳ ଓ ନିରହଙ୍କାର ମଣିଷ ହେଉଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ। ନବକୃଷ୍ଣ ଚୌଧୁରୀ ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ସେ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ, ଯାହାଙ୍କଠାରେ ସମାଜବାଦ ଓ ସର୍ବୋଦୟର ସମନ୍ୱୟ ଦେଖିବାକୁ ମିଳେ। ମୁଖ୍ୟମନ୍ତ୍ରୀ ଥିବାବେଳେ କ୍ଷମତାର ମୋହ ତାଙ୍କୁ ଗ୍ରାସ କରିପାରି ନଥିଲା। ସେ ସାଧାରଣ ଲୋକଙ୍କ ସହ ଅତି ନିବିଡ଼ ଭାବେ ମିଶୁଥିଲେ। ସେଥିପାଇଁ ଲୋକେ ତାଙ୍କୁ ମୁଖ୍ୟମନ୍ତ୍ରୀ ନ କହି 'ନବବାବୁ' ବୋଲି ସମ୍ବୋଧନ କରୁଥିଲେ। ସେ ତାଙ୍କ ଶାସନ ସମୟରେ ଜମିଜମା ସଂସ୍କାର ଆଇନ, ଭାଗଚାଷ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ନିଶା ନିବାରଣ, ଶ୍ରୀମନ୍ଦିର ସଂସ୍କାର ଆଦି ବହୁ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ଜଣେ ସରଳ, ଅମାୟିକ ବ୍ୟକ୍ତିତ୍ୱ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ନବକୃଷ୍ଣ ଚୌଧୁରୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଗୋକୁଳାନନ୍ଦ ଚୌଧୁରୀ ଜଣେ ଓକିଲ ଥିଲେ। ନବକୃଷ୍ଣ ଚୌଧୁରୀ ଏପରି ଏକ ପରିବାରରେ ଜନ୍ମଗ୍ରହଣ କରିଥିଲେ, ଯେଉଁଠି ପ୍ରବାହିତ ହେଉଥିଲା ସଂଗ୍ରାମର ହାୱା। ଏହି ପରିବାରର ଗୋପବନ୍ଧୁ ଚୌଧୁରୀ, ରମାଦେବୀ ଚୌଧୁରୀ, ମାଳତୀ ଚୌଧୁରୀଙ୍କୁ କିଏ ବା ନ ଜାଣେ! ବାଲ୍ୟକାଳରୁ ଜାତିର ପିତା ମହାତ୍ମା ଗାନ୍ଧୀ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର୍ ଓ ସର୍ବୋଦୟ ନେତା ବିନୋବା ଭାବେଙ୍କ ଚିନ୍ତା ଓ ଚେତନା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ। ସାବରମତୀ ଆଶ୍ରମରେ ଦଶମାସର ରହଣି ତାଙ୍କୁ ସଚ୍ଚୋଟ ଲୋକସେବକ ହେବାରେ ସାହାଯ୍ୟ କରିଥିଲା ଏବଂ ଓଡ଼ିଶା ଫେରି ଆସି ସାଧାରଣ ଲୋକଙ୍କ ବିକାଶ କାର୍ଯ୍ୟରେ ଲାଗିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଳତୀ ସେନଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁରର ତରିକୁଦ ଗ୍ରାମରେ ବାସ କରିଥିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ। କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ 'ସାରଥି' ଏବଂ ତା ପରେ 'କୃଷକ' ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ହୋଇଥିଲେ ବି ସେ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ହୋଇଥିବା ନିର୍ବାଚନରେ ସେ ତିର୍ତ୍ତୋଲ-ଏରସମା ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ୧୯୫୦ ମେ' ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େଛଅ ବର୍ଷ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତିସ୍ଥାପନ ହୋଇଥିଲା। ନବକୃଷ୍ଣ ଚୌଧୁରୀଙ୍କ ଶାସନ କାଳରେ ହୀରାକୁଦ ବନ୍ଧ, ଓଡ଼ିଶା କୃଷି ଓ ପଶୁ ଚିକିତ୍ସା ମହାବିଦ୍ୟାଳୟ, ଚୌଦ୍ୱାର କାଗଜକଳ, ଡୁଡୁମା ଜଳ ବିଦ୍ୟୁତ୍ କେନ୍ଦ୍ର ଏବଂ ବୁର୍ଲା ବୈଷୟିକ ମହାବିଦ୍ୟାଳୟ ଆଦି ସ୍ଥାପନ ହୋଇଥିଲା। ବହୁ ବିରୋଧ ସତ୍ତ୍ୱେ ତାଙ୍କ ଉଦ୍ୟମରେ ଓଡ଼ିଆ ଭାଷା ସରକାରୀ ଭାଷାରେ ପରିଣତ ହୋଇଥିଲା। ୧୯୮୪ ଜୁନ୍ ୨୪ରେ ଏହି ରାଜନୈତିକ ସନ୍ଥଙ୍କର ମୃତ୍ୟୁ ହୋଇଥିଲା।

# କ୍ରାନ୍ତିକାରୀ କବି ବୀରକିଶୋର



ସ୍ୱାଧୀନତା ଆନ୍ଦୋଳନ ସମୟରେ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଯେଉଁ ସାହିତ୍ୟିକମାନେ ମୁକ୍ତି ସଂଗ୍ରାମକୁ ଉଦୀପ୍ତ କରିଥିଲେ, ସେମାନଙ୍କ ମଧ୍ୟରୁ ଜାତୀୟ କବି ବୀରକିଶୋର ଦାସ ଥିଲେ ଅନ୍ୟତମ। ରାଶି ରାଶି ଜାତୀୟତାବାଦୀ ସଙ୍ଗୀତ ରଚନା କରି ସଂଗ୍ରାମୀଙ୍କ ଭିତରେ ଦେଶ ଭକ୍ତିମୂଳକ ଜାଗରଣ ସୃଷ୍ଟି କରିବାରେ ସେ ଥିଲେ ସଫଳ ବିନ୍ଧାଣି। ତାଙ୍କ ରଚିତ କବିତାଗୁଡ଼ିକ ଥିଲା ବେଶ୍ ପ୍ରଭାବଶାଳୀ। ତାଙ୍କର ପ୍ରତିଟି କବିତା ସମସ୍ତଙ୍କ ମନରେ ଦେଶାତ୍ମବୋଧ ଭାବନା ସୃଷ୍ଟି କରିଥିଲା। ଭାରତର ସ୍ୱାଧୀନତା ଆନ୍ଦୋଳନ ପାଇଁ ତାଙ୍କ କଲମ ଥିଲା ଅସ୍ତ୍ର। ସେ ୧୮୯୮ ମସିହା ଆଜିର ଦିନରେ ଜଗତସିଂହପୁର ପୁନଙ୍ଗ ଗାଁରେ ଜନ୍ମଗ୍ରହଣ କରିଥିଲେ। ବୀରକିଶୋର ଜମିଦାର ଗୋପାଳଚନ୍ଦ୍ର ଦାସଙ୍କର ପ୍ରଥମ ସନ୍ତାନ ଥିଲେ। ଗ୍ରାମ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ କଟକର ଭିକ୍ଟୋରିଆ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୯୧୧ ମସିହାରେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଟକ କଲେଜରେ ଏଫ୍.ଏ ପଢ଼ିଥିଲେ, ମାତ୍ର ସମାପ୍ତ କରିନଥିଲେ। ଏହାପରେ କଟକର ପ୍ୟାରୀମୋହନ ଏକାଡେମୀରେ ଅସ୍ଥାୟୀ ଶିକ୍ଷକତା ପରେ ସରକାରୀ କିରାଣି ଚାକିରି କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଚାକିରି ଛାଡ଼ି ସେ ମୁକ୍ତି ସଂଗ୍ରାମରେ ଯୋଗଦେଲେ। ୧୯୩୦ ମସିହାରେ ସେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ। ସଂଗ୍ରାମୀ ଜୀବନରେ ତାଙ୍କୁ ସାତଥର ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା। ସରଳ ଭାଷାରେ ରଚିତ ତାଙ୍କର ଜ୍ୱାଳାମୟୀ କବିତାମାନ ମୁକ୍ତିକାମୀ ଜନମାନସରେ ଗଭୀର ଆଲୋଡ଼ନ ସୃଷ୍ଟି କରିପାରିଥିଲା। ଜାତିପ୍ରାଣରେ ଉଦ୍‌ବୁଦ୍ଧ ହୋଇ ଅନେକ ସରକାରୀ ଚାକିରିର ମୋହ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। 'ମୋହନବଂଶୀ', 'ବିଦ୍ରୋହୀବୀଣା', 'ମୋହନବେଣୁ' ଆଦି ତାଙ୍କ ରଚିତ ଅନନ୍ୟ ଜାତୀୟତାଧର୍ମୀ କବିତା। ସେ କେବଳ ଯେ, ଜାତୀୟତାବାଦୀ କବିତା ଲେଖୁଥିଲେ ତାହା ନୁହେଁ, ସେ ଅନେକ ଶିଶୁ କବିତା ମଧ୍ୟ ଲେଖୁଥିଲେ। ମାସିକ ଶିଶୁ ସାହିତ୍ୟ ପତ୍ରିକା 'ମୋ ଦେଶ'ର ସେ ଆରମ୍ଭ କରିଥିଲେ। ୧୯୪୬ରେ ସେ ପାଠ୍ୟ ପୁସ୍ତକ 'ମୋ ଛବି ବହି' ଓ 'ନୂଆ ଛବି ବହି' ଲେଖିଥିଲେ। 'ଶିଶୁ ଲେଖା' ପତ୍ରିକା ତାଙ୍କ ମାନସ ପ୍ରସୂତ। ଦେଶ ସ୍ୱାଧୀନ ହେବା ପରେ ୧୯୬୨ ମସିହାରେ ସେ ପୁସ୍ତକ ଜାତୀୟକରଣ କମିଟିର ସମ୍ପାଦକ ଏବଂ କଟକ ଲୋକାଲ ବୋର୍ଡର ଚେୟାରମ୍ୟାନ୍ ପଦବୀରେ ରହିଥିଲେ। ୧୯୭୩ ମସିହା ଏପ୍ରିଲ୍ ୨୮ ତାରିଖରେ କଟକସ୍ଥିତ ସ୍ୱରାଜ ଆଶ୍ରମରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ରଚିତ ଜାତି ପ୍ରୀତି ଉଦ୍ରେକମୂଳକ ସଙ୍ଗୀତ ତାଙ୍କୁ କାଳ କାଳ ଧରି ଅମର କରି ରଖିବ।



# ଐଶ୍ୱର୍ଯ୍ୟାଙ୍କ ସହ ଶତ୍ରୁତାକୁ ନେଇ ମୁହଁ ଖୋଲିଲେ ଇମ୍ରାନ୍



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଏବେ ତାଙ୍କ ଆଗାମୀ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମରେ ଇମ୍ରାନ୍ ଖଳନାୟକ ଭାବେ ଦେଖାଯାଇଛନ୍ତି। ଦର୍ଶକେ ଏଥିରେ ଇମ୍ରାନ୍‌ଙ୍କ ଅଭିନୟକୁ ବେଶ୍ ପସନ୍ଦ କରୁଛନ୍ତି। ଦଶବର୍ଷ ପରେ ଇମ୍ରାନ୍ ଐଶ୍ୱର୍ଯ୍ୟାଙ୍କ ଉପରେ ଦେଇଥିବା ଏକ ମନ୍ତବ୍ୟକୁ ନେଇ ମୁହଁ ଖୋଲିଛନ୍ତି। ଏକଦା ଇମ୍ରାନ୍ ଐଶ୍ୱର୍ଯ୍ୟାଙ୍କୁ 'ପ୍ଲାଷ୍ଟିକ୍' କହି ଦେଇଥିଲେ। ଇମ୍ରାନ୍‌ଙ୍କ ଏଭଳି ବୟାନ ପାଇଁ ତାଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଥିଲା। ନିକଟରେ ଏକ ସାକ୍ଷାତକାରରେ ଐଶ୍ୱର୍ଯ୍ୟାଙ୍କ ସହ ତାଙ୍କ ଶତ୍ରୁତାକୁ ନେଇ ଇମ୍ରାନ୍ ସଫେଇ ଦେଇଛନ୍ତି। ବିବାଦରୁ ଦୂରେଇ ରହିବା ପାଇଁ ଇମ୍ରାନ୍ ଶୋ'ଗୁଡ଼ିକୁ ଯାଉନାହାନ୍ତି କି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଏହାର ଜବାବରେ ଇମ୍ରାନ୍ କହିଥିଲେ ଯେ, ଯଦି ପୁଣି ଥରେ 'କଫି ୱିଥ୍ କରନ୍ ଶୋ'କୁ ଯିବି, ତେବେ ବହୁତ କିଛି ଗଡ଼ବଡ଼ କରି ଦେଇପାରେ। ମୋ ମନରେ କାହାରି ପ୍ରତି କିଛି ବି ଖରାପ ଭାବନା ନାହିଁ।'

ଏକଦା ' କଫି ୱିଥ୍ କରନ୍ ଶୋ'ରେ ଯେତେବେଳେ ଇମ୍ରାନ୍‌ଙ୍କୁ ପଚାରା ଯାଇଥିଲା, ପ୍ଲାଷ୍ଟିକ୍ ଶୁଣି ଆପଣଙ୍କ ମନକୁ କାହା ନାଁ ଆସେ। ଏହାପରେ ଇମ୍ରାନ୍ ଐଶ୍ୱର୍ଯ୍ୟାଙ୍କ ନାମ ନେଇଥିଲେ। ଏହାପରେ ଇମ୍ରାନ୍ ସର୍ବସାଧାରଣରେ ଏଥିପାଇଁ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ। ତେବେ ସେତେବେଳେ ସେ କେବଳ ଗେମ୍ ଜିତିବା ପାଇଁ ଏପରି କହିଥିବା ସଫେଇ ଦେଇଥିଲେ ସୁଦ୍ଧା ଇଣ୍ଡଷ୍ଟ୍ରୀରେ ଅନେକ ତାଙ୍କର ଶତ୍ରୁ ପାଲଟି ଯାଇଥିଲେ।



# ଜିମ୍‌ରେ ପ୍ରି-ୱେଡିଂ ଫଟୋସୁଟ୍

ସମ୍ପ୍ରତି ' ବିବାହ ପୂର୍ବରୁ 'ପ୍ରି ୱେଡିଂ ଫଟୋସୁଟ୍' ଏକ ଫ୍ୟାଶନ୍ ପାଲଟିଗଲାଣି। ବିବାହ ପୂର୍ବରୁ ଉଭୟ ବର ଓ କନିଆ ଅଜବ ଗଜବ ଥିମ୍ ରଖି ପ୍ରି-ୱେଡିଂ ଫଟୋ ସୁଟ୍ କରାଇ ଚର୍ଚ୍ଚାରେ ରହୁଛନ୍ତି। ନିକଟରେ ଜିମ୍‌ରେ ଜଣେ କନିଆଙ୍କ ପ୍ରି –ୱେଡିଂ ଫଟୋସୁଟ୍ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ବିବାହ କରିବାକୁ ଯାଉଥିବା ଯୁବତୀ ଜଣକ ଜିମ୍‌ରେ ଶାରୀରିକ ବ୍ୟାୟାମ କରୁଥିବା ଦେଖାଯାଇଛି। କେବଳ ସେତିକି ନୁହେଁ, ଜିମ୍‌ରେ ଯୁବତୀ ଜଣକ ବାଇସେପ୍ ଏବଂ ଟ୍ରାଇସେପ୍ ମାରିବାକୁ ପଛାଇ ନ ଥିଲେ। ତେବେ ଯୁବତୀଙ୍କ ଏପରି ଅବତାର ଲୋକଙ୍କୁ ଖୁବ୍ ପସନ୍ଦ ଆସିଥିବା ବେଳେ ଅଧିକାଂଶ ଏହାକୁ ସେୟାର କରିଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି, କନିଆ ଜଣକ ବଧୂ ବେଶରେ ଜିମ୍‌କୁ ଆସିଥିବାବେଳେ ସାଙ୍ଗରେ ତାଙ୍କର ଫଟୋ ସୁଟ୍ କରାଇବା ପାଇଁ ଜଣେ କ୍ୟାମେରାମ୍ୟାନ୍ ମଧ୍ୟ ଅଛନ୍ତି। ଜିମ୍‌ରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରି ଯୁବତୀ ଜଣକ ଗୋଟେ ପରେ ଗୋଟେ ବ୍ୟାୟାମ କରୁଥିବାବେଳେ କ୍ୟାମେରାରେ ତାଙ୍କର ପୋଜ କଏଦ୍ କରାଯାଉଛି। ତେବେ ଯୁବତୀଙ୍କ କାରନାମା @ହସନା ଜରୁରିହେ'ରେ ସେୟାର କରାଯାଇଛି। ଏଥିରେ ଲୋକେ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

# 'ମୃତ୍ୟୁ ଗୁମ୍ଫା'

ବିଶ୍ୱରେ ଅନେକ ସୁନ୍ଦର ସ୍ଥାନ ରହିଛି। ଯାହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଅନ୍ୟ ପଟେ ଏପରି କିଛି ସ୍ଥାନ ରହିଛି ଯାହା ବେଶ୍ ବିପଦପୂର୍ଣ୍ଣ। ଯାହା ମଧ୍ୟକୁ ପ୍ରବେଶ କଲେ ଜୀବନ ବି ଯାଇପାରେ। ନିକଟରେ ଏପରି ଏକ ବିପଦପୂର୍ଣ୍ଣ ସ୍ଥାନର ଭିଡିଓ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ମଧ୍ୟ ଆମେରିକାର କୋଷ୍ଟାରିକାରେ ଏକ ଗୁମ୍ଫାକୁ 'ମୃତ୍ୟୁଗୁମ୍ଫା' ବୋଲି କୁହାଯାଉଛି। ଏହି ଗୁମ୍ଫା ମଧ୍ୟରେ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍‌ର ଏକ ଜଳାଶୟ ରହିଛି। ଏହି ଗ୍ୟାସ୍ ଏତେ ବିଷାକ୍ତ ଯେ, ଏହି ଗୁମ୍ଫାକୁ ପ୍ରବେଶ କରୁଥିବା ସମସ୍ତ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଥାଏ। ଏମିତି କି ଏହି ଗ୍ୟାସ୍ ନିଆଁକୁ ମଧ୍ୟ ଗୋଟେ ମୁହୂର୍ତ୍ତରେ ଲିଭାଇ ଦେଇଥାଏ। ଏହି ଗୁମ୍ଫାର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଭିଡିଓରେ ଜଣେ ବ୍ୟକ୍ତି ଏକ ବାଡ଼ିରେ ନିଆଁ ଲଗାଇ ସେହି ବାଡ଼ିଟିକୁ ଗୁମ୍ଫାର ବିଭିନ୍ନ ସ୍ଥାନରେ ବୁଲାଇବା ପରେ ସେହି ବିଷାକ୍ତ ଜଳାଶୟ ଏପଟ ସେପଟ କରୁଛନ୍ତି। ଫଳରେ ନିଆଁ ଲାଗିଥିବା ବାଡ଼ିଟି ସେହି ଗ୍ୟାସ୍ ସଂସ୍ପର୍ଶରେ ଆସି ହଠାତ୍ ଲିଭିଯାଇଥିବା ବେଳେ ସେହି ସ୍ଥାନରେ ଏକ ଭୟଙ୍କର ଧୂଆଁ ସୃଷ୍ଟି ହେବା ଦେଖିବାକୁ ମିଳୁଛି।



## ଆଜିର ଇତିହାସ

- ୧୧୬୫- ପୋପ୍ ଆଲେକ୍‌ଜାଣ୍ଡାର୍ ତୃତୀୟ ନିର୍ବାସନ ପରେ ରୋମ୍ ଫେରିଲେ।
- ୧୮୯୦- ଇଟାଲୀରେ ସାଧାରଣ ନିର୍ବାଚନ ଆରମ୍ଭ ହେଲା।
- ୧୯୨୬- ଆଧ୍ୟାତ୍ମିକ ଗୁରୁ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ।
- ୧୯୩୭- ପ୍ରସିଦ୍ଧ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷଙ୍କ ଦେହାନ୍ତ।
- ୧୯୮୩- ଭାରତରେ ପ୍ରଥମ ଥର ପାଇଁ ରାଷ୍ଟ୍ରମଣ୍ଡଳ ଶିଖର ସମ୍ମିଳନୀର ଆୟୋଜନ କରାଗଲା।
- ୨୦୦୬-ଆମେରିକା ରୁଷ୍‌ର ଜେଟ୍ ନିର୍ମାତା କମ୍ପାନି 'ସୁଖୋଇ' ଉପରୁ ପ୍ରତିବନ୍ଧକ ହଟାଇଲା।
- ୨୦୦୯- ଫିଲିପାଇନ୍ସରେ ୩୨ ଜଣ ମିଡିଆ କର୍ମୀଙ୍କୁ ହତ୍ୟା।

## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଧନପ୍ରାପ୍ତି ଯୋଗ ଅଛି। ସମୟର ସଦୁପଯୋଗ କରିବେ।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଭାଇ, ଭଉଣୀ ଆର୍ଥିକ ସହଯୋଗ ଆଶା କରିବେ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ କରିବେ।

**ସିଂହ:** ଦୁଃଖ ତଥା ଚିନ୍ତା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ। ସମାଜସେବାରେ ସମୟ ଦେବେ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଗୁରୁଜନଙ୍କ ଆଶିର୍ବାଦ ନେବେ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ। ମନୋରଞ୍ଜନରେ ଆବଶ୍ୟକତାଠୁ ଅଧିକ ଖର୍ଚ୍ଚ କରିବେ।

# ଟ୍ରେନ୍ କ୍ୟାରେଜ୍‌ରୁ ଝିଣ୍ଟିକା ଥିମ୍ କାଫେ

ସାଧାରଣତଃ ଏବେ ବିଭିନ୍ନ ପ୍ରକାର ଥିମ୍‌ରେ କାଫେ ତିଆରି କରାଯାଉଛି। ଯାହାକି ଗ୍ରାହକଙ୍କୁ କାଫେ ପ୍ରତି ଆକୃଷ୍ଟ କରିବାରେ ସହାୟକ ହେଉଛି। ଏହି କ୍ରମରେ ଝିଣ୍ଟିକା ଆକୃତିର ଗୋଟିଏ କାଫେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଦକ୍ଷିଣ କୋରିଆର ଏହି କାଫେର ନାଁ ହେଉଛି 'ଦ ଗ୍ରାସହପର୍ସ ଡ୍ରିମ୍'। ଏହି କାଫେ ଅନ୍ୟ ସାଧାରଣ କାଫେଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଦୁଇଟି ଟ୍ରେନ୍ କ୍ୟାରେଜ୍‌ରେ କାଫେଟିକୁ ତିଆରି କରାଯାଇଛି। ତେବେ ଏହାର ଆକାର ହିଁ ହେଉଛି ପ୍ରମୁଖ ଆକର୍ଷଣ। କାରଣ, ଏହି କାଫେ ଦେଖିବାକୁ ଅବିକଳ ଝିଣ୍ଟିକା ସଦୃଶ। ପ୍ରଥମତଃ ଦୁଇଟି ପୁରୁଣା ଟ୍ରେନ୍ କ୍ୟାରେଜକୁ ରିମଡେଲିଂ କରାଯାଇ ଏହିଭଳି ଭାବେ ଏହାକୁ ତିଆରି କରାଯାଇଛି। ଝିଣ୍ଟିକା ଭଳି ସବୁ କିଛିକୁ ଅତି ସୁନ୍ଦର ଭାବେ ତିଆରି କରାଯାଇଛି। ଝିଣ୍ଟିକା ଭଳି ଏହାକୁ ସବୁଜ ରଙ୍ଗ ମଧ୍ୟ କରାଯାଇଛି। ତେବେ ଏହି କାଫେ ରାତିରେ ହିଁ ଅଧିକ ଆକର୍ଷଣୀୟ ଲାଗିଥାଏ। କାରଣ ଏହା ଆଲୋକମାଳାରେ ଝଲସି ଥାଏ। ଫଳରେ ଏହା ଜୀବନ୍ତ ଝିଣ୍ଟିକା ଭଳି ଲାଗେ। ସେହିପରି କାଫେର ଏହି ଭିନ୍ନ ପରିକଳ୍ପନାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ତା'ସହ ସାଧାରଣ ଜିନିଷର ଉପଯୋଗରେ ଏଭଳି ଏକ ସୁନ୍ଦର ଜିନିଷ ନିର୍ମାଣର ଚିନ୍ତାଧାରାକୁ ମଧ୍ୟ ଲୋକେ ପ୍ରଶଂସା କରିଛନ୍ତି। ତେବେ ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।



# ଦେହକୁ ହିତ ଧନିଆପତ୍ର

**ଧନିଆ ପତ୍ରର ସୁଗନ୍ଧ ଓ ସ୍ୱାଦ, ଖାଦ୍ୟର ମଜାକୁ ଦ୍ୱିଗୁଣିତ କରିଥାଏ। ଏଥିରେ ଥିବା ଭିଟାମିନ୍ ସି, ଆଣ୍ଟି ଅକ୍ସିଡାଣ୍ଟ, ଫୋଲେଟ୍, ବେଟା କେରୋଟିନ୍ ଆଦି ପୋଷକ ତତ୍ତ୍ୱ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର କରେ। ମଧୁମେହ ଓ କୋଷ୍ଠକାଠିନ୍ୟରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଧନିଆ ପତ୍ର ବେଶ୍ ଲାଭଦାୟକ। ଏହାର ଅନ୍ୟ କେତେକ ଲାଭକାରୀ ଗୁଣ ହେଉଛି –**

- କୋଲେଷ୍ଟ୍ରଲ୍ କମ୍ କରିବା ପାଇଁ ଧନିଆପତ୍ର ହିତକାରୀ।
- କିଡ୍‌ନି ଡିଟକ୍ସ କ୍ଷେତ୍ରରେ ଧନିଆପତ୍ର ସବୁଠାରୁ ଉତ୍କୃଷ୍ଟ। ତେଣୁ ଏହା ରକ୍ତରେ ଶର୍କରାର ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ।
- ହଜମ ସମସ୍ୟା ଦୂର କରିବା ପାଇଁ ପ୍ରତିଦିନ ଧନିଆପତ୍ର ଖାଇବା ଉଚିତ।
- ଧନିଆପତ୍ରରେ ପ୍ରଚୁର ପରିମାଣରେ ଆଇରନ୍ ଥିବା ଯୋଗୁଁ ଏହା ରକ୍ତହୀନତା ଦୂର କରେ।
- ଧନିଆ ପତ୍ର ଖାଇବା ଦ୍ୱାରା ତ୍ୱଚା ସମ୍ପର୍କିତ ବିଭିନ୍ନ ସମସ୍ୟା ଦୂର ହେବା ସହ ତ୍ୱଚାର କୋମଳତା ବଜାୟ ରହିଥାଏ।
- ଧନିଆରେ ଭିଟାମିନ୍ 'ଏ'ର ପରିମାଣ ଅଧିକ ରହିଥାଏ, ଯାହା ଆଖି ପାଇଁ ଖୁବ୍ ଭଲ। ଯେଉଁ ପିଲାମାନଙ୍କୁ କମ ବୟସରୁ ଦେଖିବାରେ ଅସୁବିଧା ହୋଇଥାଏ, ସେମାନଙ୍କୁ ଧନିଆ ପତ୍ର ଦେବା ଅତ୍ୟନ୍ତ ଆବଶ୍ୟକ।
- ନିୟମିତ ଏହି ପତ୍ର ଖାଇବା ଦ୍ୱାରା ଏସିଡିଟି ସମସ୍ୟା ଦୂର ହୋଇଥାଏ।



# ଆଜିଠୁ ପଞ୍ଚୁକ ବ୍ରତ

**ପୁରୀ,୨୨।୧୧(ସମିସ):** ଗୁରୁବାରଠାରୁ ଆରମ୍ଭ ହେବ ମହାକାର୍ତ୍ତିକର ପଞ୍ଚୁକ ବ୍ରତ। ଶ୍ରୀମନ୍ଦିରରେ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଗୁରୁବାର ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବା ସହ ମହାପ୍ରଭୁଙ୍କର ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ଏହାର ପରଦିନ ଅର୍ଥାତ୍ ୨୪ ତାରିଖରେ ବାଙ୍କଚୂଡ଼ ବା ବାମନ ବେଶ ଥିବା ବେଳେ ଏହିଦିନ ଗରୁଡ଼ ଉତ୍ଥାପନ ନୀତି ରହିଛି। ୨୫ରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୨୬ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୨୭ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ଦୀର୍ଘ ୨୫ ଦିନ ଧରି ଚାଲିଥିବା ମହାପ୍ରଭୁଙ୍କ ରାଧାଦାମୋଦର ବେଶର ବୁଧବାର ଥିଲା ଶେଷ ଦିନ। ପଞ୍ଚୁକ ପାଞ୍ଚ ଦିନ ଭିନ୍ନଭିନ୍ନ ବେଶରେ ସଜେଇ ହେବେ ମହାପ୍ରଭୁ। ପ୍ରଥମ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ହୋଇଥାଏ। ଏହି ବେଶ ଥାଇ ଠାକୁରମାନଙ୍କର ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ସମ୍ପନ୍ନ ହେବ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବେଶ କରିବେ। କାର୍ତ୍ତିକ ମାସରେ ଅନୁଷ୍ଠିତ ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୁଷଳ ଓ କେତେକ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥାନ୍ତି। ସୁଭଦ୍ରାଙ୍କ ବେଶରେ କିଛି ପରିବର୍ତ୍ତନ ହୁଏ ନାହିଁ। ଏତଦ୍‌ବ୍ୟତୀତ ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଏ ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ।

**ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ ମହାପ୍ରଭୁ**

ପଞ୍ଚୁକରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଦାଣ୍ଡର ମରୀଚିକୋଟ ଛକଠାରୁ ହୋଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି।

## ଓଡ଼ିଶାର ଖଣି ରାଜସ୍ୱ ଅବଦାନ ୫ବର୍ଷରେ ୧୦ଗୁଣ ବୃଦ୍ଧି

# ବିପୁଳ ଖଣିଜ ପଦାର୍ଥ ରାଜ୍ୟକୁ କରିଛି ରାଜସ୍ୱ ବଳକା

**ଭୁବନେଶ୍ୱର,୨୨।୧୧(ସମିସ):** ଓଡ଼ିଶାର ଦ୍ରୁତ ବିକାଶ ପୃଷ୍ଠଭୂମିରେ ଖଣି କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ରାଜ୍ୟର ଅଭିବୃଦ୍ଧିରେ ଖଣି ରାଜସ୍ୱର ଅବଦାନ ଉଲ୍ଲେଖନୀୟ। ଗତ ୫ବର୍ଷ ମଧ୍ୟରେ ଏହା ପ୍ରାୟତଃ ୧୦ଗୁଣ ବୃଦ୍ଧି ପାଇଛି। ୨୦୧୬-୧୭ରେ ଖଣି କ୍ଷେତ୍ରର ଓଡ଼ିଶାର ରାଜସ୍ୱ ଅବଦାନ ପ୍ରାୟ ୪୯୦୦ କୋଟି ଟଙ୍କା ଥିବାବେଳେ ୨୦୨୧-୨୨ରେ ତାହା ପ୍ରାୟ ୫୦, ୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶା ସରକାର ଧାତୁ ଏବଂ ଧାତବ କ୍ଷେତ୍ର ସମ୍ପର୍କିତ ଭିତ୍ତିଭୂମିର ଗୁରୁତ୍ୱକୁ ଉପଲବ୍ଧି କରୁଛନ୍ତି ଏବଂ ଏହାପ୍ରତି ସମର୍ଥନ ଯୋଗାଇଦେବାକୁ ପ୍ରତିବଦ୍ଧ ଅଛନ୍ତି ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି।

ଭୁବନେଶ୍ୱରସ୍ଥିତ କିଟ୍ କନ୍‌ଭେନସନ୍ ସେଣ୍ଟରଠାରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମେଟାଲ୍ସର ୭୭ତମ ବାର୍ଷିକ ବୈଷୟିକ ବୈଠକ ଏବଂ ନ୍ୟାସନାଲ ମେଟାଲର୍ଜିଷ୍ଟ ଆୱାର୍ଡସ୍ (ଆଇଆଇଏମ୍-ଏଟିଏମ୍ ୨୦୨୩ ଆଣ୍ଡ ଏନ୍ଏମ୍ଏ) କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଶ୍ରୀ ଜେନା କହିଛନ୍ତି ଯେ ଓଡ଼ିଶାର ବିପୁଳ ଖଣିଜ ପଦାର୍ଥ ଯୋଗୁଁ ବର୍ତ୍ତମାନ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି। ଖଣି ଏବଂ ଧାତୁ କ୍ଷେତ୍ରରେ ବିପୁଳ ଅଭିବୃଦ୍ଧିର ସୁଯୋଗ ରାଜ୍ୟ ସରକାରଙ୍କର ଅର୍ଥନୀତି ଏବଂ ରାଷ୍ଟ୍ର ନିର୍ମାଣରେ ସହାୟକ ହେଉଛି।

ଏହି ଅବସରରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ଧାତୁ ଓ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ଯୋଗୁଁ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମିର ଉନ୍ନତି ପରିଲକ୍ଷିତ ହୋଇଛି। ଓଡ଼ିଶାର ଶିଳ୍ପନୀତି ଓ ଶିଳ୍ପାନୁକୂଳ ବାତାବରଣ ରାଜ୍ୟରେ ଧାତବ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି କରିଛି। ଧାତବ ଶିଳ୍ପର ଏହି ଅଗ୍ରଣୀ କାର୍ଯ୍ୟକ୍ରମ ଚଳିତ ନଭେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାବେଳେ ଏହା ଆଇଆଇଏମ୍‌ର ଅନଗୁଳ, ସମ୍ବଲପୁର ଏବଂ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଏବଂ କିଟ୍ ଡିମ୍‌ଡ ଟୁ ବି ୟୁନିଭରସିଟି ସହଯୋଗିତାର ଆୟୋଜନ କରାଯାଉଛି। ତିନି ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସରକାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ଧାତୁ ଶିଳ୍ପ, ପ୍ରମୁଖ କର୍ପୋରେଟ୍ ହାଉସ୍ ଏବଂ ଗବେଷଣା ଅନୁଷ୍ଠାନର ବରିଷ୍ଠ ଅଧିକାରୀଙ୍କ ସମେତ ୧୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।



**■ ୭୭ତମ ଆଇଆଇଏମ୍-ଏଟିଏମ୍ ମିଟ୍**
**■ ଧାତବ ଶିଳ୍ପର ଦୀର୍ଘସ୍ଥାୟୀ ରୂପାନ୍ତରଣ ମୁଖ୍ୟ ପ୍ରସଙ୍ଗ**

ଏହି ସମ୍ମିଳନୀର ଏକାଧିକ ଅଧିବେଶନରେ ପ୍ରାୟ ୭୦ ଜଣ ବିଶିଷ୍ଟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବକ୍ତା ଯୋଗ ଦେବେ, ଯେଉଁଥିରେ ୧୦ଟି ସମାନ୍ତରାଳ ବୈଷୟିକ ଅଧିବେଶନରେ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ପାଖାପାଖି ୭୦୦ ବୈଷୟିକ ବିଷୟ ଉପସ୍ଥାପନା କରାଯିବ। ଉଦ୍‌ଘାଟନୀ ଅଧିବେଶନରେ ଆଇଆଇଏମ୍-ଏଟିଏମ୍ ୨୦୨୩ର ଅଧ୍ୟକ୍ଷ ତଥା ଏସାର ମିନମେଟ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀ ଶେଖର ମହାନ୍ତି ଏବଂ ଆଇଆଇଏମ୍-ଏଟିଏମ୍ ୨୦୨୩ର ସଭାପତି ତଥା ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସତୀଶ ପାଇ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ସଜ୍ଜନ ଜିନ୍ଦଲଙ୍କ ଦ୍ୱାରା ଏକ ବୈଷୟିକ ପ୍ରଦର୍ଶନୀ ଓ ସତୀଶ ପାଇଙ୍କ ଦ୍ୱାରା 'ଧାତୁ ଶିଳ୍ପରେ ପୋଷଣୀୟ ପରିବର୍ତ୍ତନ' ଶୀର୍ଷକ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ରକୁ ଉଦଘାଟନ କରାଯାଇଥିଲା।

ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କର ବିଭିନ୍ନ ମନ୍ତ୍ରାଳୟ ସମେତ, ଶିଳ୍ପ କ୍ଷେତ୍ର ସହିତ ଜଡ଼ିତ ବିଶେଷଜ୍ଞମାନେ ଯୋଗ ଦେଉଛନ୍ତି। ସମାବେଶରେ ଧାତବ ଓ ଶିଳ୍ପ କ୍ଷେତ୍ରରେ ଜୀବନବ୍ୟାପି ସାଧନା, ଜାତୀୟ ଧାତୁବିଜ୍ଞାନୀ, ଲୌହ ଓ ଇସ୍ପାତ କ୍ଷେତ୍ରରେ ଗବେଷଣା ଓ ବିକାଶ କ୍ଷେତ୍ରରେ ପୁରସ୍କାର, ଧାତୁ ବିଜ୍ଞାନରେ ଯୁବ ମେଟାଲର୍ଜିଷ୍ଟ ଏବଂ ପରିବେଶ ବିଜ୍ଞାନରେ ଯୁବ ମେଟାଲର୍ଜିଷ୍ଟମାନଙ୍କୁ ପୁରସ୍କୃତ କରାଯିବ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଏମ୍ ପ୍ରେସିଡେଣ୍ଟ ତଥା ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ସତୀଶ ପାଇ ଓ ଉପଦେଷ୍ଟା ବିଭୁ ମିଶ୍ର, ଜେଏସଡବ୍ଲ୍ୟୁ ଗ୍ରୁପ୍ ଚେୟାରମ୍ୟାନ୍ ସଜ୍ଜନ ଜିନ୍ଦଲ, ସେଲ୍ ଚେୟାରମ୍ୟାନ ଅମରେନ୍ଦୁ ପ୍ରକାଶ, ଆଇଆଇଟି ହାଇଦରାବାଦର ଡାଇରେକ୍ଟର ତଥା ଆଇଆଇଏମ୍ ଭାଇସ୍ ପ୍ରେସିଡେଣ୍ଟ ପ୍ରଫେସର ବି ଏସ୍ ମୂର୍ତ୍ତି ଏବଂ ଚିଫ୍ ଏକ୍‌ଜିକ୍ୟୁଟିଭ ନ୍ୟୁକ୍ଲିୟର ଫୁଏଲ କମ୍ପ୍ଲେକ୍ସ ତଥା ଆଇଆଇଏମ୍ ଭାଇସ୍ ପ୍ରେସିଡେଣ୍ଟ ଡଃ କୋମଲ କପୁରଙ୍କ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ମତ ଦେଇଛନ୍ତି।

## ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ସାହାରା ହେଲା ପୁଲିସ

# ଭିଡ଼ ଆଡ଼େଇ କରାଇଲେ ଜଗା ଦର୍ଶନ

**ପୁରୀ,୨୨।୧୧(ସମିସ):** ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ବଢ଼ିଛି। ଏବେ ଧର୍ମମାସ କାର୍ତ୍ତିକରେ ଦୈନିକ ୮୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଆସୁଛନ୍ତି। ଗୁରୁବାରଠାରୁ ଆରମ୍ଭ ହେବ ପଞ୍ଚୁକ। ଏହି ପାଞ୍ଚ ଦିନରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ ଲାଗି ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଶ୍ରଦ୍ଧାଳୁମାନେ ଯେପରି ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରି ସୁଖଦ ଅନୁଭୂତି ନେଇ ଫେରିବେ, ତା' ଉପରେ ପ୍ରଶାସନ ଏବଂ ପୁଲିସ୍ ସର୍ବାଧିକ ଗୁରୁତ୍ୱ ଦେଇଛି। ଏହାକୁ ଦୃଷ୍ଟିରେ ରଖି ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ଭିଡ଼ ଆଡ଼େଇ ଶ୍ରୀଜୀଉଙ୍କ ଦର୍ଶନ କରାଇବାରେ ସାହାରା ପାଲଟିଛି ପୁଲିସ। ବରିଷ୍ଠ ଓ ଦିବ୍ୟାଙ୍ଗ ଭକ୍ତମାନଙ୍କୁ ପୁଲିସ ହାତରେ ଟେକିଧରି, କାନ୍ଧରେ ବସାଇ ଏବଂ ହ୍ୱିଲ୍ ଚେୟାରରେ ପେଲିପେଲି ନେଇ ମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ କରାଉଛନ୍ତି। ପୁଲିସର ଏଭଳି ସେବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।



**■ ପ୍ରଶାସନ, ପୁଲିସର କାର୍ଯ୍ୟକୁ ଛୁଟୁଛି ପ୍ରଶଂସାର ସୁଅ**
**■ ପ୍ରଶଂସା କଲେ ସାଂସଦ ମାନସ ମଙ୍ଗରାଜ ଓ ବଲିଉଡ୍ ଅଭିନେତା ଅନୁପମ୍ ଖେର୍**

ଏହି ପରିପ୍ରେକ୍ଷୀରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ବଲିଉଡ୍ ଅଭିନେତା ଅନୁପମ୍ ଖେର୍, ଏଡିଜି ଅମିତାଭ ଠାକୁର ଓ ସଞ୍ଜୟ କୁମାର ମଧ୍ୟ ପୁଲିସକୁ ଭୂରିଭୂରି ପ୍ରଶଂସା କରିଛନ୍ତି।

ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି, ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ସୁନିଶ୍ଚିତ କରିବାରେ ପ୍ରଶାସନ ଏବଂ ପୁଲିସର ପ୍ରୟାସ ବାସ୍ତବିକ୍ ହୃଦୟସ୍ପର୍ଶୀ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଦେବତା। ତାଙ୍କ ଇଚ୍ଛା ବିନା କିଛି ହୁଏ ନାହିଁ। ସେ ସର୍ବଦା ନିଜ ଭକ୍ତର ଯତ୍ନ ନେଇଥାନ୍ତି। ସେହିପରି ଅଭିନେତା ଅନୁପମ ଖେର୍ ମଧ୍ୟ ଓଡ଼ିଶା ପୁଲିସ ବିଶେଷକରି ପୁରୀ ଏସ୍‌ପିଙ୍କୁ ପ୍ରଶଂସା କରିଛନ୍ତି। ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି। ପୁରୀ ପୁଲିସର ଏଭଳି ମହନୀୟ କାର୍ଯ୍ୟ ପାଇଁ ଏବେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

**■ ଏକତରଫା ପ୍ରେମରୁ ଯୁବତୀଙ୍କୁ ଗୁଳି କରି ହତ୍ୟା ମାମଲା**

# ପ୍ରେମିକକୁ ଆଜୀବନ ଜେଲ୍

**ଜୟପୁର,୨୨।୧୧(ସମିସ):** ଏକତରଫା ପ୍ରେମରୁ ଯୁବତୀଙ୍କୁ ଗୁଳି କରି ହତ୍ୟା ମାମଲାର ୬ ବର୍ଷ ପରେ ରାୟ ପ୍ରକାଶ ପାଇଛି। କୋରାପୁଟ ଜିଲ୍ଲା ତଥା ଦୌରାଜଜ୍ କୋର୍ଟ ବୁଧବାର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ଦିଲ୍ଲୀପକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

**୬ ବର୍ଷ ପରେ ପ୍ରକାଶ ପାଇଲା ରାୟ**

ମାମଲାର ବିବରଣୀରୁ ପ୍ରକାଶ, ଗତ ୨୦୧୭ ମସିହା ମେ' ୧୫ ତାରିଖରେ ଜୟପୁର ସଦର ଥାନା ବାରିଣିପୁଟ ଗ୍ରାମରେ ନିର୍ମଳ ବାଗ୍‌ଙ୍କ ବଡ଼ଭାଇଙ୍କ ଦଶାହ କାର୍ଯ୍ୟରେ ଦିଲୀପ ଯୋଗ ଦେଇଥିଲା। ସେହିଦିନ ସଂଧ୍ୟାରେ ନିର୍ମଳଙ୍କ ଘର ଛାତ ଉପରେ ନିର୍ମଳଙ୍କ ଝିଅ ପିଙ୍କି ବାଗ (୨୧) ଓ ଅନ୍ୟ ଝିଅମାନେ ଉପସ୍ଥିତ ଥିବା ବେଳେ ଦିଲ୍ଲୀପ ନିଜ ପକେଟ୍‌ରୁ ଏକ ମାଉଜର୍ କାଢ଼ି ପିଙ୍କି ଉପରକୁ ୩ ରାଉଣ୍ଡ ଗୁଳି କରିଥିଲା। ପରେ ଦିଲ୍ଲୀପ ବନ୍ଧୁକ ମୁନରେ ଅନ୍ୟମାନଙ୍କୁ ଭୟଭୀତ କରି ଘଟଣାସ୍ଥଳରୁ ଫେରାର୍ ହେବାକୁ ଉଦ୍ୟମ କରିଥିଲା। କିନ୍ତୁ ଗ୍ରାମବାସୀ ଓ ସଂପର୍କୀୟମାନେ ଗୋଡ଼େଇ ଗୋଡ଼େଇ ତାକୁ କୋଲାବ୍ ବିଦ୍ୟୁତ୍ ପ୍ରକଳ୍ପର ଅତିଥି ଭବନଠାରୁ କାବୁ କରିବା ସହ ଜୟପୁର ସଦର ଥାନା ପୁଲିସର ଜିମା ଦେଇଥିଲେ। ପଚରାଉଚରା ବେଳେ ଦିଲ୍ଲୀପ ପୁଲିସକୁ କହିଥିଲା ଯେ ସେ ପିଙ୍କିକୁ ଏକତରଫା ପ୍ରେମ କରିବା ସହ ବିବାହ ପାଇଁ ପ୍ରସ୍ତାବ ଦେଇଥିଲା। କିନ୍ତୁ ପିଙ୍କି ତା' ପ୍ରସ୍ତାବରେ ରାଜି ହୋଇନଥିଲା। ଅନ୍ୟ ଜଣେ ଯୁବକ ସହ ତା'ର ବିବାହ ସ୍ଥିର ହେବାରୁ ସେ ପ୍ରତିଶୋଧ ନେବା ପାଇଁ ଏପରି କାଣ୍ଡ କରିଛି। ସରକାରୀ ଓକିଲ ଶୈଳଜା ପଟ୍ଟନାୟକ ଏହି ମାମଲା ପରିଚାଳନା କରିଥିଲେ।

# ମାତୃଭାଷାରେ ଶିକ୍ଷାଦାନ ସବୁବେଳେ ପ୍ରଭାବଶାଳୀ : ରାଷ୍ଟ୍ରପତି

**ସମ୍ବଲପୁର,୨୨।୧୧(ସମିସ):** ପରିବାରରୁ ମଣିଷର ଶିକ୍ଷା ଆରମ୍ଭ ହୋଇଥାଏ। ମାଆ ହେଉଛନ୍ତି ପ୍ରଥମ ଶିକ୍ଷିକା। ତେଣୁ ମା'ର ଭାଷା ତଥା ମାତୃଭାଷାରେ ଶିକ୍ଷାଦାନ ସବୁବେଳେ ପ୍ରଭାବଶାଳୀ ହୋଇଥାଏ। ସମ୍ବଲପୁର ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପ୍ରଧାନପାଲିସ୍ଥିତ ପାବନ ସରୋବର ବ୍ରହ୍ମାକୁମାରୀ ରେ 'ନୂତନ ଭାରତ ନୂତନ ଶିକ୍ଷା'ର ଶୁଭାରମ୍ଭ କରି ଏହା କହିଛନ୍ତି।




ସ୍ୱଭାବ କବି ଗଙ୍ଗାଧର ମେହେର ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଉଦାହରଣ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆହୁରି କହିଲେ ଯେ ଭାଷା ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶିକ୍ଷା ସହ ମାନବୀୟ ମୂଲ୍ୟବୋଧ, ନୈତିକ ଶିକ୍ଷାର ସଂଯୁକ୍ତି ରହିବା ଆବଶ୍ୟକ। ଆମର ନୂତନ ଶିକ୍ଷାନୀତି ଭାରତକୁ ପୁନଶ୍ଚ ବିଶ୍ୱଗୁରୁ ଆସନରେ ପ୍ରତିଷ୍ଠିତ କରାଇବ ବୋଲି ରାଷ୍ଟ୍ରପତି ଏହି ଅବସରରେ ଆଶା ପ୍ରକାଶ କରିଥିଲେ।

ଅନ୍ୟତମ ଅତିଥି ରାଜ୍ୟପାଳ ରଘୁବର ଦାସ ଉଦ୍‌ବୋଧନ ଦେଇ କହିଲେ ଯେ ମହାତ୍ମା ଗାନ୍ଧୀଙ୍କ ଶରୀର, ମନ ଓ ଆତ୍ମାର ଶିକ୍ଷାକୁ ନୂତନ ଶିକ୍ଷାନୀତି ଗ୍ରହଣ କରିନେଇଛି। ଆଧୁନିକ ଓ ବିକଶିତ ଭାରତ ଲାଗି ଆଧ୍ୟାତ୍ମିକ ଶିକ୍ଷା ଅତ୍ୟନ୍ତ ଜରୁରୀ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏ ଦିଗରେ ଅଗ୍ରଣୀ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ଲାଗି ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଅପେକ୍ଷା ଏଚ୍ଆଇ (ହ୍ୟୁମାନ ଇଣ୍ଟେଲିଜେନ୍ସ) ଜରୁରୀ। ମାଉଣ୍ଟଆବୁର ଶିକ୍ଷା ପ୍ରଭାଗର ଉପାଧ୍ୟକ୍ଷ ରାଜଯୋଗିନୀ ବିକେ ସିଲୁ ଭଉଣୀ ଛାତ୍ରଛାତ୍ରୀମାନଙ୍କୁ ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିବା ଲାଗି ଉପଦେଶ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରାଜଯୋଗୀ ବିନି ଦିଦି, ବିକେ ନଥମଲ ଭାଇ ଓ ବିକେ ଲିନା ଭଉଣୀ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମାକୁମାରୀ ସମ୍ବଲପୁର ଉପକ୍ଷେତ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀ ଦିଦି ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖିଥିଲେ। ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଦିଦି ସ୍ୱାଗତ ଭାଷଣ ଦେଇଥିଲେ।

ବିକେ ଲୀନା ଭଉଣୀ ମଞ୍ଚ ପରିଚାଳନା କରିଥିଲେ। କୁମାରୀ ଇପ୍‌ସିତା ପତି, ସୁଜାତା ସାମଲ, ହରିପ୍ରିୟା ସାହୁ, ଶ୍ୱେତାତମନ୍ନା ଦାସ ଜାତୀୟ ସଙ୍ଗୀତ ଗାନ କରିଥିଲେ।




## ଲୋକକଥା



ବିଦ୍ୱାନ ସଭାର ଶୀତ ବଇଠକ
ଆରମ୍ଭ ତ ହୋଇଗଲା,
ପରମ୍ପରାଗତ ଢଙ୍ଗରେ ଚାଲିଲା
ହୋ-ହଲ୍ଲା, ଠେଲାପେଲା !
ଭୋଟର ଦେଖନ୍ତି ପାଲା,
ବିଧିରକ୍ଷା ପାଇଁ ଚାଲିଚି କି ସତେ
ଏ ଅଧିବେଶନ ଭଲା !!

# ଗୃହରେ ଓଡ଼ିଶା ଭୂ-ସଂସ୍କାର ଆଇନ ସଂଶୋଧନ ବିଧେୟକ

**ଭୁବନେଶ୍ୱର, ୨୨।୧୧(ସମିସ):** ଓଡ଼ିଶା ଭୂ-ସଂସ୍କାର ଆଇନ(ଦ୍ୱିତୀୟ ସଂଶୋଧନ) ବିଧେୟକ, ୨୦୨୩ ମଙ୍ଗଳବାର ବିଧାନସଭାରେ ଆଗତ ହୋଇଛି। ଏହି ବିଧେୟକ ପାରିତ ହେଲେ ସିକିମ୍ ରୟତମାନଙ୍କର ଦୀର୍ଘ ବର୍ଷର ଜମି ସମସ୍ୟାର ସମାଧାନ ହେବ। ଏହି ସଂଶୋଧନ ଫଳରେ ସିକିମ୍ ଜମି ଚାଷ କରୁଥିବା ୧୮ଟି ଜିଲ୍ଲାର ୩ ଲକ୍ଷ ଚାଷୀ ସିଧାସଳଖ ଉପକୃତ ହେବେ। ସେମାନଙ୍କୁ ଜମିର ପଟ୍ଟା ମିଳିବାକୁ ଥିବା ବେଳେ ସେମାନେ ଏଣିକି ଏହି ଜମିକୁ ବିକ୍ରି କିମ୍ବା ହସ୍ତାନ୍ତର କରିପାରିବେ। ଗତ ଅକ୍ଟୋବରରେ ରାଜ୍ୟ କ୍ୟାବିନେଟ ବୈଠକରେ ଏ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ଗୃହରେ ଏହି ବିଧେୟକ ଆଗତ କରି ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ ଓଡ଼ିଶା ଭୂ-ସଂସ୍କାର ଆଇନ-୧୯୬୦ ଅନୁସାରେ ସିକିମ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ମସିହା ପର୍ଯ୍ୟନ୍ତ ଥିଲା। ସମସ୍ତ ସିକିମ ଚାଷୀ ଏହି ଅବଧି ଭିତରେ ଆବେଦନ କରିପାରି ନଥିଲେ। ତେଣୁ ସିକିମ ଭାବରେ ରେକର୍ଡ ହୋଇଥିବା ଜମିକୁ ଦଖଲ କରୁଥିବା ଉପ-ରୟତ କିମ୍ବା ଅଧସ୍ତନ ରୟତ ଅଥବା ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ସେହି ଜମି ଉପରେ ରୟତି ଅଧିକାର ଦେବା ପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ର ଧାରା-୪ରେ ଥିବା ଉପଧାରାକୁ ଆବଶ୍ୟକ ସଂଶୋଧନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଚିଠା ବିଲରେ ସିକିମ ଜମିକୁ ଚାଷ ଓ ବାସଗୃହ ଭାବେ ବ୍ୟବହାର କରୁଥିଲେ। ସେହି ଜମିରେ ରୟତି ଅଧିକାର ପାଇବା ପାଇଁ ଏହି ସଂଶୋଧନ ଆଇନର ବିଜ୍ଞପ୍ତି ପ୍ରକାଶନର ଦୁଇ ବର୍ଷ ମଧ୍ୟରେ ରାଜସ୍ୱ ଅଧିକାରୀଙ୍କ ନିକଟରେ ସମ୍ପୃକ୍ତ ଚାଷୀମାନେ ଆବେଦନ କରିପାରିବେ। ଆବଶ୍ୟକତା ଅନୁସାରେ, ସରକାର ଏହି ସମୟସୀମାକୁ ବୃଦ୍ଧି କରିପାରନ୍ତି। ରାଜସ୍ୱ ଅଧିକାର ଆଦେଶନାମା ଜାରୀ କଲା ବେଳେ ଷ୍ଟାଣ୍ଡର୍ଡ ଏକର ପିଛା ୧୪ ହଜାର ୨ଶହ ଟଙ୍କା ହିସାବରେ କ୍ଷତିପୂରଣ ସ୍ଥିର କରିବେ। ଏହି କ୍ଷତିପୂରଣ ଟଙ୍କା ରୟତ କିମ୍ବା ଅଧସ୍ତନ ରୟତ ଅଥବା ସେମାନଙ୍କର ଉତ୍ତରାଧିକାରୀମାନେ ଏହି ସିକିମ ଜମିର ମୂଳ ରୟତଙ୍କୁ କିମ୍ବା ତାଙ୍କ ଉତ୍ତରାଧିକାରୀଙ୍କୁ ପ୍ରଦାନ କରିବେ। ଏହି କ୍ଷତିପୂରଣ ରାଶିର ପରିମାଣ ସରକାର ସମୟାନୁକ୍ରମେ ପରିବର୍ତ୍ତନ କରିପାରନ୍ତି। ଏହାପରେ ସିକିମ୍ ଜମି ଉପରେ ଉ-ରୟତ କିମ୍ବା ଅଧସ୍ତନ ରୟତ ଅଥବା ସେମାନଙ୍କର ଉତ୍ତରାଧିକାରୀମାନେ ରୟତ ଭାବେ ଘୋଷିତ ହେବେ ଏବଂ ଏହି ଜମି ଉପରେ ସେମାନଙ୍କର ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ପ୍ରାପ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି।

**● ବିଲ୍ ପାରିତ ହେଲେ ସମାଧାନ ହେବ ସିକିମ୍ ରୟତଙ୍କ ଦୀର୍ଘ ଦିନର ସମସ୍ୟା**

## ସଇଁନ୍ତଲା ସିଡିପି ଚଞ୍ଚକତା ଘଟଣା

# ଦୁର୍ନୀତି ସାମ୍ନାକୁ ଆସିବା ପରେ ମଧ୍ୟ ବିଭାଗ ନିରବ

**ବଲାଙ୍ଗିର, ୨୨।୧୧(ସମିସ)**

ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଆମପାଲି ପଞ୍ଚାୟତରେ ହୋଇଥିବା ସିଡିପି ଦୁର୍ନୀତି ମାମଲାରେ ଏବେ ବି ଚୁପ କୃଷି ବିଭାଗ। ମନଇଚ୍ଛା ସ୍ଥାନୀୟ କର୍ମଚାରୀ ନକଲି ଚାଷୀଙ୍କୁ ହାତବାରିସି କରି ସିଡିପି ଟଙ୍କା ଆମ୍ସାତ କରିଥିବା ଅଭିଯୋଗ ହୋଇଥିଲା। ସୂଚନା ଅଧିକାର କର୍ମୀ ଦ୍ରୋଣ ସାହୁ ଏହି ଦୁର୍ନୀତିକୁ ସାମ୍ନାକୁ ଆଣିଥିଲେ। ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପାଖରେ ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଆଜି ପର୍ଯ୍ୟନ୍ତ ଏହି ଦୁର୍ନୀତିର ସାଧାରଣ ତଦନ୍ତଟିଏ ମଧ୍ୟ ହୋଇ ନଥିବା ଅଭିଯୋଗ ହୋଇଛି। ଏହା ସ୍ପଷ୍ଟ ଯେ ସିଡିପି ଆର୍ଥିକ ସହାୟତାକୁ ବିଭାଗୀୟ ବାବୁମାନଙ୍କ ଜାଣତରେ ଭାଗବଣ୍ଟା କରି ହଡ଼ପ କରାଯାଇଛି।

**. ୨୦୨୨-୨୩ ଆର୍ଥିକ ବର୍ଷରେ ଅନିୟମିତତା**
**. ସଇଁନ୍ତଲା ବ୍ଲକ ଆମପାଲି ଉଦାହରଣ ମାତ୍ର**

୨୦୨୨-୨୩ ଆର୍ଥିଖ ବର୍ଷରେ ସିଡିପି ସହାୟତା ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମେଗା ଲିଫ୍ଟ ଜଳସେଚନ ବ୍ୟବସ୍ଥା ଥିବା ଅଞ୍ଚଳରେ ଧାନ ଚାଷକୁ ଛାଡି ଅନ୍ୟ ଚାଷ କରିଥିବା ଚାଷୀଙ୍କୁ ଚିହ୍ନଟ କରି ରାଜ୍ୟ ସରକାର ସିଡିପି ଯୋଜନାରେ ସହାୟତା ପ୍ରଦାନ କରିଥିଲେ। ଅଣ ଧାନଚାଷକୁ ପ୍ରୋତ୍ସାହନ କରିବା ଏହି ଯୋଜନାର ଏକମାତ୍ର ଲକ୍ଷ୍ୟ ରହିଥିଲା। ବଲାଙ୍ଗିର ଜିଲ୍ଲାରେ ଏହି ଟଙ୍କା ପ୍ରଦାନରେ ଅନେକ ଅନିୟମିତତା କରି ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହିକ୍ରମରେ ସଇଁନ୍ତଲା ବ୍ଲକ ଆମପାଲି ପଞ୍ଚାୟତକୁ ଉଦାହରଣ ଭାବେ ନିଆଯାଇଥିଲା। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଥିଲା ଯେ ଅନେକ ନକଲି ଚାଷୀ ଏହି ସହାୟତା ଟଙ୍କା ହଡପ କରିଛନ୍ତି। ଯାହା ନାମରେ ଜମି ରହିଛି ସେ ଉକ୍ତ ଟଙ୍କା ପାଇ ନଥିବା ବେଳେ ସେହି ଜମି ଉପରେ ଆଉ ଏକ ପରିବାରର ସମସ୍ତ ସଦସ୍ୟ ଟଙ୍କା ପାଇଛନ୍ତି। ସେହିପରି କମ ଜମି ଥିବା ଚାଷୀଙ୍କ ଖାତାରେ ଆଉ କିଛି ନକଲି ପ୍ଲଟ ମିଶାଇ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ପରିସ୍ଥିତି ଏମିତି ହୋଇଛି ଯେ ଏହି ଘଟଣା ସାମ୍ନାକୁ ଆଣିଥିବା ସୂଚନା ଅଧିକାର କର୍ମୀ ଦ୍ରୋଣ ସାହୁଙ୍କୁ ବିଭିନ୍ନ ଆଡୁ ଚାପ ପକାଇବା, ଧମକ ଚମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ମାମଲାକୁ ଚାପିବାକୁ ଯେଉଁ ଚାଷୀଙ୍କ ଜମିରେ ନକଲି କାରବାର କରାଯାଇଛି ସେହି ଚାଷୀଙ୍କୁ ଟଙ୍କା ଦେବାକୁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି। ଏହି ମାମଲାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଭିଏଡବ୍ଲୁ ରାମଜୀ ଗୋପାଲଙ୍କ ବିରୋଧରେ ସାମାନ୍ୟ କାରଣ ଦର୍ଶାଅ ନୋଟିସ ଟିଏ ମଧ୍ୟ ଜାରିକରାନଯିବା ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତିକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବାସ ବେହେରାଙ୍କ ପାଖରେ ସମସ୍ତ ସୂଚନା ରହିଥିବା ବେଳେ ସେ ନିଜେ ଏହାକୁ ସ୍ୱୀକାର ମଧ୍ୟ କରିଥିଲେ। ଆଜି ପର୍ଯ୍ୟନ୍ତ ଏହି ମାମଲାର ତଦନ୍ତ ହୋଇ ନଥିବା ଜଣାପଡ଼ିଛି। ଆମପାଲି ପଞ୍ଚାୟତ କେବଳ ଉଦାହରଣ ମାତ୍ର ବୋଲି ଆଲୋଚନା ହେଉଛି। ଏହି ଖବର ସାମ୍ନାକୁ ଆସିବା ପରେ ଅନ୍ୟ ପଞ୍ଚାୟତ ଓ ବ୍ଲକରେ ମଧ୍ୟ ଏହି ଦୁର୍ନୀତି ହୋଇଥିବା ଚର୍ଚ୍ଚା ହେଉଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଦୁର୍ନୀତି ଜିଲ୍ଲାରେ ହୋଇଥିବା ବେଳେ ଏହାର ଭିଜିଲାନ୍ସସ୍ତରୀୟ ତଦନ୍ତ ହେଲେ ନିହାତି ଭାବେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅସଲ ରୂପ ସାମ୍ନାକୁ ଆସିବ। ଜିଲ୍ଲା ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇଛି।

# ବଙ୍ଗୋମୁଣ୍ଡା ଧନୁଯାତ୍ରା ପାଇଁ ମଶାଲ ଯାତ୍ରା

**ବଙ୍ଗୋମୁଣ୍ଡା, ୨୨।୧୧(ସମିସ):** ବଙ୍ଗୋମୁଣ୍ଡା ଧନୁଯାତ୍ରା ପାଇଁ ବୁଧବାର ମଶାଲ ଯାତ୍ରା ଗାଁ ପରିକ୍ରମା କରିଛି। ଗ୍ରାମଦେବୀ ଦ୍ୱାରସେନ୍‌ହୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଗାଁର ସମସ୍ତ ଦେବାଦେବୀଙ୍କ ମନ୍ଦିରରୁ ଆଜ୍ଞାମାଳ ଆଣି ଧନୁଯାତ୍ରା ପଡ଼ିଆରେ ମଶାଲ ସ୍ଥାପନା କରାଯାଇଛି ଏ ଅବସରରେ ପଡ଼ିଆରେ ପୂଜାର୍ଚ୍ଚନା କରି ଯାତ୍ରା ଶୃଙ୍ଖଳିତ ଭାବରେ ହେବା ନେଇ ମଙ୍ଗଳ ମନାସୀ ଯାତ୍ରା ଆରମ୍ଭ ହେବାର ସୂଚନା ଦିଆଯାଇଛି। ରାତିରେ ନାଚଗୀତ କାର୍ଯ୍ୟକ୍ରମ ରଖାଯାଇଛି। ସରପଞ୍ଚ ଅଜିତ ଯୋଷୀଙ୍କ ସହ କମିଟିର ଉପାଧ୍ୟକ୍ଷ ଆନନ୍ଦ ଅଗ୍ରୱାଲା, କାର୍ଯ୍ୟକାରୀ ସଭାପତି ସନ୍ତୋଷ ତ୍ରିପାଠୀ, ଜମିଦାର ସରତ ସିଂ ଭୋଇ, ଭୁରିଶ୍ରବା ନାଏକ, ସମ୍ପାଦକ ଅମିତ ଥନାପତିଙ୍କ ସହିତ ଧନୁଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବଙ୍ଗୋମୁଣ୍ଡା ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ ତାଙ୍କ ଟିମ ସହ ଶାନ୍ତିଶୃଙ୍ଖଳା ପାଇଁ ଉପସ୍ଥିତ ଥିଲେ।



# ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ୩ ଦିନିଆ ବଲାଙ୍ଗିର ଗସ୍ତ

**ବଲାଙ୍ଗିର/ଖପ୍ରାଖୋଲ, ୨୨।୧୧(ସମିସ):** ବଲାଙ୍ଗିର ଜିଲ୍ଲାକୁ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନୀକାନ୍ତ ସାହୁ ତିନିଦିନିଆ ମାରାଥନ ଗସ୍ତରେ ଆସିଛନ୍ତି। ଶ୍ରୀ ସାହୁ ପାଟଣାଗଡ ଅଞ୍ଚଳ ଯାଇ ବିଭିନ୍ନ ଗ୍ରାମାଞ୍ଚଳ ପରିଦର୍ଶନ କରିଥିଲେ। ବଣାଇମୁଣ୍ଡା

**ପାଟଣାଗଡ଼ରେ ମାରାଥନ୍ ତଦାରଖ କାର୍ଯ୍ୟକ୍ରମ**

ଅଙ୍ଗନବାଡି କେନ୍ଦ୍ର-୨ ଏବଂ ଆଶ୍ରମ ସ୍କୁଲ ପରିଦର୍ଶନ କରିବାସହ ମଧ୍ୟାହ୍ନ ଭୋଜନ, ଓଜନ ମାପକ ଜନ୍ତ୍ର, ଛତୁଆର ମାନ ପରଖିଥିଲେ। ପିଲାଙ୍କ ସ୍ୱାସ୍ଥ୍ୟରେ ଖିଲାପି ନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ କରିଥିଲେ। ପରେ ସେ ବଥ୍ରଲା ପଞ୍ଚାୟତରେ ୨ଟି ହୁଇଲଚେୟାର, ୨ଟି ଟ୍ରାଇ ସାଇକଲ ଏବଂ ଦୁଇଟି ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀକୁ ମିସନ କ୍ଷମତା ଯୋଜନା ଆଧାରରେ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ଏହାପରେ ଶ୍ରୀ ସାହୁ ହରିଶଙ୍କର ମନ୍ଦିର ପରିଦର୍ଶନ କରିବା ସହ



ପାର୍ଶ୍ୱବର୍ତ୍ତୀ କାମର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ଅପରାହ୍ନରେ ପାଟଣାଗଡ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ଅଧିକାରୀଙ୍କ ସହ ବିଭିନ୍ନ ଯୋଜନାର ବ୍ଲକସ୍ତରୀୟ ସମୀକ୍ଷା କରିଥିଲେ। ତାଙ୍କ ସହ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ପ୍ରେମଶୀଳା କେରକେଟା, ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଅନୁପମ ହୋତା, ପାଟଣାଗଡ ଉପଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସିଡିପିଓ ସୁଜାତା ଦୋରା, ଏଡିପିଆର ଓ ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଅପହରଣ ଅଭିଯୋଗରେ ତିନି ଜଣଙ୍କୁ ବାନ୍ଧିଲା ପୁଲିସ

**ପାଟଣାଗଡ଼, ୨୨।୧୧ (ସମିସ):** ପାଟଣାଗଡ ଝୁଲେନବର ଗାଁର ବେଲାର ରଣାଙ୍କୁ ଅପହରଣ କରି ୬ ଲକ୍ଷ ଟଙ୍କା ଦାବି କରୁଥିବା ଅଭିଯୋଗରେ ପୁଲିସ ଖପ୍ରାଖୋଲ ବ୍ଲକ ଲାଠୋର ଗାଁର ତୁଳସୀ ରଣା ନାମକ ଜଣେ ଦାଦନ ସର୍ଦ୍ଦାର ସହ ଦୁଇ ସହଯୋଗୀଙ୍କୁ ଗିରଫ କରିଛି। ପାଟଣାଗଡ ଉପଖଣ୍ଡ ଲାଠୋର ଅଞ୍ଚଳର ତୁଳସୀ ରଣା କିଛି ଦାଦନ ଶ୍ରମିକଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରିବା ପାଇଁ ଯୋଜନା କରୁଥିଲା ବେଳେ ଶ୍ରମିକମାନେ ଅମଙ୍ଗ ହୋଇ ନିଜ ନିଜ ଘରକୁ ଚାଲି ଯାଇଥିଲେ। ମଧ୍ୟସ୍ଥ ସାଜିଥିବା ଝୁଲେନବର ଗାଁର ବେଲାର ରଣାଙ୍କୁ ଖପ୍ରାଖୋଲ ଥାନା କପସିପାଲି ଗାଁର ସଂଜୟ ଓ ଅଷ୍ଟମ ରଣାଙ୍କ ସାହାଯ୍ୟରେ ତୁଳସୀ ଉଠାଇନେଇ ଲାଠୋର ଘରେ ରଖି ୬ ଲକ୍ଷ ଟଙ୍କା





ଦେବା ପାଇଁ ଦାବି କରିଥିଲେ। ଟଙ୍କା ନଦେଲେ ଛାଡିବି ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ତାଙ୍କ ସମ୍ପର୍କୀୟ ସୁରେନ୍ଦ୍ର ରଣା ପାଟଣଗଡ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଲାଠୋର ଯାଇ ବେଲାରଙ୍କୁ ଉଦ୍ଧାର କରିବା ସହ ତୁଳସୀ ସମେତ କପସିପାଲି ଗାଁର ସଂଜୟ ଓ ଅଷ୍ଟମ ରଣାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍‌କୁ ପଠାଯାଇଥିବା ପୁଲିସ ସୂଚନା ଦେଇଛି।

# ଅଭିଭାବକ-ଶିକ୍ଷକ ବୈଠକ ଓ ମାତୃ ସମ୍ମିଳନୀ



**ତୁରେକେଲା, ୨୨।୧୧(ସମିସ):** କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସରକାରୀ ବିଦ୍ୟାଳୟରେ ଚଳିତମାସର ବିଦ୍ୟାଳୟ ଅଭିଭାବକ ଶିକ୍ଷକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କିତ ଆଲୋଚନା କରାଯାଇ ପୁରସ୍କାର ଅର୍ଥ ରାଶି ବିନିଯୋଗ କରିବା ସହ ଚଳିତବର୍ଷ ସମାପ୍ତି ସୂଚକ ଆକଳନ-୧ରେ ପିଲାଙ୍କ ପ୍ରଦର୍ଶନ ନେଇ ଆଲୋଚନା କରାଯାଇଛି। ନୋଡାଲ ସ୍କୁଲ୍ ଓ କଳିଙ୍ଗ ନଗର ସ୍କୁଲ୍‌ରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଦୁଇଟି ସମ୍ମିଳନୀ ହୋଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ସବିତା ମହାପାତ୍ର ସରସ୍ୱତୀ ବଗର୍ତ୍ତି, ଶିକ୍ଷୟିତ୍ରୀ ଅଞ୍ଜଳି ମାଝୀ, ସୁନନ୍ଦା ପୁରୋହିତ, ଦୀପାଞ୍ଜଳି ଭୋଇ, ପୂଜା ଜାଲ, ମୁକ୍ତା ବୀଜ, ସୁଜାତା ଧରୁଆ, କାନ୍ତିଲତା ବର୍ଗେ, ଶିକ୍ଷକ ଜାନକୀ ରାମ ସାମ ବେଦମ, ବିଶ୍ୱଜିତ ଦାସ ଅଂଶଗ୍ରହଣ କରିଥିଲେ।

# ବଡ଼ବାଙ୍କି ଗଣଦୁଷ୍କର୍ମ ଅଭିଯୁକ୍ତଦ୍ୱୟଙ୍କୁ ୨୦ ବର୍ଷ ଜେଲ୍

**ତୁରେକେଲା, ୨୨।୧୧(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ବଡବାଙ୍କି ଗାଁରେ ଡିସେମ୍ବର ୧୨ ତାରିଖ ୨୦୨୨ରେ ଗଣଦୁଷ୍କର୍ମ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଧନୁଯାତ୍ରା ମିନାବଜାର ଦେଖି ଯୁବତୀ ଜଣକ ଫେରୁଥିବା ବେଳେ ସେହି ଗାଁର ଜଣେ ଯୁବକ ଓ ମହଖଣ୍ଡ ବଡ଼ବାଙ୍କୀ ଗାଁର ଜଣେ ଯୁବକ ଗଣଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ଭାଇ ତୁରେକେଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ଦୁଇ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ବୁଧବାର କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ ଏହି ମାମଲାରେ ଅଭିଯୁକ୍ତ ବଡବାଙ୍କି ଗାଁର ସୁରେନ୍ଦ୍ର ବେହେରା ଓ ମହଖଣ୍ଡ ଗାଁର ରମେଶ ବେହେରାଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଓ ଲକ୍ଷେ ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି।




# ବାଟବଣା ହେଉଛି ଗଣଶିକ୍ଷା ବିଭାଗର ଟାବ୍‌ଲେଟ ବଣ୍ଟନ !

**ଟିଟିଲାଗଡ଼, ୨୨।୧୧(ସମିସ):** ସରକାରୀ ସ୍କୁଲ ରେ ଗୁଣାତ୍ମକ ଓ ଉନ୍ନତ ମାନର ଶିକ୍ଷା ପ୍ରଦାନ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକଙ୍କୁ ଟାବ୍‌ଲେଟ (ଶିକ୍ଷଣୀୟ ଉପକରଣ) ଯୋଗାଇ ଦିଆଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ବୈଷୟିକ ଶିକ୍ଷା ଯୋଗାଇବା ଏବଂ ୟୁ-ଟ୍ୟୁବ ମାଧ୍ୟମରେ ବିଷୟଭିତ୍ତିକ ପାଠପଢା ବୃଦ୍ଧି ପାଇଁ ଏହା ଦିଆଯାଇଛି। ଏଥିସହ ମଧ୍ୟ ଆପ୍ ଜରିଆରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଶକ୍ତିର ବିକାଶ କରିବା ଓ ନିଷ୍ଠା ଆପ୍ ଜରିଆରେ ଶିକ୍ଷକ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କରିବା ଟେବଲଟ ବିତରଣର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଗତ ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଶିକ୍ଷକଙ୍କୁ ଟାବଲେଟ ବିତରଣ କରାଯାଇଥିଲା। ସହାୟକ ଶିକ୍ଷକମାନେ ସେମାନଙ୍କ ନାଁରେ ଏହା ଜାରି ହୋଇଥିବା ଦର୍ଶାଇ ବିଦ୍ୟାଳୟରେ ନ ରଖି ନିଜ ନିଜ ଘରକୁ ନେଇ ଯାଇଥିବା ଅଭିଯୋଗ ହୋଇଛି। କିଛି ଶିକ୍ଷକ ଏହାକୁ ସମ୍ପୂର୍ଣ୍ଣ ରୂପେ ନିଜ ବ୍ୟକ୍ତିଗତ ବ୍ୟବହାର କରୁଥିବା ସଙ୍ଗୀନ ଅଭିଯୋଗ ହୋଇଛି। ଏହି ଟାବଲେଟଗୁଡ଼ିକ ସାମସଙ୍ଗ କମ୍ପାନୀର ହୋଇଥିବା ବେଳେ ଏହାର ମୂଲ୍ୟ ୧୭ ହଜାର ଟଙ୍କା ଉଲ୍ଲେଖ ରହିଛି। ଘଟଣାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଶିକ୍ଷକଙ୍କୁ ଦିଆଯାଉଥିବା ଟ୍ରେନିଂର ନିର୍ଦ୍ଦିଷ୍ଟ ସମୟ ନଥିବା ଯୋଗୁଁ ଏହାକୁ ଘରକୁ ନେଇ ପାରିବେ ଏବଂ ରେକର୍ଡରେ ଦସ୍ତଖତ କରି ସେମାନେ ନିଜ ଦାୟିତ୍ୱରେ ଏହାକୁ ଗ୍ରହଣ କରିଥିବା କହିଥିଲେ। ଯଦି ସ୍କୁଲ ସମୟରେ ସ୍କୁଲରେ ନ ରହି ବ୍ୟକ୍ତିଗତ ଭାବରେ ଶିକ୍ଷକଙ୍କଠାରେ ରହିବ ତାହା ହେଲେ ଏହା ଯୋଗାଇଦେବା ପଛରେ ଗଣଶିକ୍ଷା ବିଭାଗର ଯେଉଁ ଉଦ୍ଦେଶ୍ୟ ରହିଛି ? ତାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

# ଶିକ୍ଷକ ଦାବିରେ ଧାରଣାରେ ବସିଲେ ଅଭିଭାବକ

**ବଲାଙ୍ଗିର, ୨୨।୧୧(ସମିସ):** ବଲାଙ୍ଗିର ଜିଲ୍ଲା ସଦର ଥାନା ହର୍ଡାଟାଲ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁକରି ଏହି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରିବାକୁ ଦାବିକରି ବୁଧବାର ଅବିଭାବକମାନେ ଧାରଣାରେ ବସିଛନ୍ତି। ସୂଚନା ଅନୁସାରେ, ଘୁଚିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ତିନିଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତଦନୁଯାୟୀ ବିଦ୍ୟାଳୟରେ ୯ ଜଣ ଶିକ୍ଷକ ନିଯୁକ୍ତି ହେବା କଥା; କିନ୍ତୁ ଏହି ବିଦ୍ୟାଳୟରେ ବର୍ତ୍ତମାନ ୬ ଜଣ ଶିକ୍ଷକରେ ପାଠପଢ଼ା ଚାଲିଛି। ପୁଣି ଶ୍ରେଣୀ କୋଠରୀ ଅଭାବରୁ ଗୋଟିଏ ଶ୍ରେଣୀରେ ଦୁଇ ତିନୋଟି ଶ୍ରେଣୀର ଛୁଆ ପାଠ ପଢୁଥିବା ଅବିଭାବକମାନେ ଅଭିଯୋଗ କରି ସମସ୍ୟାର ସମାଧାନ କରିବାକୁ ଦାବିରେ ଧାରଣା ଦେଇଥିବା ପ୍ରକାଶ କରିଥିଲେ।




# ଗଡ଼ଦ୍ୱାର ଓ ରତନପୁର ଗାଁରେ ବସୁଧା ଯୋଜନା ବାଟବଣା

## ପିଇବା ପାଣି ପାଇଁ ନଳକୂଅ ଉପରେ ଭରସା

**ଦେଓଗାଁ, ୨୨।୧୧(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଗଡ଼ଦ୍ୱାର ଓ ରତନପୁର ଗାଁରେ ସରକାରଙ୍କ ବସୁଧା ଯୋଜନା ଏବେ ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ବସୁଧା ଯୋଜନାରେ ଗାଁର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଯୋଜନା ରହିଛି। ହେଲେ କେତେକ ଗାଁରେ ବିଭାଗୀୟ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ଯୋଜନା ଦିଗହରା ହୋଇପଡ଼ିଛି। ଅର୍ଡା ଗାଁ ନିକଟସ୍ଥ ସୋନଗଡ଼ ନଦୀପଠାରୁ ଗଭୀରକୂପରୁ ଏହି ଗାଁଗୁଡ଼ିକୁ ପାନୀୟଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ନିର୍ମାଣ ହୋଇଛି। ଅର୍ଡା ଗାଁର ପ୍ରତ୍ୟେକ ଘର ସାମ୍ନାରେ ଟେଣ୍ଟପୋଷ୍ଟଗୁଡିକ ମଧ୍ୟ ଲଗାଯାଇଛି। ହେଲେ ଗାଁଲୋକଙ୍କ କହିବାନୁସାରେ, ଖରା ମାସରେ ମାସେ ଦେଢ଼ ମାସ ପାଇପରେ ପାଣି ଆସୁଥିବା ବେଳେ ତାହାମଧ୍ୟ ଗାଁର ସମସ୍ତ ପରିବାର ଠିକରୂପେ ପାଣି ପାଆନ୍ତି ନାହିଁ। ତେବେ



ବର୍ତ୍ତମାନ ଗ୍ରାମ୍ୟ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ରୂପେ ଠପ ହୋଇଥିବା ବେଳେ ଗାଁବାସୀ ପାନୀୟ ଜଳ ପାଇଁ ଗାଁରେ ଥିବା କିଛି ନଳକୂପ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ରହୁଛନ୍ତି। ଏନେଇ ଗାଁର ରଶ୍ମିତା କୁଅଁର, ଯାଜ୍ଞସେନୀ ଧରୁଆ, ପଦ୍ମାଳୟା ଧରୁଆ, ଶାନ୍ତି ଭୋଇ, ମିତା ଧରୁଆ, ରଜନୀ କଏଣ୍ଡା, ସରୋଜିନୀ ଧରୁଆ ତଥା ଗ୍ରାମବାସୀ ଅବଗତ କରିଆସୁଥିଲେ ମଧ୍ୟ ଏଦିଗରେ କେହି କର୍ଣ୍ଣପାତ କରୁ ନଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ରତନପୁର ଗାଁରେ ମଧ୍ୟ ତଦ୍ରୂପ ଅବସ୍ଥା ନଜରକୁ ଆସିଛି। ଉକ୍ତ ଗ୍ରାମରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ସହର ସେବା ସମିତିର ବାର୍ଷିକୋତ୍ସବ

# ଓଡ଼ିଶା ଇତିହାସରେ ଡ. ମହତାବ ଏକ ସ୍ୱର୍ଣ୍ଣିତ ଉଚ୍ଚାରଣ

**ରାଉରକେଲା, ୨୨ ।୧୧(ସମିସ):**




ସାମାଜିକ ଅନୁଷ୍ଠାନ ସହର ସେବା ସମିତିର ଦ୍ୱାଦଶ ବାର୍ଷିକୋତ୍ସବ ଓ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ହୋଟେଲ ସୋଲାସରେ ପାଳିତ ହୋଇଛି। ସମିତି ଟ୍ରଷ୍ଟି ଶୈଳେନ୍ଦ୍ର ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଏସଟିର ଅତିରିକ୍ତ ଆୟୁକ୍ତ ଅନନ୍ତ ଚରଣ ମଲ୍ଲିକ ମୁଖ୍ୟଅତିଥି, ଜାଗରଣ ଅନୁଷ୍ଠାନ ସଭାପତି ପିକେ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ମଲ୍ଲିକ କହିଲେ ଯେ ଉତ୍କଳ କେଶରୀ ଡ. ମହତାବ ଓଡ଼ିଶା ଇତିହାସର ଏକ ସ୍ୱର୍ଣ୍ଣିତ ଉଚ୍ଚାରଣ। ସେ ଏକାଧାରରେ ଜଣେ ରାଜନେତା, ସାମ୍ବାଦିକ, ସଂଗଠକ, ସ୍ତମ୍ଭକାର, ଐତିହାସିକ, ସ୍ୱାଧୀନତା ସଂଗ୍ରାମୀ ଓ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ସେ ଥିଲେ ବହୁମୁଖୀ ପ୍ରତିଭାର ଏକ ସ୍ଥିତପ୍ରଜ୍ଞ ବିରଳ ବ୍ୟକ୍ତିତ୍ୱ ବୋଲି ମଲ୍ଲିକ କହିଥିଲେ। ମୁଖ୍ୟବକ୍ତା ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ, ସାମ୍ବାଦିକତାକୁ ଅତି ନିଖୁଣ ଭାବେ ବୁଝିଥିବା ଡ. ମହତାବ ସାହିତ୍ୟକୁ ଅଧିକ ଗୁରୁତ୍ୱ ଦେଇଥିଲେ। ସାହିତ୍ୟ ମାଧ୍ୟମରେ ସେ ସମାଜରେ ସଂସ୍କାର ଆଣିବା ସହ ରାଜନୀତିରେ ଦୁର୍ନୀତି ଦୂର କରିପାରିଥିଲେ। ନିଜ ବଳିଷ୍ଠ ବ୍ୟକ୍ତିତ୍ୱ ପାଇଁ ସେ ଖାଲି ଓଡ଼ିଶାରେ କାହିଁକି, ସମଗ୍ର ଭାରତବର୍ଷରେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ।

ଟ୍ରଷ୍ଟି ସ୍ମିତା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟି ସୁନୀଲ କାୟଲ ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ବିଗତ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଟ୍ରଷ୍ଟି ପୁଷ୍ପା ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଶ୍ରମିକନେତା ବିଦ୍ୟାଧର ବାରିକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ପ୍ରାରମ୍ଭରେ ଗୀତା ଆବୃତ୍ତି କରିଥିବା ଓଲମ ଜେନା, ନୃତ୍ୟଶିଳ୍ପୀ ଆଦ୍ୟାଶା ଦାଶ, ମା' ଇନ୍ଦିରା ସମିତିର ଲଭଲି ଗୌଡ଼, ବବି ଗୌଡ଼, ବବଲି ଗୌଡ଼, ଇସିକା ସମାସୀ, ପରୀ ନାୟକଙ୍କୁ ନୃତ୍ୟ ପରିବେଷଣ ପାଇଁ ତଥା ଫଟୋଗ୍ରାଫର ବିନୋଦ ରାୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମ୍ୟୁଜିକ ଥେରାପି ତରଫରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ ଟ୍ରଷ୍ଟି ମନୋରଞ୍ଜନ ଦାଶ, ନନ୍ଦନ ମୁଖାର୍ଜୀ, ବିଜୟଲକ୍ଷ୍ମୀ ଶ୍ରୀଚନ୍ଦନ, ଅଜୟ ଖଟୁଆ, ସୁନୀଲ କାୟଲ, ସୁସ୍ମିତା ମୁଖାର୍ଜୀ, ସ୍ମିତା ମିଶ୍ର, ଏସଏମ ଅଲୀ, ଏମ୍ ମାଲେଶ୍ୱରମ, ଶ୍ୟାମଲାଲ ଗୁପ୍ତା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଭାତ ଟିବ୍ରେୱାଲ, ସୂର୍ଯ୍ୟ ପାତ୍ର, ନୟନ ଦାସ, ଜ୍ୟୋତିପ୍ରକାଶ ସାହୁ, ଅଶୋକ ଦାଶ, ଚିତ୍ତ ବ୍ରହ୍ମା, ପ୍ରତାପ ପାଢ଼ୀ, ବାନାମ୍ବର ମହାନ୍ତି, ଛବି ମହାନ୍ତି ତଥା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଟ୍ରଷ୍ଟି ଚନ୍ଦ୍ରଶେଖର ପାଢ଼ୀ, ପ୍ରଫୁଲ୍ଲ ନାୟକ, ପ୍ରମୋଦ ସାହୁ, ୱାଇ. ହେମଲତା, ସାବିତ୍ରୀ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ତଥା ଆବାହକ ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ବିଦ୍ୟାଳୟରେ ଅଗ୍ନି ନିର୍ବାପନ ସଚେତନତା




**ରାଉରକେଲା, ୨୨ ।୧୧(ସମିସ):** ଆର୍‌ଏସ୍‌ପିର ଅଗ୍ନିଶମ ସେବା ବିଭାଗ ପକ୍ଷରୁ ସେକ୍ଟର-୧୯ ଇସ୍ପାତ ବିଦ୍ୟା ମନ୍ଦିର ପରିସରରେ ଅଗ୍ନି ନିର୍ବାପନା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଇସ୍ପାତ ବିଦ୍ୟା ମନ୍ଦିର ଅଧ୍ୟକ୍ଷ ଆଶିଷ ଉଦଗାତା, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମେତ ପ୍ରାୟ ୧୫୦ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

ଅଗ୍ନିଶମ ସେବା ବିଭାଗ ଏଜିଏମ ଏମଆଇ ସୋଙ୍କୁସାରେଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ବିଭାଗର ଏକ ଦଳ ସାଧାରଣ ଅଗ୍ନି, ତୈଳ ଅଗ୍ନି, ଗ୍ୟାସ୍ ଅଗ୍ନି, ବିଦ୍ୟୁତ୍ ଅଗ୍ନି ଓ ଆନୁଷଙ୍ଗିକ ଅଗ୍ନି ନିର୍ବାପନ ପ୍ରଣାଳୀ, ବିଭିନ୍ନ ଅଗ୍ନି ନିର୍ବାପକ ଉପକରଣ ତଥା ଅଗ୍ନି ପୋଡ଼ି ମାମଲା ଏବଂ ଉଦ୍ଧାର ପଦ୍ଧତି ସମ୍ବନ୍ଧରେ ଅବଗତ କରାଇଥିଲେ। ବିଭିନ୍ନ ପ୍ରକାରର ଅଗ୍ନି ନିର୍ବାପକ ଯନ୍ତ୍ର ଯଥା ଜଳ, ଫୋମ୍, ଡିସିପି ଅଗ୍ନି ନିର୍ବାପକ ଯନ୍ତ୍ର, କାର୍ବନ ଡାଇଅକ୍ସାଇଡ୍ ଅଗ୍ନି ନିର୍ବାପକ ଯନ୍ତ୍ରର ଉପଯୁକ୍ତ ବ୍ୟବହାର କୌଶଳ ଏବଂ ଅଭ୍ୟାସ ଉପରେ ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ ସେବା ବିଭାଗ ମହାପ୍ରବନ୍ଧକ ଜେବି ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଆର୍‌ଏସ୍‌ପିର ପ୍ରଦର୍ଶନ ଉନ୍ନତୀକରଣ ଯୋଜନା କର୍ମଶାଳା



**ରାଉରକେଲା, ୨୨ ।୧୧(ସମିସ):** ଆରଏସପି ଏଚଆରଡି କେନ୍ଦ୍ରରେ କୋକ୍ ଓଭେନ, କୋଲ କେମିକାଲ ଏବଂ ଆନୁଷଙ୍ଗିକ ବିଭାଗଙ୍କ ପାଇଁ ନଭେମ୍ବର ୨୧ ତାରିଖ ଏକ ପ୍ରଦର୍ଶନ ଉନ୍ନତୀକରଣ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଛି। 'ଉପଲବ୍ଧ କୋଇଲା ମିଶ୍ରଣ ସହିତ କୋକ୍ ଗୁଣବତ୍ତା ସୁନିଶ୍ଚିତ କରିବା ଏବଂ ଯନ୍ତ୍ରୋପକରଣର ଉପଲବ୍ଧତା ୯୫ ପ୍ରତିଶତ ପର୍ଯ୍ୟନ୍ତ ସୁନିଶ୍ଚିତ କରିବା' ଏହି କର୍ମଶାଳାର ବିଷୟବସ୍ତୁ ଥିଲା।

କର୍ମଶାଳାର ଉଭୟ ଉଦ୍‌ଘାଟନୀ ଏବଂ ଉଦଯାପନୀ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଓସିସି, ୟୁଟିଲିଟିଜ୍ ଏବଂ ପରିବେଶ ବିଭାଗ ସିଜିଏମ୍ ଇନ୍-ଚାର୍ଜ ଆଇ ରାଜନ, ଏଚଆରଡି ବିଭାଗ ସିଜିଏମ୍ ରାଜଶ୍ରୀ ବାନାର୍ଜୀ, ସିଓସିସି ବିଭାଗ ସିଜିଏମ ତୁଳାରାମ ବେହେରା, ଅନ୍ୟ ସହଯୋଗୀ ବିଭାଗଗୁଡ଼ିକର ସିଜିଏମ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କୋକ୍ ଓଭେନ, ଅନୁସନ୍ଧାନ ଏବଂ ନିୟନ୍ତ୍ରଣ ଲାବୋରେଟୋରୀ, ବ୍ଲାଷ୍ଟ ଫର୍ଣ୍ଣେସ୍, ଶକ୍ତି ପରିଚାଳନା, ଏମ୍‌ଏସ୍‌ଏସ୍, ଫାଇନାନ୍ସ, ଟ୍ରାଫିକ୍ ଏବଂ ଆରଡିସିଆଇଏସ୍-ରାଉରକେଲାର ମୋଟ ୪୨ ଅଧିକାରୀ ଓ କର୍ମଚାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

ଏହାର ବିଭିନ୍ନ ଅଧିବେଶନ ବହୁ ବିଶେଷଜ୍ଞ ଯଥା ବୋକରୋ ଇସ୍ପାତ କାରଖାନାର ସିଓସିସି ବିଭାଗ ସିଜିଏମ ରାକେଶ କୁମାର, ଦୁର୍ଗାପୁର ଇସ୍ପାତ କାରଖାନା ସିଓସିସି ବିଭାଗ ଜିଏମ୍ ଭାସ୍କର ପ୍ରଧାନ ସମ୍ପାଦନ କରିଥିଲେ। ଉତ୍ତମ ଗୁଣବତ୍ତା କୋକ ପ୍ରସ୍ତୁତି ଏବଂ ଏବିପି ଲକ୍ଷ୍ୟ ହାସଲ କରିବା ଲକ୍ଷ୍ୟରେ ଅପରେସନ, ରକ୍ଷଣାବେକ୍ଷଣ ଏବଂ ବୈଷୟିକ ଅର୍ଥନୈତିକ ପରିମାପକତା ସହ ଜଡ଼ିତ ଅଭ୍ୟାସଗୁଡ଼ିକର ସହଭାଗିତା କରାଯିବା ସହିତ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ପରେ ସିଣ୍ଡିକେଟ୍ ଆଲୋଚନା ଏବଂ କାର୍ଯ୍ୟ ଯୋଜନା ଉପସ୍ଥାପନ କରାଯାଇଥିଲା। ସୂର୍ଯ୍ୟବଂଶୀ ପ୍ରତ୍ୟେକ କାର୍ଯ୍ୟ ଯୋଜନାର ସମୀକ୍ଷା କରି ଏହା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏଚଆରଡି ବିଭାଗର ଜିଏମ ଏସ୍ କୋଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଏମ ଏସ୍‌କେ ସିଂହଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନାଳରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼, ୨୨ ।୧୧(ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଭେଡ଼ାବାହାଲ ନାଳରୁ ବୁଧବାର ପୁଲିସ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ସେ ପ୍ୟାଣ୍ଟ ସାର୍ଟ ପିନ୍ଧିଛନ୍ତି। ପ୍ରାୟ ୪ରୁ ୫ ଦିନ ପୂର୍ବେ ତାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ସଂରକ୍ଷିତ ରଖିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଯୁଗାଚାର୍ଯ୍ୟ ଶ୍ରୀଶ୍ରୀ ବଡ଼ଦାଙ୍କ ୧୧୩ତମ ଜନ୍ମ ମହୋତ୍ସବ

**ରାଉରକେଲା, ୨୨ ।୧୧(ସମିସ):** ଯୁଗାଚାର୍ଯ୍ୟ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ବଡ଼ଦାଙ୍କ ୧୧୩ତମ ପବିତ୍ର ଜନ୍ମ ମହାମହୋତ୍ସବ ସ୍ଥାନୀୟ ସେକ୍ଟର-୨୧ ନୟାବଜାରସ୍ଥିତ ସତସଙ୍ଗ ବିହାରରେ ବୁଧବାର ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ ଓ ସାହାନାଇ, ଉଷା କୀର୍ତ୍ତନ, ସମବେତ ପ୍ରାର୍ଥନା, ସଙ୍ଗୀତାଞ୍ଜଳି, ମାତୃ ସମ୍ମିଳନୀ ଆଦି ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସତସଙ୍ଗ ପରିସରରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ସହ-ପ୍ରତିରତିକ ବସନ୍ତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱରରେ କାର୍ଯ୍ୟରତ ସହ-ପ୍ରତିରତିକ ପାଣ୍ଡବ ପ୍ରଧାନ ବକ୍ତାଭାବେ ଯୋଗଦେଇ ସତସଙ୍ଗ ସଦାଲୋଚନା କରିଥିଲେ। ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଲେ ଯେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତସଙ୍ଗର ପ୍ରାଣ ପ୍ରତିଷ୍ଠାତା ହୋଇଥିବା ବେଳେ ତାଙ୍କ ଜ୍ୟେଷ୍ଠପୁତ୍ର ପରମ ପୂଜ୍ୟପାଦ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀ ବଡ଼ଦା ଏହି ସତସଙ୍ଗକୁ ରୂପରେଖ ଦେଇଥିଲେ। ପୁରୀ ଠାକୁରବାଡ଼ି ସତସଙ୍ଗ କେନ୍ଦ୍ର ଶ୍ରୀଶ୍ରୀ ବଡ଼ଦାଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିବା ଉଲ୍ଲେଖ କରି ପ୍ରଧାନ ଶ୍ରୀ ଶ୍ରୀ ବଡ଼ଦାଙ୍କ ଜନ୍ମ ବୃତ୍ତାନ୍ତ ବିଶେଷ କରି ତାଙ୍କ ପିତୃମାତୃ ଭକ୍ତିର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ।





ସହ-ପ୍ରତିରତିକ ସୁକାନ୍ତ କୁମାର ଲେଙ୍କା ତାଙ୍କ ବକ୍ତବ୍ୟରେ ରାଉରକେଲାରେ ସତସଙ୍ଗ ବିହାର ପ୍ରତିଷ୍ଠା ନିମନ୍ତେ ଜମି ଅଧିଗ୍ରହଣ ସମେତ ଏହାର ଇତିବୃତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରି ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ବଡ଼ଦାଙ୍କ ଆଶୀର୍ବାଦ ଏବଂ ଇଚ୍ଛା ଯୋଗୁଁ ଏଠାରେ ସତସଙ୍ଗ ବିହାର ପ୍ରତିଷ୍ଠା ସମ୍ଭବ ହୋଇପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏସପିଆର୍ ବସନ୍ତ କୁମାର ଜେନା, କାମଦେବ ଦାଶ, ନିମାଇଁ ଚରଣ ଦାସ, ଶାନ୍ତନୁ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୱର୍ଯ୍ୟ ତ୍ରିନାଥ ପଢ଼ିଆରୀ, ପ୍ରଫୁଲ୍ଲ ଚରଣ ପାଣିଗ୍ରାହୀ, ବିନାୟକ ଦାସ, ବଂଶୀଧର ସାହୁଙ୍କ ସମେତ ଯାଜକ ଗଣେଶ ପ୍ରଧାନ, ଦିବାକର ନାୟକ, ଗୟାଧର ସେନାପତି, ଭକ୍ତବନ୍ଧୁ ନାୟକ ଏବଂ କର୍ମୀ ଗୋଲକ ବିହାରୀ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଗୁରୁଭାଇ, ଗୁରୁମା ଆଦି ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସମବେତ ପ୍ରାର୍ଥନା ସଭାରେ ଭଜନ, କୀର୍ତ୍ତନ ଆଦି ପରିବେଷିତ ହୋଇଥିଲା।

# ବସ୍ତିବାସିନ୍ଦା ସଂଘ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ

**ରାଉରକେଲା, ୨୨ ।୧୧(ସମିସ):** ରାଉରକେଲା ମହାନଗର ନିଗମ ପକ୍ଷରୁ ରାଉରକେଲା ସହରର ସମସ୍ତ ବସ୍ତିବାସିନ୍ଦା ସଂଘ (ଏସଡିଏ) କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏକ ତାଲିମ ଶିବିର ଆୟୋଜନ କରାଯାଇଛି। ଏହି ଶିବିର ଉଦିତନଗରସ୍ଥିତ ରାଉରକେଲା ମହାନଗର ନିଗମ ପାଠାଗାର ସମ୍ମିଳନୀ ଗୃହରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ନେତାଜୀନଗର, ବ୍ୟାସନଗର, ଶାନ୍ତିନଗର, ଜେଲ୍ ରୋଡ, ଛେଣ୍ଡ କଲ୍ୟାଣୀ ବସ୍ତି ସମେତ ୧୪ ଏସ୍‌ଡିଏର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଯୋଗଦେଇଥିଲେ। ଏସ୍‌ଡିଏ ଗଠନର ଆବଶ୍ୟକତା, ଏହାର ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟ ଯଥା ନିୟମିତ ମାସିକ ବୈଠକ, ନିୟମିତ ଖାତାପତ୍ର ଲିଖନ, ବସ୍ତି ସମ୍ପର୍କ ତାଲିକାକରଣ ଏବଂ ଏହାର ରକ୍ଷଣାବେକ୍ଷଣ, ସଦୁପଯୋଗ ଏବଂ ସୁରକ୍ଷା ସମେତ ନିୟମିତ ଆର୍ଥିକ ପରିଚାଳନା, ଆୟବ୍ୟୟ ହିସାବ ଠିକ୍ ରୂପେ ଲିପିବଦ୍ଧ କରିବା ଏବଂ ଆର୍ଥିକ ସାକ୍ଷରତା ସହ ସ୍ୱାବଲମ୍ବନଶୀଳତା ବିଷୟରେ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଉଛି। ଏସଡିଏ ଗଠନ ଏବଂ ଏହାର ଆକାର, ଏଥିରେ ମହିଳାମାନଙ୍କ ପ୍ରତିନିଧିତ୍ୱ ଏବଂ ପ୍ରତିମାସରେ ଅନୁଷ୍ଠିତ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ପୁସ୍ତିକାରେ ଠିକ ଭାବେ ଲିପିବଦ୍ଧ କରିବା, ବସ୍ତି ଭିତରେ ଉପୁଜୁଥିବା ସମାସ୍ୟା ସମାଧାନ, ସଭା ମାଧ୍ୟମରେ ମିଳିମିଶି ବସ୍ତି ମଧ୍ୟରେ ସୁସ୍ଥ ବାତାବରଣ ସୃଷ୍ଟି ସହ ବସ୍ତିର ଉନ୍ନତୀମୂଳକ କାର୍ଯ୍ୟ କିପରି କରାଯିବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷିକା ସୁଜାତା ସାହୁ ଓ ପ୍ରଶିକ୍ଷକ ଅରବିନ୍ଦ ସାହୁ ବୁଧବାର ଏସଡିଏ କର୍ମକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ରାଉରକେଲା ମହାନଗର ନିଗମ ପକ୍ଷରୁ ଏହାର ପଦାଧିକାରୀ ରୋମା ସାହୁ, ସରସ୍ୱତୀ ବେହେରା, ବନ୍ଦନା ଜେନା, ତୁଳସୀ ରାଉତରାୟ, ଅରବିନ୍ଦ ବେହେରା, ସନ୍ତୋଷ ପରିଡ଼ା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ ଶେଷରେ ବନ୍ଦନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



### ସଚ୍ଚିଦାନନ୍ଦ ସ୍ମାରକୀ ନିଧି ପକ୍ଷରୁ ସଚ୍ଚିଦାନନ୍ଦ ସ୍ମାରକୀ ବକ୍ତୃତାମାଳା

# 'ବିଜ୍ଞାନ ଓ ଆଧ୍ୟାତ୍ମିକତାର ସମନ୍ୱୟର ସେତୁ ଥିଲେ ବଳଦେବ'





**ରାଉରକେଲା, ୨୨ ।୧୧(ସମିସ):**

ବିଜ୍ଞାନ ଓ ଆଧ୍ୟାତ୍ମିକତାର ସମନ୍ୱୟର ସେତୁ ଥିଲେ କବିସୂର୍ଯ୍ୟ ବଳଦେବ ରଥ ବୋଲି ଆଲୋଚକ ଡ. କୃଷ୍ଣକେଶବ ଷଡ଼ଙ୍ଗୀ ମତପ୍ରକାଶ କରିଛନ୍ତି। ଛେଣ୍ଡ ଚିନ୍ମୟ ବିଦ୍ୟାଳୟରେ ସଚ୍ଚିଦାନନ୍ଦ ସ୍ମାରକୀ ନିଧି ପକ୍ଷରୁ ଆୟୋଜିତ ସଚ୍ଚିଦାନନ୍ଦ ସ୍ମାରକୀ ବକ୍ତୃତାମାଳା କାର୍ଯ୍ୟକ୍ରମର ଆଲୋଚ୍ୟ ବିଷୟ 'କବିସୂର୍ଯ୍ୟ ବଳଦେବ ରଥଙ୍କ ସାହିତ୍ୟରେ ଭକ୍ତିରସ' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ଆଲୋଚକ ଡ. ଷଡ଼ଙ୍ଗୀ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ସୁରକ୍ଷିତ ନିର୍ମାଣ ପ୍ରଣାଳୀ କାଳରେ ରହିଥିବା ଦୂରଦୃଷ୍ଟି ସମ୍ପନ୍ନ ବୈଜ୍ଞାନିକ ଦୃଷ୍ଟିକୋଣ ପ୍ରୟୋଗ ଉପରେ ସେ ବାଖ୍ୟା କରି ବଳଦେବଙ୍କ ରଚନାରେ କିପରି ବିଜ୍ଞାନ ଓ ଆଧ୍ୟାତ୍ମିକତାର ଯୁକ୍ତି ସଙ୍ଗତ ସମନ୍ୱୟ ରହିଛି ତାକୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ସେହିପରି ଯଶୋଦା ନନ୍ଦିନୀ ରାଧାଙ୍କୁ ପ୍ରକୃତି ଓ ବ୍ରଜେନ୍ଦ୍ର ନନ୍ଦନ କୃଷ୍ଣଚନ୍ଦ୍ରଙ୍କୁ ପୁରୁଷ ସ୍ୱରୂପ ବର୍ଣ୍ଣନା କରି ବଳଦେବ କିପରି ସୁବର୍ଣ୍ଣକାନ୍ତି ଓ ନୀଳକାନ୍ତିର ମିଳନ ବିଷୟ ଦର୍ଶାଇଛନ୍ତି, ସେ ଉପରେ ମତ ପ୍ରକାଶ କରିଥିଲେ। ବଳଦେବଙ୍କ ଭକ୍ତି ଲେଖନୀରେ ପ୍ରୀତ ହୋଇ ମୁକୁନ୍ଦ ଦେବ ସ୍ୱତନ୍ତ୍ର ସନନ୍ଦ ଦେଇ ମହାପ୍ରଭୁଙ୍କ ଚାମର ସେବା ବିନା ବାଧାରେ ଯୋଗାଇଦେବା ପାଇଁ ଅନୁମତି ଦେଇଥିଲେ। କବିସୂର୍ଯ୍ୟଙ୍କ ରଚନାରେ କେବଳ ବର୍ଣ୍ଣନାୟକ ଚମତ୍କାରିତା ନ ଥିଲା, ଏଥିରେ ବହୁ ଗୁଢ଼ ତତ୍ତ୍ୱ ରହିଥିଲା ବୋଲି ଡ. ଷଡ଼ଙ୍ଗୀ କହିଥିଲେ।

ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଶିକ୍ଷାଧିକାରୀ ଉପେନ୍ଦ୍ର ନାଥ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ସଚ୍ଚିଦାନନ୍ଦ ଶତପଥୀଙ୍କ ନାମର ସାର୍ଥକତା ଓ ସାହିତ୍ୟ କ୍ଷେତ୍ରରେ ବ୍ୟାକରଣକୁ ଭୁଲିଗଲେ ସାହିତ୍ୟ ଅମାନିଆ ଘୋଡ଼ା ସଦୃଶ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ଶିକ୍ଷାବିତ ଶଙ୍କର ପ୍ରସାଦ ତ୍ରିପାଠୀ ଏକପାଖିଆ ପ୍ରେମ ସମ୍ପର୍କର ଅବତାରଣା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଇଂ ଆଲୋକ ରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଆବାହିକା ଶର୍ମିଷ୍ଠା କବିଶତପଥୀ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ କୃତଜ୍ଞତା ଜ୍ଞାପନ କରିଥିଲେ।

ସେହିପରି ସଚ୍ଚିଦାନନ୍ଦ ସ୍ମାରକୀ ନିଧି ପକ୍ଷରୁ ଆୟୋଜିତ ସଚ୍ଚିଦାନନ୍ଦ ସ୍ମାରକୀ ବକ୍ତୃତାମାଳାର ପ୍ରଥମ ଦିନ କାର୍ଯ୍ୟକ୍ରମକୁ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ ଉଦଘାଟନ କରିଥିଲେ। ରାଜୀବ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସୃଜନ ଚର୍ଚ୍ଚାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ନୃପରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଲୋଚିକା ମୋନାଲିସା ମିଶ୍ର, ବିଜୟ ରାୟଙ୍କ କବିତାରେ ରହସ୍ୟବାଦୀ ଚେତନା, ସଞ୍ଜୀବ କୁମାର ଭୋଇ, କାଶୀନାଥ ନନ୍ଦୀଙ୍କ ଗଳ୍ପର ଶିଳ୍ପ ନୈପୁଣ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଣତୀ ବେହେରା ଶ୍ରୀ ନନ୍ଦୀଙ୍କ ଗଳ୍ପ ପାଠ ଓ ଶେଷରେ ପ୍ରାଧ୍ୟାପକ ପାରେଶ୍ୱର ବିଶ୍ୱାଳ ଉପସଂହାର କରିଥିଲେ। ସାରସ୍ୱତ ସମାବେଶରେ ସଭାମୁଖ୍ୟ ଭାବେ ଡା. ଗୀତାଞ୍ଜଳି ପତ୍ରି ଓ କବିତା ପାଠୋତ୍ସବରେ ୧୦ ଜଣ କବି କବିତା ପାଠ କରିଥିଲେ। ଏହି ଅବସରରେ ଡା. କୃପାସିନ୍ଧୁ ନାୟକଙ୍କୁ ସଚ୍ଚିଦାନନ୍ଦ ସ୍ମୃତି ସାରସ୍ୱତ ସମ୍ମାନ, ମୋନାଲିସା ମିଶ୍ର ଓ ସୀମା ଚକ୍ରବର୍ତ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ବାଇକକୁ ଧକ୍କା ଦେଇ ଟ୍ରକ ଫେରାର; ସୁରକ୍ଷାକର୍ମୀ ମୃତ



**ସୁନ୍ଦରଗଡ଼, ୨୨ ।୧୧(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ଭଷ୍ମା ଥାନା ଅନ୍ତର୍ଗତ କଇଁତରା ପୋଲ ନିକଟରେ ବୁଧବାର ଅପରାହ୍ନରେ ଏକ ବାଇକକୁ ଅଜଣା ଟ୍ରକ ଧକ୍କାଦେଇ ଫେରାର ହୋଇଯାଇଛି। ଏଥିରେ ବାଇକ ଚାଳକ ସ୍ଥାନୀୟ ଦେଉଳୀ ଗ୍ରାମର ରାହୁଲ ନାଏକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ରାହୁଲ କୁଣ୍ଡୁକେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷା କର୍ମୀ ଭାବେ କାମ କରନ୍ତି। ଅପରାହ୍ନ ପ୍ରାୟ ୪ଟାରେ ସେ ନିଜ ବାଇକରେ ଝାରସୁଗୁଡ଼ାରୁ ଘରକୁ ଫେରୁଥିବା ବେଳେ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ଲୋକ ବିଭିନ୍ନ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ସନ୍ଧ୍ୟା ପ୍ରାୟ ୬ଟାଟାରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ସଂରକ୍ଷିତ ରଖିଛି। ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି କୁହାଯାଇଛି। ଏ ନେଇ ପୁଲିସ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି।

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

# ପ୍ରେମିକାକୁ ହତ୍ୟା; ଆଟାଚିରେ ଭର୍ତ୍ତିକରି ଫିଙ୍ଗିଦେଲା ପ୍ରେମିକ

## ମୁମ୍ବଇରେ କାମ କରୁଥିଲେ ଲେଫ୍ରିପଡ଼ା ଅଞ୍ଚଳର ପ୍ରେମୀଯୁଗଳ


ଅଭିଯୁକ୍ତ ମନୋଜ


ପ୍ରତିମାଙ୍କ ଫାଇଲ ଫଟୋ


ଆଟାଚିରେ ପ୍ରତିମାଙ୍କ ମୃତଦେହ

**ସୁନ୍ଦରଗଡ଼, ୨୨ ।୧୧(ସମିସ):** ସୁଦୂର ମୁମ୍ବଇକୁ ପେଟପାଟଣା ପାଇଁ ଯାଇଥିବା ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମିକ ସେଠାରେ ହତ୍ୟା କରିବା ପରେ ଆଟାଚିରେ ଭର୍ତ୍ତି କରି ଫିଙ୍ଗିଦେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଲେଫ୍ରିପଡ଼ା ବ୍ଲକ ସାହେବଡେରା ଗ୍ରାମର ଓସ୍କାର ମନୋଜ ବାର୍ଲା ଓ ବଦଲିକାନୀର ପ୍ରତିମା କେରକେଟା ବେଶୀ ପାଠ ପଢ଼ି ନ ଥିଲେ । ପେଟପାଟଣା ପାଇଁ ସେମାନେ ମୁମ୍ବଇ ଯାଇଥିବା ବେଳେ ମହାମାରୀ କରୋନା ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପ୍ରତିମା ସେଠାରେ ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିଲେ । ତେବେ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରୁ କାମ ଛାଡ଼ି ଓସ୍କାର ମନୋଜଙ୍କ ସହ ଧରାବି ଅଞ୍ଚଳକୁ ଚାଲି ଆସିଥିଲେ । ସେଠାରେ ସେମାନେ ଲିଭ୍ ଇନ ରିଲେସନସିପରେ ଭଡ଼ା ଘରେ ରହୁଥିଲେ । ପ୍ରତିମା ଏଠାରେ

**● ଅଭିଯୁକ୍ତ ଗିରଫ**

ପର ଘରେ କାମ କରୁଥିବା ବେଳେ ଓସ୍କାର ମନୋଜ ଏକ ମିଠା ଦୋକାନରେ କାମ କରୁଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଅନ୍ୟ ଯୁବକଙ୍କ ସହ ପ୍ରତିମାଙ୍କ ସମ୍ପର୍କ ରହିଥିବା ମନୋଜ ସନ୍ଦେହ କରିଆସୁଥିଲେ । ଏହାକୁ ନେଇ ଗତ ଶନିବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ସେ ଉତକ୍ଷିପ୍ତ ହୋଇ ମନୋଜ ପ୍ରତିମାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ । ପରେ ତାଙ୍କ ମୃତଦେହକୁ ସୁଟକେଶରେ ଧରି ଭଡ଼ା ଘରୁ ବାହାରି ପଡ଼ିଥିଲେ । ଅଟୋରେ କୁର୍ଲା ରେଳ ଷ୍ଟେସନ ଅଭିମୁଖେ ଯାଇଥିଲେ । ଆଗକୁ ବହୁ ଲୋକେ କାମ କରୁଥିବା ଦେଖି ମୃତଦେହ ଭର୍ତ୍ତି ସୁଟକେଶକୁ କୁର୍ଲା ସିଏସଟି ଷ୍ଟେସନ ଓ ଚେମ୍ବୁର ସାନ୍ତାକ୍ରୁଜ ରାସ୍ତା ମଝିରେ ଅଞ୍ଚଳରେ ଫିଙ୍ଗି ଫେରାର ହୋଇଯାଇଥିଲେ । କୁର୍ଲା ଥାନା ପୁଲିସ ରବିବାର ମୃତଦେହ ଜବତ କରି ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା । ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଏକାଧିକ ସ୍କ୍ୱାଡ୍ ଗଠନ କରାଯାଇଥିଲା । ସିସିଟିଭି ଫୁଟେଜ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ଥାନେ ରେଳ ଷ୍ଟେସନରୁ ତାଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ପୁଲିସ ଆଗରେ ଦୋଷ ସ୍ୱୀକାର କରିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । କୁର୍ଲା ପୁଲିସର ସୂଚନା କ୍ରମେ ପ୍ରତିମାଙ୍କ ଭାଇ ମୃତଦେହ ଆଣିବା ପାଇଁ ମୁମ୍ବଇ ଯାଇଛନ୍ତି । ଉକ୍ତ ଘଟଣା ପରେ ପ୍ରତିମାଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସେମାନେ ଦାବି କରିଛନ୍ତି ।

## ■ ବଡ଼ଗାଁ ମେଡିକାଲରେ କର୍ମଚାରୀ ଅଭାବ

# ସୁନ୍ଦରଗଡ଼ରେ ହେଲା ମୃତଦେହ ବ୍ୟବଚ୍ଛେଦ

ବଡ଼ଗାଁ, ୨୨ ।୧୧(ସମିସ): ସଫେଇ ନାଳ ନିକଟରେ ଜଣେ ଯୁବକ ଆତ୍ମହତ୍ୟା କରିଥିବାବେଳେ କର୍ମଚାରୀ ଅଭାବରୁ ବଡ଼ଗାଁ ବଦଳରେ ସୁନ୍ଦରଗଡ଼ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ସୂଚନାଯୋଗ୍ୟ, ମଙ୍ଗଳବାର ସଫେଇ ନାଳ କୂଳରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଖବର ପାଇ ବଡ଼ଗାଁ ଥାନା ପୁଲିସ ମୃତଦେହ ଜବତ କରି ବଡ଼ଗାଁ ଡାକ୍ତରଖାନାରେ ରଖିଥିଲା । ତେବେ ବଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବସନ୍ତ ଟପ୍ପୋ ଏଠାରେ ବ୍ୟବଚ୍ଛେଦ ହୋଇପାରିବ ନାହିଁ ବୋଲି ପୁଲିସକୁ ଖବର ଦେଇଥିଲେ । ପୁଲିସ ସେଠାରେ ପୁଣି ମୃତଦେହ ନେଇ ସୁନ୍ଦରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ବଡ଼ଗାଁ ଡାକ୍ତରଖାନାରେ କିଛିଦିନ ହେବ ମୃତଦେହ ବ୍ୟବଚ୍ଛେଦ କରୁଥିବା ବ୍ୟକ୍ତିଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଛି । ତେଣୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି ମେଡିକାଲରେ ଜଣେ କର୍ମଚାରୀଙ୍କୁ ନିଯୁକ୍ତ କରି ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

# ଶ୍ମଶାନ ଘାଟକୁ ରାସ୍ତା ନାହିଁ

## ● ହନ୍ତସନ୍ତ ହେଉଛନ୍ତି ଲୋକେ



**ହେମଗିରି, ୨୨ ।୧୧(ସମିସ)**

ହେମଗିରିଠାରେ ଦୁଇଟି ଶ୍ମଶାନ ଗୃହ ଥିବାବେଳେ ଯିବାଆସିବା ପାଇଁ ରାସ୍ତା ନାହିଁ କି ପ୍ରତୀକ୍ଷାଳୟ ଓ ଗାଧୁଆ ଘାଟଟିଏ ନାହିଁ । ଫଳରେ ହେମଗିରି ବାସିନ୍ଦା ତଥା ମୃତକଙ୍କ ପରିବାର ଓ ବନ୍ଧୁପରିଜନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ବିଭିନ୍ନ ପାଣ୍ଠିରୁ ଅନୁଦାନ ପାଇଁ ସରକାରଙ୍କୁ ନିବେଦନ କରାଯାଇଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଅନ୍ୟପକ୍ଷରେ ଖଣି କମ୍ପାନୀଗୁଡ଼ିକୁ ମଧ୍ୟ ଅନୁରୋଧ କଲେ ଆମେ ଜିଲ୍ଲାପାଳଙ୍କ ସିଏସଆର ପାଣ୍ଠିରେ ଲାଭାଂଶର ଦୁଇ ପ୍ରତିଶତ ଜମା କରିଦେଇଛୁ ବୋଲି ଉତ୍ତର ମିଳୁଛି । ଖଣିଖାଦାନ ପୂର୍ଣ୍ଣ ଡିଏମଏଫ୍ ବ୍ଲକଗୁଡ଼ିକର ଜନସାଧାରଣ ଜମି ହରାଇ ବେକାର ହୋଇ ବୁଲୁଥିବାବେଳେ ପ୍ରଦୂଷଣ ଯୋଗୁଁ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି । ମୃତ୍ୟୁ ପରେ ମଧ୍ୟ ଶବଦାହ ପାଇଁ ଭଲ ଶ୍ମଶାନଟିଏ ପାଇପାରୁନାହାନ୍ତି । ଖଣି ପ୍ରଭାବିତ ଅଞ୍ଚଳର ଲାଭାଂଶ ଅର୍ଥ ସେହି ଅଞ୍ଚଳରେ ଖର୍ଚ୍ଚ କରି ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାରଙ୍କୁ ଜନସାଧାରଣ ଅନୁରୋଧ କରିଛନ୍ତି ।

# କୁଣ୍ଡୁକେଲାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା



**ସୁନ୍ଦରଗଡ଼, ୨୨ ।୧୧(ସମିସ)**

କେନ୍ଦ୍ର ସରକାରଙ୍କ ଯୋଜନାର ଶତ ପ୍ରତିଶତ ପ୍ରସାର ଲକ୍ଷ୍ୟରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ତଥା ଜନଜାତୀୟ ଗୌରବ ଦିବସରୁ ବିକଶିତ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି । ପାରମ୍ପରିକ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଚେତନତା ରଥ ମାଧ୍ୟମରେ ବ୍ୟାପକ ଜନସମ୍ପର୍କ ସ୍ଥାପନ କରାଯାଉଛି । ଏହି କ୍ରମରେ ସୁନ୍ଦରଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ସଦର ବ୍ଲକ କୁଣ୍ଡୁକେଲା ଜୁବଲି ପଡ଼ିଆରେ ବୁଧବାର ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ସ୍ଥାନୀୟ ଦେଉଳି ପଞ୍ଚାୟତ ମହାଦେବ ମୁଣ୍ଡା ମନରେଗା ଯୋଜନାରେ ଲଭାର୍ଥୀ ଅଟନ୍ତି । ଏହି ଯୋଜନାରେ ଶହେଦିନ କାମକରି ସେ ନିଜ ବ୍ୟାଙ୍କ ଖାତାରେ ଟଙ୍କା ପାଇପାରୁଛନ୍ତି । ସ୍ମାର୍ଟ୍ ଫୋନ ମାଧ୍ୟମରେ ତା’ର ତଥ୍ୟ ମଧ୍ୟ ସହଜରେ ପାଉଛନ୍ତି । ସେ ହିଁ ନୂଆ ଭାରତର ଚେହେରା । ଏହାହିଁ ଆଗାମୀ ଦିନରେ ନେତୃତ୍ୱ ନେବ ବୋଲି କହିଥିଲେ । ଏହି ଅବସରରେ ସେ ସମବେତ ଜନତାଙ୍କୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ କରାଇଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନାର ଲାଭାର୍ଥୀଙ୍କୁ ଭେଟିଥିଲେ । ଚାରାରୋପଣ ସହ ପ୍ରଦର୍ଶିତ ଷ୍ଟଲ ବୁଲି ଦେଖିଥିଲେ । ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଭୋଇ, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝୀ, ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝୀ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ (ରଜସ୍ୱ) ଅଭିମନ୍ୟୁ ମାଝୀ, ସଦର ବିଡିଓ ମୋତିଲାଲ ସୁହୁଲିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୧୫ ଦିନରେ ପହଞ୍ଚିଲା ୨ ବହିଷ୍କୃତ ଶିକ୍ଷକଙ୍କ ଧାରଣା




ସୁନ୍ଦରଗଡ଼, ୨୨ ।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପୁନଃ ନିଯୁକ୍ତି ଦାବିରେ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ଖୁଣ୍ଟଗାଁ ଆଦିବାସୀ ଶିକ୍ଷା ନିକେତନର ୨ ବହିଷ୍କୃତ ଶିକ୍ଷକଙ୍କ ଧାରଣା ବୁଧବାର ୧୧୫ ଦିନରେ ପହଞ୍ଚିଛି । ଖୋଦ ଜିଲ୍ଲାପାଳଙ୍କ ଅଫିସ ଆଗରେ ଏତେଦିନ ଦିନ ଧରି ଧାରଣା ପରେ କୌଣସି ସୁଫଳ ମିଳୁ ନ ଥିବାରୁ ସମ୍ପୃକ୍ତ ବହିଷ୍କୃତ ଶିକ୍ଷକ ସରୋଜ କୁମାର ବେହେରା ଓ ପ୍ରତାପ କୁମାର ସାହୁ ଇତିମଧ୍ୟରେ ଆତ୍ମାହୁତି ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଚେତାବନୀ ଦେଇଛନ୍ତି । ଏହା ସତ୍ତ୍ୱେ ପ୍ରଶାସନ ଏପରି ଘଟଣାର ପ୍ରତିକାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହିଁ । ଏ ସ୍ଥିତିରେ ସେମାନେ ବୁଧବାର ସୁନ୍ଦରଗଡ଼ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟଭିକ୍ଷା କରିଛନ୍ତି ।

୨୦୧୬ରେ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ପକ୍ଷରୁ ଖୁଣ୍ଟଗାଁ ବିଦ୍ୟାଳୟରେ ଆଦିବାସୀ ବାଳକ ଶିକ୍ଷା ନିକେତନ ଆରମ୍ଭ ହୋଇଥିଲା । ସେହିଦିନଠାରୁ ସରୋଜ ଓ ପ୍ରତାପ ବାଳକ ଶିକ୍ଷା ନିକେତନରେ ଟିଉସନ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ ହେଁ ସ୍କୁଲ ଶିକ୍ଷକ, ହଷ୍ଟେଲ ଦାୟିତ୍ୱ, ରୋଷ୍ଟର ଦାୟିତ୍ୱ ତୁଲାଇ ଆସୁଥିଲେ । ତେବେ ଗତ ଏପ୍ରିଲ ୩୦ ତାରିଖ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ୬ ମାସର ବକେୟା ଦରମା ମଧ୍ୟ ଦିଆଯାଇନାହିଁ । ଏଣୁ ସେମାନେ ପୁନଃ ନିଯୁକ୍ତି ଆଶାରେ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲାପାଳ, ବିଧାୟକ, ସାଂସଦଙ୍କ ଯାଏ ଗୁହାରି କରି ଥକି ପଡ଼ିଥିଲେ ହେଁ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନାହାନ୍ତି । ଫଳରେ ସେମାନେ ଗତ ଅଗଷ୍ଟ ୧ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆମରଣ ଅନଶନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଆମରଣ ଅନଶନ

**➤ ଆତ୍ମାହୁତି ଚେତବନୀ ସତ୍ତ୍ୱେ ମିଳୁନି ସୁଫଳ**
**➤ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରସ୍ଥ**

ନିଷ୍ପତ୍ତିରୁ ଓହରି ଧାରଣା ଜାରି ରଖିଛନ୍ତି । ଶିକ୍ଷା ନିକେତନର ସ୍ଥାୟୀ ଶିକ୍ଷକ ହେବା ପାଇଁ ତାଙ୍କର ସମସ୍ତ ଯୋଗ୍ୟତା ରହିଥିଲେ ହେଁ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ତାଙ୍କ ନାମକୁ ସୁପାରିସ କରୁ ନ ଥିବା ସେମାନେ ଅଭିଯୋଗ କରୁଛନ୍ତି ।

## ■ ଗାଁରେ ପହଞ୍ଚିଲା ସହିଦଙ୍କ ପ୍ରାର୍ଥିବ ଶରୀର, ଦିଆଗଲା ଗାର୍ଡ ଅଫ୍ ଅନର

# ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର

**କୁତ୍ରା, ୨୨ ।୧୧(ସମିସ):** ଇଣ୍ଡୋ-ତିବତ ପୁଲିସ ବାହିନୀରେ କାର୍ଯ୍ୟ କରୁଥିବା ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଖୁରାପାଲି ଗ୍ରାମର ଦୀପକ ଟେଟେ ସହିଦ ହୋଇଥିଲେ । ତାଙ୍କ ପ୍ରାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ବୁଧବାର ପ୍ରଶାସନ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି ।

୧୦ବର୍ଷ ହେବ ଦୀପକ ଇଣ୍ଡୋ-ତିବତ ପୁଲିସରେ କାର୍ଯ୍ୟ କରୁଥିବା ବେଳେ କିଛିଦିନ ହେବ ଚାଇନା ତିବତ ସୀମାରେ କାର୍ଯ୍ୟରତ ଥିଲେ । ବର୍ତ୍ତମାନ ଛତିଶଗଡ଼ରରେ ଚାଲିଥିବା ବିଧାନସଭା ନିର୍ବାଚନ ପାଇଁ ସେ ସେଠାକୁ ଯାଇଥିଲେ । ଗତ ୧୬ ତାରିଖ କାର୍ଯ୍ୟରତ ଅବସ୍ଥାରେ ସେ ଅସୁସ୍ଥ ହୋଇପଡ଼ିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟପୁରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ୨୦ ତାରିଖ ଅପରାହ୍ନରେ ତାଙ୍କ ପରଲୋକ ହୋଇଥିଲା । ମଙ୍ଗଳବାର ରାୟପୁରଠାରେ ଆଇଟିବିପି ଓ ଛତିଶଗଡ଼ ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବା ପରେ ଖୁରାପାଲି ଅଭିମୁଖେ ପାର୍ଥିବ ଶରୀର ଅଣାଯାଇଥିଲା । ଜଣେ କମାଣ୍ଡାଣ୍ଟ, ଜଣେ ଇନ୍ସପେକ୍ଟର ଏବଂ ୧୪ଜଣ ଆଇଟିବିପି ଯବାନ ପାର୍ଥିବ ଶରୀର ସହ ମଙ୍ଗଳବାର ରାତି ୯ଟାରେ ଏଠାରେ ପହଞ୍ଚିଥିଲେ । ବୁଧବାର ପୂର୍ବାହ୍ନରେ ପ୍ରଶାସନ ଓ ଆଇଟିବିପି ପକ୍ଷରୁ ଗାର୍ଡ ଓଫ ଅନର ଦିଆଯିବା ପରେ ଶୋକାକୁଳ ପରିବେଶରେ ଦୀପକଙ୍କ ଅନ୍ତିମ ସଂସ୍କାର କରାଯାଇଛି । ସହିଦ ଦୀପକଙ୍କ ଅନ୍ତିମ ଯାତ୍ରାରେ ଅଞ୍ଚଳର ଶତାଧିକ ଜନସାଧାରଣ ଓ ବହୁ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ ।



# ପ୍ରାକୃତିକ ଚାଷକ୍ଷେତ୍ର ପରିଦର୍ଶନ କଲେ ଏଗ୍ରୋ ପଲିଟେକ୍ନିକ୍ ଛାତ୍ରଛାତ୍ରୀ




**କୁତ୍ରା, ୨୨ ।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ରଜାବସା ଗ୍ରାମରେ କିସାନ ସାଥୀ ଫାଉଣ୍ଡେସନ ପକ୍ଷରୁ ହେଉଥିବା ପ୍ରାକୃତିକ ଚାଷକ୍ଷେତ୍ର ମଙ୍ଗଳବାର ରାଉରକେଲାସ୍ଥିତ ଏଗ୍ରୋ ପଲିଟେକ୍ନିକ୍ ସେଣ୍ଟର (ଓୟୁଏଟି) ଛାତ୍ରଛାତ୍ରୀମାନେ ପରିଦର୍ଶନ କରିଛନ୍ତି । ପୂର୍ବାହ୍ନରେ ୩୬ ଜଣ ଛାତ୍ରଛାତ୍ରୀ କଲେଜ ପ୍ରିନ୍ସିପାଲ ଲିଙ୍ଗରାଜ କିସାନଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଚାଷକ୍ଷେତ୍ର ପରିଦର୍ଶନରେ ଆସିଥିଲେ । ପ୍ରାକୃତିକ ଉପାୟରେ ତଥା ବିନା ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରି ହରଡ଼, ଗୋଙ୍ଗେଇ, ସୋରିଷ, ଅମୃତଭଣ୍ଡା ଇତ୍ୟାଦି ଚାଷ କରିଥିବା ଚାଷୀ ଏମାନ ବୁଡ଼ା ଓ ମନୋହର ଡୁଙ୍ଗଡୁଙ୍ଗଙ୍କ କ୍ଷେତ୍ର ବୁଲି ଦେଖିଥିଲେ ଛାତ୍ରଛାତ୍ରୀ । ପ୍ରାକୃତିକ ଚାଷ ବୁଲି ଦେଖିବା ପରେ ସେମାନେ ଆନନ୍ଦିତ ହେବା ସହ ପ୍ରାକୃତିକ ଚାଷ ସମ୍ବନ୍ଧରେ ଅଧିକ କଥା ଜାଣିବାକୁ ଉତ୍ସୁକତା ଦେଖାଇଥିଲେ । ଛାତ୍ରଛାତ୍ରୀଙ୍କ ଉତ୍ସୁକତା ଦେଖି କିସାନ ସାଥୀ ଫାଉଣ୍ଡେସନ ସଭାପତି ଅମୂଲ୍ୟ ପ୍ରତାପ ଲାକ୍ରା ସେମାନଙ୍କୁ ପ୍ରାକୃତିକ ଚାଷ ସମ୍ବନ୍ଧରେ ବହୁତ ତଥ୍ୟ ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ



**ସୁନ୍ଦରଗଡ଼, ୨୨ ।୧୧(ସମିସ):** ସ୍ଥାନୀୟ ମାଦ୍ରି କାଲୋ ଭବନ ପରିସରରେ ବୁଧବାର ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମ୍ପଦ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟିତ ହୋଇଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଜନସାଧାରଣଙ୍କ ପାଇଁ ପ୍ରଯୁଜ୍ୟ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରତ୍ୟେକ କ୍ଷେତ୍ରରେ ପହଞ୍ଚାଇବା, ଯୋଜନା ଦ୍ୱାରା ହିତାଧିକାରୀମାନେ ଲାଭବାନ ହେବା, ସେମାନଙ୍କ ଜୀବନଧାରଣର ମାନଦଣ୍ଡରେ ଉନ୍ନତି ଆଣିବା ଆଦି ଲକ୍ଷ୍ୟ ନେଇ ଆୟୋଜିତ ଏହି ଦୁଇଦିନିଆ ମେଳାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଓ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ କୁମାର ଲାକ୍ରା, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ବସନ୍ତ କୁମାର ଧଳ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମେଳାରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରାୟ ୪୦ଟି ଷ୍ଟଲ ପ୍ରଦର୍ଶିତ ହେଉଛି । ମତ୍ସ୍ୟ ବିଭାଗ ଦ୍ୱାରା ବାୟୋଫ୍ଲୋକ ପଦ୍ଧତିରେ ମାଛଚାଷ, କେଜ କଲଚର ପ୍ରଣାଳୀ, ହାଚେରି ତଥା ସମନ୍ୱିତ ଚାଷ ପ୍ରଣାଳୀ ଆଦିର ବିଶେଷଜ୍ଞଙ୍କ ଦ୍ୱାରା ପ୍ରଦର୍ଶନ ହେଉଥିବା ବେଳେ ଆଗ୍ରହୀ ମତ୍ସ୍ୟଚାଷୀମାନେ ଏଥିରେ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ମାଛଚାଷ ନିମନ୍ତେ ପ୍ରଶିକ୍ଷଣ ମଧ୍ୟ ନେଇପାରିବେ । ଏହି ଅବସରରେ ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ କରି ଅତୁଳନୀୟ ସଫଳତା ହାସଲ କରିଥିବା ରାଜଗାଙ୍ଗପୁର ବ୍ଲକର ଶୁଭଶ୍ରୀ ସାମଲ ଏବଂ ବଡ଼ଗାଁ ବ୍ଲକ ବନ୍ଧଡିପାର ଶିବାନୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ସ୍ଥାନୀୟ ପଞ୍ଚାୟତ ପୋଖରୀ ବ୍ୟବହାର କରି ମାଛଚାଷ କରୁଛନ୍ତି । ସେହିପରି ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ବିଶ୍ରା ବ୍ଲକର ଦୁଗ୍ଧଚାଷୀ ରାଜୀବ ମହାରଣା ଏବଂ ଟାଙ୍ଗରପାଲି ବ୍ଲକର ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ କୁକୁଡ଼ା ଚାଷ ନିମନ୍ତେ ସମ୍ବର୍ଦ୍ଧିତ ହୋଇଛନ୍ତି । ସମସ୍ତଙ୍କୁ ୫ ହଜାର ଟଙ୍କା ଅର୍ଥରାଶି ସହ ଉତ୍ତରୀୟ, ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଶେଷରେ କଳାକାରଙ୍କ ଦ୍ୱାରା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଥିବା ବିଭିନ୍ନ ଯୋଜନା ଉପରେ ଜନସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ତଥା ମତ୍ସ୍ୟ ଓ ପ୍ରାଣୀପାଳନ ସହ ଜଡ଼ିତ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ ।

## ବଦଳୁଛି ଜିଲ୍ଲାର ୨୨୩ ଏସଏସଡି ହଷ୍ଟେଲର ରୂପରେଖ

# ଉପକୃତ ହେବେ ୨୩ ହଜାର ୬୩ ଛାତ୍ରଛାତ୍ରୀ

**ସୁନ୍ଦରଗଡ଼, ୨୨ ।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ଅଧୀନ ଆବାସିକ ବିଦ୍ୟାଳୟରେ ଥିବା ହଷ୍ଟେଲଗୁଡ଼ିକର ରୂପରେଖ ବଦଳିବା ଆରମ୍ଭ ହୋଇଛି । ଜିଲ୍ଲାରେ ୫୧୫ ହଷ୍ଟେଲ ଥିବା ବେଳେ ୨୨୩ ହଷ୍ଟେଲରେ ଏହି ପ୍ରକ୍ରିୟା ଚାଲିଛି । ଏଥିରେ ବର୍ତ୍ତମାନ ୨୩୦୬୩ ଛାତ୍ରଛାତ୍ରୀ ରହୁଛନ୍ତି । ଏହି ସବୁ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ସୁଖ ସୁବିଧା ପାଇଁ ପର୍ଯ୍ୟାୟକ୍ରମେ ଅନେକ କାର୍ଯ୍ୟ ହାତକୁ ନିଆଯାଇଛି । ୧୯.୪୧ କୋଟି ଟଙ୍କା ବ୍ୟୟରେ ୧୭ଟି ନୂଆ ହଷ୍ଟେଲ ସ୍ଥାପନ କରାଯାଉଛି । ସେହିପରି ଏହି ସବୁ ହଷ୍ଟେଲ ମଧ୍ୟରୁ ୮୨ ହଷ୍ଟେଲରେ ଗାଧୁଆଘର, ଶୌଚାଳୟ, ରୋଷେଇଘର ଏବଂ ଡାଇନିଂ ହଲ ଆଦି ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ୬୯.୧୭ କୋଟି ବ୍ୟୟ କରାଯାଉଛି । ଏହାଦ୍ୱାରା ପିଲାମାନଙ୍କୁ ଉତ୍ତମ ସେବା ମିଳିପାରିବ । ଏହି ସବୁ ହଷ୍ଟେଲଗୁଡ଼ିକୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଜାରି ରଖିବା ପାଇଁ ଡିଜେଲ ଜେନେରେଟର ବ୍ୟବସ୍ଥା କରାଯାଉଛି ।



୧୩୭ଟି ଡିଜି ସ୍ଥାପନ କରିବା ପାଇଁ ୭.୦୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଫଳରେ ପିଲାମାନେ ରାତିରେ ବିନା ବାଧାରେ ବିଜୁଳି ବିଭ୍ରାଟ ସମୟରେ ମଧ୍ୟ ପାଠ ପଢ଼ି ପାରୁଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଏହି ସବୁ ହଷ୍ଟେଲଗୁଡ଼ିକୁ ଖଟ ଏବଂ ଅନ୍ୟ ଆସବାବପତ୍ର ସହ ବିଭିନ୍ନ ଉପକରଣ ମଧ୍ୟ ଯୋଗାଇ ଦିଆଯାଉଛି । ପିଲାମାନଙ୍କ ପାଠପଢ଼ା ଏବଂ ବିଶ୍ରାମରେ ଯେପରି ବ୍ୟାଘାତ ସୃଷ୍ଟି ନ ହେବ ସେଥିପାଇଁ ୧୧.୫୫ କୋଟିର ଟଙ୍କା ବ୍ୟୟ କରାଯାଇଛି । ଏହି ବ୍ୟବସ୍ଥାକୁ କ୍ରିୟାଶୀଳ କରିବା ଏବଂ ପିଲାମାନଙ୍କୁ ଅଧିକରୁ ଅଧିକ ସୁବିଧା ସୁଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନେକ କାର୍ଯ୍ୟକ୍ରମ ହାତକୁ ନେବା ଯୋଜନା ରହିଛି । ୨୦୦ ପ୍ରାଥମିକ ସ୍କୁଲ ହଷ୍ଟେଲରେ ନୂଆ ହଷ୍ଟେଲ ଗୃହ ନିର୍ମାଣ, ପୁରୁଣା ହଷ୍ଟେଲ ଭାଙ୍ଗିବା ଏବଂ କାର୍ଯ୍ୟକ୍ଷମ ଥିବା ହଷ୍ଟେଲଗୁଡ଼ିକର ମରାମତି ପାଇଁ ୨୧୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ୫୨୫ ହଷ୍ଟେଲର ମରାମତି, ଶୌଚଳାୟ, ରୋଷେଇ ଘର ଡାଇନିଂ ହଲ ମରାମତି, ଆଇଟି ଲ୍ୟାବ୍ ପ୍ରତିଷ୍ଠା ଏବଂ ଲାଇବ୍ରେରୀ ଇତ୍ୟାଦି ସ୍ଥାପନା ପାଇଁ ୨୮୭.୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏପରି ବ୍ୟବସ୍ଥା କରି ଜିଲ୍ଲା ପ୍ରଶାସନ ପିଲାମାନଙ୍କ ରହିବା, ବିଶ୍ରାମ ନେବା ଏବଂ ପାଠପଢ଼ିବା ବ୍ୟବସ୍ଥାକୁ ବେଶ୍ ସାବଲୀଳ କରିପାରିଛି । ଏହିସବୁ ବ୍ୟବସ୍ଥା ଦ୍ୱାରା ପିଲାମାନେ ମଧ୍ୟ ବେଶ୍ ଉପକୃତ ହେଉଛନ୍ତି ।

# ୨୬ରେ ଆଣ୍ଡାମାନ ସାଗରରେ ଲଘୁଚାପ

**ଭୁବନେଶ୍ୱର, ୨୨।୧୧(ସମିସ):** ଚଳିତ ମାସ ଶେଷ ଆଡ଼କୁ ଏକ ଲଘୁଚାପ ସୃଷ୍ଟି ହେବ। ଏହା କେବେ ଘନୀଭୂତ ହେବ ଓ ଏହା କେଉଁ ଦିଗକୁ ଗତି କରିବ ତାହା ଏଯାଏ ସ୍ପଷ୍ଟ ହୋଇ ନ ଥିଲେ ମଧ ଲଘୁଚାପ ଅବପାତରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ସ୍ପଷ୍ଟ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଦକ୍ଷିଣ ଆଣ୍ଡାମାନ ସାଗର ସଂଲଗ୍ନ ଅଞ୍ଚଳରେ ଆସନ୍ତା ୨୫ ତାରିଖରେ ସୃଷ୍ଟି ହେବାକୁଥିବା ଘୂର୍ଣ୍ଣି ବଳୟ ପ୍ରଭାବରେ ୨୬ ତାରିଖରେ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଅଧିକ ଘନୀଭୂତ ହୋଇ ୨୭ ତାରିଖ ସୁଦ୍ଧା ଅବପାତରେ ପରିଣତ ହେବ।

ସମ୍ପ୍ରତି ରାଜ୍ୟରେ କୋହଲା ପାଗ ଜାରି ରହିଛି। ଅଧିକାଂଶ ସ୍ଥାନରେ ହାଲୁକା ପବନ ସହ ସ୍ୱଳ୍ପ ବର୍ଷା ଦେଖିବାକୁ ମିଳିଛି। ପୁରୀ ସମେତ ଜଗତସିଂହପୁର ଏବଂ ଗଞ୍ଜାମରେ ବି ହାଲୁକା ବର୍ଷା ହୋଇଛି। ରାଜ୍ୟକୁ ପ୍ରବେଶ କରୁଥିବା ପୂର୍ବାଳି ତରଙ୍ଗାୟିତ ପବନ ପ୍ରଭାବରେ ଏଭଳି ପାଗ ସୃଷ୍ଟି ହୋଇଥିବା ପାଣିପାଗ ବିଜ୍ଞାନୀମାନେ ମତ ଦେଇଛନ୍ତି। ଆସନ୍ତା ୨-୪ ଦିନ ପର୍ଯ୍ୟନ୍ତ ଏଭଳି ପାଗ ଜାରି ରହିବ ଏବଂ ଗୁରୁବାର ଦକ୍ଷିଣ ଓଡ଼ିଶାରେ ହାଲୁକା ବର୍ଷା ହୋଇପାରେ ବୋଲି ମଧ କୁହାଯାଉଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଆଦି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବର୍ଷା ପ୍ରଭାବରେ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ଅଧିକ ରହୁଥିବାରୁ ତାପମାତ୍ରା ଉପରମୁହାଁ ହୋଇଛି।

## ଅଭିଭାବକଙ୍କୁ ଆକର୍ଷିତ କରୁଛି '୫-ଟି' ସ୍କୁଲ ରୂପାନ୍ତରଣ

# ସରକାରୀ ସ୍କୁଲ ପ୍ରତି ବଢୁଛି ଆଗ୍ରହ

**ଭୁବନେଶ୍ୱର, ୨୨।୧୧(ସମିସ):** ସରକାରୀ ସ୍କୁଲ ପ୍ରତି ବଢୁଛି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଆକର୍ଷଣ। ଗତ ଦୁଇ ବର୍ଷରେ ଘରୋଇ ବିଦ୍ୟାଳୟ ତୁଳନାରେ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ୨୦୨୨-୨୩ ଶିକ୍ଷା ବର୍ଷରେ ରାଜ୍ୟରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୬, ୧୧, ୬୭୧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତନ୍ମଧ୍ୟରୁ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୧, ୮୩, ୬୬୧ ଥିବାବେଳେ ସରକାରୀ ଅନୁଦାନପ୍ରାପ୍ତ, ଘରୋଇ ଶିକ୍ଷାନୁଷ୍ଠାନ, କେନ୍ଦ୍ରୀୟ ଓ ଆନ୍ୟାନ୍ୟ ବିଦ୍ୟାଳୟରେ ଯଥାକ୍ରମେ ୯୩୩୯୦୭ ଜଣ, ୧୪, ୦୪, ୨୨୩ ଜଣ ଓ ୮୮୫୪୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ୨୦୨୧-୨୨ ଶିକ୍ଷାବର୍ଷରେ ସରକାରୀ ବିଦ୍ୟାଳୟରେ ସରକାରୀ ବିଦ୍ୟାଳୟରେ ୫୧୬୪୨୮୬ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନରେ ୧୪୦୫୫୫୯ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ। ଅର୍ଥାତ ଏହି ଦୁଇବର୍ଷରେ ସରକାରୀ ବିଦ୍ୟାଳୟରେ ଅଧିକ ନାମଲେଖା ହୋଇଛି। ସରକାରୀ ବିଦ୍ୟାଳୟରେ ୨୦୨୧-୨୨ ଶିକ୍ଷାବର୍ଷ ତୁଳନାରେ ୨୦୨୨-୨୩ରେ ୧୯୩୭୫ ଅଧିକ ଛାତ୍ରଛାତ୍ରୀ ନାମଲେଖାଇଛନ୍ତି। ସେହିପରି ଘରୋଇ ବିଦ୍ୟାଳୟରେ ୧୦୨୫୬ ଛାତ୍ରଛାତ୍ରୀ କମ୍ ନାମ ଲେଖାଇଛନ୍ତି। ଏପରିକି କେନ୍ଦ୍ରୀୟ ଅନ୍ୟାନ୍ୟ ବିଦ୍ୟାଳୟଗୁଡ଼ିକରେ ମଧ ନାମଲେଖା କମିଛି। ଗଞ୍ଜାମ, ଅନୁଗୁଳ, ବାଲେଶ୍ୱର ପରି ଜିଲ୍ଲାରେ ଘରୋଇ ସ୍କୁଲ ସଂଖ୍ୟା ଅଧିକ ଥିଲେ ମଧ ସରକାରୀ ସ୍କୁଲରେ ନାମଲେଖା ବଢ଼ିଛି।

ବିଧାନସଭାରେ ଶିକ୍ଷା ବିଭାଗ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁସାରେ ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍କୁଲ ଗୁଡ଼ିକୁ ୫-ଟି ଉପକ୍ରମରେ ରୂପାନ୍ତର କରୁଥିବାରୁ ସଫଳତା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଶିକ୍ଷାର ମାନବୃଦ୍ଧି ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଉଚ୍ଚ ବିଦ୍ୟାଳୟଗୁଡ଼ିକର ଭିତିଭୂମି ଓ ଶୈକ୍ଷିକ ବାତାବରଣକୁ ସର୍ବୋତ୍କୃଷ୍ଟ କରିବା ପାଇଁ ରୂପାନ୍ତରଣ କରାଯାଉଛି। ସମୁଦାୟ ୮୦୯୯ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୩ଟି ପର୍ଯ୍ୟାୟରେ ୬୮୮୦ଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ପର୍ଯ୍ୟାୟକ୍ରମେ କରାଯାଉଛି। ବିଦ୍ୟାଳୟର ମୌଳିକ ଆବଶ୍ୟକତା ସ୍ୱରୂପ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ଉନ୍ନତମାନର ବିଜ୍ଞାନାଗାର, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ଖେଳ ପଡ଼ିଆର ଉନ୍ନତିକରଣ ଓ ଶୈକ୍ଷିକ ସମୃଦ୍ଧି ଭଳି ବ୍ୟବସ୍ଥାର ଉନ୍ନତିକରଣ କରାଯାଉଛି। ଉଚ୍ଚ ବିଦ୍ୟାଳୟରେ ୪ଟି ଛାତ୍ରକ୍ଲବ ଯଥା ଜିଜ୍ଞାସା, କୌଶଳୀ, ସାହିତ୍ୟ ସୃଜନୀ ଓ କ୍ରୀଡାଙ୍ଗନ ଗଠନ କରି ମେଧା ଶକ୍ତି ବିକଶିତ କରାଯାଉଛି।




ସରକାରୀ ବିଦ୍ୟାଳୟରେ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଦ୍ୱାରା ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଉଭୟ ଓଡିଆ ଭାଷା ଓ ଗଣିତର ସ୍ୱତନ୍ତ୍ର କାର୍ଯ୍ୟପୁସ୍ତିକା ଓ ଅତିରିକ୍ତ ପଠନ ସାମଗ୍ରୀ ବଣ୍ଟନ କରାଯାଇଛି। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଶିକ୍ଷକମାନଙ୍କୁ ନିଷ୍ଠା ପ୍ରଶିକ୍ଷଣ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଓ ରାଉରକେଲାର ୨୦ଟି ବିଦ୍ୟାଳୟରେ ଚଳିତ ବର୍ଷ ଅଲିମ୍ପିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା (ଓଭିଇପି) ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ମାଗଣା ପାଠ୍ୟପୁସ୍ତକ, ପୋଷାକ, ମୋଜା ଓ ଜୋତା ପ୍ରଦାନ କରାଯାଉଛି। ଏଥି ସହିତ ସୃଜନାତ୍ମକ ଜ୍ଞାନର ବିକାଶ ଓ ଅଭିବୃଦ୍ଧି ପାଇଁ ତିନି ଦିନିଆ ଶିଶୁ ମହୋତ୍ସବ ରାଜ୍ୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଦ୍ୟାଳୟ ଏବଂ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ 'ମୋ ଡାଏରୀ' ପ୍ରଦାନ କରାଯାଉଛି। ପୂର୍ବରୁ ଘରୋଇ ସ୍କୁଲରେ ମିଳୁଥିବା ସୁବିଧା ଏବେ ଘରୋଇ ସ୍କୁଲରେ ମାଗଣାରେ ସରକାର ଯୋଗାଇଦେଉଛନ୍ତି। ଆର୍ଥିକ ସମସ୍ୟାରୁ ମୁକୁଳି ଗୁଣାତ୍ମକ ଶିକ୍ଷା ପାଇପାରୁଥିବାରୁ ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି ପାଉଥିବା ଶିକ୍ଷାବିତ ମତ ଦେଇଛନ୍ତି।

**ଘରୋଇ ତୁଳନାରେ ସରକାରୀ ସ୍କୁଲରେ ଅଧିକ ନାମଲେଖା**

**୩ ପର୍ଯ୍ୟାୟରେ ୬୮୮୦ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ଶେଷ**

## ବିଧାନସଭାରେ ଉତ୍ତର ରଖିଲେ କୃଷିମନ୍ତ୍ରୀ

# ଆବଶ୍ୟକତାଠାରୁ ଓଡ଼ିଶାରେ ପିଆଜ ଉତ୍ପାଦନ ଅଧିକ

**ଭୁବନେଶ୍ୱର, ୨୨।୧୧(ସମିସ):** ରାଜ୍ୟରେ ପିଆଜର ଅଭାବ ଏବଂ ଦରବୃଦ୍ଧି ସମସ୍ୟା ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମା ପାଲଟିଛି। ତେବେ ରାଜ୍ୟରେ ପିଆଜର ଆବଶ୍ୟକତା ଏବଂ ଉତ୍ପାଦନକୁ ନେଇ ଆଜି ବିଧାନସଭାରେ ରୋଚକ ତଥ୍ୟ ରଖିଛନ୍ତି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ମନ୍ତ୍ରୀଙ୍କ ସୂଚନା ଅନୁସାରେ ରାଜ୍ୟରେ ବାର୍ଷିକ ୩.୫୫ ଲକ୍ଷ ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି; ମାତ୍ର ୨୦୨୨-୨୩ ମସିହାରେ ଓଡ଼ିଶାରେ ୩.୬୮ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦିତ ହୋଇଛି। ଜାତୀୟ ନମୁନା ସର୍ବେକ୍ଷଣର ୬୮ତମ ରାଉଣ୍ଡ ଏବଂ ୨୦୨୧ ମସିହାର ପ୍ରୋଜେକ୍ଟେଡ ପପୁଲେସନ ଆଧାରରେ ଓଡ଼ିଶା ପିଆଜ ଉତ୍ପାଦନରେ ବଳକା ରାଜ୍ୟ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ସ୍ୱାଇଁ। ରାଜ୍ୟରେ ପିଆଜ ଅଧିକ ଉତ୍ପାଦନ ହେଉଥିଲେ ହେଁ ବିଭିନ୍ନ ସମୟରେ ପିଆଜ ଅଭାବ ଏବଂ ଦରବୃଦ୍ଧିର କାରଣ ମଧ ମନ୍ତ୍ରୀ ଗୃହରେ ଉପସ୍ଥାପନ କରିଛନ୍ତି। ରବି ଋତୁରେ ପିଆଜ ଅଧିକ ଉତ୍ପାଦନ ହେବା ସହ ବାହାର ରାଜ୍ୟକୁ ରପ୍ତାନୀ ହେଉଥିବାରୁ ସାରା ବର୍ଷର ଚାହିଦା ମେଣ୍ଟାଇବା ସବୁ ସମୟରେ ସମ୍ଭବ ହେଉ ନାହିଁ ବୋଲି ମନ୍ତ୍ରୀ ନିଜର ଉତ୍ତରରେ କହିଛନ୍ତି।

**ଆବଶ୍ୟକ ୩.୫୫ ଲକ୍ଷ ଟନ୍, ଉତ୍ପାଦନ ୩.୬୮ ଲକ୍ଷ**

**ଉତ୍ପାଦନ ଓ ସଂରକ୍ଷଣ ନିମନ୍ତେ ନିଆଯାଉଛି ପଦକ୍ଷେପ**

ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସୂଚନା ଅନୁସାରେ ଓଡ଼ିଶାରେ ମୋଟ ୭୩୨୧ଟି ପିଆଜ ସାଇତା ଗୃହର ସଂରକ୍ଷଣ କ୍ଷମତା ୧.୮୩ ଲକ୍ଷ ଟନ୍। ବର୍ତ୍ତମାନ ସୁଦ୍ଧା ୧.୮୫ ଲକ୍ଷ ମେଟ୍ରିକ ଟନ୍ ପିଆଜ ସଂରକ୍ଷଣ ପାଇଁ ସାଇତା ଗୃହର ଅଭାବ ରହିଛି। ଆଗାମୀ ଦିନରେ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ପ୍ରାୟ ୧୦୦ଟି ପିଆଜ ସାଇତା ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେଉଛନ୍ତି। ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ପକ୍ଷରୁ ଆଗାମୀ ଦିନରେ କଳାହାଣ୍ଡି, ବରଗଡ଼, ନୂଆପଡ଼ା, ଅନୁଗୋଳ ଓ ବୌଦ୍ଧ ଜିଲ୍ଲାରେ ପିଆଜ ସଂରକ୍ଷଣ ଗୃହ ସ୍ଥାପନ କରାଯିବ। ଏହାଦ୍ୱାରା ପ୍ରାୟ ୬ ହଜାର ମେଟ୍ରିକ ଟନ୍ ପିଆଜ ସଂରକ୍ଷଣ କରାଯାଇପାରିବ। କେବଳ ସଂରକ୍ଷଣ ନୁହେଁ, କିପରି ଅଧିକରୁ ଅଧିକ ପିଆଜ ଉତ୍ପାଦନ ହୋଇପାରିବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମସଲା ମିଶନ ଜରିଆରେ ରାଜ୍ୟ ସରକାର ପିଆଜ ଚାଷ ନିମନ୍ତେ କୃଷକଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଥିବା ମନ୍ତ୍ରୀ କହିଛନ୍ତି।

# ୨୪ରୁ ତିନିଦିନିଆ ସୋଆ ସାହିତ୍ୟ ଉତ୍ସବ




**ଭୁବନେଶ୍ୱର,୨୨।୧୧(ସମିସ):** ଆସନ୍ତା ୨୪ତାରିଖ (ଶୁକ୍ରବାର)ଠାରୁ ୩ଦିନିଆ 'ସୋଆ ସାହିତ୍ୟ ଉତ୍ସବ' କଳିଙ୍ଗନଗରସ୍ଥିତ ସୋଆ କ୍ୟାମ୍ପସ୍-୨ ପରିସରରେ ଅନୁଷ୍ଠିତ ହେବ। ଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ସାହିତ୍ୟ, ସଂସ୍କୃତି, କଳା, ମଞ୍ଚ ଓ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ୨୫୦ରୁ ଉର୍ଦ୍ଧ୍ୱ ଉଜ୍ଜ୍ୱଳ ତାରକା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ହୋଟେଲ ସ୍ୱସ୍ତି ଗ୍ରାଣ୍ଡରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋଆ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଉତ୍ସବ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରର ବିଶିଷ୍ଟ ଚିନ୍ତକମାନଙ୍କ ପାଇଁ ମତ ଆଦାନପ୍ରଦାନର ଏକ ପ୍ରମୁଖ ପୀଠ ହୋଇପାରିବ ବୋଲି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଛନ୍ତି।

୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୋଟ ୬୦ଟି ଅଧିବେଶନ ଅନୁଷ୍ଠିତ ହେବ। ଚଳିତଥର ସୋଆ କଳା, ସାହିତ୍ୟ ଉତ୍ସବର ଶୀର୍ଷକ ରହିଛି 'ଭାରତୀୟ ସଂସ୍କୃତି, ସମାଜ ଓ ସାହିତ୍ୟ: ସମ୍ଭାବନା ଓ ଆହ୍ୱାନ'। ଏହାକୁ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ ଏଥିରେ ସମାଜତତ୍ତ୍ୱବିତ୍ ପ୍ରଫେସର୍ ଆଶିଷ ନନ୍ଦୀ, ବିଶିଷ୍ଟ ଅଭିନେତ୍ରୀ ଦିବ୍ୟା ଦତ୍ତ, ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ ମାଧବ କୌଶିକ ଓ ସଚିବ କେ. ଶ୍ରୀନିବାସରାଓ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ନଭେମ୍ବର ୨୬ ତାରିଖରେ ଉଦ୍‌ଯାପନୀ ଉତ୍ସବରେ ପ୍ରସିଦ୍ଧ ପଞ୍ଜାବୀ ସାହିତ୍ୟିକ ସୁରଜିତ ପତର ଏବଂ ସାହିତ୍ୟ ଏକାଡେମୀର ଉପସଭାପତି କୁମୁଦ ଶର୍ମା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ କଳା ଓ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡ଼ିଶାର ୧୧ ପ୍ରତିଭାଧାରୀଙ୍କୁ 'ସୋଆ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଉତ୍ସବର ପ୍ରଥମ ଦିନରେ ପ୍ରଥିତଯଶା କବି ଜୟନ୍ତ ମହାପାତ୍ରଙ୍କ ସ୍ମୃତିରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେବ।

- **୩ ଦିନରେ ୬୦ ଅଧିବେଶନ**
- **ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରର ବିଶିଷ୍ଟ ଚିନ୍ତକମାନଙ୍କ ମତ ଆଦାନପ୍ରଦାନର ଏକ ପ୍ରମୁଖ ପୀଠ ହେବ**

# ୩୪ ଲକ୍ଷର ବ୍ରାଉନସୁଗର ଜବତ; ଜଣେ ଗିରଫ

**ଜଲେଶ୍ୱର/ରାଇବଣିଆ, ୨୨।୧୧ (ସମିସ):** ଜଲେଶ୍ୱର ପୁଲିସକୁ ପୁଣି ଏକ ବଡ଼ ସଫଳତା ମିଳିଛି। ଜଲେଶ୍ୱର ମ୍ୟୁନିସିପାଲିଟି ଅଧୀନସ୍ଥ ଶାସନବାଡ଼ ଗ୍ରାମରୁ ପୁଲିସ ୩୩୮ ଗ୍ରାମ୍‌ର ବ୍ରାଉନସୁଗର ସହ ଜଣେ ନିଶା ବେପାରୀକୁ ଗିରଫ କରିଛି। ସଂପୃକ୍ତ ବେପାରୀଠାରୁ ନଗଦ ୧୧ ହଜାର ୭୦୦ ଟଙ୍କା, ୩ଟି ମୋବାଇଲ, ୫ଟି ବ୍ୟାଙ୍କ ଜମାଖାତା, ୪ଟି ଏଟିଏମ୍ ତଥା ଅନ୍ୟ ଜରୁରୀ ରେକର୍ଡପତ୍ର ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୩୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଆଜି ଜଲେଶ୍ୱର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ଗିରଫ ବେପାରୀ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ୬ଟି ମାମଲା ରହିଥିବା ଜଣାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜଲେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ ମଧ ଉପସ୍ଥିତ ଥିଲେ।

# ଷଣ୍ଢ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

## ଶିକ୍ଷୟିତ୍ରୀଙ୍କୁ ବି ଘାଇଲା କଲା

**ଭଦ୍ରକ, ୨୨।୧୧(ସମିସ):** ଫୁଲ ତୋଳୁଥିବା ବେଳେ ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଭଦ୍ରକ ସହର ଚାରମ୍ପା ନିକଟ ପଥରଆଡ଼ି ଅଞ୍ଚଳରେ ଆଜି ସକାଳ ୬ଟା ବେଳେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ, ବାସୁଦେବ ପଣ୍ଡାଙ୍କ ପତ୍ନୀ ବୃଦ୍ଧା ଶାନ୍ତିଲତା ପଣ୍ଡା(୭୩)। ଶାନ୍ତିଲତା ସବୁଦିନ ଭଳି ଆଜି ସକାଳେ ଫୁଲ ତୋଳୁଥିବା ବେଳେ ଗୋଟିଏ ଷଣ୍ଢ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ବୃଦ୍ଧାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଏହି ଘଟଣାରେ ଗ୍ରାମାଞ୍ଚଳ ପୁଲିସ ଏକ ଅପମୃତ୍ୟୁ ମାମଲା ନଂ-୮୬/୨୩ ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ଉକ୍ତ ଷଣ୍ଢଟି ସାଇପ୍ରସନ୍ନା ଦାସ(୪୯) ନାମକ ଜଣେ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଶ୍ରୀମତୀ ଦାସଙ୍କୁ ତୁରନ୍ତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟ୍ରମାକେୟାରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଜଙ୍ଘ ଓ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଛି।

**ବୃଦ୍ଧାଙ୍କ ଖଣ୍ଡ ବିଖଣ୍ଡିତ ଶରୀର ବ୍ୟବଚ୍ଛେଦ ପାଇଁ ଆସିଲା**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଗୃହ ଅଚଳକଲେ...

ଡାକିଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ନ ଥିଲା। ତେଣୁ ବାଚସ୍ପତି ଗୃହକୁ ୪ଟା ପର୍ଯ୍ୟନ୍ତ ମୁତଲବୀ କରିଥିଲେ। ଅପରାହ୍ନରେ ମଧ ଗୃହରେ ସମାନ ଅବସ୍ଥା ଲାଗି ରହିଥିଲା। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ସରକାରଙ୍କ ପକ୍ଷରୁ ଓଡ଼ିଶା ଭୂ-ସଂସ୍କାର( ଦ୍ୱିତୀୟ ସଂଶୋଧନ) ବିଧେୟକ ୨୦୨୩ ଆଗତ ହୋଇଥିଲା। ଗୃହ ମାତ୍ର ୩ ମିନିଟ ଚାଲିବା ପରେ ବାଚସ୍ପତି ଆସନ୍ତାକାଲି ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏ ପ୍ରସଙ୍ଗରେ ବିଜେଡିର ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ ଯେଉଁ ଯେଉଁ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ବିଧାନସଭା ଚାଲିଛି, ତାହା ଆଲୋଚନା ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରତିବାଦ ଆଳରେ ଯଦି ବିରୋଧୀ ଗୃହକୁ ଏପରି ଚଳାଇ ନ ଦେବେ ତାହେଲେ ରାଜ୍ୟବାସୀ ସେମାନଙ୍କ ସମସ୍ୟାର ସମାଧାନ ନେଇ ବିଧାନସଭାରୁ ଯେଉଁ ଆଶା ରଖିଥିଲେ ସେଥିରୁ ବଞ୍ଚିତ ହେବେ। ବିଧାୟକମାନେ ନିଜ ଅଞ୍ଚଳର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୃହରେ ଉତ୍ଥାପନ କରିବାକୁ ଚାହୁଁଥିବା ବେଳେ ବିରୋଧୀ ଏହା କରାଇନଦେବା ଆଦୌ ଉଚିତ୍ ନୁହେଁ ବୋଲି ସେ କହିଛନ୍ତି।

### ଆଦିବାସୀଙ୍କ ବିକାଶକୁ...

ରାଜନୀତି କରି ଗୃହ ଅଚଳ କରୁଛନ୍ତି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି। ଗୃହ ବାହାରେ ଏନେଇ ପ୍ରତିକ୍ରିୟା ରଖି ଉଭୟ ବିରୋଧୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ଶ୍ରୀ ମାର୍ଣ୍ଡି। ଆଦିବାସୀଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି; ମାତ୍ର ବିଭିନ୍ନ ସମୟରେ କଂଗ୍ରେସ ଓ ବିଜେପି ନେତୃତ୍ୱାଧୀନ ମେଣ୍ଟ ରାଜ୍ୟର ଆଦିବାସୀଙ୍କୁ ଉପେକ୍ଷା କରି ଆସିଛି। କେନ୍ଦୁପତ୍ର ଉପରୁ ଜିଏସ୍‌ଟିକୁ ସମ୍ପୂର୍ଣ୍ଣ ଛାଡ଼ କରିବା, ବିଭିନ୍ନ ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା, ବିଭିନ୍ନ ଜନଜାତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ କରିବା ପରି ସ୍ପର୍ଶକାତର ପ୍ରସଙ୍ଗରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଛନ୍ତି ବୋଲି ଶ୍ରୀ ମାର୍ଣ୍ଡି କହିଛନ୍ତି।

ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ ଆଦିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ବିକାଶ ଲାଗି ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରି ଆସୁଛନ୍ତି। ସେଥିପାଇଁ ୨୩ ଜିଲ୍ଲାରେ ଏସ୍‌ଡିସି(ସ୍ୱତନ୍ତ୍ର ଉନ୍ନୟନ ପରିଷଦ) ଗଠନ ହୋଇଛି। ସାରା ଭାରତବର୍ଷରେ ଓଡ଼ିଶାରେ ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଛି। ପ୍ରାୟ ୫ ଲକ୍ଷ ଆଦିବାସୀ ପିଲାଙ୍କ ଶିକ୍ଷା ଲାଗି ହଷ୍ଟେଲର ବ୍ୟବସ୍ଥା ହୋଇଛି। ସମସ୍ତ ଛାତ୍ରଛାତ୍ରୀଙ୍କୁ ସମସ୍ତ ସୁବିଧା ମାଗଣାରେ ଯୋଗାଇ ଦିଆଯାଉଛି। ସେହିପରି ଅନ୍ୱେଷା ଯୋଜନାରେ ସିବିଏସ୍‌ଇ ଢାଞ୍ଚାରେ ଆମ ପିଲାମାନେ ପାଠ ପଢ଼ିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଏଥିରେ ୨୦ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ଆଦିବାସୀଙ୍କ ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଅନ୍ୟପକ୍ଷରେ ବିଜେପିର ୮ ଜଣ ସାଂସଦ ଗତ ୯ ବର୍ଷ ହେଲା ସଂସଦରେ ଆଦିବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗ ଉଠାଉନାହାନ୍ତି। ସେହିପରି କଂଗ୍ରେସର ୬୦ ବର୍ଷ ଶାସନ ଭିତରେ ଓଡ଼ିସାର ଆଦିବାସୀ ଭାଇଭଉଣୀଙ୍କ ଉନ୍ନତି ପାଇଁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନେଇନଥିବା ମନ୍ତ୍ରୀ ଅଭିଯୋଗ କରିଥିଲେ। ସେ ଆହୁରି ମଧ କହିଥିଲେ ଯେ ରାଜ୍ୟରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱରୁ କେନ୍ଦୁପତ୍ର ତୋଳାଳି ଅଛନ୍ତି। ସେମାନେ ଅଧିକାଂଶ ଆଦିବାସୀ ମହିଳା ଥିବାବେଳେ ସେମାନଙ୍କ ସଂଖ୍ୟା ପ୍ରାୟ ୯୦ ପ୍ରତିଶତ। ମାତ୍ର କେନ୍ଦ୍ର ସରକାର କେନ୍ଦୁପତ୍ରରୁ ଜିଏସଟି ୧୮ ପ୍ରତିଶତ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ଏହାକୁ ସମ୍ପୂର୍ଣ୍ଣ ଛାଡ଼ କରିବା ଲାଗି ବାରମ୍ବାର ଦାବି କରି ଆସୁଥିଲେ ହେଁ କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ହୋ, ମୁଣ୍ଡାରୀ, ଭୂମିଜ, କୁଇ, ସଉରା ପରି ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ପାଇଁ କ୍ୟାବିନେଟରେ ନିଷ୍ପତ୍ତି ନେଇ ସାରିଛନ୍ତି। ରାଜ୍ୟ ସରକାର ଏନେଇ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ ହେଁ ହୋକୁ ନେଇ ମଧ କେନ୍ଦ୍ର ନିରବ ରହିଛି। ସେହିପରି ୧୬୯ ଜନଜାତି ସମ୍ପ୍ରଦାୟକୁ ଆଦିବାସୀ ବର୍ଗରେ ସାମିଲ ପାଇଁ ମଧ ରାଜ୍ୟର ଦାବି ମଧ କେନ୍ଦ୍ର ସରକାରଙ୍କ ନିକଟରେ ଦୀର୍ଘଦିନ ଧରି ପଡ଼ି ରହିଛି। ବିଜେପି ଓ କଂଗ୍ରେସ କେବଳ ଶସ୍ତା ରାଜନୀତି କରୁଛନ୍ତି। ଗୃହ ବନ୍ଦ କରିବା ପାଇଁ ବିରୋଧୀଙ୍କ ଏପରି ଶସ୍ତା ରାଜନୀତି ଗ୍ରହଣୀୟ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି।

### ଲାଇଟ୍‌ରେ ଚାଲିବ...

ଜ୍ଞାନରଞ୍ଜନଙ୍କ ଘର ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ କବିତ୍ରାଶାସନ ଗ୍ରାମରେ। ବାପା କୃଷ୍ଣପ୍ରସାଦ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଓ ମାଆ ଗୃହିଣୀ। ଜ୍ଞାନରଞ୍ଜନ ଏବେ ପାଣିକୋଇଲି ଜବାହର ନବୋଦୟ ବିଦ୍ୟାଳୟରେ ପାଠ ପଢୁଛନ୍ତି। ତାଙ୍କର ଏହି ଉଦ୍ଭାବନକୁ ନିକଟରେ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ମିଳିଛି।

ଗୋଆରେ ଚଳିତ ମାସ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନୋଭେସନ ଏଣ୍ଡ ଇନଭେନସନ ଏକ୍ସପୋ (ଆଇନେକ୍ସ)ରେ ଜ୍ଞାନରଞ୍ଜନ ଭାରତର ପ୍ରତିନିଧିତ୍ୱ କରି ୫ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଆଇନେକ୍ସରେ ବିଶ୍ୱ ସ୍ତରରେ ବିଭିନ୍ନ ଦେଶର ଛାତ୍ରସମୂହଙ୍କ ଦ୍ୱାରା ଭିନ୍ନ ଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ପ୍ରତିଯୋଗିତା ଓ ଗବେଷଣା ପାଇଁ ଭାରତର ପ୍ରତିନିଧିତ୍ୱ କରି ଜ୍ଞାନରଞ୍ଜନଙ୍କୁ ଏକାକୀ ମିଳିଛି ୫ଟି ସ୍ୱର୍ଣ୍ଣପଦକ।

ଜ୍ଞାନରଞ୍ଜନଙ୍କ ଏଭଳି ସଫଳତାକୁ ନେଇ ସବୁ ଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେ ପିଲାଟି ବେଳୁ କିଛି ନୂଆ କରିବାର ଉଦ୍ୟମ ଜାରି ରଖିଥିଲେ। ଆଗକୁ ମଧ ଅନେକ ପ୍ରକଳ୍ପରେ କାମ କରୁଛନ୍ତି। ଏହି ଲାଇ-ଫାଇ ଟେକ୍ନୋଲୋଜିକୁ ଅଧିକ ବିକଶିତ କରି ସେ ସୌରଶକ୍ତିରୁ ଇଣ୍ଟରନେଟ ବ୍ୟବହାର ନେଇ ଗବେଷଣା କରୁଥିବା କହିଛନ୍ତି। ଜ୍ଞାନରଞ୍ଜନଙ୍କ ଏଭଳି ପ୍ରତିଭା ଦେଖି ନବୋଦୟ ବିଦ୍ୟାଳୟ ଓ ପରିବାର ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି। ଯେଉଁଥିପାଇଁ ସେ ସ୍କୁଲ ସ୍ତରରୁ ଇନ୍ସପାୟାର ମାନକ ଆୱାର୍ଡ ପାଇବା ସହିତ ନ୍ୟାସନାଲ ସାଇନ୍ସ କଂଗ୍ରେସ ପାଇଁ ମନୋନୀତ ହୋଇଥିଲେ। ୨୦୨୨ରେ କ୍ଲଷ୍ଟର ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ, ଭୋପାଳରେ ଆଞ୍ଚଳିକ ସ୍ତରରେ ଆୟୋଜିତ ପ୍ରଦର୍ଶନୀ ମେଳାରେ ପ୍ରଥମ ସ୍ଥାନ, ୨୦୨୨ରେ ରାଷ୍ଟ୍ରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଥିଲେ। ଚଳିତ ବର୍ଷ ମଧ୍ୟପ୍ରଦେଶର ଜ୍ଞାନ ଗଙ୍ଗା ବିଶ୍ୱବିଦ୍ୟାଳୟରେ ଆୟୋଜିତ ନ୍ୟାସନାଲ ଟେକ୍ନୋଲୋଜି ଉତ୍ସବରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସରକାରଙ୍କ ପକ୍ଷରୁ ସାହାଯ୍ୟ ଓ ସହଯୋଗ କରାଗଲେ ସେ ଅଧିକ ଗବେଷଣା କରିପାରିବେ ବୋଲି କହିଛନ୍ତି।

### ସୁଜାତା ରାଉତ...

ମିଶନଶକ୍ତିର ମା'ମାନଙ୍କ ସଶକ୍ତିକରଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ଅପରପକ୍ଷେ ରାଜ୍ୟ ସରକାର ବର୍ତ୍ତମାନ ରାଜ୍ୟବ୍ୟାପୀ କଳା ସଂସ୍କୃତିର ଅଧିକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହିକ୍ରମରେ ଜିଲ୍ଲା କଳା ସଂସ୍କୃତି ସଂଘ, ବ୍ଲକ କଳା ସଂସ୍କୃତି ସଂଘକୁ ପ୍ରାଥମିକତା ଦିଆଯାଉଛି। ସେହିପରି କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପାଣ୍ଠିର ମଧ ବ୍ୟବସ୍ଥା କରିଛନ୍ତି। ସତ୍ୟବାଦୀରେ ଓଡ଼ିଶା ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବାକୁ ଯାଉଥିବା ବେଳେ ପ୍ରବାସୀ ଓଡ଼ିଆଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ନିର୍ଦ୍ଦେଶାଳୟର ମଧ ଗଠନ କରାଯାଇଛି। ଏହି ଦୃଷ୍ଟିକୋଣରୁ ଶ୍ରୀମତୀ ରାଉତଙ୍କୁ ଏହି ବିଭାଗର ଦାୟିତ୍ୱ ପ୍ରଦାନ ବିଭାଗର କାର୍ଯ୍ୟଶୈଳୀକୁ ଆହୁରି ତ୍ୱରାନ୍ୱିତ କରିବା ସହ କଳା ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ବେଶ୍ ସହାୟକ ହୋଇପାରିବ ବୋଲି ଆଶା ପ୍ରକାଶ ପାଇଛି।

### ମେଜରଙ୍କ ସହ...

ଗୁଳି ବିନିମୟ ବନ୍ଦ ହୋଇ ନାହିଁ। ଏହି ଅଞ୍ଚଳରେ ଅଧିକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଆତଙ୍କବାଦୀଙ୍କ ଗତିବିଧି ଉପରେ ନଜର ରଖିବାକୁ ସେନା ପକ୍ଷରୁ ହେଲିକପ୍ଟର ଏବଂ ଡ୍ରୋନ ମୁତୟନ କରାଯାଇଛି।

## ମାର୍ଗଦର୍ଶିକା ଜାରିକଲା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

# ପ୍ଲାଷ୍ଟିକମୁକ୍ତ ହେବ ପିକ୍‌ନିକ୍ ସ୍ଥଳ



**ଭୁବନେଶ୍ୱର, ୨୨।୧୧(ସମିସ):** ଶୀତ ଋତୁ ସହ ରାଜ୍ୟରେ ଆରମ୍ଭ ହୋଇଛି ବଣଭୋଜି ବା ପିକ୍‌ନିକ ସମୟ। ବଣଭୋଜିସ୍ଥଳଗୁଡ଼ିକୁ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତ ରଖିବାକୁ ଆରମ୍ଭ ହୋଇଛି କାର୍ଯ୍ୟକ୍ରମ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ରାଜ୍ୟର ୧୦୦ଟି ପିକନିକ୍ ସ୍ଥଳରେ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ 'ୟୁଥ୍ ଫର ୱାଟର' ନାମକ ସ୍ୱେଚ୍ଛାସେବୀ ସଂଗଠନ ମିଳିତ ଭାବରେ ଏଥିପାଇଁ କାର୍ଯ୍ୟ କରୁଛନ୍ତି। ବଣଭୋଜିସ୍ଥଳଗୁଡ଼ିକୁ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ସାମଗ୍ରୀ ଆବର୍ଜନାମୁକ୍ତ କରିବା ଉଦ୍ଦେଶ୍ୟରେ 'ପ୍ଲାଷ୍ଟିକ୍ ଫ୍ରି ପିକ୍‌ନିକ୍ ଚ୍ୟାଲେଞ୍ଜ' ଅଭିଯାନ ଆରମ୍ଭ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛି।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଂଗଠନ, ଇକୋ କ୍ଲବ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ଏବଂ ଗ୍ରାମ ପଞ୍ଚାୟତଗୁଡ଼ିକୁ ଏହି ଅଭିଯାନରେ ସାମିଲ କରିବାକୁ ଯୋଜନା ହୋଇଛି। ଏହି ଅଭିଯାନ ପାଇଁ ଓଡ଼ିଶାର ୨୮ଟି ଜିଲ୍ଲାରେ ୧୦୦ଟି ପିକ୍‌ନିକ୍ ସ୍ପଟ୍ ଚିହ୍ନଟ କରାଯାଇଛି। ଚିହ୍ନଟ ହୋଇଥିବା ପିକନିକ୍ ସ୍ଥଳଗୁଡ଼ିକରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଉପରେ କଡ଼ାକଡ଼ି କଟକଣା ଲଗାଯାଇଛି। ସମସ୍ତ ନାଗରିକଙ୍କୁ ଏହି କଟକଣାର ଅନୁପାଳନ କରିବା ପାଇଁ ଅନୁରୋଧ ବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି। ୨୦୧୯ ଅକ୍ଟୋବର ୨ ତାରିଖରେ ରାଜ୍ୟର ସମସ୍ତ ସହରାଞ୍ଚଳରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଉତ୍ପାଦନ, ବିକ୍ରୟ, ଆମଦାନୀ, ସଂରକ୍ଷଣ, ପରିବହନ ଓ ବିତରଣ ଉପରେ ରାଜ୍ୟ ସରକାର କଟକଣା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ରାଜ୍ୟର ସମସ୍ତ ସ୍ଥାନରେ ବିସ୍ତାର କରାଯାଇଥିଲା। ତଥାପି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ବ୍ୟବହାର ଜାରି ରହିଛି। ତେଣୁ ପର୍ଯ୍ୟଟକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି।

କୌଣସି ରାଷ୍ଟ୍ରର ଭାଷାର ସ୍ଥିତିରୁ ତାହାର ଉତ୍କର୍ଷର ପ୍ରମାଣ ମିଳେ
-ସାମୁଏଲ୍ ଜନ୍‌ସନ୍



ସକାଳ
THE SAKALA

## ସ୍କୁଲ ପିଲାଙ୍କୁ ରାମାୟଣ, ମହାଭାରତ ଶିକ୍ଷା

ସ୍କୁଲ ସ୍ତରରେ ପିଲାଙ୍କ ପାଠ୍ୟକ୍ରମରେ ରାମାୟଣ ଓ ମହାଭାରତକୁ ଅନ୍ତର୍ଭୁକ୍ତ କରିବାକୁ ଜାତୀୟ ଶିକ୍ଷା ଗବେଷଣା ପରିଷଦ (ଏନ୍‌ସିଇଆରଟି)ର ଏକ ଉଚ୍ଚସ୍ତରୀୟ କମିଟି ସୁପାରିସ କରିଛି। ଏହି ବିଶ୍ୱପ୍ରସିଦ୍ଧ ଦୁଇ ମହାକାବ୍ୟକୁ ଭାରତର ଶାସ୍ତ୍ରୀୟ କାଳ(କ୍ଲାସିକାଲ୍ ପିରିୟଡ୍) ଇତିହାସ ପାଠରେ ସଂଯୋଗ କରିବାକୁ ଏହି ସୁପାରିସ କରାଯାଇଛି। ଆହୁରି ମଧ୍ୟ ଶ୍ରେଣୀଗୃହ କାନ୍ଥରେ ସବୁ ପ୍ରାଦେଶିକ ଭାଷାରେ ଭାରତୀୟ ସମ୍ବିଧାନର ପ୍ରାକ୍ କଥନ (ପ୍ରିଆମ୍ବଲ) ଲେଖିବାକୁ ମଧ୍ୟ ସୁପାରିସ କରାଯାଇଛି। ଏ ସବୁ ସୁପାରିସ ସାମାଜିକ ବିଜ୍ଞାନର ଅନ୍ତିମ ସ୍ଥିତିପତ୍ର ଭାବେ ଦର୍ଶାଯାଇଛି। ଏହାକୁ ଚୂଡ଼ାନ୍ତ ରୂପେ ଗ୍ରହଣ କରାଯିବ କି ନାହିଁ ତାହାର ନିଷ୍ପତ୍ତି ଏନ୍‌ସିଇଆରଟି ଆଗକୁ ନେବ। ଏଠାରେ ସୂଚନାଯୋଗ୍ୟ ଯେ ନୂଆ ଶିକ୍ଷାନୀତି ଅନୁସାରେ ସ୍କୁଲ ସ୍ତରରେ ପିଲାଙ୍କୁ ଦେଶର ସଂସ୍କୃତି, ଐତିହ୍ୟ ଓ ଦେଶାତ୍ମବୋଧ ସମ୍ପର୍କରେ ପାଠ୍ୟକ୍ରମ ରଖାଯାଇ ସେମାନଙ୍କୁ ଶିକ୍ଷାଦେବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ତରୁଣ ବିଦ୍ୟାର୍ଥୀଙ୍କ ମଧ୍ୟରେ ଦେଶପ୍ରେମ, ନିଜ ଐତିହ୍ୟ ଓ ସଂସ୍କୃତି ପ୍ରତି ଆଦର ତଥା ଆକର୍ଷଣ ବଢ଼ିବ ବୋଲି ଜାତୀୟ ଶିକ୍ଷା ନୀତିରେ ଯୁକ୍ତି ଉପସ୍ଥାପନ କରାଯାଇଛି।

ସେଥିପାଇଁ ଦେଶର ସ୍କୁଲ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ଆବଶ୍ୟକ ସଂଶୋଧନ ଆଣିବା ନିମନ୍ତେ ଗତବର୍ଷ ଏନ୍‌ସିଇଆରଟି ଏକ ସାତଜଣିଆ କମିଟି ଗଠନ କରିଥିଲା। ଏହି କମିଟି ମଧ୍ୟ ଭାରତର ଶିକ୍ଷା ବ୍ୟବସ୍ଥାରେ ବେଦ ଓ ଆୟୁର୍ବେଦକୁ ସମ୍ପୃକ୍ତ କରିବାକୁ ଏବଂ ସ୍କୁଲ ପାଠ୍ୟକ୍ରମରେ ସାମିଲ୍ କରିବାକୁ ପୂର୍ବରୁ ସୁପାରିସ କରିଥିଲା। ଏବେ କମିଟି ଯେଉଁ ସୁପାରିସ କରିଛି ସେଥିରେ ସ୍କୁଲ ସ୍ତରର ଇତିହାସ ପାଠ୍ୟକ୍ରମକୁ ଚାରିଭାଗରେ ବିଭକ୍ତ କରାଯିବାର ପ୍ରସ୍ତାବ ରହିଛି। ସେଗୁଡ଼ିକ ହେଲା ଶାସ୍ତ୍ରୀୟ ଯୁଗ, ମଧ୍ୟଯୁଗ, ବ୍ରିଟିଶ୍ ଶାସନକାଳ ଓ ଆଧୁନିକ ଭାରତ। ଏ ଯାଏଁ ଭାରତ ଇତିହାସ ତିନିଭାଗ ଯଥା ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗରେ ବିଭକ୍ତ ହୋଇ ପାଠ୍ୟକ୍ରମ ପ୍ରଚଳନ ହୋଇ ଆସୁଅଛି। ଆହୁରି ମଧ୍ୟ ଭାରତରେ ଶାସନ କରିଥିବା ସବୁ ରାଜବଂଶ ବା ଶାସକ ବର୍ଗଙ୍କ ବିଷୟରେ ଉଲ୍ଲେଖ କରିବାକୁ ସୁପାରିସ କରାଯାଇଛି। ଏହାଫଳରେ ଅଳ୍ପକେତେକ ଶାସକ ବଂଶର ଆଧିପତ୍ୟ ପାଠ୍ୟକ୍ରମରୁ ହ୍ରାସ ପାଇବ।

ଏବେ ଏହି ସୁପାରିସ ବିଷୟ ପ୍ରକାଶ ପାଇବା ପରେ ସ୍ୱାଭାବିକ ଭାବେ ଏହା ବିରୋଧରେ କେତେକ ମହଲରେ ସ୍ୱର ଉଠିଛି। ପ୍ରଥମରୁ ଏନ୍‌ଡିଏ ସରକାରଙ୍କ ବିରୋଧୀ ରାଜନୈତିକ ଦଳଙ୍କ ଅଭିଯୋଗ ହେଇ ଆସିଛିଯେ କେନ୍ଦ୍ର ସରକାର ଶିକ୍ଷାର ଗୈରିକୀକରଣ କରି ଏଥିରେ ହିନ୍ଦୁତ୍ୱକୁ ପ୍ରବେଶ କରାଉଛନ୍ତି ଓ ଭାରତର ଧର୍ମ ନିରପେକ୍ଷତାକୁ ନଷ୍ଟ କରୁଛନ୍ତି। ବିଜେପି ସରକାରଙ୍କ ଏ କ୍ଷେତ୍ରରେ ଯେ ଏକ ଆଜେଣ୍ଡା ବା ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ରହିଛି ସେ ନେଇ ବାମପନ୍ଥୀ ଓ ଧର୍ମନିରପେକ୍ଷବାଦୀମାନେ ଅଭିଯୋଗ କରି ଆସୁଛନ୍ତି। ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଶିକ୍ଷାର ତଥାକଥିତ ହିନ୍ଦୁତ୍ୱକରଣକୁ ବିରୋଧ କରି ସ୍ୱର ଉଠିବା କିଛି ଅସ୍ୱାଭାବିକ ନୁହେଁ। କମିଟିର ଅଧ୍ୟକ୍ଷ ସି ଆର ଆଇଜାକ୍ ଜଣେ ଅବସରପ୍ରାପ୍ତ ଇତିହାସ ପ୍ରାଧ୍ୟାପକ ଓ ସେ ନିଜେ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ। ତାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଯେତେବେଳେ ରାମାୟଣ ଓ ମହାଭାରତକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ୍ କରିବାକୁ ସୁପାରିସ କରିଛି, ତାହାକୁ ରାଜନୈତିକ ଦୃଷ୍ଟିକୋଣରୁ ନ ଦେଖି ଛାତ୍ରଛାତ୍ରୀ ଓ ଦେଶର ଭବିଷ୍ୟତ ସ୍ୱାର୍ଥ ଦୃଷ୍ଟିରୁ ଦେଖିବା ଉଚିତ।

ଆମ ଏବେ ଏନ୍‌ସିଇଆରଟିର ଯେଉଁ ସ୍କୁଲସ୍ତରୀୟ ଇତିହାସ ବହି ପଢ଼ୁଛୁ ସେଥିରେ ବୈଦିକଯୁଗ ପ୍ରାଚୀନ ଇତିହାସ ବର୍ଗରେ ରହିଛି। ତେଣୁ ଏଥିରେ ଯଦି ରାମାୟଣ ଓ ମହାଭରତର ମଧ୍ୟ କିଛି ପାଠ ରହିବ, ତାହା କ'ଣ ଏକ ବଡ଼ ଅପରାଧ ହେଇଯିବ? ଅସଲ କଥା ହେଲା ଏ ବିଷୟରେ ପାଠ୍ୟକ୍ରମରେ କେତେ ତଥ୍ୟ ରହିବ ଓ ତାହାର ବିଷୟବସ୍ତୁ ବା ସାରାଂଶ କ'ଣ ହେବ, ଏ କଥା କେବଳ ସମ୍ପୃକ୍ତ ଇତିହାସ ପାଠ୍ୟକ୍ରମ ପ୍ରସ୍ତୁତକାରୀ ବିଶେଷଜ୍ଞ ଚୂଡ଼ାନ୍ତ କରିପାରିବେ। ସେହିପରି ଆମ ସମ୍ବିଧାନ ବିଷୟରେ ପିଲାମାନଙ୍କୁ ମାତୃଭାଷାରେ ତଥ୍ୟ ଓ ସୂଚନା ଦେବାରେ କୌଣସି ଅସୁବିଧା ନାହିଁ। ତେବେ କମିଟିର ସୁପାରିସ ଅନ୍ତିମ ନୁହେଁ। ଊଣେଇଶ ସଦସ୍ୟ ବିଶିଷ୍ଟ ଜାତୀୟ ପାଠ୍ୟକ୍ରମ ଓ ଶିକ୍ଷାଦାନ ବିଷୟ ସମ୍ବଳିତ ପୁସ୍ତକ ପ୍ରସ୍ତୁତକାରୀ କମିଟି ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ତେଣୁ ଏହି ସୁପାରିସ ଘେନି ବ୍ୟସ୍ତ ବିବ୍ରତ ହେବାର କୌଣସି କାରଣ ନାହିଁ।

ଆମର ମତ ହେଲା ସେପରି ଶିକ୍ଷା, ଯାହା ବିଦ୍ୟାର୍ଥୀ ବିଦ୍ୟାର୍ଥୀମାନଙ୍କୁ ବ୍ୟକ୍ତିଗତ ସ୍ତରରେ ଜ୍ଞାନୀ, ବିଚାରବନ୍ତ ଓ ସଶକ୍ତ କରିଥାଏ, ତାହାକୁ ଅଗ୍ରାଧିକାର ଦିଆଯିବା ଦରକାର। ଆମେ ବିଜ୍ଞାନଭିତ୍ତିକ ଦୃଷ୍ଟିକୋଣ ଓ ବୈଷୟିକ ଆଭିମୁଖ୍ୟକୁ ଅଗ୍ରାଧିକାର ଦେଇ ଏକବିଂଶ ଶତାବ୍ଦୀର ଆବଶ୍ୟକତା ପୂରଣ କରିବାକୁ ଆମ ପିଲାଙ୍କୁ ପ୍ରଥମେ ଉପଯୁକ୍ତ ଭାବେ ଗଢ଼ିତୋଳିବା ଆବଶ୍ୟକ। ତା' ସହିତ, ଏଥିରେ କିଛି ସଂସ୍କୃତି, ଐତିହ୍ୟ, ଇତିହାସ, ଧର୍ମଧାରଣା, ସଂସ୍କାର ଓ ଦେଶପ୍ରେମ ତଥ୍ୟ ରହିଲେ ଅସୁବିଧା କ'ଣ? ତେବେ, ଏହା କରିବା ବେଳେ ଆମେ ଧର୍ମ ନିରପେକ୍ଷତା ମୂଳନୀତି ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ।

ଆଉ ଗୋଟିଏ କଥା, ଭାରତ ଭଳି ଏକ ହିନ୍ଦୁ ସଂଖ୍ୟାଗରିଷ୍ଠ ରାଷ୍ଟ୍ରରେ, ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ମଧ୍ୟ ଭାରତର ମହାନ୍ ଶାସ୍ତ୍ର ଓ ଗ୍ରନ୍ଥ ମାନଙ୍କ ବିଷୟରେ ସ୍କୁଲ ପିଲାଙ୍କୁ ଆଦୌ ପଢ଼ା ନ'ଯିବାଟା ଗୋଟିଏ ଅସ୍ୱାଭାବିକ ଘଟଣା। କାରଣ ଅନ୍ୟ ସବୁଧର୍ମର ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଧର୍ମର ନୀତି ବିଷୟରେ ଶିକ୍ଷା ଦିଆଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ଧର୍ମ ନିରପେକ୍ଷତାର ଦ୍ୱାହି ଦେଇ ଦେଶ ଓ ଜାତିର ଐତିହ୍ୟ ବିଷୟରେ ବହୁ ଉପାଦେୟ ତଥ୍ୟକୁ ଶିକ୍ଷାଦାନରେ ସଂଯୋଗ କରାଯାଇ ନାହିଁ।

# ଓଡ଼ିଆ ଭାଷା ଓ ଆମ ଅସ୍ମିତା



**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**
ଜଗତସିଂହପୁର, ମୋ: ୯୮୫୩୩୫୫୧୦୭

ମହାଉତ୍କଳୀୟ ଚେତନା-ଗଂଗୋତ୍ରୀର ଉତ୍ସ ଥିଲା ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ସମୟର ଆମ ପ୍ରିୟ ଓଡ଼ିଶା ଭୂଇଁର ଦୁଇଟି ଗାଁ। ତତ୍କାଳୀନ ଅବିଭକ୍ତ କଟକ ଜିଲ୍ଲାର ସତ୍ୟଭାମାପୁର ଓ ପୁରୀ ଜିଲ୍ଲାର ଭାର୍ଗବୀ ନଦୀକୂଳର ସୁଆଣ୍ଡୋ। ପ୍ରଥମ ଗାଁଟିରେ ଭୂମିଷ୍ଠ ହୋଇଥିଲେ ଆଧୁନିକ ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଓ ଦ୍ୱିତୀୟଟିରେ ଉତ୍କଳପ୍ରାଣ ଉତ୍କଳମଣି ମରମୀ ଗୋପବନ୍ଧୁ। ଦୁହେଁ ଦେଖିଥିଲେ ଗୋଟିଏ ସ୍ୱପ୍ନ- ଖଣ୍ଡବିଖଣ୍ଡିତ, ଚିର ପ୍ରପୀଡ଼ିତ, ଅବହେଳିତ ଓଡ଼ିଶାର ଏକତ୍ରୀକରଣ ଓ ଜାତୀୟ ତଥା ବୈଶ୍ୱିକ ମଞ୍ଚରେ ସଶକ୍ତ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା।

ନିଷ୍କ୍ରିୟ, ଆତ୍ମବିଶ୍ୱାସହୀନ ଓଡ଼ିଆମାନଙ୍କୁ ଜାଗ୍ରତ, ସଚେତନ କରିବାକୁ ଜଣେ ଆପ୍ରାଣ ଉଦ୍ୟମ କରି ଚାଲିଥିଲେ ଶେଷନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ। ଭାବମନ୍ଦ୍ରିତ ସ୍ୱରରେ ଓଡ଼ିଆମାନଙ୍କୁ ଉଦ୍‌ବୋଧିତ କରି ଗାଇଥିଲେ-

**'ଉଠରେ ଉଠରେ ଉତ୍କଳ ସନ୍ତାନ...'।**

ଉତ୍କଳର ମହାର୍ଘ ଅତୀତର ଗୌରବୋଜ୍ୱଳ କୀର୍ତ୍ତି ସମ୍ପର୍କରେ ସ୍ମରଣ କରାଇ ଉତ୍କଳ ସନ୍ତାନଙ୍କ ମନପ୍ରାଣରେ ଉନ୍ମାଦନା ଭରି ଦେଇଥିଲେ ସେ। ଉତ୍କଳ ସମ୍ମିଳନୀ ଗଠନ କରି ଆହ୍ୱାନ ଦେଇଥିଲେ-

**'ଏଇ ସମ୍ମିଳନୀ ଜାତିପ୍ରାଣସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ/ ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ।'**

ଅନ୍ୟ ଯୋଗଜନ୍ମା ଓଡ଼ିଶାର ବରପୁତ୍ର ସୁଆଣ୍ଡୋରୁ ସିଂହଭୂମି, ଷଢ଼େଇକଳା ପର୍ଯ୍ୟନ୍ତ ବୁଲି ବୁଲି ବାଣ୍ଟି ଚାଲିଥିଲେ ଶାନ୍ତି, ପ୍ରୀତି, ମୈତ୍ରୀ ଓ ଐକ୍ୟର ବାର୍ତ୍ତା। କେତେବେଳେ ଦରଦୀ ମାନବିକତାର ମନ୍ତ୍ର ଗାନ କରୁଥିଲେ ତ ଆଉ କେତେବେଳେ ମହାଭାରତୀୟ ସାଗର ତୀରରେ ନୀଳାଚଳ ଧାମର ସନ୍ତାନଗଣ ସମନ୍ୱୟୀ ସନାତନୀ ଆଦର୍ଶର ଜୈତ୍ରବାନା ଧରି ସଦର୍ପେ ଉଭା ହୋଇ ଯାଆନ୍ତୁ ବୋଲି ଆବେଗକମ୍ପିତ କଣ୍ଠରେ କହୁଥିଲେ। ପ୍ରତିଟି ଓଡ଼ିଆଙ୍କ ଚେତନାରେ ଜନ୍ମମାଟି ପ୍ରତି ନିର୍ମଳ ପ୍ରେମ ଭକ୍ତିର ଜାହ୍ନବୀ ବୁହାଇ ଦେବା ପାଇଁ ଲଳିତ ଛନ୍ଦରେ ଗାଇଥିଲେ -

**'ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ / ପ୍ରତି ସ୍ଥଳେ ମୋର ପ୍ରିୟ ପୁରୀ ଧାମ / ଜଗତ ସରସେ ଉତ୍କଳ କମଳ / ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ / ଉତ୍କଳର ପ୍ରତି ବୃକ୍ଷ କଳ୍ପବଟ /ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ।'**

ଓଡ଼ିଶା ଭୂଇଁ, ଓଡ଼ିଶାର ଭାଷା, ଓଡ଼ିଶାର ମଣିଷ ତଥା ସାହିତ୍ୟ ସଂସ୍କୃତିର କଥା କହୁଥିବା, ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ସଶକ୍ତୀକରଣର ସ୍ୱପ୍ନ ଦେଖୁଥିବା ଏଇ ଦୁଇ ପ୍ରଶସ୍ତମନା ଯୁଗସ୍ରଷ୍ଟାଙ୍କୁ ସଂକୀର୍ଣ୍ଣ ଆଞ୍ଚଳିକତାବାଦର ଅନ୍ଧାରି ଭାବାବେଗ ତିଳେ ହେଲେ ସ୍ପର୍ଶ କରି ନଥିଲା କେବେ। ସେମାନଙ୍କ ପବିତ୍ର ସଂକଳ୍ପର ଫଳଶ୍ରୁତି ରୂପେ ଆମେ ଯେଉଁ ଓଡ଼ିଶା ଭୂଖଣ୍ଡଟି ପାଇଥିଲେ ସେଇଟି ହିଁ ଥିଲା ସେହି ପ୍ରାଚୀନ ଭୂଖଣ୍ଡ, ଯାହା ଦିନେ ଜଣା ଥିଲା କଳିଙ୍ଗ, ଉତ୍କଳ, ଓଡ୍ର ବା କୋଶଳ ରୂପେ।





ଆମେ ନିଜ ନିଜକୁ ଏଇ ଦୁଇ ସତମଣିଷଙ୍କ ଦାୟାଦ ବୋଲି କେତେ କେତେ ମଞ୍ଚରେ ଘୋଷଣା କରି ଚାଲିଛେ। ମଧୁ-ଗୋପବନ୍ଧୁଙ୍କ ଆଦର୍ଶ ହିଁ ସେମାନଙ୍କ ଆଦର୍ଶ ବୋଲି ଆଜିର ଓଡ଼ିଶା ଜନନେତା ଓ ବୁଦ୍ଧିଜୀବୀ କେତେ କେତେ ମଞ୍ଚରେ ଭାବ ଗଦ୍ ଗଦ୍ ହୋଇ କହୁଥିବାର ଆମେ ଶୁଣିବାକୁ ପାଉଛେ। କିନ୍ତୁ ବାସ୍ତବତାଟି ହେଉଛି ସମ୍ପୂର୍ଣ୍ଣ ବିପରୀତ। ମଣିଷ-ମଣିଷ ମଧ୍ୟରେ, ଜାତି-ଜାତି ମଧ୍ୟରେ, ଅଞ୍ଚଳ-ଅଞ୍ଚଳ ମଧ୍ୟରେ ନାନା ପ୍ରକାର ବିଭେଦ ସୃଷ୍ଟିକାରୀ ବିଷ ମଞ୍ଜି ବୁଣା ଚାଲିଛି ଏକ ଭୟାନକ ଉନ୍ମାଦନାରେ।

ମଧୁବାବୁ ଓ ଗୋପବନ୍ଧୁଙ୍କ ଦୃଷ୍ଟିରେ ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଥିଲା ଏକ ଓ ଅଖଣ୍ଡ। ସବୁଠି ସେମାନେ ପାଇଥିଲେ ଉତ୍କଳୀୟ ଜୀବନଧାରାର ଅପ୍ରତିହତ ପ୍ରବାହ। ସେମାନଙ୍କ ସମଧର୍ମା, ସମକର୍ମା ରାଜନୈତିକ, ସାହିତ୍ୟିକ, ସାଂସ୍କୃତିକ ବନ୍ଧୁ ଥିଲେ ଦକ୍ଷିଣ ଓଡ଼ିଶାର କୃଷ୍ଣଚନ୍ଦ୍ର ଗଜପତିଙ୍କଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପର୍ଯ୍ୟନ୍ତ ଅନେକ ବରପୁତ୍ର। ମେହେର କବି ଯେତେବେଳେ ମାତୃଭାଷାର ମହନୀୟତାକୁ ରେଖାଙ୍କିତ କରି ଲେଖିଥିଲେ -

**'ଉଚ୍ଚ ହେବା ପାଇଁ କର ଯେବେ ଆଶା...'**
**ବା 'ମାତୃଭୂମି ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ...'** - ସେ ସେହି ଓଡ଼ିଆ ଭାଷାଟିକୁ ସୂଚାଇ ଥିଲେ, ଯାହା ଥିଲା ଆଦିକବି ସାରଳାଙ୍କ ଭାଷା, ଯାହା ଥିଲା ଜଗନ୍ନାଥ ଦାସଙ୍କ ଭାଗବତର ଭାଷା। ଏଇ ମାନକ ଓଡ଼ିଆ ଭାଷାଟି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଲୋକ ତୁଣ୍ଡରେ ଭିନ୍ନ ଭିନ୍ନ କଥନ ଶୈଳୀ ସୌନ୍ଦର୍ଯ୍ୟଯୁକ୍ତ ହୋଇଥିଲେ ବି ଫକୀରମୋହନଙ୍କ ଠାରୁ ଗଙ୍ଗାଧରଙ୍କ ପର୍ଯ୍ୟନ୍ତ କେହି କେବେ ଏହାକୁ ଆଞ୍ଚଳିକତାର ଭିତ୍ତିରେ ତଉଲିବାକୁ ଚାହିଁ ନ ଥିଲେ। ଯେଉଁ ଭାଷାଭିତ୍ତିରେ ଆଧୁନିକ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା, ସେଇ ଭାଷାଟି ହେଉଛି ମଧୁ ବର୍ଣ୍ଣବୋଧର ଭାଷା, ଯା'ର ପଛରେ ରହିଛି ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ କ୍ରମବିକାଶର ଇତିହାସ, ଯା'ର ପ୍ରାଚୀନ ରୂପ ଆମେ ପାଇଥାଉ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାପଦରେ, ଖାରବେଳଙ୍କ ହାତୀ ଗୁମ୍ଫାର ଶିଳା ଲିପିରେ; ମାଦଳା ପାଞ୍ଜି, ରୁଦ୍ର ସୁଧାନିଧି, ଶ୍ରୀସୀସୁବେଦ ପରି କୃତିମାନଙ୍କରେ।

ଯେଉଁ ସ୍ୱାଭାବିକ ଲିଖନ ବା ଉଚ୍ଚାରଣଗତ ତାରତମ୍ୟ ଯୋଗୁଁ ଓଡ଼ିଶାର କେତୋଟି ଅଞ୍ଚଳରେ ମାନକ ଓଡ଼ିଆ ଭାଷାଟି ସାମାନ୍ୟ ଭିନ୍ନ ବୋଲି ମନେ ହୋଇଥାଏ, ସେଇ ଭିନ୍ନତା ଅଲଗା ଅଲଗା ଭାଷା ସୃଷ୍ଟି କରିଛି ବୋଲି ଦାବି କରିବା କେତେ ବେଦନାଦାୟକ ନୁହେଁ ସତେ! ଏବେ ପୁଣି ଥରେ ଭାଷା ଭିତ୍ତିରେ ଓଡ଼ିଶାକୁ ଭାଗ ଭାଗ କରିବା ପାଇଁ ଯେଉଁ ହୀନ ପ୍ରୟାସ ସୃଷ୍ଟି ହୋଇଛି, ତାହା ଦେଖି କେହି କେବେ ବିଶ୍ୱାସ କରି ପାରିବେ ନାହିଁ ଯେ ଏଇ ମାଟିରେ ଦିନେ ଜଣେ ମଧୁସୂଦନ, ଜଣେ ଗୋପବନ୍ଧୁ ଜନ୍ମ ହୋଇଥିଲେ; ଯିଏ ଅତୀତର ଓଡ଼ିଶା ଆଗଙ୍ଗା-ଗୋଦାବରୀ ବ୍ୟାପ୍ତ ଥିଲା ବୋଲି କହି ଓଡ଼ିଆମାନଙ୍କୁ ଭାବୋନ୍ମାଦିତ କରିବା ସଙ୍ଗେ ସଙ୍ଗେ ଆଧୁନିକ ଓଡ଼ିଶାକୁ ସେହି ଅତୀତ ଐତିହ୍ୟର ପ୍ରତିଭୂ ବୋଲି ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ।

ଆଜି ଯେତେବେଳେ ଇଂରାଜୀ ଭାଷାର ପ୍ରାଧାନ୍ୟରେ ଓଡ଼ିଆ ଭାଷା କ୍ରମଶଃ ତା'ର ଗୁରୁତ୍ୱ ଓ ଗ୍ରହଣୀୟତା ହରାଇ ଚାଲିଛି, ସେତିକି ବେଳେ ଯଦି ଓଡ଼ିଶାର କେଉଁ ଅଞ୍ଚଳର ଲୋକେ ସେମାନେ ବ୍ୟବହାର କରୁଥିବା ସାମାନ୍ୟ ଭିନ୍ନରଙ୍ଗ ପୁଟମଖା ଭାଷା ହିଁ ସେମାନଙ୍କ ଏକମାତ୍ର ମାତୃଭାଷା ବୋଲି ଘୋଷଣା କରି ଚାଲିବେ, ତେବେ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଆମର ମାନକ ଓଡ଼ିଆ ଭାଷା ଦୁର୍ବଳରୁ ଦୁର୍ବଳ ହୋଇ ଚାଲିବା ଅବଧାରିତ। ଆମେ ଜାଣିଛେ ଆମ ରାଜ୍ୟରେ ବସବାସ କରୁଥିବା ପ୍ରାୟ ବାଷଠିଟି ବନବାସୀ/ ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରୁ କେତେକଙ୍କର ନିଜ ନିଜର ସୁନ୍ଦର ଭାଷା ସବୁ ରହିଛି, ଯେଉଁଗୁଡ଼ିକୁ ଯଥାଯଥ ମାନ୍ୟତା ଦେବା ପାଇଁ ବିଧିବଦ୍ଧ ପଦକ୍ଷେପମାନ ନିଆଯାଉଛି। ଆମେ ଆହୁରି ମଧ୍ୟ ଜାଣିଛେ ପଶ୍ଚିମ ଓଡ଼ିଶାର ଅତି ମିଷ୍ଟ ଓ ଭାବସଞ୍ଚାରୀ ଉଭୟ କଥିତ ତଥା ଲିଖିତ ଲୋକଭାଷା ଆମ ମାତୃଭାଷାର ମହତ୍ୱ ଓ ଗରିମା କାହିଁ କେତେ ଗୁଣ ବଢ଼ାଇ ଦେଇଥାଏ ଓ ସେଥିପାଇଁ ସେଇ ଲୋକଭାଷାର ଆଦୃତି, ପ୍ରଚଳନ କିପରି ଆହୁରି ବ୍ୟାପକ ହେବ, ସେଥିପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପମାନ ନେଉଛନ୍ତି। ମାତ୍ର ଏଥିଯୋଗୁଁ ଯଦି ସେହି ଭାଷା ସବୁକୁ ବ୍ୟବହାର କରୁଥିବା କେହି ଆପଣାକୁ ଗୋଷ୍ଠୀଭୁକ୍ତ କହି ଓଡ଼ିଆ ଅସ୍ମିତା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି, ତେବେ ତାହା ନିଶ୍ଚିତ ଭାବରେ ଆତ୍ମଘାତୀ ହିଁ ହେବ। ଏହି ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ମୁକ୍ତି ପାଇବା ପାଇଁ ଆମକୁ ମଧୁ-ଗୋପବନ୍ଧୁ-ଗଙ୍ଗାଧର ଆଦିଙ୍କ ମହାଉତ୍କଳୀୟ ଭାବାଧାରାକୁ ଆମ ଚେତନାରେ ଦୃଢ଼ ଭାବରେ ପ୍ରତିଷ୍ଠା କରିବାକୁ ହେବ। ଆମର ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ସର୍ବତ୍ର ଝଙ୍କୃତ ଯେପରି ହେବ, ସେଥିପାଇଁ ଆମକୁ ପବିତ୍ରପଣ କରିବାକୁ ହେବ।

# ସବୁ ଜାଣି ଅଜଣା



**ଡ. ସତ୍ୟନାରାୟଣ ମିଶ୍ର**
ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ସୃଷ୍ଟିରେ ମଣିଷ ଏକମାତ୍ର ପ୍ରାଣୀ, ଯାହାକୁ ଜାଣିବାର ଏକ ବୃହତ ଶକ୍ତିକୁ ସ୍ରଷ୍ଟା ଦାନ କରିଛନ୍ତି। ଧରାବକ୍ଷରେ ଅନ୍ୟ ସମସ୍ତ ପ୍ରାଣୀ ଜୀବନ ନିର୍ବାହ କରିଥା'ନ୍ତି। ସେଥିମଧ୍ୟରୁ କେତେକ ପ୍ରାଣୀ କିଛି ଜାଣି ପାରି ନଥା'ନ୍ତି। ମାତ୍ର ଜାଣିବା ପରିପ୍ରକାଶ କରିବାର ସାମର୍ଥ୍ୟ ମଣିଷ ବ୍ୟତୀତ ଅନ୍ୟ ପ୍ରାଣୀମାନଙ୍କର ନଥାଏ। ମଣିଷ ସବୁ କିଛି ଜାଣିପାରେ ଓ ତାହାକୁ ବ୍ୟକ୍ତ ମଧ୍ୟ କରିପାରେ ଏବଂ ମଣିଷ ତାହାକୁ ପାଥେୟ କରି ନିଜର ବ୍ୟକ୍ତିତ୍ୱର ପରିପ୍ରକାଶ ମଧ୍ୟ କରିଥାଏ।

ମଣିଷ ଏହି ଜାଣିବାର ପ୍ରବୃତ୍ତିକୁ ଚରିତାର୍ଥ କରିଥାଏ ତା'ର ଇନ୍ଦ୍ରିୟ ଦ୍ୱାରା। ତେଣୁ ଜାଣିବା ମାଧ୍ୟମରେ ମଣିଷ ଏତେ ସିଦ୍ଧହସ୍ତ ଯେ ସେଥିରେ ମଣିଷ ତାହା ଶତ ପ୍ରତିଶତ ଉପଯୋଗ କରିଥାଏ, ଯାହା ଥାଏ ସ୍ୱାର୍ଥର ପରିଧିର ନିରନ୍ତର ପ୍ରତିଯୋଗିତା। ଯଦିଓ ଜାଣିବା ପାଇଁ ମଣିଷକୁ ପରିପକ୍ୱ ବୟସର ଆବଶ୍ୟକତା ଥାଏ, ମାତ୍ର ବର୍ତ୍ତମାନ ମଣିଷ ପରିପକ୍ୱତାକୁ ଛାଡ଼ି, ପରିଣତ ବୟସରେ ମଧ୍ୟ ସବୁ କିଛି ଜାଣିଥିବାର ଅଭିନୟ କରି କିଛି ଜାଣି ନଥାଏ। ତେବେ ଉପରୋକ୍ତ ଜାଣିବାର ବ୍ୟବସ୍ଥା ମଧ୍ୟରୁ ଅନ୍ୟ ଗୋଟିଏ ଜାଣିବାର ମାଧ୍ୟମ ହେଉଛି ବିବେକ, ଯାହା ବାହାରକୁ ଦୃଶ୍ୟମାନ ହୁଏନାହିଁ ବା ସେ କେବେ କିଛି ଜାଣିବାର ଭ୍ରମ ସୃଷ୍ଟି କରି ନଥାଏ। ସାଧାରଣ ମଣିଷ ମନରେ ଉକ୍ତ ଦୃଷ୍ଟିକୋଣର ଏକ ଅସମାହିତ ପ୍ରଶ୍ନ ମନ ମଧ୍ୟରେ ଜାଗ୍ରତ କରିଥାଏ ଯେ ଯଦି ମଣିଷ ସବୁ ଜାଣୁଛି ତେବେ ସେ ଅନେକ ସମୟରେ ଭୁଲ ରାସ୍ତାରେ ବା ଭୁଲ ନିଷ୍ପତ୍ତିରେ କାହିଁକି ନିମଜ୍ଜିତ ହୋଇଥାଏ। ବିଧିବଦ୍ଧ ଭାବରେ ଯଦି ଏହାର ନିରପେକ୍ଷ ବିଚାର କରାଯାଏ ତେବେ ନିଷ୍କର୍ଷରେ ଉପନୀତ ହୋଇଥାଏ ଯେ ମଣିଷ ସ୍ୱାର୍ଥର କ୍ଷଣିକ ଉନ୍ମାଦନାରେ ବଶବର୍ତ୍ତୀ ହୋଇ ନିଜର ପରିଚୟ ସହିତ ବିଶ୍ୱାସଘାତକତା କରିଥାଏ ଓ ନିଜକୁ ହଜାଇ ଦେଇଥାଏ ନିଜ ଦ୍ୱାରା ସୃଷ୍ଟି ହୋଇଥିବା ଅଜଣା ଦୁନିଆର ଦିଗବଳୟ ମଧ୍ୟରେ। ମଣିଷ ନିଜକୁ ବିଚାର କରିଥାଏ ଯେ ସେ ଅଧିକ ଚତୁର ଓ ତାହାର କର୍ମଗୁଡ଼ିକ ଅଲକ୍ଷ୍ୟରେ ଅଦୃଷ୍ଟ ଦ୍ୱାରା ମଧ୍ୟ ଅଭେଦ୍ୟ, ମାତ୍ର ଏହା ଥାଏ ବିଡ଼ମ୍ବନା।

ରାଜନୀତିରେ ନିର୍ବାଚନ ସମୟରେ ଓ ନିର୍ବାଚନରେ ଜୟଯୁକ୍ତ ହେବା ପାଇଁ ମତଦାତା ଓ ମତ ଗ୍ରହୀତାମାନଙ୍କ ମଧ୍ୟରେ ଯାହା ହୁଏ, ତାହା ପ୍ରଶାସନ, ନେତା, ମତଦାତା, ସାଧାରଣ ଜନତା, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ, ସୁରକ୍ଷା କର୍ମଚାରୀ ଆଦି ସମସ୍ତେ ସମସ୍ତଙ୍କୁ ଜାଣୁଛନ୍ତି। ତାହା ଆମେ ସବୁ ଜାଣୁ ଓ ଏହା ଅନୌପଚାରିକ ଭାବେ ସ୍ୱୀକୃତି ପାଇଛି। କାରଣ ଏଥିରେ ସମାଜର ପ୍ରାୟ ସମସ୍ତ ବର୍ଗର ବ୍ୟକ୍ତିବିଶେଷ ସମ୍ପୃକ୍ତି ରହିଥା'ନ୍ତି। ସେ ଦୃଷ୍ଟିରୁ ଏହା ଅନୈତିକ ନୁହେଁ ବୋଲି ହୁଏତ ସମାଜ ସ୍ୱୀକାର କରୁଛି, ଯାହା ଆମେ ସବୁ ଜାଣିଛୁ। ସମସ୍ତେ ସମସ୍ତଙ୍କୁ ଜାଣୁଛନ୍ତି, କଥାବାର୍ତ୍ତା ହେଉଛନ୍ତି ଓ ଉକ୍ତ ନୀତି ବିରୁଦ୍ଧରେ ଆଲୋଚନା ମଧ୍ୟ କରା ଯାଉଛି। କୌଣସି ସ୍ଥାନରେ ବା ଏକ ସୁଚିନ୍ତିତ ଆତ୍ମସାତ ଯୋଜନାରେ ଫଳପ୍ରସୂ ହେଲେ ତାହା ପ୍ରକାରନ୍ତେ ଜାଣୁଛନ୍ତି। କୌଣସି ଚୋରି, ହତ୍ୟା, ବଳାତ୍କାର, ଲୁଣ୍ଠନ ଆଦି ହେଲେ ପୁଲିସ ପ୍ରଥମେ ସେମାନଙ୍କ ଦ୍ୱାରା ସନ୍ଦେହ କରାଯାଉଥିବା ବ୍ୟକ୍ତିମାନଙ୍କୁ ନଜର ଦେଇଥା'ନ୍ତି ଓ ଉକ୍ତ କାଣ୍ଡ କରିଥିବା ଅସାଧୁ ବ୍ୟକ୍ତିମାନେ ମଧ୍ୟ ପୁଲିସର ଗତିପଥ ଓ ଅନୁସନ୍ଧାନକୁ ଭଲଭାବରେ ଜାଣିଥା'ନ୍ତି। ଯାହା ସାଧାରଣ ଜନତା ଦେଖୁଛନ୍ତି ତାହା ମଧ୍ୟ ଆମେ ସବୁ ଜାଣିଛୁ।

ପରୀକ୍ଷାରେ ବିଭିନ୍ନ ନୀତି, ନିୟମ ଓ ମାର୍ଗଦର୍ଶିକା ବ୍ୟବହାର ପାଇଁ ବିଭିନ୍ନ ଖସଡ଼ା ପ୍ରସ୍ତୁତି ହୋଇଥାଏ ଓ ନିର୍ଦ୍ଧାରିତ ନୀତିନିୟମ ଅନୁଯାୟୀ ପରୀକ୍ଷାର ନୀତି ନିର୍ଘଣ୍ଟ ହୋଇଥାଏ। କିନ୍ତୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କ ନିକଟରେ ଥାଏ ଓ ଖାତା ମୂଲ୍ୟାଙ୍କନ କେନ୍ଦ୍ରମାନଙ୍କରେ କ'ଣ ହୋଇଥାଏ ତାହା ଆମେ ସବୁ ଜାଣୁ, ଯାହା ପରୀକ୍ଷା ଫଳ ବାହାରିବା ପୂର୍ବରୁ ଫଳ ଆସି ପରୀକ୍ଷାର୍ଥୀ ନିକଟରେ ହାଜର ହୋଇଥାଏ ତାହା ସବୁ ଆମେ ଜାଣୁ। ଶିକ୍ଷାଳୟରେ ଶିକ୍ଷାଦାନ କିପରି ହେଉଛି ଓ ଛାତ୍ରଛାତ୍ରୀମାନେ କିପରି ଶିକ୍ଷା ଗ୍ରହଣ କରୁଛନ୍ତି ଓ କେଉଁଠି କରୁଛନ୍ତି ତାହା ଆମେ ସବୁ ଜାଣିଛୁ। ଚିକିତ୍ସାଳୟରେ ରୋଗୀ, ଚିକିତ୍ସକ ଓ ଚିକିତ୍ସାଳୟରେ ଅର୍ଥ ନ ଦେଲେ ଚିକିତ୍ସା କିପରି ଓ କେଉଁ ମାର୍ଗରେ ହୁଏ ବା ହେଉଛି ତାହା ରୋଗୀ, ଚିକିତ୍ସକ, ଚିକିତ୍ସା ଅଧିକାରୀ, ଜନସାଧାରଣ ଆଦି ସମସ୍ତେ ଜାଣୁଛନ୍ତି ଓ ସମସ୍ତେ କହିଥା'ନ୍ତି ଯେ ଆମେ ସବୁ ଜାଣିଛୁ। ସରକାରୀ କାର୍ଯ୍ୟାଳୟ, ସାମାଜିକ କ୍ଷେତ୍ର, କେତେକ ବାବାଙ୍କ ଆଶ୍ରମ, ଧାର୍ମିକ ସ୍ଥଳୀ ଓ ଅନୁଷ୍ଠାନ ଆଦିମାନଙ୍କରେ ଯାହା ସବୁ ହେଉଛି ଓ ଆମେ ଆମ୍ଭର ଇନ୍ଦ୍ରିୟ ମାଧ୍ୟମରେ ଯାହା ତା'କୁ ଅନୁଭବ କରୁଛୁ ତାହା ମଧ୍ୟ ସମସ୍ତେ ସବୁ ଜାଣୁଛୁ।

ଆମେ ସବୁ ଜାଣୁଛୁ, ବୁଝୁଛୁ, ଦେଖୁଛୁ, ମାତ୍ର କିଛି ପ୍ରତିରୋଧ କରିପାରୁ ନାହୁଁ ବା କେତେକ କ୍ଷେତ୍ରରେ ପରିବର୍ତ୍ତନ ପାଇଁ ପ୍ରୟାସ ମଧ୍ୟ କରିପାରୁ ନାହୁଁ। କାରଣ ଆମେ ଆମ୍ଭମାନଙ୍କର ସ୍ୱାର୍ଥର ଇନ୍ଦ୍ରିୟମାନଙ୍କ ଦ୍ୱାରା ବଶୀଭୂତ। ଆମ ନିକଟରେ ଥିବା ଇନ୍ଦ୍ରିୟଗୁଡ଼ିକ ଆମକୁ ଏପରି ସ୍ୱାର୍ଥର ମୋହରେ ବଶୀଭୂତ କରି ଦେଇଛି ଯେ ଆମେ ସବୁ ଜାଣୁଛୁ, ହେଲେ ନିରୂପାୟ ହୋଇ କେବଳ ଚିଡ଼ିଆଖାନାର ପ୍ରାଣୀମାନଙ୍କ ଭଳି ନିର୍ବାକ ହୋଇ ଦେଖୁଛୁ, ଶୁଣୁଛୁ ଓ ଅନୁଭବ କରୁଛୁ।

ମଣିଷ ଯେତେବେଳେ ଅଜ୍ଞ ଥାଏ, କିଛି ଜାଣି ନଥାଏ, ସେତେବେଳେ ମଣିଷର ଅଜ୍ଞତାର ମାପକାଠିରେ ସେ ନିଜକୁ ଦୋଷମୁକ୍ତ କରିଦେଇପାରେ। ମାତ୍ର ଆଧୁନିକ ଯୁଗରେ ପ୍ରତ୍ୟେକ ମଣିଷ, ଅନୁଷ୍ଠାନ, ସଂସ୍ଥା, ସରକାର, ଶାସନ ବିଧିବ୍ୟବସ୍ଥା, ନ୍ୟାୟ, ଧର୍ମ ଆଦି କ୍ଷେତ୍ରରେ ସମସ୍ତେ ସବୁ ଜାଣୁଛନ୍ତି, ଦେଖୁଛନ୍ତି, ଶୁଣୁଛନ୍ତି। ମାତ୍ର ସବୁ ଜାଣିଛୁ ବୋଲି ଗର୍ବ କରୁଥିବା ମଣିଷ ନିଜକୁ ପ୍ରଶ୍ନ ପଚାରିଥାଏ ଯେ ସେ ସବୁ ଜାଣି କ'ଣ ପ୍ରତିକାର କରିଛି? ସାମାଜିକ ଅପରାଧ, ଧାର୍ମିକ ଉତ୍ପୀଡ଼ନ, ରାଜନୈତିକ ନିର୍ବାଚନୀ ହିଂସା ଓ ଅର୍ଥ ବିତରଣ, ଅବକ୍ଷୟ ବିଧି ବ୍ୟବସ୍ଥା, ଇତ୍ୟାଦି ହେଉଛି ବୋଲି ଏ ମଣିଷ ସବୁ ଜାଣୁଛି, ମାତ୍ର ସବୁ ଜାଣିଛୁର ଅହମିକାରେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିରବ ରହି ପରିସ୍ଥିତିକୁ ଅନୁଧ୍ୟାନ କରୁଛି। ସମୃଦ୍ଧ ସମାଜରେ ବିଚାର କରାଯାଇଥାଏ ଯେ ଯିଏ ଅଧିକ କିଛି ଜାଣିଛି ତା'କୁ ଏ ସମାଜ ଜ୍ଞାନୀ ଓ ଗୁଣୀର ମାନ୍ୟତା ଦେଇଥାଏ। ଅଧିକ ଜାଣିଥିବା ବ୍ୟକ୍ତିଙ୍କୁ ସମାଜର ଅନେକ ବ୍ୟକ୍ତି ଶ୍ରଦ୍ଧା, ସ୍ନେହ, ଜ୍ଞାନର ଭୟ ଓ ଆନ୍ତରିକତା ଆଦି ପ୍ରଦର୍ଶନ କରିଥା'ନ୍ତି। ମାତ୍ର ବର୍ତ୍ତମାନର ପରିସ୍ଥିତିରେ ସମାଜରେ ସମସ୍ତେ ଜାଣିଛନ୍ତି ବୋଲି ସ୍ୱୀକାର କରୁଛନ୍ତି। ହେଲେ ଜଣେଇବାର ପ୍ରୟାସ କରି ପାରୁନାହାନ୍ତି। କାରଣ ଜାଣିବା ଓ ଜଣେଇବା ମଧ୍ୟରେ ଥାଏ ସାହସ ଓ ସତ ସାହସର ପ୍ରତିଦ୍ୱନ୍ଦ୍ୱିତା।

ଜାଣିବାରେ ଥାଏ ସମ୍ମାନ, ମାତ୍ର ଜଣେଇବାରେ ଥାଏ ଇଚ୍ଛା ଓ ଆନ୍ତରିକତା। ସାଂପ୍ରତିକ ସମାଜରେ ମଣିଷ ଯେତେବେଳେ କୌଣସି କାର୍ଯ୍ୟରେ କୃତକାର୍ଯ୍ୟ ହୋଇଥାଏ ବା ବିଜୟୀ ହୋଇଥାଏ ସେତେବେଳେ ସେ ଶ୍ରେୟ ଦେଇଥାଏ କେବଳ ନିଜ ଉପରେ, ନିଜର ଶକ୍ତି ଉପରେ ଓ ଦକ୍ଷତା ଉପରେ। ମାତ୍ର ଯଦି ଦକ୍ଷତା, ନୀତି, ଆଦର୍ଶ ଆଦିର ବିଚାର ହୁଏ, ସେତେବେଳ ପ୍ରକୃତ ପ୍ରଚ୍ଛନ୍ନ ରହସ୍ୟ କ'ଣ ହୋଇଥାଏ ତାହା ଆମେ ସବୁ ଜାଣିଛୁ। ମାତ୍ର ଉକ୍ତ ପ୍ରଚ୍ଛନ୍ନ ଧାରାର ଯଦି ପୂର୍ଣ୍ଣଚ୍ଛେଦ ନ ହୁଏ ତେବେ ହୁଏତ ସମୟ ଆସିବ, ସମାଜରେ ଅନିୟମିତତାର ଅଭ୍ୟସ୍ତ ବ୍ୟବହାରରେ ମଣିଷ ସମାଜ ଭୁଲିଯିବ ନୀତି, ନିୟମ, ନିଷ୍ଠା, ଆଦର୍ଶ ଆଦିର ବିଚାରଧାରା ଓ ଆମେ ସମସ୍ତେ ସମସ୍ତଙ୍କୁ କେବଳ କହୁଥିବୁ ଆମେ ସବୁ ଜାଣିଛୁ। ଆମେ ଜାଣୁ ଆମେ କ'ଣ, କିନ୍ତୁ ଆମେ କ'ଣ ହୋଇପାରିବା ଓ କ'ଣ କରିପାରିବା ତାହା ଜାଣିନାହୁଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଅଭୁଲା ଅପରାଧ

# ଆତଙ୍କର ନାଁ 'ଷ୍ଟୋନ୍‌ମ୍ୟାନ୍'



'ଷ୍ଟୋନ୍‌ମ୍ୟାନ୍' ଶିରୋନାମାଟି ମନେ ପଡ଼ିଲା ବେଳକୁ ଏବେ ବି ବ୍ରହ୍ମପୁରବାସୀଙ୍କ ଦେହ ଶିହରି ଉଠେ । କେବଳ ବ୍ରହ୍ମପୁର କାହିଁକି ସାରା ରାଜ୍ୟରେ ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ହୋଇ ଉଠିଥିବା ଷ୍ଟୋନ୍‌ମ୍ୟାନ୍‌ର ଆତଙ୍କ ୨୫ ବର୍ଷ ପରେ ମଧ୍ୟ ଏବେ ବି ଅନେକଙ୍କ ମନରୁ ଲିଭିନାହିଁ । କିନ୍ତୁ କିଏ ଏହି ଷ୍ଟୋନ୍‌ମ୍ୟାନ୍ । ସେ ମାନବ ନା ଦାନବ । କାହିଁକି ସମଗ୍ର ବ୍ରହ୍ମପୁରରେ ଦୀର୍ଘଦିନ ଧରି ଖେଳାଇ ଚାଲିଥିଲା ମୃତ୍ୟୁର ତାଣ୍ଡବ । ସେସବୁ ନେଇ ଏଥର ସ୍ୱତନ୍ତ୍ର ଉପସ୍ଥାପନା ।

(ରିପୋର୍ଟ-ଶକ୍ତିଧର ରାଜଗୁରୁ)



**'ରାତିରେ ବାହାରେ ଅର୍ଥାତ୍ ଖୋଲା ଆକାଶ ତଳେ ଶୋଇବାକୁ ଏପରିକି ରାତିରେ ବୁଲିବାକୁ ମଧ୍ୟ ଭୟ କରୁଥିଲେ ଲୋକେ । ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ମୋଟ ୯ ଟି ହତ୍ୟାକାଣ୍ଡ ଘଟାଇ ପୁଲିସକୁ ସେ ଖୋଲାଖୋଲି ଚାଲେଞ୍ଜ ଦେଇଥିଲା । ପୁଲିସ ଯେତେ ସତର୍କ ଓ ସଜାଗ ହେଲେ ମଧ୍ୟ ନିଜ ଟାର୍ଗେଟ ପୂରଣ କରୁଥିଲା 'ଷ୍ଟୋନ୍‌ମ୍ୟାନ୍' ।**

୧୯୯୮ ମସିହା ମେ' ମାସରୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଦୀର୍ଘ ୪ମାସ କାଳ ବ୍ରହ୍ମପୁର ପୁଲିସ ପାଇଁ ପାଲଟିଥିଲା ମୁଣ୍ଡବ୍ୟଥାର କାରଣ । ନିୟମିତ ବ୍ୟବଧାନରେ ଘଟାଇ ଚାଲିଥିଲା ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ । ସବୁ ଘଟଣାରେ 'ପଥର' ବା ଷ୍ଟୋନ୍‌କୁ ଅରୁଥିଲା ଆୟୁଧ ବା ଅସ୍ତ୍ର । ପଥର ସାହାଯ୍ୟରେ ନିର୍ମମ ଭାବେ ହତ୍ୟା କରିଚାଲିଥିଲା ସେ । ହତ୍ୟାକାରୀ ସମ୍ପର୍କରେ ନା ପୁଲିସ ନା ସାଧାରଣ ଲୋକେ; କେହି ବି ସୁରାକ ମଧ୍ୟ ପାଇ ପାରୁ ନ ଥିଲେ । ଫଳରେ ଲୋକେ ସେଇ ଅଜଣା ଆତଙ୍କ ସୃଷ୍ଟିକାରୀ ବା ହତ୍ୟାକାରୀର ନାଁ ଦେଇଥିଲେ 'ଷ୍ଟୋନ୍‌ମ୍ୟାନ୍' । ଆଉ ତାହାର ଆବିର୍ଭାବ ହୋଇଥିଲା ମେ ୨୨ତାରିଖରେ । ଷ୍ଟୋନ୍‌ମ୍ୟାନର ପ୍ରଥମ ଶୀକାର ହୋଇଥିଲେ ଜଣେ ରିକ୍ସା ଚାଳକ । ନାଁ ତାଙ୍କର ବିଶ୍ୱନାଥ ନାୟକ । ବଡ଼ବଜାର ଥାନା ଅନ୍ତର୍ଗତ ଡାଇମଣ୍ଡଟେଙ୍କ ରୋଡରେ ଥିବା ସତ୍ୟସାଇ ମନ୍ଦିର ନିକଟରେ ବିଶ୍ୱନାଥ ରିକ୍ସାରେ ଶୋଇଥିବା ଅବସ୍ଥାରେ ରାତି ପ୍ରାୟ ୧୨ଟା ସମୟରେ କେହି ଜଣେ ଦୁର୍ବୃତ୍ତ ପଥରରେ ଛେଚି ହତ୍ୟା କରିଥିଲା । ପରେ ଜୁନ ୧୩ ଓ ୧୪ତାରିଖ ରାତିରେ ରାମଲିଙ୍ଗମ ଟେଙ୍କ ରୋଡରେ ପି.ସନ୍ୟାସୀ ଓ ପର୍ଶୁରାମ ପାତ୍ରଙ୍କୁ ମଧ୍ୟ ସମାନ ଭାବେ ହତ୍ୟା କରାଯାଇଥିଲା । ଜୁନ ୨୨ତାରିଖରେ ବିଜିପୁର ମାର୍କେଟ ଅଞ୍ଚଳରେ ଷ୍ଟୋନ୍‌ମ୍ୟାନର ୪ର୍ଥ ଶୀକାର ହୋଇଥିଲେ ୱାଇ. ରାମାରାଓ । କିଛି ଦିନର ବ୍ୟବଧାନ ପରେ ଜୁଲାଇ ୧୭ ତାରିଖରେ ସୁବାସ ମହାନ୍ତି, ଅଗଷ୍ଟ ୧୫ତାରିଖରେ ସୁଧାଂଶୁ ଯୋଶୀ ହୋଇଥିଲେ ଷ୍ଟୋନ୍‌ମ୍ୟାନର ଶୀକାର । ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଥିବା ଓ ନିରୀହ ଜୀବନ ନେଉଥିବା ଏହି ହତ୍ୟାକାରୀକୁ କେହି ଦେଖିପାରୁ ନ ଥିବା ବେଳେ ତାକୁ ଚିହ୍ନଟ କରିବା ପୁଲିସ ପାଇଁ ଚିନ୍ତାର କାରଣ ସାଜିଥିଲା । ତେବେ ଅଗଷ୍ଟ ୨୯ ତାରିଖରେ ଯେତେବେଳେ ପୁଣି ଏକ ନିର୍ମମ ହତ୍ୟା କରିସାରିବା ପରେ ବ୍ରହ୍ମପୁର ପୁଲିସ ହାତରେ ଧରାପଡ଼ିଥିଲା ମୋଷ୍ଟ ୱାଣ୍ଟେଡ୍ ଷ୍ଟୋନ୍‌ମ୍ୟାନ । ପୁଲିସ ଜାଣିବାକୁ ପାଇଲା ଷ୍ଟୋନ୍‌ମ୍ୟାନ୍ ଆଉ କେହି ନୁହେଁ; ସେହି ବ୍ୟକ୍ତି ହେଉଛି 'ମହେଶ ପାଢ଼ୀ' । ପୁଲିସ ହାତରେ ଧରାପଡ଼ିବା ପରେ ଏଭଳି ଅଭିଯୋଗକୁ ପ୍ରଥମେ ଅସ୍ୱୀକାର କରିଥିଲା ମହେଶ । ତଥାପି ପୁଲିସ ମହେଶର ହାବଭାବ ଓ ଅତୀତର ରେକର୍ଡକୁ ତର୍ଜମା କରିବା ଆରମ୍ଭ କଲା । ପୁଲିସ ଅନୁସନ୍ଧାନ ଅନୁଯାୟୀ, ଗିରଫ 'ଷ୍ଟୋନ୍‌ମ୍ୟାନ' ଓରଫ୍ 'ମହେଶ ପାଢ଼ୀ' ବ୍ରହ୍ମପୁର ଗିରିଜା ରେଷ୍ଟୁରାଣ୍ଟ ଛକର ଏକ ସାଧାରଣ ପାନ ଦୋକାନୀ । ଏହା ଜଣାପଡ଼ିବା ପରେ ସମସ୍ତେ ତାଜୁବ ହେଲେ । ମହେଶ ଏଭଳି ଜଣେ ବ୍ୟକ୍ତି ଯାହାଙ୍କର ପୂର୍ବରୁ କୌଣସି ଅପରାଧିକ ଇତିହାସ ମଧ୍ୟ ନାହିଁ । ଏଭଳି ଜଣେ ବ୍ୟକ୍ତି କିପରି ଅତି ନିଷ୍ଠୁର ହୋଇ ପଥରରେ ଛେଚି ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ାଇପାରେ । ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଫୋରେନ୍‌ସିକ ଲାବୋରେଟୋରୀରେ ମହେଶର ପଲିଗ୍ରାଫ୍ ଟେଷ୍ଟ କରାଯାଇଥିଲା । କିଛି ସୁଫଳ ନ ମିଳିବା ପରେ ସତ ଓଗାଳିବା ପାଇଁ ଲାଏ ଡିଟେକ୍ସନ ଟେଷ୍ଟ (ମିଛଧରା ପରୀକ୍ଷା) ପାଇଁ ଚେଷ୍ଟା କରାଯାଇଥିଲେ ହେଁ ଏଥିପାଇଁ ମହେଶ ସହମତି ପ୍ରକାଶ କରି ନ ଥିଲା । ପରେ ବାଧ ହୋଇ ଗିରଫ ମହେଶ ଓରଫ୍ ଷ୍ଟୋନମ୍ୟାନକୁ ହାଇଦରାବାଦସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହିପ୍‌ନୋଟିଜମକୁ ନିଆଯାଇଥିଲା । ସେଠାରେ ୫ଥର ଟେଷ୍ଟିଂ ପରେ ମଧ୍ୟ ନିରାଶ ହେବାକୁ ପଡ଼ିଥିଲା ପୁଲିସକୁ । ବାଧ ହୋଇ ମହେଶକୁ ସାଙ୍ଗରେ ନେଇ ପୁଲିସ ଫଲକନୁମା ଏକ୍ସପ୍ରେସରେ ବ୍ରହ୍ମପୁର ଫେରିବା ବାଟରେ ସେପ୍ଟେମ୍ବର ୨୨ତାରିଖ ୧୯୯୮ ମସିହାରେ ପୁଲିସକୁ ପୁଣି ଚକ୍‌ମା ଦେଇଥିଲା ମହେଶ । ପଲାସା ନିକଟରେ ଟ୍ରେନର ଗତି ଧୀର ହେବାର ସୁଯୋଗ ନେଇ ଚଳନ୍ତା ଟ୍ରେନରୁ ଫେରାର ହେବାରେ ସକ୍ଷମ ହୋଇଥିଲା ସେ । ଫେରାର ଷ୍ଟୋନ୍‌ମ୍ୟାନକୁ ପୁଣି ଗିରଫ କରିବା ପୁଲିସ ପାଇଁ ମୁଣ୍ଡବ୍ୟଥା ପାଲଟିଥିଲା । ତତ୍କାଳୀନ ବ୍ରହ୍ମପୁର ଏସ୍‌ପି ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ଦ୍ୱାରା ଗଠିତ ହୋଇଥିଲା ସ୍ୱତନ୍ତ୍ର ଟିମ୍ । ଷ୍ଟୋନ୍‌ମ୍ୟାନକୁ ଚିହ୍ନଟ ପରେ ଅବଶ୍ୟ ପୁଲିସ ପାଇଁ ପୂର୍ବ ଅପେକ୍ଷା ସେତେଟା କଷ୍ଟସାଧ ହୋଇ ନ ଥିଲା । ମହେଶ ପାଢ଼ୀର ପରିବାର ବର୍ଗ ଓ ବନ୍ଧୁଙ୍କ ଉପରେ ପୁଲିସ ପକ୍ଷରୁ ରଖାଯାଇଥିଲା ତୀକ୍ଷ୍ଣ ନଜର । ସମସ୍ତ ଫୋନକୁ ଟ୍ରାକିଂ କରାଯାଉଥିଲା । ମାତ୍ର ୩୫୦ଟଙ୍କା ମୂଲ୍ୟର ଏକ ଇଲେକ୍ଟ୍ରୋନିକ ମେସିନ ଯାହା ଫେରାର ଷ୍ଟୋନ୍‌ମ୍ୟାନକୁ ଧରାଇବାରେ ସକ୍ଷମ ହୋଇଥିଲା । ମହେଶ୍ୱରଙ୍କ ପାନ ଦୋକାନ ନିକଟରେ ଥିବା 'ଭିଡିଓ କ୍ୟାସେଟ୍ ଲାଇବ୍ରେରୀ'ର ମାଲିକଙ୍କ ସହିତ ମହେଶର ଥିଲା ଭଲ ସମ୍ପର୍କ । ତାଙ୍କ ଉପରେ ମଧ୍ୟ ପୁଲିସର ରହିଥିଲା ସ୍ୱତନ୍ତ୍ର ନଜର । ମହେଶ ଦିନେ ଭିଡିଓ କ୍ୟାସେଟ୍ ଲାଇବ୍ରେରୀ ମାଲିକଙ୍କୁ ଫୋନ କରିଥିବା ବେଳେ ତାହାକୁ ଟ୍ରାକିଂ କରି ଜଣାପଡ଼ିଥିଲା ଫେରାର ମହେଶ ଯାଜପୁର ଜିଲ୍ଲା ଚଣ୍ଡିଖୋଲରେ ଅଛି । ତୁରନ୍ତ ପୁଲିସ ଟିମ୍ ସେଠାକୁ ଯାଇଥିଲା । ଫେରାର ହେବାର ପ୍ରାୟ ୩ମାସ ପରେ ଅର୍ଥାତ୍ ଡିସେମ୍ବର ୧୯୯୮ ମସିହାରେ ଚଣ୍ଡିଖୋଲ ବଜାରରେ ମହେଶ କଦଳୀ ବିକ୍ରୀ କରୁଥିବା ଅବସ୍ଥାରେ ତାକୁ ପୁନଃ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା । ଟ୍ରେନରୁ ଫେରାର ହେବାପରେ ମହେଶ ମୁମ୍ବଇ, କଟକ ଓ ରୁପସା ଆଦି ଅଞ୍ଚଳରେ ଆତ୍ମଗୋପନ କରିବା ପରେ ଜଣେ ବୃଦ୍ଧଙ୍କ ସହାୟତାରେ ଚଣ୍ଡିଖୋଲରେ ରହୁଥିଲା । ବିନା କାରଣରେ ମହେଶ କାହିଁକି ୯ ଜଣ ବ୍ୟକ୍ତିଙ୍କର ଜୀବନ ନେଲା ସେ ପୁଣି ଅତି ନିର୍ମମ ଭାବେ ତାହା ଆଜି ମଧ୍ୟ ଅସ୍ପଷ୍ଟ । ଗିରଫ ଷ୍ଟୋନମ୍ୟାନ ଦ୍ୱାରା ହୋଇଥିବା ଏକାଧିକ ହତ୍ୟାକାଣ୍ଡ ଘଟଣାରେ ପ୍ରତ୍ୟକ୍ଷଦର୍ଶୀ କେହି ନ ଥିଲେ ହେଁ ତା'ର ଆକ୍ରମଣରୁ ବର୍ତ୍ତି ଯାଇଥିବା ୪ଜଣ ହିଁ ଥିଲେ ମୁଖ୍ୟ ସାକ୍ଷୀ । ଏଥି ସହିତ ବିଭିନ୍ନ ହତ୍ୟାକାଣ୍ଡ ଘଟଣାରେ ପୁଲିସ ଜବତ କରିଥିବା ସାମଗ୍ରୀକୁ ଆଧାରକରି ଷ୍ଟୋନ୍‌ମ୍ୟାନ ମହେଶ ପାଢ଼ୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲା । ବ୍ରହ୍ମପୁରର ଏହି ଅଭୁଲା ଅପରାଧ ସମ୍ପର୍କିତ ଘଟଣାବଳୀ ମନେପଡ଼ିଲେ ଆଜି ମଧ୍ୟ ଲୋକଙ୍କର ଲୋମଟାଙ୍କୁରି ଉଠୁଛି ।

# ସୀମାନ୍ତରେ ଝାଡ଼ଖଣ୍ଡୀ ଅପରାଧୀଙ୍କ ଉତ୍ପାତ

**ପଶ୍ଚିମାଞ୍ଚଳ ପୁଲିସ ରେଞ୍ଜ ମଧ୍ୟରେ ରାଉରକେଲା ପୁଲିସ ଜିଲ୍ଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ରାଉରକେଲା ପୁଲିସ ଜିଲ୍ଲାର ପୂର୍ବ-ପଶ୍ଚିମ-ଉତ୍ତର ସୀମାନ୍ତରେ ଝାଡ଼ଖଣ୍ଡ ରାଜ୍ୟ ଲାଗି ରହିଥିବାରୁ ରାଜ୍ୟ ବାହାରର ଅପରାଧୀମାନେ ଗୋଟାକ ପରେ ଗୋଟାଏ ଅପରାଧ ଘଟାଇ ସହଜରେ ଖସି ପଳାଉଛନ୍ତି । ଅପରପକ୍ଷେ ଅପରାଧୀମାନେ ଅନ୍ୟ ରାଜ୍ୟର ହୋଇଥିବାରୁ ସେମାନଙ୍କୁ ଗିରଫ କରିବା ଓଡ଼ିଶା ପୁଲିସ ପାଇଁ କାଠିକର ପାଠ ହୋଇପଡ଼ିଛି ।**

ରିପୋର୍ଟ-ଦେବବ୍ରତ ପଟ୍ଟନାୟକ

ଗତ ନଭେମ୍ବର ୬ ତାରିଖ ରାତି ପ୍ରାୟ ୯ଟା ୮ରୁ ମଧ୍ୟରେ ବିଶ୍ରା ଥାନା ଅନ୍ତର୍ଗତ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଥିବା ସୋରଡ଼ାର ଉର୍ମେଇ ନିକଟ ଜଗଦିଶ ଛକରେ ୯ ଜଣ ସଶସ୍ତ୍ର ଦୁର୍ବୃତ୍ତ ଝାଡ଼ଖଣ୍ଡରୁ ଆସି ସାଜିତ୍ ଆନସାରୀ ନାମକ ଜଣେ ଯୁବକକୁ ଅପହରଣ କରି ଚିତାପେଡ଼ି ଗାଁର ଏକ ନିଛାଟିଆ ସ୍ଥାନକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ । ସେଠାରେ ଭୟଭୀତ କରିବା ପାଇଁ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ । ପ୍ରାୟ ୨ ଘଣ୍ଟା ଧରି ଯୁବକକୁ ଶାରୀରିକ ନିର୍ଯାତନା ଦେବା ପରେ ତାକୁ ଛାଡ଼ିଦେଇ ଝାଡ଼ଖଣ୍ଡକୁ ଫେରି ଯାଇଥିଲେ ।

ସୂଚନାଯୋଗ୍ୟ ଯେ ଗତ ୨୦୨୦ ଡିସେମ୍ବର ମାସରେ ଜଣେ ମହିଳା ଓ ଜଣେ ଯୁବ ବ୍ୟବସାୟୀଙ୍କ ପ୍ରାଣ ଯାଇଥିବା ବେଳେ ଏକ ମାସ ପରେ ଅର୍ଥାତ୍ ଜାନୁଆରୀରେ ଆଉ ଜଣେ ବରିଷ୍ଠ ବ୍ୟବସାୟୀଙ୍କ ପ୍ରାଣ ଯାଇଥିଲା । ମାତ୍ର ବରିଷ୍ଠ ବ୍ୟବସାୟୀଙ୍କ ହତ୍ୟାକାଣ୍ଡ ଉପରୁ ପୁଲିସ ପରଦା ହଟାଇବାରେ ସକ୍ଷମ ହୋଇଥିବା ବେଳେ ଡିସେମ୍ବର ମାସ ହତ୍ୟାକାଣ୍ଡର ରହସ୍ୟ ଏପର୍ଯ୍ୟନ୍ତ ଉନ୍ମୋଚିତ ହୋଇ ପାରିନାହିଁ । ଗତ ୨୦୨୦ ଡିସେମ୍ବର ୧୭ ତାରିଖ ରାତିରେ ଏସଟିଆଇ ଛକର ବନଦୁର୍ଗା ଜୁଏଲାରୀ ଦୋକାନର ମାଲିକ ପୂର୍ଣ୍ଣଚନ୍ଦ୍ର ସାହୁ ଓ କର୍ମଚାରୀ ସରୋଜ ସାହୁ ଦୋକାନ ବନ୍ଦକରି ପ୍ରାୟ ୪୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଧରି ଘରକୁ ଫେରୁଥିବା ବେଳେ ଏସଟିଆଇ ଓଭରବ୍ରିଜ ଉପରେ ସୁନା ଦୋକାନ କର୍ମଚାରୀକୁ ଗୁଳିକରି ହତ୍ୟା କରାଯାଇଥିଲା । ଏହା ପଛରେ ମଧ୍ୟ ରାଜ୍ୟ ବାହାରର ଅପରାଧୀଙ୍କ ସମ୍ପୃକ୍ତି ନେଇ ପୁଲିସ ସନ୍ଦେହ କରିଥିଲା । ଯେଉଁଥିପାଇଁ ଘଟଣାକୁ ୩ ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ପୁଲିସ ଆଜି ଯାଏଁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନି ।

ସେହିପରି ୨୦୨୦ ଡିସେମ୍ବର ୧୪ ତାରିଖ ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ସିଂ ଟୋଲା ରାସ୍ତାରେ ରାତି ୭.୫୫ ମିନିଟ୍ ସମୟରେ ମା ନିର୍ମଳା ସୋନି ଓ ପୁଅ ପ୍ରସାଦ ଉପରକୁ ତିନି ରାଉଣ୍ଡ ଗୁଳିମାଡ଼ ହୋଇଥିଲା । ନିର୍ମଳାଙ୍କ ବେଦବ୍ୟାସ ଓ ରାଉରକେଲାରେ ଦୁଇଟି ସୁନା ଦୋକାନ ରହିଥିଲା । ଦୋକାନ ବନ୍ଦ କରି ପ୍ରତ୍ୟେକ ଦିନ ଦାମୀ ସୁନା ଓ ରୁପା ଗହଣା ନେଇ ଘରେ ରଖିଥାନ୍ତି । ଘଟଣା ଦିନ ରାତିରେ ସେ ତାଙ୍କ ପୁଅ ସହ ଏକ ବାଇକରେ ଟଙ୍କା ଓ ସୁନା ଗହଣା ଧରି ଘରକୁ ଯାଉଥିଲେ । ସିଂ ଟୋଲା ରାସ୍ତାରେ ଏକ ବାଇକରେ ଆସି ୩ ଜଣ ଅଜ୍ଞାତ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇ ନିର୍ମଳା ସୋନି ଧରିଥିବା ଗହଣା ଭର୍ତ୍ତି ବ୍ୟାଗକୁ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ । ହେଲେ ନିର୍ମଳା ସୋନି ବ୍ୟାଗରୁ ଜାବୁଡ଼ି ଧରିବା ସହ ଚିତ୍କାର କରିବାରୁ ସେମାନେ ଉକ୍ତ ଗହଣା ଭର୍ତ୍ତି ବ୍ୟାଗକୁ ଲୁଟିବାରେ ବିଫଳ ହୋଇଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ନିର୍ମଳାଙ୍କୁ ଗୁଳିମାଡ଼ କରି ଫେରାର ହୋଇ ଯାଇଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ନିର୍ମଳା ମୃତ୍ୟୁବରଣ କରିଥିଲେ । ହେଲେ ଆଜି ଯାଏଁ ଏ ଘଟଣାରେ ସଂପୃକ୍ତ ଥିବା ଦୁର୍ବୃତ୍ତମାନଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇନାହିଁ । ଏହା ପଛରେ ରାଜ୍ୟ ବାହାରର ଅପରାଧୀଙ୍କ ସମ୍ପୃକ୍ତି ନେଇ ସନ୍ଦେହ ସୃଷ୍ଟି ହୋଇଥିଲା ।

ସେହିପରି ୨୦୨୧ ଜାନୁଆରୀରେ ପ୍ରଥମ ସପ୍ତାହରେ ଘର ତଳେ ଥିବା ଗ୍ୟାରେଜ ଭିତରେ ଜଣେ ହୋଟେଲ୍ ମାଲିକକୁ ହତ୍ୟା କରାଯାଇ ଥିଲା । ମୃତକ ହେଲେ ଷ୍ଟେସନ ରୋଡରେ ଥିବା ହୋଟେଲ୍ ବସେରା ମାଲିକ ଶାଜନ ମିତ୍ତଲ (୬୦) । ଡିଏଭି ଲେନ ଅଞ୍ଚଳରେ ଥିବା ନିଜ ଘରକୁ ରାତି ପ୍ରାୟ ୧୦ଟା ୪୫ ମିନିଟ ସମୟରେ ଫେରି ଗାଡି ରଖୁଥିବା ବେଳେ ହଠାତ୍ ଦୁଇ ଜଣ ଯୁବକ ବାଇକରେ ଆସି ପଛପଟୁ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ । ତାଙ୍କ ଚିତ୍କାର ଶୁଣି ଉପର ଘରେ ଥିବା ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଆଇଜିଏଚ୍‌କୁ ନେଇ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ପୁଲିସ ଜିଲ୍ଲାର ଭୌଗୋଳିକ ସ୍ଥିତି ବାହାର ରାଜ୍ୟର ଗୁଣ୍ଡା, ମାଫିଆ, ଲୁଟେରା, ପିଏଲଏଫ୍‌ଆଇ ଆଦି ଅପରାଧୀଙ୍କ ପାଇଁ ସହରରେ ଅପରାଧ ଘଟାଇ ତୁରନ୍ତ ଫେରାର ମାରିବା ପାଇଁ ଏକ ପ୍ରକାର ସହଜ ସୁଯୋଗ ସୃଷ୍ଟି କରୁଛି । ଅବଶ୍ୟ ନୂତନ ଏସପି ମିତ୍ରଭାନୁ ମହାପାତ୍ରଙ୍କ ଯୋଗଦାନ ପରେ ଅପରାଧ ନିୟନ୍ତ୍ରଣ ହେବା ସହ ବାହାର ରାଜ୍ୟ ଅପରାଧୀଙ୍କ ଆଖିଦୃଶିଆ ଅପରାଧ ଘଟିଥିବା ଦୃଷ୍ଟିଗୋଚର ହେଉନାହିଁ । ଏବେ କିନ୍ତୁ କିଛି ଦିନ ବ୍ୟବଧାନ ପରେ ପୁଣି ସହରଟି ଅଶାନ୍ତ ହୋଇ ପଡିଥିଲା ରାଉରକେଲା ପୁଲିସ ଜିଲ୍ଲା । ଟିକେ ଟିକେ କଥାରୁ ବଚସା, ଆଉ ତାପରେ ପିସ୍ତଲରୁ ଫୁଟୁଛି ଗୁଳି ।

## ଅର୍ଡର ଅର୍ଡର

**୧୭ ଜଣଙ୍କୁ ଆଜୀବନ ଜେଲ୍**

**ବିଜ୍ଞାନ ଯେତିକି ଆଗେଇଥିଲେ ମଧ୍ୟ ମଣିଷ ଆଜି ବି ଅନ୍ଧବିଶ୍ୱାସର ଅନ୍ଧଗଳିରୁ ବାହାରିପାରୁନି । ଏବେ ବି ଲୋକେ ଶରୀର ଅସୁସ୍ଥ ହେଲେ ଡାକ୍ତରଖାନା ନ ଯାଇ ଝଡ଼ାଫୁଙ୍କା ଉପରେ ନିର୍ଭର କରୁଛନ୍ତି । ଆଧୁନିକ ବିଜ୍ଞାନ ବଦଳରେ ପାରମ୍ପରିକ ଯାଦୁ, ତନ୍ତ୍ର, ମନ୍ତ୍ର ଉପରେ ବିଶ୍ୱାସ କରିବା ଫଳରେ ନାନା ଅଘଟଣ ଘଟୁଛି । ଏମିତି ଏକ ଅନ୍ଧବିଶ୍ୱାସର ଅନ୍ଧଗଳିରେ ବଶବର୍ତ୍ତୀ ହୋଇ କଳିଙ୍ଗନଗର ଥାନା ନିମପଲ୍ଲୀ ଗାଁ ସୁରସାହିର ଗ୍ରାମବାସୀ ଏକ ଦମ୍ପତିଙ୍କ ଘରେ ନିଆଁ ଲଗାଇ ଉଭୟଙ୍କୁ ଜୀବନ୍ତ ପୋଡ଼ି ମାରି ଦେଇଥିଲେ । ଦୀର୍ଘ ତିନିବର୍ଷ ପରେ ମାମଲାର ବିଚାର କରାଯାଇ ନିକଟରେ ରାୟ ପ୍ରକାଶ ପାଇଛି । ଯେଉଁଥିରେ ଏହି ଘଟଣାରେ ସମ୍ପୃକ୍ତ ୧୭ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଅଦାଲତ ।**

(ରିପୋର୍ଟ: ଯାଜପୁରରୁ ସନ୍ଦୀପ୍ତ ରାୟ)

# ଅନ୍ଧଗଳିରେ ଦମ୍ପତି ବଳି

ସେଦିନ ଥିଲା ୨୦୨୦ ମସିହା ଜୁଲାଇ ମାସ ୭ ତାରିଖ । ନିମପଲ୍ଲୀ ଗାଁ ସୁରସାହିରେ ଥିଲା ସ୍ୱାଭାବିକ । ରାତି ହେବା କ୍ଷଣି ସବୁଦିନ ଭଳି ଲୋକେ ଖାଇପିଇ ଶୋଇଯାଇଥିଲେ । କିନ୍ତୁ ହଠାତ୍ ଗାଁରେ ହୋ'ହାଲ୍ଲା ଶୁଣିବାକୁ ମିଳିଛି । ବଞ୍ଚାଅ... ବଞ୍ଚାଅ... ବୋଲି କେହି ଚିତ୍କାର କରୁଥିଲେ । ଗାଁ ଲୋକେ ଦେଖିବା ବେଳକୁ ଗାଁର ଶୈଳ ବାଲମୁଚ (୬୦)ଙ୍କ ଘର ହୁତହୁତ ହୋଇ ଜଳୁଥିଲା । ନିଆଁ ଏତେ ଭୟଙ୍କର ଥିଲା ଯେ ନିଆଁକୁ ଆୟତ୍ତ କରିବା ସମ୍ଭବ ନ ଥିଲା । ଘରେ ଶୈଳଙ୍କ ପତ୍ନୀ ସମ୍ବାରି (୫୦) ମଧ୍ୟ ଥିଲେ । ଗାଁର କେତେକ ଯୁବକ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଫଳରେ ଉଭୟ ସ୍ୱାମୀ-ସ୍ତ୍ରୀ ସେହି ନିଆଁରେ ଜିଅନ୍ତା ପୋଡ଼ି ପାଉଁଶ ହୋଇଗଲେ । ସକାଳୁ ସକାଳୁ ଖବରଟି ଚାରିଆଡ଼େ ପ୍ରଚାର ହୋଇଯିବାରୁ ଗାଁରେ ଲୋକଙ୍କ ଭିଡ଼ ଲାଗିଲା । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଥିଲା । କିଭଳି ଦମ୍ପତିଙ୍କ ମୃତ୍ୟୁ ହେଲା! କଳିଙ୍ଗନଗର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୁଲିସକୁ ମିଳିଥିଲା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ।

ପୁଲିସର କହିବାନୁଯାୟୀ, ଉକ୍ତ ଦମ୍ପତି ସବୁ ବେଳେ ଗୁଣିଗାରେଡ଼ି କରୁଥିବା ପଡ଼ୋଶୀ ସନ୍ଦେହ କରୁଥିଲେ । ଫଳରେ ପଡ଼ୋଶୀ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ବିଶ୍ୱାସ କରୁଥିଲେ । ବାରମ୍ବାର ଏହି ଗୁଣିଗାରେଡ଼ି ବନ୍ଦ କରିବାକୁ ଚେତାବନୀ ଦେଉଥିଲେ ମଧ୍ୟ ଦମ୍ପତି ମାନୁ ନ ଥିବା ପଡ଼ୋଶୀ କହିଥିଲେ । ସେଥିପାଇଁ ସେହି ଦମ୍ପତିଙ୍କୁ ପାନେ ଦେବା ପାଇଁ ଚିନ୍ତା କରିଥିଲେ ଗ୍ରାମବାସୀ । ଏଥିପାଇଁ ଏକ ଯୋଜନାବଦ୍ଧ ଭାବେ ସେଦିନ ବିଳମ୍ବିତ ରାତ୍ରିରେ ଦମ୍ପତି ଘରେ ଶୋଇଥିବା ବେଳେ ପଦାପଟୁ ନିଆଁ ଲଗାଇଥିଲେ ପଡ଼ୋଶୀ । ଯେଉଁଥିରେ ପୋଡ଼ିହୋଇ ଦମ୍ପତି ମୃତ୍ୟୁବରଣ କରିଥିଲେ । ଏହି ଘଟଣାରେ ପୁଲିସ ୨୦ ଜଣଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇ ସେମାନଙ୍କୁ ଗିରଫ କରିଥିଲା ।

ଦୀର୍ଘ ୩ ବର୍ଷ ପରେ ଯାଜପୁର ରୋଡ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହୃଷୀକେଶ ଆଚାର୍ଯ୍ୟ ଏହି ମାମଲାରେ ଅଭିଯୁକ୍ତ ୨୦ ଜଣଙ୍କ ସାକ୍ଷ୍ୟଗ୍ରହଣ କରିବା ପରେ ଘଟଣାରେ ସମ୍ପୃକ୍ତ ୧୭ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଆଜୀବନ କରାଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ବିରିମା ଗାଗରାଇ, ଶଙ୍କର ହିସା, ତୋଫାନ ସିଙ୍କୁ, ସାଗର ସିଙ୍କୁ, ସହଦେବ ବାଲମୁଚ, ନକୁଳ ବାଲମୁଚ, ବୃନ୍ଦାବନ ବାଲମୁଚ, ଭରତ ବାଲମୁଚ, ଦୁର୍ଗା ବାଲମୁଚ, ଗିରିଆ ବାଲମୁଚ, କାଳା ବାଲମୁଚ, ଦୋଳଗୋବିନ୍ଦ ନାୟକ, ଆକାଶ ବାଲମୁଚ, ମଙ୍ଗୁଲୁ ଗାଗରାଇ, ମଙ୍ଗୁଲୁ ତିରିଆ, ଶିବହେସା, ଥୁରା ସିଂ ।

ଛାୟାଗୀତି

# 'ଶ୍ରୀଜଗନ୍ନାଥ' ଗୀତ



ସୂର୍ଯ୍ୟ ଦେଓ

'ଶ୍ରୀଜଗନ୍ନାଥ' ଚଳଚ୍ଚିତ୍ରର ବିରହ ଗୀତିକା 'ତୁମେ ଲେଉଟିଲ ନାହିଁ'ରେ ମଧ୍ୟ ଯେଉଁ ତୁଳନାତ୍ମକ ଇନ୍ଦ୍ରଜାଲ ସୃଷ୍ଟି କରାଯାଇଛି ଓ ପ୍ରତୀକ ବିନିମୟ ମଧ୍ୟରେ ଯେଉଁ ଅର୍ଥ ଦିଶୁଛି, ସେହି କାବ୍ୟିକ କୌଶଳ ମଧ୍ୟ ପ୍ରାଚୀନ ଓଡ଼ିଆ କବିତାରୁ ଆସିଛି। ମହୁଆ ମୁଲକ ପୁଲକ ତୁଟାଇ/ ହାଟ ଲେଉଟାଣି ଅଳି/ ନଫେରେ କି ଆଉ ଫୁଲରାଣୀ ପାଶେ ପୀରତି ସଉଦା କରି/ ତୁମେ କହିଥିଲ ପୀରତି ପାଞ୍ଜିରେ/ ଛାଡ଼ବାଡ଼ ଯୋଗ ନାହିଁ/ ତେବେ କିଆଁ କହ ପୀରତିର ରୀତି ଆନ ହୁଏ ମୋହ ପାଇଁ/ ତୁମେ ଲେଉଟିଲ ନାହିଁ : ଏହି ଉଦ୍ଧୃତିରେ ଅଳି ବା ଭ୍ରମର ଓ ଫୁଲରାଣୀର ଯେଉଁ ପ୍ରତୀକ ଓ ତୁଳନାତ୍ମକ ପ୍ରୟୋଗ, ତାହା ପ୍ରାଚୀନ ଓଡ଼ିଆ କବିତାର ଭ୍ରମ ହିଁ ସୃଷ୍ଟି କରେ।

ସୁରେନ୍ଦ୍ର କୁମାର ଦାସଙ୍କ ରଚିତ ଏହି ଗୀତ, ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ବିରହ ଗୀତକୁ ତୁଳନାତ୍ମକ ଇନ୍ଦ୍ରଜାଲରେ ଛନ୍ଦି ଦେଲା।

'ଶ୍ରୀଜଗନ୍ନାଥ'ର 'ପିଆସୀରେ ନୀର ଖୋଜୁ କ୍ଷୀର ଦେବି ମୁହିଁ' ଓ 'ଆରେ ପଥୁକୀ କିମ୍ପାଇ ଭାବନା ହେବ ଜଣ' ଏହି ଦୁଇ ଗୀତର ରଚୟିତା ଯଥାକ୍ରମେ ଅଶ୍ୱିନୀ କୁମାର ଘୋଷ ଓ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ। ଚଳଚ୍ଚିତ୍ର ଦୃଶ୍ୟ ଅନୁରୂପ ଏହି ଗୀତରେ ନୀର ଖୋଜୁଥିବା ବିଦ୍ୟାପତିଙ୍କୁ କ୍ଷୀର ଯାଚୁଛନ୍ତି କିଶୋର ନୀଳମାଧବ ଏବଂ ନୀଳମାଧବଙ୍କ ଅନ୍ୱେଷଣ ସମୟରେ ଦ୍ୱିତୀୟ ଗୀତଟି ମଧ୍ୟ କିଶୋର ନୀଳମାଧବଙ୍କ ଚରିତ୍ର ଦେଇ ଚିତ୍ରାୟିତ ହୋଇଛି। ଆଉ ଯେଉଁ ତିନିଟି ଗୀତ ରହିଲା ତାହା ଶବର ସଂପ୍ରଦାୟର ଗୀତ ଓ କବିମଞ୍ଜୁଳ କଷ୍ଣପ୍ରସାଦ ବସୁ ସେସବୁର ରଚୟିତା। ୧. ଡୁଙ୍ଗର୍ ଫାଙ୍କେ / କୁଙ୍କୁମ୍ ମାଖେ/ ଦିନ୍ ଦେବତାର ଚୁମ୍/ ଦିନ୍ ଦେବତାର ଚୁମ୍/ ବନେ ମଉସୁମ୍, ୨.ପାହାଡ୍ ଫାଟେ ପଦମ୍ ଫୁଟେ / ନୀଲ ଦରିଆୟେ ଭାସେ ରେ/ ନୀଲାଚଲର ପଥର ସୁଲାର ଲାଖେ/ ଶଓରା ଘରର ଜୁଆଁଇ ଯେଟାରେ/ ତାକେ କେ ମାରିତେ ପାରେ/ ନୀଲମାଧିଆର ପାଦର ଧୂଳି ରଖେ/, ୩. ରୂପର ହାଟେ ପସରା ଘେନିଲେ/ ଯିବୁନି କି କିନ୍ତେ ବନଫୁଲ୍/ ଖୋଷାଏ ଖୋଷି ପୁନାଚା ପତା / କାନେ ଥିବ ଛୁରିଅନାର ଦୁଲ୍ ନାଗେଶ୍ୱର ଗନ୍ଧ ମଜ୍‌ଗୁଲ୍/ ରୂପର ହାଟେ ପସରା ଘେନିଲେ/ ଯିବୁନି କି କିନ୍ତେ ବନଫୁଲ୍।

ଏହି ତିନିଟି ଗୀତରେ ଦେଶଜ ଶବ୍ଦର ବ୍ୟବହାର ଓ ଦୃଶ୍ୟ ପ୍ରୟୋଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ଶବ୍ଦର ଯୋଜନା ପାଟବ ଦ୍ୱାରା ଏକ ଦୃଶ୍ୟ ସ୍ଥିତି ଓ ସଂପ୍ରଦାୟକୁ ଓଡ଼ିଆ ଚଳଚ୍ଚିତ୍ରରେ ସୂଚିତ କରିବାର ଧାରା ଏହି ତିନି ଗୀତରୁ ଆରମ୍ଭ ହୋଇଛି। ପୁନଶ୍ଚ ଓଡ଼ିଆ ଚଳଚ୍ଚିତ୍ରରେ ସଂପ୍ରଦାୟଭାଷାକୁ ଗୀତିଭାଷାରେ ପରିବର୍ତ୍ତିତ କରିବାର ପ୍ରଥମ ପ୍ରୟାସ ମଧ୍ୟ ଏହିଠାରୁ।

ଚଳଚ୍ଚିତ୍ର ସଙ୍ଗୀତ ସଂଯୋଜନାରେ ମଧ୍ୟ ଶାସ୍ତ୍ରୀୟ ସ୍ୱର ଆରୋପଣ ଓ ମନ୍ଦ୍ର ଗାୟନ ଗତିର ପ୍ରୟୋଗ ମଧ୍ୟ ଉଭୟ 'ଲଳିତା' ଓ 'ଶ୍ରୀଜଗନ୍ନାଥ'ର ଗୀତରୁ ଆରମ୍ଭ ହୋଇଛି। 'ଲଳିତା'ର ଛଅଟି ଗୀତର ସ୍ୱର ବିନ୍ୟାସ ଏହିପରି: ରାଗ 'ବିଲାହରି' ଓ ତାଳ 'ଦାଦରା'ରେ 'ଥରେ ଥିରି ବସନ୍ତ ଫେରି ଅନା', ରାଗ 'ମିଶ୍ର ଖମାଜ' ଓ ତାଳ 'ଦାଦରା'ରେ 'କେ ଧନୀ ଯମୁନାକୁ ଯାଏ', ରାଗ 'ତିଳକ କାମୋଦ' ଓ ତାଳ 'ଦାଦରା'ରେ 'ନବୀନ ନୀଳଘନ', ରାଗ 'ମିଶ୍ର କାଫି' ଓ ତାଳ 'ଖେମଟା'ରେ 'ଚାଲରେ ପଥୁକି ଘନ ବନ୍ଧୂର ପଥେ' ଓ ରାଗ 'ମିଶ୍ର କାଫି' ଓ ତାଳ 'କହରବା'ରେ 'ବନଫୁଲ! ରାଧେକୃଷ୍ଣ ବୋଲରେ'।

ସୂଚନାଯୋଗ୍ୟ ଯେ ପ୍ରାରମ୍ଭିକ ସ୍ତରରେ ନିର୍ମିତ ହୋଇଥିବା ତିନିଟି ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଭାରତୀୟ ଶାସ୍ତ୍ରୀୟ ସଂଗୀତ ଶୈଳୀର ସଂପୂର୍ଣ୍ଣ ପ୍ରୟୋଗ ହୋଇଛି। ସୀତା ବିବାହ, ଲଳିତା ଓ ଶ୍ରୀଜଗନ୍ନାଥ ଚଳଚ୍ଚିତ୍ରର କାହାଣୀ ପୁରାଣ ଆଧାରିତ ଓ ଭାବ ପ୍ରଧାନ। ପ୍ରତି ଚଳଚ୍ଚିତ୍ରରେ ବିଭିନ୍ନ ଭାବର ସମନ୍ୱୟ ରହିଛି। ଭାବ ବ୍ୟକ୍ତ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। 'ସୀତା ବିବାହ' ଓ 'ଲଳିତା' ଚଳଚ୍ଚିତ୍ରରେ ଶୁଦ୍ଧ ଶାସ୍ତ୍ରୀୟ ସଙ୍ଗୀତର ବ୍ୟବହାର କରାଯାଇଥିବା ବେଳେ 'ଶ୍ରୀଜଗନ୍ନାଥ' ଚଳଚ୍ଚିତ୍ରରେ ଗୀତର ମୂଳ ସ୍ୱର ଶାସ୍ତ୍ରୀୟ ରାଗ ଆଧାରିତ ହୋଇଛି। ଯେଉଁ ଆଠଟି ଗୀତ ଏହି ଚଳଚ୍ଚିତ୍ରରେ ରହିଛି, ତାହାର ଶାସ୍ତ୍ରୀୟ ଆଧାର ଏହିପରି: 'ଚକାଡ଼ୋଳା କିମ୍ପା ଡକା ନ ଶୁଣ' ରାଗ 'ପିଲୁ' ଓ ତାଳ 'ଆଠତାଳି', 'ନୀଳ ସିନ୍ଧୁତୀରେ ନୀଳ ଅଚଳ' ରାଗ 'ପରଜ୍' ଓ ତାଳ 'ଯତି', 'ହୋ ଆଜ ବନେ ମଉସମ୍' ରାଗ 'ଝିନ୍‌ଝୋଟି' ଓ ତାଳ 'ଦାଦରା', 'ଆରେ ପଥୁକୀ କମ୍ପାଇ ଭାବନା ହେବ ଜଣ' ରାଜ 'ତିଳକ କାମୋଦ' ଓ ତାଳ ' କହରାବା', 'କଥାଟିଏ କହୁଁ' ରାଗ 'କାମୋଦୀ', ତାଳ 'କହରବା', 'ପାହାଡ୍ ପାଦେ ପଦମ୍ ଫୁଟେ' ରାଗ 'ମୋହନା' ଓ ତାଳ 'ଦାଦରା', 'ତୁମେ ଲେଉଟିଲ ନାହିଁ' ରାଗ 'ମିଶ୍ର କାଫି' ଓ ତାଳ 'ଓଡ଼ିଶୀ ରୂପକ' ଏବଂ 'ପିଆସୀରେ ନୀର ଖୋଜୁ' ରାଗ 'ମୁଖାରୀ' ତାଳ 'ଦାଦରା'।







ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାରେ ସମୟାନୁସାରେ ରାଗ ଗାୟନର ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ରହିଛି। ପ୍ରାତଃ, ପୂର୍ବାହ୍ଣ, ମଧ୍ୟାହ୍ଣ, ଅପରାହ୍ଣ, ସଂଧ୍ୟା, ରାତ୍ରି ଓ ମଧ୍ୟରାତ୍ରି ସମୟ ଅନୁଯାୟୀ ଗାୟନର ଭିନ୍ନ ଭିନ୍ନ ବିଶେଷତ୍ୱ ମଧ୍ୟ ରହିଛି। ସେହିପରି ବିଭିନ୍ନ ଋତୁ ଏବଂ ବିଭିନ୍ନ ଭାବକୁ ବ୍ୟକ୍ତ କରିବା ପାଇଁ ମଧ୍ୟ ଭିନ୍ନ ଭିନ୍ନ ରାଗ ରହିଛି। ସେହପରି ବିଭିନ୍ନ ତାଳ ଓ ତାହାର ମାତ୍ରା ମଧ୍ୟ ଶାସ୍ତ୍ରୀୟ ସଙ୍ଗୀତରେ ଭାବ ଅନୁସାରେ ନିୟନ୍ତ୍ରିତ ହୁଏ। ଅତଏବ ଚଳଚ୍ଚିତ୍ରରେ ଭାବକୁ ଧ୍ୟାନରେ ରଖି ଶାସ୍ତ୍ରୀୟ ସଙ୍ଗୀତ ସହାୟତାରେ ସଙ୍ଗୀତ ନିର୍ମାଣର ପରମ୍ପରା ଆରମ୍ଭରୁ ଥିଲା ଓ ଭାରତୀୟ ଚଳଚ୍ଚିତ୍ରରୁ କ୍ରମେ ଏହା ପ୍ରାନ୍ତୀୟ ଚଳଚ୍ଚିତ୍ରକୁ ମଧ୍ୟ ପ୍ରଭାବିତ କଲା।

ପ୍ରଥମ ଦୁଇଟି ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ଓ 'ଲଳିତା'ରେ ଶୁଦ୍ଧ ଶାସ୍ତ୍ରୀୟ ସଙ୍ଗୀତ ପ୍ରୟୋଗର ଯେଉଁ ଧାରା ଆରମ୍ଭ ହୋଇଥିଲା, ତୃତୀୟ ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥ' ବେଳକୁ ସେଥିରେ ଖାଦ ମିଶିବା ଆରମ୍ଭ ହେଲା। ଅର୍ଥାତ୍ ଶାସ୍ତ୍ରୀୟ ରାଗ ଆଧାରିତ ସଙ୍ଗୀତ ନିର୍ମାଣ ହେଲା, ଯାହା ସଂପୂର୍ଣ୍ଣ ଶୁଦ୍ଧ ନୁହେଁ ବରଂ ମିଶ୍ରଣ। ଯେଣୁ ଚଳଚ୍ଚିତ୍ରରେ ସଂଗୀତ ରାଗ ପ୍ରଧାନ ନୁହେଁ ବରଂ ଭାବ ପ୍ରଧାନ, ଏଣୁ ସଙ୍ଗୀତକାର ଭାବ ଉପରେ ଗୁରୁତ୍ୱ ଆରୋପ କରି ମିଶ୍ର ରାଗ ଆଧାରିତ ସଂଗୀତ ନିର୍ମାଣ କଲେ। ଏହାର ସିଧାସଳଖ ପ୍ରଭାବ ଗୀତ ରଚନା ଉପରେ ମଧ୍ୟ ପଡ଼ିଲା। ବାରମ୍ବାର ବୈଠକୀ ହେଲା, ବାରମ୍ବାର ଗୀତର ଧାଡ଼ି ପରିବର୍ତ୍ତନ ହେଲା। ଏହି ପ୍ରକ୍ରିୟାଟି 'ଶ୍ରୀଜଗନ୍ନାଥ' ଚଳଚ୍ଚିତ୍ରରୁ ହିଁ ଆରମ୍ଭ ହେଲା।

ଏପର୍ଯ୍ୟନ୍ତ ପ୍ରଥମ ତିନିଟି ଚଳଚ୍ଚିତ୍ରର ସାଙ୍ଗୀତିକ ଅବଦାନକୁ ତିନିଟି ଧାରାରେ ସୀମିତ କରାଯାଇପାରେ: ସମ୍ଭ୍ରାନ୍ତ ଭାଷା, ଠାଣି ଓ ଚିତ୍ରଗୁଣ। ■

## ଫ୍ରାଇଡେ' ରିଲିଜ୍ ୨୪ ନଭେମ୍ବର

### ହିନ୍ଦୀ

#### ଇମରଜେନ୍ସି



**ନିର୍ଦ୍ଦେଶନା:** କଙ୍ଗନା ରଣାୱତ
**ପ୍ରଯୋଜନା:** କଙ୍ଗନା ରଣାୱତ,ରେଣୁ ପିଟି
**କଳାକାର:** କଙ୍ଗନା ରଣାୱତ, ଅନୁପମ ଖେର୍, ମିଲିନ୍ଦ ସୋମନ

#### ବମ୍ବେ ଦ ଫିଲ୍ମ



**ନିର୍ଦ୍ଦେଶକ:** ସଞ୍ଜୟ ନିରଞ୍ଜନ
**ପ୍ରଯୋଜକ:** ଫିରଦୋଷ ଶେଖ୍
**କଳାକାର:** ଦୀପଶିଖା ନାଗପଲ, ବନ୍ଦନା ଲାଲୱାନି

#### ଫର୍ରେ



**ନିର୍ଦ୍ଦେଶକ:** ସୌମେନ୍ଦ୍ର ପାଢ଼ୀ
**କଳାକାର:** ଅଲିଜେହ ଅଗ୍ନିହୋତ୍ରୀ, ଜୁହି ବବ୍ବର, ଜେନ୍ ଶ'

## ପରଦା ପଛର କାହାଣୀ

# ବୟସ ପାଇଁ ହଲ୍‌ରେ ଫିଲ୍ମ ଦେଖିପାରିଲେନି ନୂତନ



ଶିଶୁ କଳାକାର ଭାବେ କ୍ୟାରିୟର ଆରମ୍ଭ କରିଥିଲେ ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ନୂତନ। ୧୪ ବର୍ଷ ବୟସରେ ସେ 'ନଗୀନା' ସିନେମାରେ ଅଭିନୟ କରିଥିଲେ। ସେହିପରି ସେ ମିସ୍ ଇଣ୍ଡିଆ ଲାଗି ବି ମନୋନୀତ ହୋଇଥିଲେ। ସେଥିପାଇଁ ତାଙ୍କ ପୋଷ୍ଟର ମଧ୍ୟ ସେ ସମୟରେ ଚାରିଆଡ଼େ ଲଗାଯାଉଥିଲା। ତେବେ ରୋଚକୀୟ ବିଷୟ ହେଉଛି 'ନଗୀନା' ସିନେମାର ଅଭିନେତ୍ରୀ ଅର୍ଥାତ୍ ନୂତନଙ୍କୁ ନିଜ ସିନେମା ଦେଖିବାରୁ ବଞ୍ଚିତ କରାଯାଇଥିଲା। ଅର୍ଥାତ୍ ଫିଲ୍ମ ଦେଖିବା ପାଇଁ ତାଙ୍କୁ ହଲ୍‌କୁ ଯିବାକୁ ମନା କରାଯାଇଥିଲା। ଏହାର କାରଣ ଥିଲା ତାଙ୍କ ବୟସ।

ସେତେବେଳେ ନୂତନଙ୍କ ବୟସ ଥିଲା ୧୪ ବର୍ଷ। ଫିଲ୍ମ ପ୍ରିମିୟର୍ ସମୟରେ ୱାଚ୍‌ମ୍ୟାନ୍ ତାଙ୍କ ବୟସକୁ ଦେଖି ନୂତନଙ୍କୁ ହଲ୍ ଭିତରକୁ ଯିବାକୁ ମନା କରିଥିଲେ। ସେ ସେହି ଫିଲ୍ମର ଅଭିନେତ୍ରୀ ବୋଲି ନୂତନ ସେହି ୱାଚ୍‌ମ୍ୟାନ୍‌ଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। କାରଣ ୱାଚ୍‌ମ୍ୟାନ୍ ଜଣକ ସେମିତି ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ନୂତନ ନିଜ ଫିଲ୍ମକୁ ହଲ୍‌ରେ ଦେଖି ନ ପାରି ଫେରି ଥିଲେ।

# ବାହା ହେବେ ରଣଦୀପ

ଶିବଲିଉଡ୍ ଅଭିନେତା ରଣଦୀପ ହୁଡ୍ଡା ଫିଲ୍ମ ସହିତ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାନ୍ତି। ତେବେ ଏବେ ସେ ତାଙ୍କ ବାହାଘର ପାଇଁ ଚର୍ଚ୍ଚାରେ ଅଛନ୍ତି। ଖୁବ୍‌ଶୀଘ୍ର ସେ ତାଙ୍କ ପ୍ରେମିକା ଲିନ୍ ଲେଶରାମଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ। ଅବଶ୍ୟ ବାହାଘର ତାରିଖ ସମ୍ପର୍କରେ ରଣଦୀପ ଖୁଲାସା କରି ନ ଥିଲେ ମଧ୍ୟ ଏହି ମାସ ଶେଷ ସୁଦ୍ଧା ବିବାହ କରିପାରନ୍ତି ବୋଲି କୁହାଯାଉଛି। ଏହାବାଦ୍ ତାଙ୍କ ବାହାଘର ମୁମ୍ବାଇରେ ଅନୁଷ୍ଠିତ ହେବ ନାହିଁ। ତା'ସହ ରଣଦୀପଙ୍କ ବାହାଘରରେ କେବଳ ତାଙ୍କ ପରିବାର ସଦସ୍ୟ ଓ ଅନ୍ତରଙ୍ଗ ବନ୍ଧୁମାନେ ଉପସ୍ଥିତ ରହିବେ। ଅନ୍ୟପଟେ ରଣଦୀପ ଗତବର୍ଷ ଲିନ୍‌ଙ୍କ ସହ ପ୍ରେମ ସମ୍ପର୍କରେ ଥିବା ଘୋଷଣା କରିଥିଲେ। ■



# ପୁଣି ଗର୍ଜିବ ସିଂହମ୍

ପୁଣି ଥରେ ରୋହିତ ସେଟ୍ଟିଙ୍କ ସିନେମା 'ସିଂହମ୍ ଏଗେନ୍'ରେ ସିଂହ ଭଳି ଗର୍ଜନ କରିବେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ। ଏବେ ଏହି ଫିଲ୍ମର ସୁଟିଂ ଜାରି ରହିଛି। ତେବେ ଫିଲ୍ମର କାହାଣୀ ବିଷୟରେ ବେଶି କିଛି ତଥ୍ୟ ସାମ୍ନାକୁ ଆସି ନ ଥିଲେ ଇତିମଧ୍ୟରେ ସିନେମାରେ ଅଜୟଙ୍କ ଫାଷ୍ଟ୍‌ଲୁକ୍‌କୁ ଜାରି କରାଯାଇଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି। ଏଥିରେ ଅଜୟଙ୍କ କିଲର୍ ଲୁକ୍ ଚର୍ଚ୍ଚା ସାଉଁଟୁଛି। ସେହିପରି ଅଜୟ ତାଙ୍କର ଏହି ଦମ୍‌ଦାର୍ ଫଟୋକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଲେଖିଛନ୍ତି, 'ସେ ହେଉଛି ପରାକ୍ରମୀ, ଶକ୍ତି, ଭୟଙ୍କର, ଶକ୍ତିଶାଳୀ, ପୁଣି ସିଂହ ଭଳି ଗର୍ଜନ କରିବ।' ଅନ୍ୟପଟେ ସିଂହ ଫଟୋ ଧରେ ଅଜୟଙ୍କ କ୍ରୋଧଭରା ମୁହଁ ସାଙ୍ଗକୁ ତାଙ୍କ ନାଲି ଆଖିକୁ ଦେଖି ଲାଗୁଛି, ଫିଲ୍ମରେ ସେ ସିଂହ ଭଳି ଗର୍ଜନ କରିବା ଥୟ। ■



# 'ଗୃହଲକ୍ଷ୍ମୀ'

## ପ୍ରତିଭା ପ୍ରଦର୍ଶନ ମଞ୍ଚ



ଜି ସାର୍ଥକରେ ପ୍ରସାରିତ ରିଆଲିଟି ଶୋ' 'ଗୃହଲକ୍ଷ୍ମୀ' ୨୦୨୩ରେ ଗୃହିଣୀମାନଙ୍କ କଳା ପ୍ରତିଭା ପ୍ରଦର୍ଶନ ସାଙ୍ଗକୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଦର୍ଶକଙ୍କର ଭରପୂର ମନୋରଞ୍ଜନର ଖୋରାକ ଯୋଗାଉଛି। ଡ୍ୟାନ୍ସ ରାଉଣ୍ଡରେ ଗୃହିଣୀମାନଙ୍କ ନୃତ୍ୟ ଦର୍ଶକଙ୍କ ମନ ଜିଣିବା ସହ ବିଚାରପତିଙ୍କ ମନକୁ ମଧ୍ୟ ଛୁଇଁବ। ସେହିପରି ଏହି ଶୋ'ରେ ଦୁଇ ଦଳ ପ୍ରତିଯୋଗୀଙ୍କ ମୁଖିଆ ସ୍ନିଗ୍ଧା ଓ ଆନିଷାଙ୍କ ଥଟ୍ଟା ପରିହାସ ଶୋ'କୁ ଅଧିକ ମନଛୁଆଁ କରିଛି। ଅନ୍ୟପଟେ ମୁନ୍ନା ଓ ମାମା ୧୯ ବର୍ଷ ପରେ ଏହି ଶୋ'ରେ ଏକାଠି ନଜର ଆସିଛନ୍ତି। ସେହିପରି ଶ୍ରୀତମ ଦାସ ମଧ୍ୟ ସେମାନଙ୍କ ସହ ବିଚାରପତି ଆସନକୁ ଅଳଙ୍କୃତ କରି ଗୃହଲକ୍ଷ୍ମୀମାନଙ୍କୁ ପରଖୁଛନ୍ତି। ତେବେ ବିବାହିତା ନାରୀଙ୍କୁ ସେମାନଙ୍କ କଳା, ପ୍ରତିଭା ତଥା ଦକ୍ଷତା ପ୍ରତିପାଦନ କରିବା ପାଇଁ 'ଗୃହଲକ୍ଷ୍ମୀ' ହେଉଛି ଏକ ସୁନ୍ଦର ମଞ୍ଚ। ■



ସାକ୍ଷାତକାର

# ଦର୍ଶକଙ୍କ ହୃଦୟକୁ ଛୁଇଁଛି 'ମାଇଁ ସୁଇଟ୍ ହାଉସ୍ ୱାଇଫ୍'



କଳାଜଗତର ଏକ ପରିଚିତ ନାଁ ନୈନା ଦାଶ। ବିଭିନ୍ନ ଚରିତ୍ରରେ ନିଖୁଣ ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣିଛନ୍ତି। ତାଙ୍କ ସୁନ୍ଦର ହସ ହିଁ ବ୍ୟକ୍ତିତ୍ୱର ଅନ୍ୟତମ ବିଭବ। ଓଲିଉଡରୁ ଟଲିଉଡ ଯାଏଁ ତାଙ୍କର ଲମ୍ବା ଅଭିନୟଯାତ୍ରା। ଟେଲିଫିଲ୍ମରୁ ଆରମ୍ଭ ହୋଇଥିଲା ତାଙ୍କର କ୍ୟାରିୟର। ଏହାପରେ ତାଙ୍କୁ ବିଭିନ୍ନ ଆଲବମ୍, ଲୋକପ୍ରିୟ ଧାରାବାହିକ, ଚଳଚ୍ଚିତ୍ର ଓ ଶୋ'ର ଉପସ୍ଥାପିକା ଭାବେ ଦେଖିବାକୁ ମିଳିଛି। ତାଙ୍କ ଅଭିନୀତ 'ଡେଇଁଛି ମୋ ବାଁ ଆଖି' ଆଲବମ୍‌ଟି ଆଜି ବି ଦର୍ଶକଙ୍କ ମନରେ ଘରକରି ରହିଛି। ଓଡ଼ିଆ ଫିଲ୍ମ ହେଉ କି ସାଉଥ୍ ଫିଲ୍ମରେ ସେ ନିଜ ଅଭିନୟ ଦକ୍ଷତାର ଛାପ ରଖିଛନ୍ତି। ନିକଟରେ ରିଲିଜ୍ ହୋଇଥିବା 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ତାଙ୍କୁ ଦର୍ଶକଙ୍କ ନିକଟରେ ଅଧିକ ଲୋକପ୍ରିୟ କରାଇଛି। ରାଜ୍ୟ ତଥା ରାଜ୍ୟ ବାହାରେ ସ୍ୱତନ୍ତ୍ର ପରିଚୟ ଗଢ଼ିଥିବା ନୈନାଙ୍କ ସହିତ ଏଥର ଅଳ୍ପ ଆଳାପ।




**'ମାଇଁ ସୁଇଟ୍ ହାଉସ୍ ୱାଇଫ୍'କୁ ନେଇ ଆପଣଙ୍କ ଅନୁଭବ କ'ଣ?**

● ମୋ ପ୍ରତି ଦର୍ଶକଙ୍କ ଭଲପାଇବା ସବୁବେଳେ ରହିଆସିଛି। ଏହି ସିନେମାରେ କାମ କରିବାର ଅନୁଭୂତି ମୋ ପାଇଁ ସ୍ୱତନ୍ତ୍ର। ଏମିତି ଏକ ବାସ୍ତବ କାହାଣୀ ସିନେମାରେ କାମ କରିବା ବହୁଦିନର ଇଚ୍ଛା ଥିଲା। ସିନେମା ଦେଖିଲା ପରେ ଦର୍ଶକ ଘରକୁ କିଛି ନେଇକି ଯିବା ତଥା ସିନେମା ଦ୍ୱାରା ସମାଜକୁ ଶିକ୍ଷଣୀୟ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏହି ସିନେମା ତିଆରି କରିଥିଲୁ। ଏହା ଆମେ ଚିରାଚରିତ ଫିଲ୍ମ ନୁହେଁ, ଏହି ଫିଲ୍ମ ପ୍ରତ୍ୟେକ ଘରର କାହାଣୀ। ଏହା ସହିତ ଇମୋସନ, ଖୁସି ଓ ଉତ୍ସାହନା ଯୋଡ଼ି ହୋଇ ରହିଛି। ତେଣୁ ଏଥିରେ ଥିବା ଚରିତ୍ରଟି ମୋତେ ଦର୍ଶକଙ୍କ ପାଖେ ଅଧିକ ପ୍ରିୟ କରାଇଛି।

**ଫିଲ୍ମଟି ନିର୍ମାଣ ପାଇଁ କେତେ ଦିନ ଲାଗିଥିଲା?**

● ଏହି ସିନେମା କରିବାକୁ ଦେଢ଼ରୁ ଦୁଇବର୍ଷ ସମୟ ଲାଗିଥିଲା। ଏହି ଫିଲ୍ମକୁ ସମାଜର ପ୍ରତିଛବି କୁହାଯାଉଥିବାରୁ ଅରିଜିନାଲ ସ୍କ୍ରୀପ୍ଟ ଉପରେ କାମ କରି ବାରମ୍ବାର ରିସର୍ଚ୍ଚ କରିଥିଲୁ। କେବଳ ପ୍ରଯୋଜକ କିମ୍ବା କଳାକାର ଭାବେ ସିନେମା ପାଇଁ କାମ କରିନଥିଲୁ ବରଂ ଫିଲ୍ମର ସଫଳତା, ଚରିତ୍ର ଚିତ୍ରଣ, କ୍ରିଏଟିଭ୍, ସାଉଣ୍ଡ, ଏଡିଟିଂ, ଟେକ୍‌ନିକ୍ ଆଦି ସମସ୍ତ କାମ ପାଇଁ ଟିମ୍ ସହିତ ଯୋଡ଼ି ହୋଇ ରହିଥିଲୁ। ଏଥିପାଇଁ ଅନେକ ପରିଶ୍ରମ କରିଛୁ।

**ଫିଲ୍ମ ରିଲିଜ୍ ପୂର୍ବରୁ ଯେତିକି ପରିଶ୍ରମ କରୁଥିଲେ, ପରେ ମଧ୍ୟ ତାହା ଜାରି ରଖିଛନ୍ତି, ଏହାର କାରଣ କ'ଣ?**

● ସବୁବେଳେ ଦର୍ଶକ ଅରିଜିନାଲ ଫିଲ୍ମ ଦେଖିବାକୁ ଚାହୁଁଥିଲେ। ତେଣୁ ଫିଲ୍ମ କେବଳ ରିଲିଜ୍ କରିଦେଲେ ହେବନି। ବରଂ ଦର୍ଶକଙ୍କୁ ସଚେତନତା କରାଇବା ଫିଲ୍ମ ନିର୍ମାତା, କଳାକାରଙ୍କ ମୁଖ୍ୟ କାମ। ତେଣୁ ଦର୍ଶକଙ୍କୁ ଜାଗ୍ରତ କରିବାକୁ ଯାଇ ରିଲିଜ୍ ପୂର୍ବରୁ ଫିଲ୍ମ ପାଇଁ ପ୍ରମୋସନ କରିଥିଲୁ। ଆଉ ଫିଲ୍ମ ରିଲିଜ୍ ପରେ ବି ସେହି ପ୍ରୟାସ ଜାରି ରହିଛି। ଫିଲ୍ମଟି ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ପାଇଁ। ଦର୍ଶକଙ୍କ ହୃଦୟକୁ ଛୁଇଁପାରିଛି। ତେଣୁ ଏହି ଫିଲ୍ମର କାହାଣୀ ଓ ବାସ୍ତବ କଥା ଜଣାଇବାକୁ ବିଭିନ୍ନ ସ୍ଥାନରେ ବୁଲି ଦର୍ଶକଙ୍କୁ ଫିଲ୍ମ ଦେଖିବା ପାଇଁ ସଚେତନତା କରୁଛୁ। ସକାଳୁ ସନ୍ଧ୍ୟା ଯାଏଁ ଭିନ୍ନ ଭିନ୍ନ କୌଶଳରେ ଫିଲ୍ମର ବାସ୍ତବ କଥାକୁ ପ୍ରଦର୍ଶିତ କରୁଛୁ। ଦର୍ଶକ ମଧ୍ୟ ଫିଲ୍ମ ଦେଖି ଭିଡିଓ ମାଧ୍ୟମରେ ଆମକୁ ସେମାନଙ୍କ ପ୍ରତିକ୍ରିୟା ପଠାଉଛନ୍ତି। ବାସ୍ତବରେ ଦର୍ଶକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନା କାମ କରିବାର ମନୋବୃତ୍ତିକୁ ଆଗକୁ ବଢ଼ାଉଛି।

**ହାଉସ୍ ୱାଇଫ୍ ଭାବେ ସଫଳତାରୁ 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ନାମକରଣ ବାଛିଲେ କି?**

● “ମାଇଁ ସୁଇଟ୍ ହାଉସ୍ ୱାଇଫ୍' ଫିଲ୍ମ ଆମ ସମାଜର ପ୍ରତିଛବି, ଅପର୍ଣ୍ଣା ଚରିତ୍ରରେ ପ୍ରତ୍ୟେକ ମହିଳାମାନେ ନିଜକୁ ଖୋଜିବେ। ଆଉ ପୁରୁଷମାନେ 'ରୁଦ୍ର' ଚରିତ୍ରରେ ନିଜକୁ ଖୋଜିପାଇବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହିଫିଲ୍ମ ଦେଖିବା ପରେ ସିନେମା ହଲରେ ଲୋକଙ୍କ ଆଖିରେ ଲୁହ ଆସୁଛି। ଫିଲ୍ମକୁ ଭୂରି ଭୂରି ପ୍ରଶଂସା କରୁଛନ୍ତି।

**ପ୍ରତିରାଜଙ୍କୁ କାହିଁକି ହିରୋ ଭାବେ ବାଛିଲେ?**

● ପ୍ରତିରାଜଙ୍କୁ ଆମେ ବାଛିନୁ, ବରଂ କାହାଣୀ ବାଛିଛି। ଟିମ୍ ସଦସ୍ୟ ଭାବେ ଆମେ କେବଳ କାହାଣୀକୁ ଜୀବନ୍ତ କରୁଥିବା ପ୍ରତ୍ୟେକ ଚରିତ୍ରକୁ ଚୟନ କରୁଥିଲୁ। ସେ ସମୟରେ ବଜେଟ୍, କେମେଷ୍ଟ୍ରି ଏସବୁକୁ ଦୃଷ୍ଟି ଦେଇନଥିଲୁ। ପ୍ରତିରାଜଙ୍କ ପରି ମୁଁ ମଧ୍ୟ ଫିଲ୍ମରେ ମୋ ଚରିତ୍ରକୁ ଜୀବନ୍ତ ଭାବେ ଫୁଟାଇବାକୁ ପ୍ରୟାସ କରିଥିଲି।

**ପିଲାମାନଙ୍କୁ ସିନେମା ଜଗତକୁ ଆଣିବେ କି?**

● ମୋ ପୁଅ ମିଭାନ୍‌ର ଭବିଷ୍ୟତକୁ ମୁଁ ସ୍ଥିର କରିବିନି। ବରଂ ସେ ଯେଉଁଥିରେ ଖୁସି ରହିବ ଏବଂ ଯେଉଁ କ୍ଷେତ୍ରରେ ତା'ର ପାରଦର୍ଶିତା ରହିଥିବ, ସେ ସେହିଥିରେ ଭବିଷ୍ୟତ ଗଢ଼ିବ।

**ସାଉଥ୍ ଫିଲ୍ମ କରିବାକୁ କାହିଁକି ମନ ବଳାଇଥିଲେ, ଏଥିପାଇଁ ଓଡ଼ିଶା ଛାଡ଼ିବାକୁ ପଡ଼ିଥିଲା କି?**

● ସାଉଥ୍ ଫିଲ୍ମ ପାଇଁ କେବେ ବି ମୁଁ ଓଡ଼ିଶା ଛାଡିନି କି ଏଥିରେ କାମ କରିବାକୁ ମୁଁ କେବେ ଇଚ୍ଛା କରିନଥିଲି। ବରଂ ମୋର ପ୍ରତିଭାକୁ ଚିହ୍ନି ମୋତେ ଅଫର ଆସିଥିଲା।

**କେଉଁ ଚରିତ୍ରରେ କାମ କରିବାକୁ ଆଗ୍ରହ ରଖିଛନ୍ତି?**

● ଚରିତ୍ର ଯାହା ବି ହୋଇଥାଉନା କାହିଁ, ମୁଁ ଚରିତ୍ରକୁ କେତେ ଜୀବନ୍ତ କରିପାରିବି ତାହାକୁ ଗୁରୁତ୍ୱ ଦିଏ।

**ସିଦ୍ଧାର୍ଥ ତିୱାରୀଙ୍କୁ କେବେଠୁ ଜାଣିଲେ?**

● ବାହାଘର ସ୍ଥିର ହେଲା ପରେ ମୁଁ ସିଦ୍ଧାର୍ଥଙ୍କୁ ଜାଣିଲି।

**ଓଡ଼ିଶାର ଦର୍ଶକଙ୍କୁ କି ବାର୍ତ୍ତା ଦେବେ?**

● ଅନେକ ପରିଶ୍ରମ କରି 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ସିନେମାକୁ ଆମେ ଆମର ଦର୍ଶକଙ୍କ ପାଇଁ ତିଆରି କରିଛୁ। ଦର୍ଶକଙ୍କ ପାଇଁ ହିଁ ଏହି ଫିଲ୍ମକୁ ଭଲପାଇବା ମିଳିଛି। ଆପଣଙ୍କ ଜୀବନ ଆମ ସମସ୍ତଙ୍କ ଜୀବନକୁ ନେଇ ଏ ସିନେମା। ଏହି ସିନେମା ଦେଖି ବାସ୍ତବ କାହାଣୀକୁ ଅନୁଭବ କରି ଅନ୍ୟମାନଙ୍କ ସହ ସେୟାର କରିବା ଭଲହେବ ବୋଲି କହିବି।

## ଫେଲ୍ ହେଲା ଆନିଷାର ଷଡ଼ଯନ୍ତ୍ର

ତରଙ୍ଗର ନୂଆଧାରାବାହିକ 'ଅନୁରାଧା'ର କାହାଣୀ ଏବେ ନୂଆ ତଥା ରୋଚକୀୟ ମୋଡ଼ରେ ପହଞ୍ଚିଛି। ଅନୁରାଧାଙ୍କୁ ନାପସନ୍ଦ କରୁଥିବା ଯୁବରାଜ ମନରେ ସୃଷ୍ଟି ହେବ କି ଅନୁରାଧା ପ୍ରତି ଭଲପାଇବା। ଦୁହେଁ ଗୋଟିଏ କାମରେ ଏକାଠି ବାହାରକୁ ଯାଉଥିବା ବେଳେ ଅଚାନକ ଯୁବରାଜର କାର୍‌ର ବ୍ରେକ୍ ଫେଲ୍ ହୋଇଯାଇଛି। ଫଳରେ ସେମାନଙ୍କ କାର୍ ଏକ ଗଛରେ ପିଟି ହୋଇଯାଇଛି। ଏହାସହ ଯୁବରାଜ ଓ ଅନୁରାଧାଙ୍କୁ ଆଘାତ ମଧ୍ୟ ପହଞ୍ଚିଛି। ବିଶେଷକରି ଯୁବରାଜଙ୍କ ମୁଣ୍ଡ ଓ ଗୋଡ଼ରେ ବେଶି ଆଘାତ ଲାଗିଥିବାରୁ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛି ଅନୁରାଧା। ଏହାରି ଭିତରେ ଦେଖାଯାଇଛି ଯୁବରାଜ ଓ ଅନୁରାଧା ପରସ୍ପରର ନିକଟତର ହୋଇଛନ୍ତି। ଗୋଟେ ପଟେ ଅନୁରାଧା ପ୍ରତି ଯୁବରାଜଙ୍କ ମନରେ ଭଲପାଇବା ସୃଷ୍ଟି ହେବା ସନ୍ଦେହ କରାଯାଉଥିବା ବେଳେ ସେପଟେ ଯୁବରାଜର ଭାଉଜ ଆନିଷା ରଚିଥିବା ଚକ୍ରାନ୍ତ ମଧ୍ୟ ଫେଲ୍ ହୋଇଯାଇଛି। ଆନିଷା ହିଁ ଯୁବରାଜକୁ ମାରି ଦେବା ପାଇଁ ଗାଡ଼ିର ବ୍ରେକ୍ ଫେଲ୍ କରିଥିଲା। କିନ୍ତୁ ସେ ତା'ର ଷଡ଼ଯନ୍ତ୍ରରେ ସଫଳ ହୋଇପାରିନି। ତେଣୁ ଧାରାବାହାକିର କାହାଣୀ ଆଗକୁ ଅଧିକ ରୋଚକପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



## ଆରମ୍ଭ ହୋଇଛି ଶିବ -ଶକ୍ତିଙ୍କ ବିବାହ ଉତ୍ସବ

ଜି-ସାର୍ଥକର ଲୋକପ୍ରିୟ ଧାରାବାହିକ 'ଶକ୍ତି'ରେ ଶିବ ଓ ଶକ୍ତିଙ୍କ ମନର ମିଳନ ହେବ। ଦୁହେଁ ପରସ୍ପର ସହ ସବୁଦିନ ପାଇଁ ଯୋଡ଼ି ହେବେ। ଧାରାବାହିକରେ ଶିବ ଚରିତ୍ରରେ ଅଭିନେତା ନୀଲ୍ ଥିବା ବେଳେ ଶକ୍ତି ଭୂମିକାରେ ଅଭିନୟ କରୁଛନ୍ତି ମିତାଲି। ସେହିପରି ଏହି ଦୁଇ ଯୋଡ଼ିଙ୍କୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି। ତେବେ ଏହି ଧାରାବାହିକରେ ଏବେ ଆରମ୍ଭ ହୋଇଛି ଶିବ ଓ ଶକ୍ତିଙ୍କ ବିବାହ ଉତ୍ସବ। ସେମାନଙ୍କ ପବିତ୍ର ବନ୍ଧନର ମହା ଉତ୍ସବ ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଆଗକୁ ମଧ୍ୟ ଯୋଗାଇବ। ଅନ୍ୟପକ୍ଷରେ ଶିବ ଓ ଶକ୍ତିଙ୍କ ଏହି ନୂଆ ସମ୍ପର୍କ କ'ଣ ସେମାନଙ୍କ ପରିବାର ମଧ୍ୟରେ ଥିବା କଳହକୁ ସମାଧାନ କରିବାରେ ସାହାଯ୍ୟ କରିବ କି ନାହିଁ, ତାହା ଆଗକୁ ଜଣାପଡ଼ିବ।



## କାର୍ତ୍ତିକ 'ଶହଜାଦା' ପାଇଁ ନେଇ ନ ଥିଲେ ପାରିଶ୍ରମିକ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ଯ୍ୟନ୍ ଏବେ 'ଚନ୍ଦୁ ଚାମ୍ପିଅନ୍' ଫିଲ୍ମ ପାଇଁ ଚର୍ଚ୍ଚାରେ ଅଛନ୍ତି। ତେବେ 'ଶହଜାଦା' ଫିଲ୍ମର ଅସଫଳତା ବାବଦରେ ସେ ବିଭିନ୍ନ ସମୟରେ ପ୍ରତିକ୍ରିୟା ମଧ୍ୟ ପୂର୍ବରୁ ଦେଇଛନ୍ତି। ଏହି କ୍ରମରେ ଏବେ ସେ ଶହଜାଦା ଫିଲ୍ମ ପାଇଁ ପାରିଶ୍ରମିକ ନେଇ ନ ଥିବା ମୁହଁ ଖୋଲି କହିଛନ୍ତି। 'ଶହଜାଦା' ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ଆୟ କରିବାରେ ସଫଳ ହୋଇ ନ ଥିଲା। ସେଥିପାଇଁ କାର୍ତ୍ତିକ ଏହି ଫିଲ୍ମରେ ନିଜର ପାରିଶ୍ରମିକ ଛାଡ଼ି ଦେଇଥିଲେ। ଏହାସହ ସେ ଏହି ଫିଲ୍ମର ନିର୍ମାତା ନ ଥିବା ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ଅବଶ୍ୟ ସେ ଫିଲ୍ମ ଛାଡ଼ିବାରୁ ରୋହିତ ଧାୱନ ତାଙ୍କୁ ନିର୍ମାତାଙ୍କ ସ୍ଥାନରେ ବସାଇ ଦେଇଥିବା କାର୍ତ୍ତିକ କହିଛନ୍ତି। କେବଳ ସେତିକି ନୁହେଁ, ଏବେ କାର୍ତ୍ତିକ କେବଳ ତାଙ୍କ କ୍ୟାରିୟର ଉପରେ ଧ୍ୟାନ ଦେଉଛନ୍ତି। ଫିଲ୍ମ ନିର୍ମାଣ କରିବାର କୌଣସି ଯୋଜନା ନ ଥିବା ସ୍ପଷ୍ଟ କରିଛନ୍ତି।



## ୩୮ ଭାଷାରେ ରିଲିଜ୍ ହେବ 'କଙ୍ଗୁଭା'

### ୬ଟି ଚରିତ୍ରରେ ସୂର୍ଯ୍ୟା

ସାଉଥ୍ ସିଙ୍ଗମ୍ ଭାବେ ପରିଚିତ ଅଭିନେତା ସୂର୍ଯ୍ୟା ତାଙ୍କ ଆଗାମୀ ନୂଆ ଫିଲ୍ମ କଙ୍ଗୁଭାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ମୁଖ୍ୟତଃ ସାଉଥ୍‌ର ପ୍ୟାନ୍ ଇଣ୍ଡିଆ ଫିଲ୍ମ ଇଂରାଜି, ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ଼ ଏବଂ ମାଲାୟଲମ୍‌ରେ ରିଲିଜ୍ ହୋଇଥାଏ। ତେବେ କଙ୍ଗୁଭା ଏହି ସମସ୍ତ ରେକର୍ଡକୁ ଭାଙ୍ଗିବ ବୋଲି କୁହାଯାଉଛି। ସୂର୍ଯ୍ୟାଙ୍କ ଅଭିନୀତ ଏହି ଫିଲ୍ମ ୨୦ କି ୩୦ ନୁହେଁ, ବରଂ ୩୮ ଭାଷାରେ ପ୍ରେକ୍ଷାଳୟକୁ ଆସିବ। ଆଇମ୍ୟାକ୍ସ ଏବଂ ଥ୍ରୀଡି ଫର୍ମାଟ୍‌ରେ ଏହାକୁ ୩୮ ଭାଷାରେ ରିଲିଜ୍ କରାଯିବ। ଏହି ସିନେମାରେ ସୂର୍ଯ୍ୟା ଯୋଦ୍ଧା ଚରିତ୍ରରେ ନଜର ଆସିବେ। କେବଳ ସେତିକି ନୁହେଁ, ସୂର୍ଯ୍ୟା ଏଥିରେ ୬ଟି ଭିନ୍ନ ଭିନ୍ନ ଚରିତ୍ରରେ ନଜର ଆସିବେ। ସିନେମାର ସୁଟିଂ ଏହି ବର୍ଷ ଶେଷ ହେବ। ଅନ୍ୟପଟେ ଏହି ସିନେମାରେ ସୂର୍ଯ୍ୟାଙ୍କ ସମେତ ଦିଶା ପଟାନି, ବବି ଦେଓଲ, ଜଗପତି ବାବୁ ମଧ୍ୟ ପ୍ରମୁଖ ଚରିତ୍ରରେ ନଜର ଆସିବେ। କୁହାଯାଉଛି, 'କଙ୍ଗୁଭା' ସବୁଠୁ ମହଙ୍ଗା ଭାରତୀୟ ସିନେମା ମଧ୍ୟରୁ ଅନ୍ୟତମ ହେବ। ୩୦୦ରୁ ୩୫୦ କୋଟି ଟଙ୍କାରେ ନିର୍ମିତ ଏହି ବିଗ୍ ବଜେଟ୍ ଫିଲ୍ମ ୨୦୨୪ରେ ମୁକ୍ତିଲାଭ ହେବ।



## ଭୂମିଙ୍କୁ ଡେଙ୍ଗୁ

ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ ଭୂମି ପେଡନେକର୍ ଡେଙ୍ଗୁରେ ପୀଡ଼ିତ। ସେ ଏବେ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ଭୂମି ତାଙ୍କ ସାମାଜିକ ଗଣମାଧ୍ୟମରେ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ପ୍ରଦାନ କରି ସମସ୍ତଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ଡେଙ୍ଗୁ ଯୋଗୁଁ ୮ଦିନ ଧରି ତାଙ୍କୁ ବହୁ ସମସ୍ୟା ଦେଇ ଗତି କରିବାକୁ ପଡ଼ିଥିବା ସେ କହିଛନ୍ତି। ଅବଶ୍ୟ ପୂର୍ବ ତୁଳନାରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ସେ କହିଛନ୍ତି। ଏହାସହ ସେ ନିଜର କିଛି ଫଟୋ ମଧ୍ୟ ସେୟାର୍ କରିଛନ୍ତି। ଯେଉଁଥିରେ ଭୂମି ଅଧିକ ଦୁର୍ବଳ ଦେଖାଯାଉଥିବା ଦେଖିବାକୁ ମିଳିଛି। ଏପରିକି ଭୂମିଙ୍କଠାରେ ଡ୍ରିପ୍ ବି ଲାଗିଛି। ଅନ୍ୟପଟେ ତାଙ୍କ ଶୁଭେଚ୍ଛୁମାନେ ଭୂମିଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।



## ୪ ଦିନ ପାଇଁ ଅସ୍ତ୍ରବିରତି ଅନୁମତି ଦେଲା ଇସ୍ରାଏଲ ସଂସଦ

# ୫୦ ବନ୍ଦୀଙ୍କୁ ଛାଡ଼ିବ ହମାସ୍



- ନିପାତ ନ କରିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବନି: ନେତନ୍ୟାହୁ
- ହମାସ୍ ମୁଖ୍ୟ ଇସ୍‌ମାଇଲ ହାନିଏର ନାତି ଜମାଲ୍ ନିପାତ

ହମାସ ସହ ଯୁଦ୍ଧବିରତି ଚୁକ୍ତି ପାଇଁ ଇସ୍ରାଏଲ ସଂସଦ ଅନୁମତି ଦେଇଛି। ୫୦ ବନ୍ଦୀଙ୍କୁ ଫେରାଇବା ସର୍ତ୍ତରେ ୪ ଦିନ ପାଇଁ ଯୁଦ୍ଧବିରତି ପ୍ରସ୍ତାବ ସଂସଦରେ ପାରିତ ହୋଇଯାଇଛି। ଏହି ବନ୍ଦୀଙ୍କ ମଧ୍ୟରେ ଅଧିକାଂଶ ମହିଳା ଏବଂ ଶିଶୁ ଅଛନ୍ତି। ପ୍ରତ୍ୟେକ ଦିନ ୧୨ରୁ ୧୩ ଜଣଙ୍କୁ ହମାସ ମୁକ୍ତ କରିବ। ପ୍ରତି ୧୦ ବନ୍ଦୀଙ୍କ ପାଇଁ ଇସ୍ରାଏଲ ଗୋଟିଏ ଦିନ ଲେଖାଏଁ ଯୁଦ୍ଧ ବନ୍ଦ କରିବ। ସୂଚନା ଅନୁଯାୟୀ ଏହି ବନ୍ଧକଙ୍କ ମଧ୍ୟରେ ୩୦ ଶିଶୁ, ୧୨ ମହିଳା ଏବଂ ୮ ମାଆ ସାମିଲ ଅଛନ୍ତି। ଏହି ଚୁକ୍ତି ବଦଳରେ ଇସ୍ରାଏଲ ମଧ୍ୟ ପାଲେଷ୍ଟାଇନର ୧୫୦ କଏଦୀଙ୍କୁ ମୁକ୍ତ କରିବ। ଏଥିରେ ମହିଳା ଏବଂ ଶିଶୁଙ୍କୁ ପ୍ରାଧାନ୍ୟ ଦିଆଯିବ। ଏହା ପ୍ରଥମ ପର୍ଯ୍ୟାୟ ଚୁକ୍ତିର ଅଂଶବିଶେଷ। ପରେ ଆଉ ୫୦ ବନ୍ଦୀଙ୍କ ପାଇଁ ଇସ୍ରାଏଲ ପୁଣି ୧୫୦ ପାଲେଷ୍ଟାଇନୀଙ୍କୁ ଛାଡ଼ିବ। ଏହା ବ୍ୟତୀତ ଇସ୍ରାଏଲ ୩୦୦ ପାଲେଷ୍ଟାଇନ ନାଗରିକଙ୍କ ତାଲିକା ଜାରି କରିଛି। ଏମାନଙ୍କୁ ଛଡ଼ାଯିବ ବୋଲି କୁହାଯାଇଛି।

ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କ୍ୟାବିନେଟ ବୈଠକ କରିଥିଲେ। ଅସ୍ତ୍ରବିରତି ସତ୍ତ୍ୱେ ହମାସ ବିରୋଧରେ ଯୁଦ୍ଧ ଜାରି ରହିବ ବୋଲି କହିଥିଲେ। ଏହି ଆତଙ୍କବାଦୀ ସଂଗଠନକୁ ନିପାତ ନ କରିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବନାହିଁ। ତେବେ ଏହି ଚୁକ୍ତିକୁ ଇସ୍ରାଏଲରେ ବିରୋଧ ଆରମ୍ଭ ହୋଇଯାଇଛି। ଅକ୍ଟୋବର ୭ରେ ହମାସ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। ବନ୍ଦୀଙ୍କ ବଦଳରେ ଆତଙ୍କବାଦୀଙ୍କୁ ମୁକ୍ତ କଲେ ଜୋରଦାର ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଆତଙ୍କବାଦୀଙ୍କୁ ମୁକ୍ତ କଲେ ଭବିଷ୍ୟତରେ ସେମାନେ ପୁଣି ଆକ୍ରମଣ କରିବେ। ପୂର୍ବରୁ ମଧ୍ୟ ଏପରି ଭୁଲ୍ ହୋଇଥିଲା। ଏବେ ଦେଶ ତାହାର ଫଳ ଭୋଗୁଛି ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ହମାସ ଯୁଦ୍ଧବିରତି ଚୁକ୍ତିକୁ ସ୍ୱାଗତ କରିଛି। ଏହି ଆତଙ୍କବାଦୀ ସଂଗଠନ ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ ୬ ଘଣ୍ଟା ପର୍ଯ୍ୟନ୍ତ ଦକ୍ଷିଣ ଗାଜା ଉପରେ ଅନୁସନ୍ଧାନକାରୀ ଡ୍ରୋନ୍ ଉଡ଼ାଣ ବନ୍ଦ କରିବା ପାଇଁ ଚୁକ୍ତି ହୋଇଛି। ଏହି ଡ୍ରୋନ କେବଳ ଉତ୍ତର ଗାଜାରେ ସକାଳ ୧୦ଟାରୁ ୪ ପର୍ଯ୍ୟନ୍ତ ଉଡ଼ି ପାରିବ। ଏହା ମଧ୍ୟରେ ଇସ୍ରାଏଲ ସେନା ବଡ଼ ଦାବି କରିଛି। ଗାଜାରେ ହମାସ ମୁଖ୍ୟ ଇସ୍‌ମାଇଲ ହାନିଏର ନାତି ଜମାଲ ମହମ୍ମଦ ହାନିଏକୁ ନିପାତ କରାଯାଇଛି। ଅନେକ ଗଣମାଧ୍ୟମ ରିପୋର୍ଟରେ ମଧ୍ୟ ଏହି ସୂଚନା ଦିଆଯାଇଛି। କିଛି ଦିନ ତଳେ ହାନିଏ ନାତୁଣୀର ମଧ୍ୟ ମୃତ୍ୟୁ ହୋଇଥିଲା। ସେ ଗାଜା ୟୁନିଭର୍ସିଟିର ମେଡିକାଲ ଛାତ୍ରୀ ଥିଲେ। ଯୁଦ୍ଧବିରତି ସତ୍ତ୍ୱେ ହମାସ ପୁଣି ଅକ୍ଟୋବର ୭ ଭଳି ଆକ୍ରମଣ କରିବାକୁ ଇସ୍ରାଏଲକୁ ଧମକ ଦେଇଛି। ୱେଷ୍ଟ ବ୍ୟାଙ୍କରେ ରହୁଥିବା ପାଲେଷ୍ଟିନୀୟଙ୍କୁ ଇସ୍ରାଏଲ ଲୋକଙ୍କ ଉପରେ ଆକ୍ରମଣ କରିବାକୁ ଉସୁକାଉଛି। ସାମାଜିକ ଗଣମାଧ୍ୟମରେ ହମାସ ଅନେକ ଗ୍ରାଫିକ୍ସ ଫଟୋ ପୋଷ୍ଟ କରିଛି। ଏଥିରେ ଆତଙ୍କବାଦୀ ଇସ୍ରାଏଲ ସୀମାରେ ଲାଗିଥିବା ତାର କାଟୁଥିବା ଦେଖାଯାଇଛି। ଚାରିପଟୁ ଘେରି ଇସ୍ରାଏଲ ନାଗରିକଙ୍କ ଉପରେ ଆକ୍ରମଣ କରାଯିବ ବୋଲି ଧମକ ଦିଆଯାଇଛି।

## ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତର ନିରପେକ୍ଷତା

# ଶରଣ ପସିଲେ ଆରବୀୟ ଦେଶ







ହମାସ୍ ବିରୁଦ୍ଧରେ ଇସ୍ରାଏଲର ଲଢ଼େଇ ଛଅ ସପ୍ତାହ ଟପିଛି। ବେଳକୁ ବେଳ ଇସ୍ରାଏଲର ଆକ୍ରମଣ ଆହୁରି ପ୍ରଖର ହେଉଥିବା ବେଳେ ଗାଜାରେ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ବିଶ୍ୱର ବହୁ ପ୍ରମୁଖ ରାଷ୍ଟ୍ରଙ୍କ ସମେତ ଇସ୍‌ଲାମିକ୍ ରାଷ୍ଟ୍ର ଯୁଦ୍ଧ ବନ୍ଦ ପାଇଁ ଉଦ୍ୟମ କରିଥିଲେ ହେଁ କୌଣସି ସ୍ତରରେ ସୁଫଳ ମିଳିପାରିନାହିଁ। ତେବେ ସବୁଠାରୁ ବଡ଼ କଥା ହେଲା ପାଲେଷ୍ଟାଇନ୍ ଭଳି ଏକ ଇସ୍‌ଲାମିକ୍ ରାଷ୍ଟ୍ର ସପକ୍ଷରେ ଇରାନ ସମେତ ଅନ୍ୟାନ୍ୟ ବହୁ ଆରବୀୟ ରାଷ୍ଟ୍ର ଇସ୍ରାଏଲ ବିରୁଦ୍ଧରେ ହୁଙ୍କାର ଦେଇ ବିଫଳ ହୋଇଛନ୍ତି। ଏହା ପଛରେ ଆମେରିକା ଏବଂ ଇରାନକୁ କେନ୍ଦ୍ର କରି ମଧ୍ୟପ୍ରାଚ୍ୟର ରାଜନୀତି ମୁଖ୍ୟ କାରଣ ହୋଇଥିବା କୁହାଯାଉଛି। ଇରାନ ଭଳି ଏକ କଠୋରବାଦୀ ଇସ୍‌ଲାମିକ୍ ରାଷ୍ଟ୍ର ଇସ୍ରାଏଲ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅନ୍ୟ ଦେଶକୁ ଏକାଠି କରିବା ସହ ଚୀନକୁ ଏ କ୍ଷେତ୍ରରେ ନେତୃତ୍ୱ ଦେବାକୁ ପଛାଇନାହିଁ। କିନ୍ତୁ ଚୀନ ଭଳି ଏକ ସ୍ୱାର୍ଥାନ୍ୱେଷୀ ଏବଂ ଚାଲ୍‌ବାଜି ରାଷ୍ଟ୍ରର ଆଭିମୁଖ୍ୟକୁ ନେଇ ଅନ୍ୟ ସମସ୍ତ ଆରବୀୟ ରାଷ୍ଟ୍ର ବିମୁଖତା ଦେଖାଇଛନ୍ତି। ମଧ୍ୟପ୍ରାଚ୍ୟରେ ଇରାନ ନିଜର ଆଧିପତ୍ୟ ବିସ୍ତାର କରିବା ସହ ସାଉଦିଆରବକୁ ଏକ ପ୍ରକାର ଚ୍ୟାଲେଞ୍ଜ କରିବା ଲାଗି ଇରାନ ଉଦ୍ୟମ କରିଆସିଛି। ଅନ୍ୟପକ୍ଷରେ ଆରବୀୟ ରାଷ୍ଟ୍ରମାନଙ୍କ ସହ ବଢ଼ୁଥିବା ଭାରତର ସମ୍ପର୍କକୁ ନେଇ ମଧ୍ୟ ଚୀନ ଚିନ୍ତାଶୀଳ ହୋଇପଡ଼ି ଭାରତକୁ ଏ କ୍ଷେତ୍ରରେ ପଛରେ ପକାଇବା ଲାଗି ଉଦ୍ୟମ କରିଛି। ଏହି କ୍ରମରେ ଚୀନ ଇରାନ ସହ କୁଟନୀତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିଗତ ଦିନରେ ଇରାନ ସହ ବହୁ ପ୍ରକଳ୍ପରେ ସାମିଲ ହୋଇଛି। କିନ୍ତୁ ଗୋଟିଏ ପକ୍ଷରେ ଇରାନ ଏବଂ ଚୀନକୁ ବିରୋଧ କରୁଥିବା ଏବଂ ଆମେରିକା ସପକ୍ଷରେ ଥିବା ଆରବ ରାଷ୍ଟ୍ରମାନେ ଇରାନର ଏହି ଆଭିମୁଖ୍ୟକୁ ସହଜରେ ଗ୍ରହଣ କରିପାରିନାହାନ୍ତି। କିଛି ଦିନ ତଳେ ଇରାନ ନେତୃତ୍ୱରେ ଜୋର୍ଡାନ, ଇଜିପ୍ଟ, ପାଲେଷ୍ଟାଇନ୍ ଆଦି ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀମାନେ ଇସ୍ରାଏଲ ଯୁଦ୍ଧ ବନ୍ଦ କରିବା ଲାଗି ଚୀନ ଗସ୍ତ କରିଥିଲେ। କିନ୍ତୁ ସେଠାକାର ଆଲୋଚନା ମାଧ୍ୟମରେ ଯାହା ନିଷ୍କର୍ଷ ବାହାରିଲା ତାହାକୁ ଏହି ଆରବୀୟ ରାଷ୍ଟ୍ରମାନେ ଗ୍ରହଣ କରିପାରିନଥିଲେ। ଇସ୍ରାଏଲ ଉପରେ ହମାସ୍ ପକ୍ଷରୁ ଆକ୍ରମଣ କରାଯିବା ପରେ ଚୀନ ଇସ୍ରାଏଲ ବିରୋଧରେ ମନ୍ତବ୍ୟ ଦେଇଥିଲା। କିନ୍ତୁ ହମାସ୍ ଭଳି ଏକ ଆତଙ୍କବାଦୀ ସଂଗଠନର ଆକ୍ରମଣକୁ କଦାଚିତ୍ ନିନ୍ଦା କରିନଥିଲା। ତେଣୁ ଏହିସବୁ ଦେଶମାନଙ୍କ ମଧ୍ୟରେ ଯେଉଁ ଆଲୋଚନା ହୋଇଥିଲା ସେଥିରେ ଚୀନ ଯେ କେବଳ ତାହାର ନିଜ ସ୍ୱାର୍ଥ ପ୍ରତିଷ୍ଠା କରିବାକୁ ଆଗ୍ରହୀ ରହିଛି ତାହାକୁ ଏହି ରାଷ୍ଟ୍ରମାନେ ହୃଦୟଙ୍ଗମ କରିପାରିଥିଲେ। ତେଣୁ ଏହି ଆଲୋଚନା ଏକ ପ୍ରକାର ନିଷ୍ଫଳ ହୋଇଥିଲା ବୋଲି କୁହାଯାଇଥିଲା। ଅପରପକ୍ଷରେ ହମାସ୍ ପକ୍ଷରୁ ଇସ୍ରାଏଲ ଉପରେ ଅଚାନକ ଆକ୍ରମଣ କରାଯିବା ପରେ ଭାରତ ତୁରନ୍ତ ଏହି ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଥିଲା। ଭାରତର ଏହି ଆଭିମୁଖ୍ୟକୁ ଇସ୍ରାଏଲ ସ୍ୱାଗତ କରିଥିଲା। କେବଳ ସେତିକି ନୁହେଁ ପରେ ପରେ ଇସ୍ରାଏଲର ଆକ୍ରମଣ ତେଜ ହେବା ପରେ ପାଲେଷ୍ଟାଇନ୍‌ବାସୀଙ୍କ ଦୁର୍ଦ୍ଦଶାକୁ ନେଇ ଭାରତ ମଧ୍ୟ ସେମାନଙ୍କ ପ୍ରତି ସମର୍ଥନ ଜତାଇଥିଲା। ଭାରତ, ଇସ୍ରାଏଲ ଏବଂ ପାଲେଷ୍ଟାଇନ୍ ଭଳି 'ଟୁ ନେସନ୍ ଥିଓରୀ'ରେ ବିଶ୍ୱାସ କରେ ବୋଲି ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିବା ସହ ପାଲେଷ୍ଟାଇନ୍‌ବାସୀଙ୍କ ସ୍ୱତନ୍ତ୍ରତାକୁ ମଧ୍ୟ ଗୁରୁତ୍ୱ ଦେଇଥିଲା। ଦୀର୍ଘ ଛଅ ସପ୍ତାହର ଯୁଦ୍ଧ ପରେ ସ୍ଥିତି ଆହୁରି ବିଗିଡ଼ିଥିଲେ ମଧ୍ୟ ଭାରତର ଏହି ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭାରତର ଏହି ନିରପେକ୍ଷ ନୀତିକୁ ଆରବୀୟ ରାଷ୍ଟ୍ରମାନେ ବେଶ୍ ହୃଦୟଙ୍ଗମ କରିପାରିଛନ୍ତି। ବିଶେଷକରି ଆରବ ରାଷ୍ଟ୍ର ସମୂହର ଦୁଇ ପ୍ରମୁଖ ରାଷ୍ଟ୍ର ସାଉଦିଆରବ ଏବଂ ୟୁ.ଏ.ଇ. ଏହାକୁ ଭଲ ଭାବେ ବୁଝିନେଇଛନ୍ତି। ଯାହାକୁ ନେଇ ଏବେ ଆରବ ରାଷ୍ଟ୍ର ସମୂହ ଇସ୍ରାଏଲ ଯୁଦ୍ଧ ପ୍ରସଙ୍ଗର ସମାଧାନ ପାଇଁ ଭାରତର ଶରଣ ନେଇଛନ୍ତି। ଭାରତ ଏ ଦିଗରେ ଏକ ସମାଧାନର ବାଟ ବାହାର କରିବା ସହ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ମହା ସଙ୍କଟକୁ ଦୂରେଇ ପାରିବ ବୋଲି ସେମାନେ ବିଶ୍ୱାସ ସ୍ଥାପନ କରିଛନ୍ତି। ଏହି କ୍ରମରେ ଆରବ ଦେଶର ବୈଦେଶିକ ମନ୍ତ୍ରୀମାନେ ନୂଆଦିଲ୍ଲୀ ଆସି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ତେଣୁ ଏହି ମହା ସଙ୍କଟର ସମାଧାନ ଦିଗରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି।



## ପାକିସ୍ତାନର ଅକଲ ଗୁଡୁମ୍

# ୧୦ ବିଲିୟନ ଡଲାର ନିବେଶ କରିବନି ସାଉଦି ଆରବ

୨୦୧୭-୧୮ ବର୍ଷରୁ ବିଗିଡ଼ିବାକୁ ଆରମ୍ଭ କରିଥିବା ପାକିସ୍ତାନର ଆର୍ଥିକ ସ୍ଥିତି ଏବେ ଅତ୍ୟନ୍ତ ଉତ୍କଟ ସ୍ଥିତିରେ ପହଞ୍ଚିଛି। ଆତଙ୍କବାଦ କାର୍ଯ୍ୟକଳାପ ବିରୋଧରେ ଭାରତ ଆନ୍ତର୍ଜାତିକ ସ୍ତରରେ ପାକିସ୍ତାନ ବିରୋଧରେ ଦୃଢ ସ୍ୱର ଉଠାଇବା ପରେ ଏଫଏଟିଏଫ୍‌ର କଟକଣା ଯୋଗୁଁ ଆର୍ଥିକ ସ୍ତରରେ ପାକିସ୍ତାନ ଏକଘରିଆ ହୋଇପଡ଼ିଥିଲା। ଯାହାକୁ ନେଇ ପାକିସ୍ତାନକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଖରାପ ଦିନର ସାମ୍ନା କରିବାକୁ ପଡ଼ିଥିଲା। କିନ୍ତୁ ପାକିସ୍ତାନର ଅର୍ଥନୀତି ତଳମୁହାଁ ହେବା ଆରମ୍ଭ ହେବା ପରେ ପାକିସ୍ତାନ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି(ଆଇଏମଏଫ୍) ଠାରୁ ଆରମ୍ଭ କରି ବିଶ୍ୱବ୍ୟାଙ୍କ, ଏସିଆ ଉନ୍ନୟନ ବ୍ୟାଙ୍କ ଭଳି ବହୁ ଋଣପ୍ରଦାନକାରୀ ସଂସ୍ଥାଙ୍କ ସହାୟତା ଲୋଡିଥିଲା। ହେଲେ କୌଣସି ସ୍ତରରେ ପାକିସ୍ତାନକୁ ସହାୟତା ମିଳି ନଥିଲା। ଏପଟେ ପାକିସ୍ତାନର ଘରୋଇ ଅର୍ଥନୀତି ବେଳକୁ ବେଳ ଦୁର୍ବଳ ହେବା ଏବଂ ଦରବୃଦ୍ଧି ଆକାଶଛୁଆଁ ହେବା ପରେ ତତ୍‌କାଳୀନ ଇମ୍ରାନ ସରକାର ଚୀନ୍‌ର ଶରଣ ପଶିଥିଲେ। ଚତୁର ଚୀନ୍ କିଛି ପରିମାଣର ଅର୍ଥ ସହାୟତା ତ' କରିଥିଲା ସତ, ହେଲେ ଚୀନ୍‌ରୁ ପାକିସ୍ତାନ ଯାହା କିଛି ପାଇଥିଲା ତାହାକୁ କେବଳ ଋଣସୁଧ ପରିଶୋଧ ପାଇଁ ଖର୍ଚ୍ଚ କରିଦେଲା। ଏହାପରେ ଅନ୍ୟ ଉପାୟ ନପାଇ ପାକିସ୍ତାନ ସରକାର ସାଉଦି ଆରବ ଶରଣକୁ ଯାଇଥିଲେ। ସାଉଦି ସରକାର ପାକିସ୍ତାନର ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ୩ ବିଲିୟନ ଡଲାରର ଅର୍ଥ ସହାୟତା ଦେଇଥିଲେ ବି ଏହାକୁ କେବଳ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ସୁରକ୍ଷା ପାଇଁ ଉପଯୋଗ କରିବାକୁ ସର୍ତ୍ତ ରଖିଥିଲେ। ଫଳରେ ପାକିସ୍ତାନର ସେଭଳି କିଛି ଫାଇଦା ହୋଇନଥିଲା। ପରେ ପରେ ପାକିସ୍ତାନ ନେତାଙ୍କ ଗୁହାରୀ ପରେ ସାଉଦି ସରକାର ପାକିସ୍ତାନରେ ୧୦ ବିଲିୟନ ଡଲାର ନିବେଶ କରିବାକୁ ସହମତ ହୋଇଥିଲେ। ସାଉଦି ଏସିଆ ଏବଂ ବିଶ୍ୱର ଅନ୍ୟ ବହୁ ପ୍ରମୁଖ ରାଷ୍ଟ୍ରମାନଙ୍କୁ ପ୍ରାୟ ୪୦ ପ୍ରତିଶତ ପେଟ୍ରୋଲିୟମ ଯୋଗାଣ କରୁଥିଲା ବେଳେ ପାକିସ୍ତାନରେ ସାଉଦି ଆରବର ସର୍ବବୃହତ ପେଟ୍ରୋଲିୟମ ରିଫାଇନେରୀ କମ୍ପାନୀ ଆରାମକୋ ପାକିସ୍ତାନରେ ଏହି ୧୦ ବିଲିୟନ ଡଲାର ବିନଯୋଗରେ ଏକ ରିଫାଇନେରୀ ପ୍ରକଳ୍ପ ସ୍ଥାପନ କରିବ ବୋଲି ପାକିସ୍ତାନ ସହ ବୁଝାମଣା କରିଥିଲା। ଏହାକୁ ନେଇ ପାକିସ୍ତାନର ଭାତ ହଜମ ହେବା ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ପାକିସ୍ତାନରେ ବହୁ ଆନୁଷଙ୍ଗିକ କ୍ଷେତ୍ରରେ ବିକାଶ ଘଟିବା ସହିତ ନିଯୁକ୍ତି ଏବଂ ଆର୍ଥିକ କ୍ଷେତ୍ରରେ ଉନ୍ନତି ହେବ ବୋଲି ପାକିସ୍ତାନ ଭାବି ନେଇଥିଲା। ହେଲେ ଏବେ ଫଳ ପୁରାପୁରି ଓଲଟା। ପାକିସ୍ତାନରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେବ ନାହିଁ କି ସାଉଦି ଆରବ ୧୦ ବିଲିୟନ ଡଲାର ନିବେଶ କରିବ ନାହିଁ ବୋଲି ସେଠାକାର ସରକାର ସ୍ପଷ୍ଟ କରିଦେଇଛନ୍ତି। ଏହାପରେ ପାକିସ୍ତାନର ଏବେ ଅକଲଗୁଡମ୍ ହୋଇଯାଇଛି। ସାଉଦି ଆରବର ଏଭଳି ନିଷ୍ପତ୍ତି ପଛରେ ମୁଖ୍ୟତଃ ଦୁଇଟି କାରଣ ରହିଛି। ପ୍ରଥମତଃ ଆରାମକୋ କମ୍ପାନୀ ଉପରେ ପୂର୍ବରୁ ସାଉଦି ସରକାରଙ୍କ ବଡ଼ କର୍ତ୍ତୃତ୍ୱ ଥିଲା। କିନ୍ତୁ ଏବେ ଏହି କମ୍ପାନୀକୁ ମୁକ୍ତ କରି ଦିଆଯାଇଛି। ଆରାମକୋ କମ୍ପାନୀ ନିଜର ଫାଇଦାକୁ ଦୃଷ୍ଟିରେ ରଖି ଯେଉଁଠି ଚାହିଁବ ନିବେଶ କରିବ କିମ୍ବା ପ୍ରକଳ୍ପ ପ୍ରତିଷ୍ଠା କରିପାରିବ ବୋଲି ସାଉଦି ସରକାର ଏହାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଫଳରେ ଏହି କମ୍ପାନୀ ଭବିଷ୍ୟତ ସମ୍ଭାବନାକୁ ଦୃଷ୍ଟିରେ ରଖି ନିବେଶ କରୁଛି। ଦ୍ୱିତୀୟ କାରଣଟି ହେଲା ଭାରତ ଏବଂ ଚୀନ ଭଳି ବିଶ୍ୱର ଦୁଇ ସର୍ବବୃହତ ଜନବହୁଳ ରାଷ୍ଟ୍ର ଏବେ ଇଲେକ୍‌ଟ୍ରିକ୍ ଯାନ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଦିନରେ ଏହି ଦୁଇ ଦେଶର ସର୍ବାଧିକ ପ୍ରତିଶତ ଗାଡି ଇଲେକଟ୍ରିକ୍



ଚାଳିତ ହେବାକୁ ଯାଉଥିବାରୁ ପେଟ୍ରୋଲିୟମର ଚାହିଦା ଅଧିକାଂଶ ଭାବେ ହ୍ରାସ ପାଇବ। ତେଣୁ ସାଉଦି ପାକିସ୍ତାନରେ ଏହି ରିଫାଇନେରୀ ପ୍ରତିଷ୍ଠା ନକରି ଅନ୍ୟ ବ୍ୟାବସାୟିକ ସଂପ୍ରସାରଣ ପାଇଁ ଗୁରୁତ୍ୱ ଦେଇଛି। ତେବେ ବଜାର ଦୃଷ୍ଟିରୁ ଭାରତ ଭଳି ଏକ ସ୍ଥିର ଏବଂ ସୁରକ୍ଷିତ ରାଷ୍ଟ୍ରରେ ବିପୁଳ ପୁଞ୍ଜି ନିବେଶ ପାଇଁ ସାଉଦି ଅଗ୍ରାଧିକାର ଦେଇଛି। ଏହିକ୍ରମରେ ଆଗାମୀ ଦିନରେ ଭାରତରେ ବିଭିନ୍ନ କ୍ଷେତ୍ରରେ ୧୦୦ ବିଲିୟନ ଡଲାର ନିବେଶ କରିବାକୁ ଗତ ସେପେଟମ୍ବରରେ ସାଉଦି ପ୍ରିନ୍ସ ଏମବିଏସ୍ ଘୋଷଣା କରିଥିଲେ। ଯାହାକୁ ନେଇ ଏବେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଅପରପକ୍ଷରେ ପାକିସ୍ତାନର ସ୍ଥିତି ଆହୁରି ଉତ୍କଟ ହେବାରେ ଲାଗିଛି। ଇସଲାମିକ୍ ଦେଶଗୁଡିକର ମୁଖିଆ ଭାବେ ସାଉଦି ପାକିସ୍ତାନରୁ ମୁହଁ ଫେରାଇ ନେବା ପରେ ୟୁଏଇ ଏବଂ ଅନ୍ୟ ଆରବ ଦେଶ ମଧ୍ୟ ପାକିସ୍ତାନରେ କୌଣସି ନିବେଶ କରିବାକୁ ମନ ବଳାଉନାହାନ୍ତି। ସେପଟେ ପାକିସ୍ତାନ ଦେଇ ଯାଉଥିବା ସିପେକ୍ ପ୍ରକଳ୍ପର ଭଙ୍ଗା ପଡ଼ିଛି। ଏହି ପ୍ରକଳ୍ପକୁ ତେହରିକ୍-ଇ-ତାଲିବାନ ଏବଂ ବେଲୁଚିସ୍ତାନ ପକ୍ଷରୁ ତୀବ୍ର ବିରୋଧ କରାଯିବା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ଏହାକୁ ଦୃଷ୍ଟିରୁ ରଖି ଚୀନ୍ ମଧ୍ୟ ପାକିସ୍ତାନକୁ ଅଣାଟିଏ ଦେବାକୁ ରାଜି ନାହିଁ। ଏଭଳି ସ୍ଥିତିରେ ପାକିସ୍ତାନର ଅର୍ଥନୈତିକ ଭବିଷ୍ୟତ ଏକପ୍ରକାର ଅନ୍ଧକାରମୟ ହୋଇପଡ଼ିଛି।

## ବିପଦ ପାଲଟୁଛି ଧୂଳି

# ବର୍ଷକୁ ୧୦ ଲକ୍ଷ ବର୍ଗ କିମି ଜମି ନଷ୍ଟ

ବାୟୁରେ ଥିବା ଧୂଳି ଏବଂ ବାଲି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ପ୍ରତି ବର୍ଷ ୨୦୦ କୋଟି ଟନ୍ ଧୂଳି ଏବଂ ବାଲି ପରିବେଶରେ ପ୍ରବେଶ କରୁଛି। ଏଥିଯୋଗୁଁ ପ୍ରତି ବର୍ଷ ୧୦ ଲକ୍ଷ ବର୍ଗ କିମିର ଉର୍ବର ଜମି ନଷ୍ଟ ହେଉଛି। ଏହି ଧୂଳି ଏବଂ ବାଲିର ଓଜନ ଗିଜାର ୩୫୦ ପିରାମିଡ ସହ ସମାନ। ୨୦୧୫ରୁ ୨୦୧୯ର ତଥ୍ୟର ବିଶ୍ଳେଷଣରୁ ଜଣାପଡିଛି ଯେ ଏ ପର୍ଯ୍ୟନ୍ତ ୪୨ ଲକ୍ଷ ବର୍ଗ କିମି ଜମି ଧୂଳି ଝଡ଼ ଦ୍ୱାରା ପ୍ରଭାବିତ ହେଲାଣି। ଏହା ମଧ୍ୟ-ଏସିଆର ୫ଟି ଦେଶର ମୋଟ କ୍ଷେତ୍ରଫଳ ସହ ସମାନ। ମିଳିତ ଜାତିସଂଘର କନ୍‌ଭେନସନ ଟୁ କମ୍ବାଟ ଡେଜର୍ଟିଫିକେସନ (ୟୁଏନସିସିଡି) ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଧୂଳି ଏବଂ ବାଲି ଝଡ଼ର ପ୍ରାୟ ୨୫ ପ୍ରତିଶତ ଘଟଣା ପାଇଁ ମାନବୀୟ କାର୍ଯ୍ୟକଳାପ ଦାୟୀ ଖଣି ଖନନ, ଯୋଜନା ବିହୀନ କୃଷି, ଜଙ୍ଗଲ କ୍ଷୟ, ଜଳ ଉତ୍ସର ବିନାଶ ଯୋଗୁଁ ଏପରି ହେଉଛି। ଧୂଳି ଏବଂ ବାଲି ଝଡ଼ ଯୋଗୁଁ ଜମିର ଉତ୍ପାଦକତା ଉପରେ ପ୍ରଭାବ ପଡୁଛି। ଏହା ଦ୍ୱାରା ବିଶ୍ୱ କୃଷି ପ୍ରଭାବିତ ହେଉଛି। ଆର୍ଥିକ ଭାବେ ମଧ୍ୟ ବଡ଼ କ୍ଷତି ସହିବାକୁ ପଡୁଛି। ଉଜବେକିସ୍ତାନର ସମରକନ୍ଦରେ ଗତ ୧୩ରୁ ୧୭ ତାରିଖର ମଧ୍ୟରେ ଅନୁଷ୍ଠିତ ୟୁଏନସିସିଡିର ପାଞ୍ଚ ଦିନିଆ ବୈଠକରେ ଏହି ଚେତାବନୀ ଦିଆଯାଇଛି।

ଧୂଳି ଯୋଗୁଁ ମନୁଷ୍ୟ ଶରୀର ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପଡ଼ିଥାଏ। ୧୦ ମାଇକ୍ରୋ ମିଟରଠାରୁ ବଡ଼ କଣିକା ନିଃଶ୍ୱାସପ୍ରଶ୍ୱାସ ନେବା ପାଇଁ ଯୋଗ୍ୟ ହୋଇ ନ ଥାଏ। ଏଥିପାଇଁ ଚର୍ମ ଏବଂ ଆଖି ଜଳାପୋଡା ହୋଇଥାଏ। ସଂକ୍ରମଣର ବିପଦ ବଢ଼ିଥାଏ। ଅସ୍ଥମା, ବ୍ରୋଙ୍କାଇଟିସ, ନିମୋନିଆ, ଆଲର୍ଜିକ ରାଇନାଇଟିସ ଏବଂ ସିଲିକୋସିସ ଭଳି ରୋଗୀ ସୃଷ୍ଟି ହୋଇଥାଏ। ଏହି ଧୂଳିଝଡ଼ ଯୋଗୁଁ ଭାରତର ପ୍ରାୟ ୫୦ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ସେମାନେ ଆର୍ଥିକ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡ଼ିବାକୁ ବାଧ୍ୟ ହେଉଛନ୍ତି।



# ସାବାଡ଼୍ ହେବେ ପେସାଦାର ଶିକାରୀ

**ଭୁବନେଶ୍ୱର,୨୨।୧୧(ସମିସ):** ପେସାଦାର ଶିକାରୀଙ୍କୁ ସାବାଡ଼୍ କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ସ୍ପେସାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଏଣିକି ସେମାନଙ୍କ ଗତିବିଧି ଉପରେ ନିୟମିତ ନଜର ରଖିବ। ସେମାନଙ୍କ ଫୋନ୍ ଟ୍ରାକ୍ କରିବା ସହ ଖବରୀଙ୍କ ସହାୟତା ନେବ। ଶିକାରୀମାନେ ବାରମ୍ବାର ସିମ୍ ବଦଳାଉଥିବାରୁ ଏସ୍‌ଟିଏଫ୍ ଏଥରକ ସେମାନଙ୍କ ଆଇଏମ୍‌ଇଆଇ ନମ୍ବର ରଖିବ। ଫଳରେ ଯେତେ ନମ୍ବର ବଦଳାଇଲେ ବି ସେମାନଙ୍କ ଅବସ୍ଥିତି ଉପରେ ଏସ୍‌ଟିଏଫ୍ ଜାଣିପାରିବ। ସେହିପରି ବନ୍ୟଜନ୍ତୁ ଅଙ୍ଗପ୍ରତ୍ୟଙ୍ଗ ଚାଲାଣ କଲେ, ଖବରୀଙ୍କ ସହାୟତାରେ ଯେପରି ଏହା ତୁରନ୍ତ ଜାଣିହେବ, ସେ ଦିଗରେ ବି ଏସ୍‌ଟିଏଫ୍ କାମ କରୁଛି। ନିଜ ଖବରୀ ନେଟ୍‌ୱାର୍କକୁ ଆହୁରି ସଂପ୍ରସାରଣ ଓ ସୁଦୃଢ଼ କରୁଛି।

ସୂଚନାନୁଯାୟୀ, କିଛି କୁଖ୍ୟାତ ପେସାଦାର ଶିକାରୀ ଏସ୍‌ଟିଏଫ୍ ଓ ବନ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି। ଏସ୍‌ଟିଏଫ୍ ସେମାନଙ୍କୁ ଗୋଟିଏ ପରେ ଗୋଟିଏ ମାମଲାରେ ଗିରଫ କରି

- **ଗତିବିଧି ଟ୍ରାକ୍ କରିବ ଏସ୍‌ଟିଏଫ୍**
- **ନମ୍ବର ବଦଳରେ ଆଇଏମ୍‌ଇଆଇ ନମ୍ବର ରଖାଯିବ**
- **ଦୁଇ ବର୍ଷରେ ଗିରଫ ୧୨୦ ଶିକାରୀ ମଧ୍ୟରୁ ୬୦ ପେସାଦାର**

ଜେଲ୍ ପଠାଉଥିଲେ ହେଁ ଜାମିନ୍ ପାଇ ଆସିବା ପରେ ସେମାନେ ପୁଣି ସେହି ପୁରୁଣା କାରବାରରେ ଆରମ୍ଭ କରିଦେଉଛନ୍ତି। ଉଦାହରଣ ସ୍ୱରୂପ, ମୟୂରଭଞ୍ଜର ରାଜେନ୍ଦ୍ର ତାଣ୍ଡି ନାମକ ଜଣେ ଶିକାରୀ ବିଭିନ୍ନ ଅପରାଧରେ ୯ଥର ଗିରଫ ହୋଇସାରିଲାଣି। କିନ୍ତୁ ପ୍ରତିଥର ସେ ବାହାରକୁ ଆସିବା ପରେ ପୁଣି ବନ୍ୟଜନ୍ତୁ ଶିକାର ଓ ଅଙ୍ଗପ୍ରତ୍ୟଙ୍ଗ ଚାଲାଣରେ ସାମିଲ ହେଉଛି। ସେହିପରି ନୟାଗଡ଼ ଜଙ୍ଗଲରେ ଜଣେ ଶିକାରୀ କଲରାପତରିଆ ବାଘ ଶିକାର କରି ତା'ର ଚମଡ଼ା ଛାଲୁଥିବାର ଭିଡିଓ ଭାଇରାଲ ହେବା ପରେ ତାକୁ ଏସ୍‌ଟିଏଫ୍ ଗିରଫ କରିଥିଲା। କିନ୍ତୁ ତଦନ୍ତ କରିବାରୁ ଜଣାଯାଇଥିଲା ଯେ ସେ ବି ଜଣେ ପେସାଦାର ଶିକାରୀ। ପୂର୍ବରୁ ଅନେକଥର ଧରାପଡ଼ି ଜେଲ୍ ମଧ୍ୟ ଯାଇଛି। ଏସ୍‌ଟିଏଫ୍‌ର ସୂଚନାନୁଯାୟୀ, ଗତ ୨ ବର୍ଷ ମଧ୍ୟରେ ଏସ୍‌ଟିଏଫ୍ ୧୨୦ ଶିକାରୀଙ୍କୁ ଗିରଫ କରିଥିବା ବେଳେ ସେଥିମଧ୍ୟରୁ ୬୦ଜଣ ପେସାଦାର ଶିକାରୀ। ପ୍ରତିଥର ଜେଲ୍‌ରୁ ମୁକୁଳିବା ପରେ ସେମାନେ ପୁଣି ପୁରୁଣା ପେସାରେ ମାତି ଯାଉଛନ୍ତି। ତେଣୁ ସେମାନଙ୍କୁ ସାବାଡ଼୍ କରିବା ପାଇଁ ଏପରି ଯୋଜନା କରିଛି।

ଏହି ଶିକାରୀଙ୍କ ଉପରେ ଏବେ ଖବରୀ ନଜର ରଖିବେ। ସେମାନେ କୌଣସି ଜଙ୍ଗଲ ଭିତରକୁ ଶିକାର କରିବାକୁ ଗଲେ କିମ୍ବା ବନ୍ୟଜନ୍ତୁ ଅଂଶବିଶେଷ ବିକ୍ରି କଲେ, ଏସ୍‌ଟିଏଫ୍ ନିକଟରେ ତୁରନ୍ତ ଖବର ପହଞ୍ଚିବ। ଖବର ପାଇବା କ୍ଷଣି ତୁରନ୍ତ ଏକ ଟିମ୍ ସେମାନଙ୍କୁ ଧରିବା ପାଇଁ ବାହାରିଯିବ। ସେହିପରି ସେମାନଙ୍କ ଅବସ୍ଥିତି ସଂପର୍କରେ ଜାଣିବା ପାଇଁ ଏସ୍‌ଟିଏଫ୍ ଏଣିକି ସେମାନେ ବ୍ୟବହାର କରୁଥିବା ମୋବାଇଲ୍‌ର ଆଇଏମ୍‌ଇଆଇ ନମ୍ବର ରଖିବ। ତାହାକୁ ଟ୍ରାକ୍ କରି ଏସ୍‌ଟିଏଫ୍ ଯେତେବେଳେ ଚାହିଁବ, ସେମାନଙ୍କ ଅବସ୍ଥିତି ସଂପର୍କରେ ଜାଣିପାରିବ ଏବଂ ତଦନୁଯାୟୀ ଖବରୀଙ୍କୁ ଆଲର୍ଟ କରିପାରିବ।

## ପୁଲିସ୍ ସୂଚନାଦାତା ସନ୍ଦେହରେ ଯୁବକଙ୍କୁ ହତ୍ୟା

**ମାଲକାନଗିରି,୨୨।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ମାଓ ହିଂସା ଦେଖିବାକୁ ମିଳିଛି। ପୁଲିସ ସୂଚନାଦାତା ସନ୍ଦେହରେ କୋୟାଲିବେଡ଼ା ଅଞ୍ଚଳର ନକ୍ସଲମାନେ ଆଜି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ, ଅମର ସିଂ ଉଇକା। ନକ୍ସଲମାନେ ତାଙ୍କୁ ହତ୍ୟା କରିବା ପରେ ଘଟଣାସ୍ଥଳରେ ଏକ ବ୍ୟାନର୍ ଲଗାଇ ଚାଲିଯାଇଛନ୍ତି। ଉକ୍ତ ବ୍ୟାନର୍‌ରେ ଉଲ୍ଲେଖ କରାଯାଇଛି ଯେ ଅମର ସିଂ ଡିଆରଜି ଯବାନମାନଙ୍କୁ ମିଥ୍ୟା ସୂଚନା ଦେଇଥିଲେ। ଅମର ଦୁଇଜଣ ଗ୍ରାମବାସୀଙ୍କୁ ନକ୍ସଲ ଦର୍ଶାଇବାରୁ ଯବାନମାନେ ତାଙ୍କୁ ହତ୍ୟା କରିଥିଲେ। ତେଣୁ ଅମରଙ୍କୁ ଜନଅଦାଲତର ନିଷ୍ପତ୍ତି ଅନୁଯାୟୀ ହତ୍ୟା କରାଯାଇଛି।

O-1583

Tel. 06766-258301(O)
email: se_nerwkjr@rediffmail.com

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
eProcurement Notice for Bridge-cum-Weir Work
Identification No. Bridge-cum-weir Online NCB No. 400
No. 4257/ Date: 21.11.2023

1. Name of the work :- Construction of bridge over river Kusei at 1st Km. on Daradipal-Jalasuan road in the District of Keonjhar.
2. Estimated Cost :- Rs. 196.44Lakhs (Approximately).
3. Class of Contractor (Eligible) :- 'B' & 'A' Class Contractor.
4. Period of Completion :- 09 (Nine) Calendar months.
5. Other details :-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No. 400 | Dt.29.11.23 at 11.00 A.M. | Dt.13.12.23 up to 5.00 P.M. | Dt.12.12.23 up to 5.00 P.M. | Dt.14.12.23 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in

OIPR - 25177/11/0038/2324

Chief Construction Engineer,
R W. Circle, Keonjhar.

# ଟ୍ରାପ୍ କ୍ୟାମେରାରେ କଏଦ୍ ହେଲା ମହାବଳ



- **ଅଧାଖିଆ ଗାଇକୁ ପୂରା ଖାଇଦେଲା**
- **ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ**

**ରାୟଗଡ଼,୨୨।୧୧(ସମିସ):** ସୋମବାର ମଧ୍ୟରାତ୍ରରେ ଗୁହାଳରୁ ଟାଣିନେଇ ଦରଖିଆ ଛାଡ଼ିଥିବା ଗାଇର ବଳକା ଅଂଶକୁ ମଙ୍ଗଳବାର ରାତିରେ ମନଭରି ଖାଇଛି ମହାବଳ। ବାଘର ଗତିବିଧି ସମ୍ପର୍କରେ ଜାଣିବା ପାଇଁ ବନ ବିଭାଗ ପକ୍ଷରୁ ଖଞ୍ଜା ଯାଇଥିବା ଟ୍ରାପ୍ କ୍ୟାମେରାରେ ଏହାର ଚିତ୍ର କଏଦ୍ ହୋଇଛି। ବନବିଭାଗ ଆଜି ଏହାକୁ ସାର୍ବଜନୀନ କରିଛି। ମଙ୍ଗଳବାର ରାତି ପ୍ରାୟ ୮ଟା ବେଳେ ବାଘ ଗାଇକୁ ସମ୍ପୂର୍ଣ୍ଣ ଖାଇବା ପରେ ସେହି ସ୍ଥାନ ଛାଡ଼ି ଅନ୍ୟ କେଉଁଆଡ଼େ ଚାଲିଯାଇଛି। ତା'ର ପାଦଚିହ୍ନକୁ ଆଧ୍ୟୁଧ କରି ବନ ବିଭାଗ ସେହି ଅଞ୍ଚଳର ଅନ୍ୟ ସ୍ଥାନରେ ଆଉ କିଛି ଟ୍ରାପ୍ କ୍ୟାମେରା ଲଗାଇଛି। ବର୍ତ୍ତମାନ ସୁଦ୍ଧା ଲଗାଯାଇଥିବା କ୍ୟାମେରାରେ ବାଘର କୌଣସି ଚିତ୍ର କଏଦ ହୋଇନଥିଲେ ମଧ୍ୟ ରାତି ସୁଦ୍ଧା ଏହା ଜଣାପଡ଼ିବ ବୋଲି ଦେବଗିରି ବନାଞ୍ଚଳ ଅଧିକାରୀ ଏନ.ଡି ଶର୍ମା କହିଛନ୍ତି। ରବିବାର ରାତିରେ ପାରଳାଖେମୁଣ୍ଡି ନିକଟସ୍ଥ ଆନ୍ଧ୍ରର ସରାଳିଠାରେ ରହିଥିବା ମହାବଳ ସୋମବାର ରାତି ବେଳକୁ ପ୍ରାୟ ୪୦କିମି ଦୂର ରାସ୍ତା ଅତିକ୍ରମ କରି ରାୟଗଡ଼ ବ୍ଲକର ଅଁଳାବର ଗାଁ ନିକଟରେ ପହଞ୍ଚି ଯାଇଥିଲା। ତେଣୁ ଗତ ମଧ୍ୟରାତ୍ରରୁ ଅଁଳାବର ଅଞ୍ଚଳରୁ ଚାଲିଯାଇଥିବା ବାଘ ଏବେ ଆଉ କେଉଁ ଅଞ୍ଚଳକୁ ଚାଲିଯାଇଛି ନା ସେହି ଅଞ୍ଚଳରେ ରହିଛି, ତାହା ଜଣାପଡ଼ି ନ ଥିବାରୁ ସାରା ଜିଲ୍ଲାର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

ବାଘ ଉପରେ ନଜର ରଖିବା ପାଇଁ ବନ ବିଭାଗ ୫ଟି ୭ଜଣିଆ ଟିମ୍ ଗଠନ କରିଛି। ସେହିପରି ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। କୌଣସି ଗୁଜବ ଉପରେ ବିଶ୍ୱାସ ନକରି କିମ୍ବା ଅନ୍ଧାରରେ ଏକାକୀ କୌଣସି ନିର୍ଜନ ସ୍ଥାନକୁ ନ ଯିବା ପାଇଁ ବନ ବିଭାଗ ଲୋକଙ୍କୁ ସଚେତନ କରାଯାଇଥିବା ଦେବଗିରି ବନାଞ୍ଚଳ ଅଧିକାରୀ କହିଛନ୍ତି। ମଙ୍ଗଳବାର ବାଘ ଠାବ ହୋଇଥିବା ଅଁଳାବର ଗାଁରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଡ୍ୟୁଟିରେ ଥିବା ବନ ବିଭାଗ କର୍ମଚାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ରାୟଗଡ଼ ବିଡିଓ ସୁଧୀର କୁମାର ସିଂ, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନୀ ପ୍ରମୁଖ ମଧ୍ୟ ଉପସ୍ଥିତି ଥିଲେ।

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ସୁବର୍ଣ୍ଣପୁର g-116

ପତ୍ର ସଂଖ୍ୟା: ୬୫୦ ଡି.ସି.ପି.ୟୁ //ତାରିଖ ୭.୧୧.୨୦୨୩

**ବିଜ୍ଞପ୍ତି**

ଏହି ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ତା ୧୭.୦୮.୨୦୨୩ ରିଖ ସୋନପୁର ସ୍ଥିତ ପଟାଭାଡି (ଆରଟିଓ ଅଫିସ) ପାଖରୁ ଏକ ଶିଶୁ କନ୍ୟା ଉଦ୍ଧାର କରାଯାଇ ସ୍ଥାନୀୟ ପଟାଭାଡି ଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (Specialized Adoption Agency) ରେ ଶିଶୁଟିକୁ ସୁରକ୍ଷିତ ଭାବରେ ରଖାଯାଇଅଛି। ଯଦି ଶିଶୁଟିର କୌଣସି ଜନ୍ମଗତ କିମ୍ବା ଆଇନଗତ ଅଭିଭାବକ ଥାଆନ୍ତି ତେବେ ଏହି ବିଜ୍ଞପ୍ତି ପ୍ରକାଶର ୩୦ ଦିନ ମଧ୍ୟରେ **ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ( ଫୋନ-୯୪୩୭୫୨୮୩୬୪)** ଉପର ମହଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ସୁବର୍ଣ୍ଣପୁର କିମ୍ବା **ଅଧ୍ୟକ୍ଷ ଶିଶୁ ମଙ୍ଗଳ କମିଟୀ, ସୁବର୍ଣ୍ଣପୁର** ( ଫୋନ- ୯୯୩୮୪୬୨୩୨୫) କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ପତ୍ର ଦାଖଲ ସହ ଶିଶୁଟିକୁ ନେଇଯିବା ପାଇଁ ଅନୁରୋଧ। ଉକ୍ତ ସମୟ ସୀମା ପରେ ଆଉ କୌଣସି ଦାବି ଗ୍ରହଣ ଯୋଗ୍ୟ ହେବ ନାହିଁ ଏବଂ କିଶୋର ନ୍ୟାୟ ଅଧିନିୟମ -୨୦୧୫ ତଥା Adoption Regulation- 2017 ଅନୁସାରେ ଶିଶୁଟି ଆଇନତଃ ଦାୟମୁକ୍ତ ବୋଲି ବିଚାର କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| କ୍ରଂ ନଂ | ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | CWC CASE ନମ୍ବର ଓ ତାରିଖ | ଫୋଟୋ |
|---|---|---|---|---|---|---|
| ୦୧ | ପ୍ରତିକ୍ଷ୍ୟା | ଝିଅ | ୫୦ ଦିନ | ପଟାଭାଡି ଆରଟିଓ ଅଫିସ ପାଖ | ୨୮/୨୩ ୧୮.୧୦.୨୦୨୩ |  |

ଜିଲ୍ଲାପାଳ,ସୁବର୍ଣ୍ଣପୁର

OIPR - 33052/11/0001/2324


SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**


SUMMONS FOR SETTLEMENT OF ISSUES
Notice U/o. 5, Rule. 20 (1) C.P.C.
In the Court of Senior Civil Judge, Bargarh
Civil Suit No.296 of 2021

**Hindusthan Commercial Industries (Pvt.) Ltd. .... Plaintiff**
-Versus-
**Rajendra Meher and Others .... Defendants.**

To
**Dr. Mahendra Kumar Tripathy**, S/o Late Mrutyunjaya Tripathy, aged about 57 years, R/o. Barpali, Jagannath Nagar, P.O./P.S. Barpali, Dist. Bargarh, at present Specialist in Surgery at-Hitech Medical College, Bhubaneswar, Dist. Khurdha .... **Defendant No.3.**

Whereas the plaintiff has instituted a suit against for declaration of right, title and interest over the 'A' schedule land and others. You are avoiding to receive Court summon. You are hereby summoned to appear in this Court in person or by a pleader duly instructed and able to answer all materials questions relating to the suit or who shall be accompanied by some person able to answer all such questions on **5th day of January 2024 at 10.30 O'Clock** in the ..... noon to answer the claim and you are directed to produce on the day all the documents upon which you intend to rely in support of your defence.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and seal of the Court this **9th day of November 2023**

Sd/-
SENIOR CIVIL JUDGE
BARGARH

AFFIDAVIT

I somabari sethi at/po kantapasi, ps khamar Dist Angul odisha do hereby solemnly affirm & declare through affidavit that the name of my son Pikun Sethi was wrongly mentioned as Sritam Sethi in the aadhar card. From today onwards the name of my son is Pikun Sethi in all respect.

AFFIDAVIT

By virtue of an affidavit vide No. 150, dtd.-21/11/2023, sworn before P.K.Nayak, Notary Public, Govt. of Odisha, I do hereby declare that my name **Parbati Das** is changed to **Papu Nayak** and I will be known as **Papu Nayak,** S/o Balaram Nayak henceforeth for all purposes. I am the transgender.

AFFIDAVIT

I, Uttam Charan Prusty, S/o- Banamali Prusty, Plot No. 364/5088/5430 near Shiv Temple, Sishu Vihar, Patia, Bhubaneswar- 751024, Odisha declare by this affidavit no. 16741 dtd. 05/07/2023 that now onwards I shall be known as **Uttam Prusty** for all future purposes.

FOREST ENVIRONMENT & CLIMATE CHANGE DEPARTMENT, ODISHA.
OFFICE OF THE DIVISIONAL FOREST OFFICER
KORAPUT DIVISION
Email: - dfo.koraput@odisha.gov.in
INVITATION FOR BIDS THROUGH e-Procurement
Bid Identification No. DFO-KPT- 04/2023 L(F)
e-Procurement Notice MM-293

| | | | |
|---|---|---|---|
| 1. | Name of the work | : | Construction of different type civil works under Koraput Forest Division during the year 2023-24. |
| 2. | Total no of Works | : | 02 Nos. |
| 3. | Estimated cost | : | Rs.32,28,618/- (Excluding GST & Labour cess) |
| 4. | Class of Contractor | : | As Per DTCN |
| 5. | Period of Completion | : | 03 (Three Calendar Months) |
| 6. | Type of tender | : | Single Cover Tender |
| 7. | Date and Time of availability of Bid documents in the portal | : | From 11.00 A.M. of Dt. 23.11.2023 to 17.00 hrs of dt. 02.12.2023. |
| 8. | Last date/Time for receipt of bids in the portal | : | Dt. 02.12.2023 up to 17.00 hrs |
| 9. | Date of opening of Bid through online | : | Dt.04.12.2023 at 11.00 hrs in the office of the undersigned. |
| 10. | Name & address of the O.I.T (Officer Inviting tender) | : | Divisional Forest Officer. Koraput Division, Koraput. |

Further details can be seen from the e-procurement portal https://tendersodisha.gov.in.
N.B. Subsequent corrigendum/addendum if required in this regard will be made available in the website as indicated above.

Divisional Forest Officer
Koraput Forest Division.

OIPR - 08067/11/0009/2324

MM-292 OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT
କୋରାପୁଟ ବନଖଣ୍ଡ ଅଧିକାରୀ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରଙ୍କ କାର୍ଯ୍ୟାଳୟ
ଦୂରଭାଷ ନଂ. 06852-251270, ଫାକ୍ସ ନଂ. 06852-25270, ଇ. ମେଲ- ID-dfo.koraput@odisha.gov.in&
ଅଭିଯୋଗ କକ୍ଷ (SMS) ନଂ. 9437011270
Memo No. 5487/ 1F-Accts-/2023 Date: 21.11.2023

CANCELLATION OF BID

The bid for the work i.e." Construction of Police Out Post-cum-Office at proposed Eco-Cottage Complex at Deomali & another one Forest Guard Quarter at Kotia beat in Semiliguda Range for the year 2023-24." (the details are given below) is hereby cancelled due to single responsive bid in respect of bid ( Sl.No. 01) & no responsive bid in respect of bid (Sl.No. 02).

| Sl. No. | Name of the work | Tender ID Nos. | Invited Vide bid identification No. |
|---|---|---|---|
| 1 | Construction of Police Out Post-cum-Office at proposed Eco-Cottage Complex at Deomali for the year 2023-24. | 2023_DFOKP_96139_1 | DFO-KPT-03/2023 1(F) |
| 2 | Construction of Forest Guard Quarter at Kotia of Kotia beat, Pottangi section in Semiliguda Range of, Koraput Forest Division during the year 2023-24. | 2023_DFOKP_95989_2 | DFO-KPT-02/2023 1(F) |

Divisional Forest Officer,
Koraput Forest Division.

OIPR - 08067/11/0008/2324

## ■ ମାଟି ତଳୁ ଯୁବକଙ୍କ ଶବ ଜବତ

# ହତ୍ୟା କରି ପୋତି ଦେଇଥିଲେ

**କପ୍ତିପଦା/ପିଙ୍ଗୁ,୨୨।୧୧(ସମିସ):** ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଞ୍ଚଳରୁ ଦୁଇଦିନ ତଳେ ନିଖୋଜ ହୋଇଯାଇଥିବା ଜଣେ ଯୁବକଙ୍କ ଶବକୁ କପ୍ତିପଦା ଥାନା ପୁଲିସ୍ ଆଜି ସମୀବୃକ୍ଷ ପର୍ଯ୍ୟଟନସ୍ଥଳୀ ନିକଟରେ ମାଟି ତଳୁ ଉଦ୍ଧାର କରିଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ପଦ୍ମପୁର ଗ୍ରାମର ଚିତ୍ତରଞ୍ଜନ ବେହେରା। କେହି ଦୁର୍ବୃତ୍ତ ତାଙ୍କ ତଣ୍ଟିକାଟି ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଶବରେ ଲୁଣ ଦେଇ ମାଟି ତଳେ ପୋତି ଦେଇଥିବା ପୁଲିସ କହିଛି। ତେବେ ତାଙ୍କ ହାତରେ ଥିବା 'ଟାଟୁ'ରୁ ତାଙ୍କ ପରିଚୟ ମିଳିଛି। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିଏ ଓ କାହିଁକି ଚିତ୍ତରଂଜନଙ୍କୁ ହତ୍ୟା କଲା ଏବଂ କେଉଁଠାରେ ହତ୍ୟା କରାଗଲା ସେନେଇ ପୁଲିସ ତନାଘନା ଆରମ୍ଭ କରିଛି।

- **ଶବ ଶୀଘ୍ର ନଷ୍ଟ ହେବାକୁ ଲୁଣ ଦେଇଥିଲେ**
- **'ସମୀବୃକ୍ଷ' ନିକଟ ବିଲରୁ ଉଦ୍ଧାର ହେଲା ଶବ**

ସୂଚନାଯୋଗ୍ୟ, ଆଜି କିଛି ସ୍ଥାନୀୟ ଲୋକ ସମୀବୃକ୍ଷକୁ ଲାଗି କରି ରହିଥିବା ଏକ ବିଲ ନିକଟରେ କିଛି ଗଛ ଡାଳ ଗୋଟିଏ ସ୍ଥାନରେ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଡାଳ ତଳେ ଏକ ଗୋରୁର ଖପୁରୀ ରହିଥିଲା। ସନ୍ଦେହ ହେବାରୁ ସେଠାରେ ଖୋଳାଖୋଳି କରିବାରୁ ୪ ଫୁଟ୍ ତଳେ ଏକ ମୃତଦେହ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ କପ୍ତିପଦା ପୁଲିସ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବକୁ ଜବତ କରିଥିଲା। ପରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାକୁ ଏ ବାବଦରେ ସୂଚନା ଦିଆଯାଇଥିଲା। ଜଣାଯାଇଥିଲା ଯେ ଉକ୍ତ ଯୁବକଜଣଙ୍କ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ପଦ୍ମପୁର ଗ୍ରାମର ଚିତ୍ତରଞ୍ଜନ ବେହେରା ଏବଂ ଦୁଇ ଦିନ ତଳୁ ନିଖୋଜ ଅଛନ୍ତି। ପରିବାରଲୋକଙ୍କ କହିବାନୁଯାୟୀ, ଚିତ୍ତରଂଜନ ବାଲି, ଇଟା ବ୍ୟବସାୟ କରନ୍ତି। ଗତ ରବିବାର ରାତିରେ କିଛି ସାଥୀଙ୍କ ସହ ସେ ଯାତ୍ରା ଦେଖିବାକୁ ଯାଇଥାନ୍ତେ। କିନ୍ତୁ ସାଙ୍ଗମାନଙ୍କ ସହ ସେ ନଯାଇ ଅନ୍ୟ କୁଆଡ଼େ ପଳାଇଥିଲେ। ତା' ପରଠାରୁ ତାଙ୍କ ମୋବାଇଲ୍ ବନ୍ଦ ରହିଥିଲା। କାହା ସହ ତାଙ୍କର ବିବାଦ କିମ୍ବା ଶତ୍ରୁତା ନଥିଲା ବୋଲି ତାଙ୍କ କାକା ରମାକାନ୍ତ ବେହେରା ଏବଂ ଭିଣୋଇ ରତିକାନ୍ତ ବାରିକ କହିଛନ୍ତି।

# ୫୨ ଟି ସରକାରୀ କାର୍ଯ୍ୟାଳୟରେ ଆରମ୍ଭ ହେଲା ଇ-ଅଫିସ୍

**ଭୁବନେଶ୍ୱର, ୨୨।୧୧(ସମିସ):** ରାଜ୍ୟର ୫୨ଟି ସରକାରୀ କାର୍ଯ୍ୟାଳୟରେ ଇ-ଅଫିସ୍ ଆରମ୍ଭ କରାଯାଇଛି। ମତ୍ସ୍ୟ ନିର୍ଦ୍ଦେଶାଳୟର ଅଧୀନ ୪୧ଟି କାର୍ଯ୍ୟାଳୟ ସହ ଷ୍ଟାର୍ଟ-ଅପ୍ ଓଡ଼ିଶା, ଓଏସ୍‌ଆଇସି ଲିମିଟେଡ୍, ଏମ୍‌ଏସ୍ ଆଇନ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଓଡ଼ିଶା କୋଇଲା ଏବଂ ଶକ୍ତି ଲିମିଟେଡ୍, ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ତାଲିମ ପ୍ରତିଷ୍ଠାନ, ଓଡ଼ିଶା ପଶୁ ସମ୍ପଦ ଉତ୍ସ ବିକାଶ ସମାଜ ଆଦି କାର୍ଯ୍ୟାଳୟରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏହି ବ୍ୟବସ୍ଥା ଶୁଭାରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ୧୦୧୬ଟି କାର୍ଯ୍ୟାଳୟରେ ଇ-ଅଫିସ୍ ଆରମ୍ଭ ହୋଇସାରିଥିବା ବେଳେ ଅନ୍ୟ କାର୍ଯ୍ୟାଳୟଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଉଛି। ସରକାରଙ୍କ ଜାତୀୟ ଇ-ଗଭର୍ଣ୍ଣାନ୍ସ ପ୍ରୋଗ୍ରାମ୍ ଅଧୀନରେ ଏକ ମିଶନ୍ ଭାବେ ଏହି ପଦକ୍ଷେପ ନିଆଯାଉଛି। ଇ-ଅଫିସ୍ ଦ୍ୱାରା ସ୍ୱଚ୍ଛତା ବୃଦ୍ଧି, ଉତ୍ତରଦାୟିତ୍ୱ ବଢ଼ାଇବା ଏବଂ ସରକାରୀ କାର୍ଯ୍ୟ ନୈତିକତାକୁ ପରିବର୍ତ୍ତନ କରିବା ପାଇଁ ଏକ ବଡ଼ ମାଧ୍ୟମ ସାଜିବ ବୋଲି ଲକ୍ଷ୍ୟ ରଖି ସରକାର ଏହି ପଦକ୍ଷେପ ନେଇଛନ୍ତି। ଅଫିସ୍ କାର୍ଯ୍ୟକୁ ଦୂରରୁ ପରିଚାଳନା କରିବା ପାଇଁ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର '୫-ଟି' ପଦକ୍ଷେପ ଅନୁଯାୟୀ ଇ-ଅଫିସ୍ କାର୍ଯ୍ୟକାରୀ ହେଉଛି। କେତେକ ସରକାରୀ କାର୍ଯ୍ୟାଳୟ ସଫଳତାର ସହ ଇ-ଅଫିସ୍ ମାଧ୍ୟମରେ ଇଣ୍ଟ୍ରା ଅଫିସ୍ ଫାଇଲ୍ କାରବାର ମଧ୍ୟ କରୁଛନ୍ତି। ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ତଥ୍ୟ ସୁରକ୍ଷା ପାଇଁ ଇ-ଅଫିସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

# କମ୍ବିଂ ବେଳେ ବିପୁଳ ମାଓ ସାମଗ୍ରୀ ଜବତ

**ମାଲକାନଗିରି, ୨୨।୧୧ (ସମିସ):** ମାଓ ଦମନ କ୍ଷେତ୍ରରେ ମାଲକାନଗିରି ପୁଲିସକୁ ବଡ଼ ସଫଳତା ମିଳିଛି। ମାଥିଲି ବ୍ଲକ୍ ଅନ୍ତର୍ଗତ ଛତିଶଗଡ଼ ସୀମାନ୍ତବର୍ତ୍ତୀ ତୁଳସୀ ଓ କେରିମିଟି ଜଙ୍ଗଲରୁ ପୁଲିସ୍ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛି। ଜବତ ବିସ୍ଫୋରକ ମଧ୍ୟରେ ପ୍ରାୟ ୪୦କେଜିର ଆଇଇଡି, ଜେଲୋଟିନ୍ ଷ୍ଟିକ୍, ଦେଶୀ ବନ୍ଧୁକ ରହିଥିବା ମାଲକାନଗିରି ଏସ୍‌ପି. ଶ୍ରୀ ୱାଧ୍ୱାନୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ଏସ୍‌ପି. ନୀତୀଶ ୱାଧ୍ୱାନୀଙ୍କ ନେତୃତ୍ୱରେ ଡିବିଏଫ୍ ଓ ଏସ୍‌ଓଜି ବାହିନୀ ଆଜି କମ୍ବିଂ ଅପରେସନ୍ କରୁଥିବା ବେଳେ ଏହି ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ପୁଲିସ ପକ୍ଷରୁ କମ୍ବିଂ ଅପରେସନ୍‌କୁ ଆହୁରି ଜୋରଦାର୍ କରି ଦିଆଯାଇଥିବା ଜଣାପଡ଼ିଛି।



ସୂଚନାଯୋଗ୍ୟ, କମ୍ବିଂ ଅପରେସନ୍ କରୁଥିବା ଯବାନମାନଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓ ସଂଗଠନ ପକ୍ଷରୁ ଏହି ସାମଗ୍ରୀଗୁଡ଼ିକ ଗଚ୍ଛିତ ରଖାଯାଇଥିଲା। ବର୍ତ୍ତମାନ ଛତିଶଗଡ଼ ନିର୍ବାଚନ ଚାଲୁଥିବାରୁ ହିଂସାକାଣ୍ଡ ଘଟାଇବାକୁ ମାଓବାଦୀମାନେ ଏହି ଅଞ୍ଚଳରେ ସକ୍ରିୟ ରହିଛନ୍ତି।

ODISHA HYDRO POWER CORPORATION LTD
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E.PROJECT: AT/PO: BARINIPUT
DISTRICT: KORAPUT, PIN- 764 006.
PHONE: 06854 242001 FAX: 06854 242038
REGD OFFICE: ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR- 751022
TELEPHONE: 0674 – 2542802, 3542826, 2545536, FAX: 0674 2542102
CIN: U40101OR1995SGC003963
CAD-2982

NOTICE INVITING TENDER No. 23/23-24 date: 21.11.2023

Sealed Tenders are invited in sealed envelopes from the Manufacturer/Channel Partner/ Authorized dealer for "Supply of 03 Core x 185 Sq. mm XLPE Insulated, 11 KV Grade Stranded Aluminum Power Cable for UKHEP, Bariniput".

| Sl No. | Description | Cost of tender paper (Rs) | EMD amount in Rs. |
|---|---|---|---|
| 1 | "Supply of 03 Core x 185 Sq. mm XLPE Insulated.11 KV Grade Aluminum Power Cable for UKHEP, Bariniput" | Rs.7080.00 (Rs. 6000/- + GST @ 18%) | 1% of quoted value |

Sale of tender paper : From _ 29.11.2023 to 11:00 Hrs. of _ 13.12.2023
Last date of submission of tender : Up to 12:00 Hrs. of _ 13.12.2023
Date & Time of opening of tender : At 12:30 Hrs. of _ 13.12.2023

For details of the tender documents, terms and conditions & corrigendum please visit our website www.ohpcltd.com

C & P Head
UKHEP, Bariniput

OIPR - 04002/11/0048/2324

OFFICE OF THE NOTIFIED AREA COUNCIL, REMUNA, BALASORE
Email: remuna-nac@gov.in, Tel. No.- 06782-291978
Letter No. 2588 / Date 20.11.2023
C-1895

EXPRESSION OF INTEREST (EOI)

The Executive Officer, Remuna NAC, Balasore (Odisha) on behalf of Remuna NAC, Invites expression of interest (EOI) for **Installation of 12 nos of Hoarding(Amo Pokhari)** within Remuna,NAC Area for registered and eligible firm for tendering their bids in sealed cover addressed to the Executive Officer, Remuna NAC,Balasore,Odisha 756019. The EOI may be downloaded from the websites https:Baleswar.nic.in/ / www.remuna-nac@gov.in and can be submitted in sealed envelope containing hard copies by speed post to Executive Officer Remuna,NAC -756019 or can be dropped in the specified Drop Box at the office of the Executive officer, Remuna, NAC

Name of the work: **Installation of 12 nos of hoardings for Amo Pokhari within Remuna,NAC.**

1. EOI may be downloaded from web site / www.remuna-nac@gov.in / https: Baleswar.nic.in from 21.11.2023. 11.00 AM to 29.11.2023 05.00 PM Date of submission of sealed envelope containing their bids is up to 29.11.2023 up to 05.00 PM.
2. The EOI will be opened on Dt-30.11.2023 at.11.00 Hrs in the office of the Executive officer Remuna, NAC in presence of the bidders or their authorized representatives who wish to attend.
3. The bids received after due date shall not be considered for evaluation.
4. The authority has reserved right to accept or reject any or all quotation without assigning any reason thereof.

All other details are available in the mentioned websites.

Sd/- Executive Officer
Remuna, NAC

OIPR-13204/11/0009/2324

## ୧୪ ସ୍ଥାନରେ ଏନ୍‌ଆଇଏ ଚଢ଼ଉ

**ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି):** ପଞ୍ଜାବ ଏବଂ ହରିୟାଣାର ୧୪ ସ୍ଥାନରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ବୁଧବାର ଚଢ଼ଉ କରିଛି। ଗତ ମାର୍ଚ୍ଚ ଏବଂ ଜୁଲାଇ ମାସରେ ଆମେରିକାର ସାନ୍ ଫ୍ରାନସିସ୍‌କୋ ସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଉପରେ ହୋଇଥିବା ଆକ୍ରମଣ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖଲିସ୍ତାନୀ ସଂଗଠନ ସମ୍ବନ୍ଧିତ ଲୋକଙ୍କ ମୋଗା, ଲୁଧିଆନା, ଗୁରଦାସପୁର, ମୋହାଲି, ପଟିଆଲା, କୁରୁକ୍ଷେତ୍ର ଏବଂ ଯମୁନାନଗରରେ ତଲାସୀ ନିଆଯାଇଛି। ଏହି ଆକ୍ରମଣର ଚେର ଉପରୋକ୍ତ ଜିଲ୍ଲାକୁ ବ୍ୟାପିଛି। ପଞ୍ଜାବରେ ଅମୃତପାଲ ସିଂହର ସହଯୋଗୀ ଏବଂ ହରିୟାଣାରେ ମିଠା ଦୋକାନ ମାଲିକ ଘରେ ଚଢ଼ଉ କରାଯାଇଥିଲା।

## କାନାଡ଼ା ପାଇଁ ଭିସା ସେବା ଆରମ୍ଭ

**ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି):** ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂହ ନିଜ୍ଜାର ହତ୍ୟାକୁ ନେଇ ଆରମ୍ଭ ହୋଇଥିବା ଉତ୍ତେଜନା ପରେ ପ୍ରଥମ ଥର ପାଇଁ ଭର୍ଚୁଆଲ ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିସ ଟ୍ରୁଡୋ ମୁହାଁମୁହିଁ ହୋଇଛନ୍ତି। ପୂର୍ବରୁ ଭାରତ କାନାଡ଼ା ନାଗରିକଙ୍କ ପାଇଁ ପୁଣିଥରେ ଭିସା ସେବା ଆରମ୍ଭ କରିଦେଇଛି। ୨ ମାସର କଟକଣା ପରେ ଏହି ସେବା ଆରମ୍ଭ ହୋଇଛି। ଭାରତ ସେପ୍ଟେମ୍ବର ୨୧ରେ ଏହାକୁ ବନ୍ଦ କରି ଦେଇଥିଲା। ପରେ ଅକ୍ଟୋବର ୨୬ରେ ୪ଟି ଶ୍ରେଣୀର ସେବା ଆରମ୍ଭ କରି ଦେଇଥିଲା। ଏବେଠାରୁ ସବୁ ଶ୍ରେଣୀର ଭିସା ପାଇଁ ଆବେଦନ କରିହେବ।

## ବ୍ରିକ୍ସ ସଦସ୍ୟତା ପାଇଁ ଆବେଦନ କଲା ପାକିସ୍ତାନ

**ଇସଲାମାବାଦ, ୨୨।୧୧ (ଏଜେନ୍ସି):** ଚୀନ୍ ବ୍ରିକ୍ସ (ବ୍ରାଜିଲ, ରୁଷ୍, ଭାରତ, ଚୀନ୍ ଏବଂ ସାଉଥ୍ ଆଫ୍ରିକା)କୁ ଆମେରିକା ବିରୋଧୀ ଦେଶଙ୍କ ମଞ୍ଚ ବନାଇବାକୁ ଚାହୁଁଛି। ଚୀନ୍ ମାଧ୍ୟମରେ ପାକିସ୍ତାନ ବ୍ରିକ୍ସ ସଦସ୍ୟତା ହାସଲ କରିବାକୁ ଚାହୁଁଛି। ଏଥିପାଇଁ ଇସାଲାମାବାଦ ପକ୍ଷରୁ ଆବେଦନ କରାଯାଇଛି। ପାକିସ୍ତାନର ରୁଷ୍ ରାଷ୍ଟ୍ରଦୂତ ମହମ୍ମଦ ଖାଲିଦ ଜମାଲି ଏକ ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି। ଏହି ସଦସ୍ୟତା ପାଇଁ ପାକିସ୍ତାନ ଭାରତର ବନ୍ଧୁ ରାଷ୍ଟ୍ର ରୁଷ୍‌ର ସହାୟତା ଚାହୁଁଛି। ୨୦୨୪ରେ ବ୍ରିକ୍ସ ଅଧ୍ୟକ୍ଷତା ରୁଷ୍ ହାତକୁ ଯାଉଛି। ରୁଷ୍ ମାଧ୍ୟମରେ ଏହି ଦେଶ ଭାରତକୁ ମନାଇବାକୁ ଚାହୁଁଛି। ଏଥିପାଇଁ ପାକିସ୍ତାନ ଆଶା ବାନ୍ଧି ବସିଛି। କିନ୍ତୁ ଏହି ସଂଗଠନରେ ପାକିସ୍ତାନର ଅନୁପ୍ରବେଶକୁ ଭାରତ ବନ୍ଦ କରିବାକୁ ଚାହୁଁଛି। ଭାରତ ଏହାକୁ ତୀବ୍ର ବିରୋଧ କରୁଛି। ଏହା ପଛରେ ଆତଙ୍କବାଦଠାରୁ ନେଇ ଦ୍ୱିପାକ୍ଷିକ ବିବାଦ ସହିତ ଅନେକ କାରଣ ରହିଛି। ନକରାତ୍ମକ ଛବି ଥିବା କୌଣସି ଦେଶକୁ ଭାରତ ଏଥିରେ ସାମିଲ କରାଇବା ସପକ୍ଷରେ ନାହିଁ। ଯଦି ବ୍ରିକ୍ସର ସମ୍ପ୍ରସାରଣ ହୁଏ ତେବେ ଏହା ଦୁର୍ବଳ ହୋଇଯିବ ବୋଲି ଭାରତ ମାନୁଛି।

## ୪ ସରକାରୀ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର, ୨୨।୧୧ (ଏଜେନ୍ସି):** ଦେଶ ବିରୋଧୀ କାର୍ଯ୍ୟକଳାପ ସହିତ ଆତଙ୍କବାଦୀଙ୍କ ସହ ଯୋଗାଯୋଗ ରଖିଥିବା ଅଭିଯୋଗରେ କାଶ୍ମୀର ଡାକ୍ତର ସଂଘ ସଭାପତି ଏବଂ ଅନ୍ୟ ତିନି ସରକାରୀ କର୍ମଚାରୀଙ୍କୁ ସ୍ଥାନୀୟ ପ୍ରଶାସନ ସେମାନଙ୍କ ପଦବୀରୁ ବହିଷ୍କାର କରିଛନ୍ତି। ବହିଷ୍କୃତ ଏହି ତିନି କର୍ମଚାରୀଙ୍କ ମଧ୍ୟରେ ଜଣେ ଶିକ୍ଷକଙ୍କ ସମେତ କନଷ୍ଟେବଲ ଏବଂ ଜଣେ ଲାବୋରେଟୋରୀ କର୍ମଚାରୀ ରହିଛନ୍ତି। ଭାରତୀୟ ସମ୍ବିଧାନର ଧାରା ୩୧୧(୨)(ସି) ଅନୁସାରେ ଜମ୍ମୁ-କାଶ୍ମୀର କେନ୍ଦ୍ରଶାସିତ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବିନା ନୋଟିସ୍‌ରେ ବହିଷ୍କାର କରାଯାଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶ ବିରୋଧୀ କାର୍ଯ୍ୟକଳାପକୁ ନେଇ ବିଗତ ତିନି ବର୍ଷ ମଧ୍ୟରେ ଜମ୍ମୁ-କାଶ୍ମୀରରେ ୫୦ ସରକାରୀ କର୍ମଚାରୀଙ୍କୁ ଏହି ଧାରାରେ ବହିଷ୍କାର କରାଯାଇସାରିଲାଣି।

### ଚୂଡ଼ାନ୍ତ ପର୍ଯ୍ୟାୟରେ ଉଦ୍ଧାର କାର୍ଯ୍ୟ

# ଖୁବ୍ ଶୀଘ୍ର ଉଦ୍ଧାର ପାଇବେ ୪୧ ଶ୍ରମିକ

**ଡେରାଡୁନ୍,୨୨।୧୧(ଏଜେନ୍ସି):**




ଉତ୍ତରାଖଣ୍ଡ ଟନେଲ ଦୁର୍ଘଟଣାରେ ଫସି ରହିଥିବା ୪୧ ଶ୍ରମିକଙ୍କୁ ନେଇ ଖୁସି ଖବର ଆସିଛି। ଦୀର୍ଘ ୧୨ ଦିନ ହେଲା ଟନେଲ ତଳେ ଫସି ରହିଥିବା ଏହି ଶ୍ରମିକମାନେ ମାତ୍ର କିଛି ଘଣ୍ଟା ମଧ୍ୟରେ ଉଦ୍ଧାର ପାଇବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଶ୍ରମିକମାନଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ସେମାନେ ଫସି ରହିଥିବା ସ୍ଥାନକୁ ପାଇପ ପଠାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହି ପାଇପ ୩୯ ମିଟର ଭିତରକୁ ପସି ସାରିଛି। ଟନେଲ ମୁଖ୍ୟ ଦ୍ୱାର ଠାରୁ ଏହି ୪୧ ଶ୍ରମିକମାନେ ପ୍ରାୟ ୫୦ ମିଟର ଦୂରରେ ରହିଛନ୍ତି। ତେବେ ବୁଧବାର ଅପରାହ୍ନ ସୁଦ୍ଧା ପାଇପ ୩୯ ମିଟର ଭିତରକୁ ପସି ସାରିଥିଲା ବେଳେ ଆଉ ମାତ୍ର ୧୨ ମିଟର ପରେ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବା ସମ୍ଭବ ହେବ ବୋଲି ଏଠାରେ ଉଦ୍ଧାର କାର୍ଯ୍ୟ ଚଳାଇଥିବା ବିଭାଗୀୟ ଅଧିକାରୀମାନେ କହିଛନ୍ତି। ସବୁଠାରୁ ବଡ଼ କଥା ହେଲା ଶ୍ରମିକମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ଧାରକାରୀ ଦଳର ୨୧ ଜଣ ସଦସ୍ୟ ପାଇପ ମଧ୍ୟରେ ଶ୍ରମିକମାନେ ଫସି ରହିଥିବା ସ୍ଥାନକୁ ଯାଇଛନ୍ତି। ସେମାନେ ସାଙ୍ଗରେ ଅକ୍ସିଜେନ ମାସ୍କ ଏବଂ ଏସସିବିଏ(ସ୍ୱତନ୍ତ୍ର ନିଶ୍ୱାସ ନେବା ଯନ୍ତ୍ର) ସହିତ ଷ୍ଟ୍ରେଚର ମଧ୍ୟ ନେଇଛନ୍ତି। ଶ୍ରମିକମାନେ ବିଗତ ୧୨ ଦିନ ହେଲା ଗୋଟିଏ ସ୍ଥାନରେ ଫସି ରହିଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ପାଇପ ମଧ୍ୟରେ ୬୦ ମିଟର ଗୁରୁଣ୍ଡି ଗୁରୁଣ୍ଡି ଆସିବା କଷ୍ଟକର ବୋଲି ଚିନ୍ତା କରାଯାଇ ସେମାନଙ୍କୁ ଷ୍ଟ୍ରେଚର ଯୋଗେ ବାହାରକୁ ଅଣାଯିବା ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଟନେଲ ମୁଖ୍ୟ ଦ୍ୱାର ନିକଟରେ ଏକ ୧୫ ଜଣିଆ ଡାକ୍ତରୀ ଟିମ୍ ସହ ୨୦ଟି ଆମ୍ବୁଲାନ୍ସକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ସ୍ୱାଭାବିକ ରହିଥିଲା ବେଳେ ଆସନ୍ତାକାଲି ସକାଳ ସୁଦ୍ଧା ସବୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବ ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରାଳୟ ଅତିରିକ୍ତ ସଚିବ(ଟେକ୍ନିକାଲ) ମେହମୁଦ ଅହମ୍ମଦ କହିଛନ୍ତି। ସେହିପରି ଉତ୍ତରକାଶୀ ଏସପି ଅର୍ପଣ ଯଦୁବଂଶୀ ମଧ୍ୟ ସକାରାତ୍ମକ ସୂଚନା ଦେଇଛନ୍ତି। ଗତକାଲି ରାତିରୁ ପାଇପ ଖନନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୯ ମିଟର ଭିତରରେ ପାଇପ ପହଞ୍ଚି ସାରିଥିବାରୁ ଆଉ ମାତ୍ର କିଛି ଘଣ୍ଟା ପରେ ଶ୍ରମିକମାନଙ୍କ ନିକଟରେ ପାଇପ ପହଞ୍ଚିଯିବ। ଏହାମଧ୍ୟରେ ଯଦି କିଛି ପ୍ରତିବନ୍ଧକ ନ ଆସେ ତେବେ ଫସି ରହିଥିବା ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି। ଗତକାଲି ଏଣ୍ଡୋସ୍କୋପିକ୍ କ୍ୟାମେରା ଦ୍ୱାରା ଶ୍ରମିକମାନଙ୍କ ଭିଡିଓ ଉତ୍ତୋଳନ କରାଯାଇଥିଲା। ଏହାବ୍ୟତୀତ ସେମାନଙ୍କୁ ପାଇପ୍ ଯୋଗେ ରୁଟି, ଭାତ ଆଦି ଗରମ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ଶ୍ରମିକମାନଙ୍କ ସହ ନିୟମିତ ସମ୍ପର୍କ ରଖିବା ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ପୂର୍ବତନ ପରାମର୍ଶଦାତା ଭାସ୍କର କୁଲବେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଶ୍ରମିକ ଉଦ୍ଧାର କାର୍ଯ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ଆଲୋଚନା କରିଛନ୍ତି। ବିଦେଶୀ ଟନେଲ ବିଶେଷଜ୍ଞ ଆର୍ଣ୍ଣୋଲ୍ଡ ଡିକ୍ସଙ୍କ ସହ ବହୁ ବିଶେଷଜ୍ଞ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି।

### ସେନାର ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟଙ୍କ ମନ୍ତବ୍ୟ

## ମଣିପୁର ସମସ୍ୟାର ରାଜନୈତିକ ସମାଧାନ ଜରୁରୀ

**ଇମ୍ଫାଲ, ୨୨।୧୧ (ଏଜେନ୍ସି):** ମଣିପୁର ସମସ୍ୟା ରାଜନୈତିକ। ଏହି ସମସ୍ୟାର ରାଜନୈତିକ ସମାଧାନ ମଧ୍ୟ ହେବା ଉଚିତ। ଏଥିପାଇଁ ଉଭୟ ପକ୍ଷ କୁକି ଏବଂ ମେଇତି ସମ୍ପ୍ରଦାୟକୁ ପ୍ରୋତ୍ସାହନ ଦେବା ଜରୁରୀ। ଏହି ହିଂସାକୁ ବନ୍ଦ କରିବାକୁ ଭାରତୀୟ ସେନା ପକ୍ଷରୁ ପ୍ରୟାସ କରାଯାଉଛି। ଏଥିରେ ମଧ୍ୟ ବଡ଼ ସଫଳତା ମିଳିଛି। ଉଭୟ ସମ୍ପ୍ରଦାୟର ଧ୍ରୁବିକରଣ



**ଲୁଟ୍ ଅସ୍ତ୍ରଶସ୍ତ୍ର ନ ଫେରାଇବା ପର୍ଯ୍ୟନ୍ତ ହିଂସା ଥମିବନି**

ହୋଇଛି। ଏଥିପାଇଁ ଛୋଟମୋଟ ଘଟଣା ସାମ୍ନାକୁ ଆସୁଛି। ରାଜ୍ୟ ସୁରକ୍ଷାବାହିନୀଠାରୁ ଲୁଟ୍ କରାଯାଇଥିବା ୪ ହଜାର ଅସ୍ତ୍ରଶସ୍ତ୍ର ଏବେ ବି ଲୋକଙ୍କ ପାଖରେ ରହିଛି। ହିଂସାରେ ଏହାକୁ ବ୍ୟବହାର କରାଯାଉଛି। ଏହା ଫେରି ନ ଆସିବା ପର୍ଯ୍ୟନ୍ତ ରାଜ୍ୟରେ ହିଂସା ବନ୍ଦ ହେବନାହିଁ। ପ୍ରାୟ ୫ ହଜାର ଅସ୍ତ୍ରଶସ୍ତ୍ର ଲୁଟ୍ ହୋଇଥିବାବେଳେ ମାତ୍ର ୧୫୦୦ ଜବତ କରାଯାଇଛି। ଗୌହାଟୀର ପ୍ରେସ୍ କ୍ଲବ୍‌ରେ ସାମ୍ବାଦିକ ସମ୍ମିଳନୀ କରି ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ରାଣା ପ୍ରତାପ କଲିତା ଏହି ମନ୍ତବ୍ୟ ଦେଇଛନ୍ତି।

ମଣିପୁର ସ୍ଥିତି ସ୍ୱାଭାବିକ ପ୍ରଶ୍ନର ଜବାବ ଦେଇ ସେ କହିଛନ୍ତି ଯେ ରାଜ୍ୟରେ ୩ଟି ସମ୍ପ୍ରଦାୟ କୁକି, ମେଇତି ଏବଂ ନାଗା ରହିଛି। ଏମାନଙ୍କ ମଧ୍ୟରେ ଅଧିକାରକୁ ନେଇ ସଂଘର୍ଷ ଚାଲିଛି। ୧୯୯୦ରେ କୁକି ଏବଂ ନାଗାଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ପ୍ରାୟ ହଜାରେ ଲୋକଙ୍କ ଜୀବନ ଯାଇଥିଲା।

### ■ ଆମେରିକାରେ ଖଲିସ୍ତାନୀଙ୍କୁ ମିଳୁଛି ସୁରକ୍ଷା !

## ପନ୍ନୁ ହତ୍ୟା ଉଦ୍ୟମକୁ ବିଫଳ କଲେ ଆମେରିକୀୟ ଏଜେନ୍ସି

**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ଖଲିସ୍ତାନୀ ଆତଙ୍କବାଦୀ ତଥା ଶିଖ୍ ଫର ଜଷ୍ଟିସ୍ ନେତା ଗୁରୁପନ୍ତୱନ୍ତ ସିଂ ପନ୍ନୁକୁ ଆମେରିକାରେ ହତ୍ୟା କରିବାକୁ ହୋଇଥିବା ଉଦ୍ୟମକୁ ଆମେରିକୀୟ ସୁରକ୍ଷା ଏଜେନ୍ସି ପଣ୍ଡ କରିଦେଇଥିବା ଆମେରିକା କହିଛି। କିନ୍ତୁ ପନ୍ନୁକୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିବାରୁ ଏଥିରେ ଭାରତର ହାତ ରହିଥିବା ଦର୍ଶାଇ ଆମେରିକା ଭାରତ ପ୍ରତି ଚେତାବନୀ ମଧ୍ୟ ଜାରି କରିଛି। ତେବେ କିଏ ପନ୍ନୁକୁ ହତ୍ୟା କରିବାକୁ ଉଦ୍ୟମ କରିଥିଲା ଏବଂ ଏହି ଘଟଣାରେ କିଭଳି ଭାରତର ହାତ ରହିଛି ସେନେଇ ଆମେରିକୀୟ ପ୍ରଶାସନ କିଛି କହି ନାହିଁ। ଅନ୍ୟପକ୍ଷରେ ହତ୍ୟା ଉଦ୍ୟମ କରିଥିବା ବ୍ୟକ୍ତି ଜଣକ ବର୍ତ୍ତମାନ ଆମେରିକା ଛାଡି ଦେଇଥିବା ଆମେରିକୀୟ ଅଧିକାରୀମାନେ କହିଛନ୍ତି। ଏସବୁ କଥା ଆମେରିକା କହୁଥିଲା ବେଳେ ଭାରତ ବିରୋଧୀ କାର୍ଯ୍ୟ ଚଳାଇଥିବା



**ଭାରତକୁ ଚେତାବନୀ ଦେଲା ଆମେରିକା**

ପନ୍ନୁ ଭଳି ଆତଙ୍କବାଦୀଙ୍କୁ କ'ଣ ଆମେରିକା ସୁରକ୍ଷା ଯୋଗାଇ ଦେଉଛି କି ବୋଲି ପ୍ରଶ୍ନ ଉଠିଛି। ଉଲ୍ଲେଖଯୋଗ୍ୟ ଯେ, ପନ୍ନୁକୁ ଆମେରିକାରେ ହତ୍ୟା କରାଯିବା ଉଦ୍ୟମକୁ ନେଇ ବୁଧବାର ଫାଇନାନ୍ସିଆଲ ଟାଇମ୍ସ ଖବରକାଗଜରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଆମେରିକୀୟ ଅଧିକାରୀମାନେ ଏଭଳି ଉଦ୍ୟମକୁ ପଣ୍ଡ କରିଦେଇଥିବା କହିଥିଲା ବେଳେ ଭାରତ ପ୍ରତି ଚେତାବନୀ ଜାରି କରିଥିବା ମଧ୍ୟ କୁହାଯାଇଛି। ତେବେ ଆମେରିକାର ଏଭଳି ଆଭିମୁଖ୍ୟକୁ ନେଇ ଭାରତ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ।

### ହୃତ୍‌ପିଣ୍ଡ ନେଇ ଯାଉଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ

## ତଥାପି ଜୀବନ ବଞ୍ଚାଇଲେ ଡାକ୍ତର

**ପୁଣେ, ୨୨।୧୧ (ଏଜେନ୍ସି):** ହୃତ୍‌ପିଣ୍ଡ ନେଇ ଚେନ୍ନାଇ ଯାଉଥିବା ଏକ ଡାକ୍ତରଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଦୁର୍ଘଟଣାରେ ଡାକ୍ତର ଆହତ ହେବା ସତ୍ତ୍ୱେ ହାର୍ ମାନି ନ ଥିଲେ। ସେ ହୃତ୍‌ପିଣ୍ଡ ନେଇ ଚେନ୍ନାଇ ପହଞ୍ଚି ଅସ୍ତ୍ରୋପଚାର କରିଥିଲେ। ହୃତ୍‌ପିଣ୍ଡ ଲାଗିଥିବା ରୋଗୀ ୭୨ ଦିନ ହେଲା ଲାଇଫ ସପୋର୍ଟରେ ଥିଲେ। ତାଙ୍କୁ ଫୁସ୍‌ଫୁସ୍ କର୍କଟ ହୋଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ରିପୋର୍ଟ ଅନୁଯାୟୀ ଏକ ଘରୋଇ ଡାକ୍ତରଖାନାର ଡାକ୍ତର ସଞ୍ଜୀବ ଯାଦବ ୧୯ ବର୍ଷୀୟ ବ୍ରେନ୍ ଡେଡ୍ ଯୁବକଙ୍କ ଫୁସ୍‌ଫୁସ୍ ବାହାର କରିବାକୁ ପିମ୍ପିରିର ଡିୱାଇ ହସ୍ପିଟାଲରେ ପହଞ୍ଚି ଥିଲେ। ସେଠାରୁ ଆମ୍ବୁଲାନ୍ସରେ ହୃତ୍‌ପିଣ୍ଡ ଯାଉଥିଲା। ଏହା ପଛରେ ଏକ କାର୍ ଡାକ୍ତରଙ୍କ ଟିମ୍ ଯାଉଥିଲେ। ବିମାନବନ୍ଦର ମାର୍ଗରେ ଆମ୍ବୁଲାନ୍ସଟି ଏକ ଭ୍ୟାନ୍ ସହ ଧକ୍କା ହୋଇଥିଲା। ପରେ କାର୍ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ସତ୍ତ୍ୱେ ସେ ଆମ୍ବୁଲାନ୍ସ ସହ ବିମାନବନ୍ଦରରେ ପହଞ୍ଚି ଥିଲେ। ସେଠାରୁ ଏକ ଚାର୍ଟାର ବିମାନରେ ଚେନ୍ନାଇରେ ପହଞ୍ଚି ଅସ୍ତ୍ରୋପଚାର କରିଥିଲେ।

### ■ ଜି-୨୦ ଭର୍ଚୁଆଲ ସମ୍ମିଳନୀରେ ମୋଦୀ

## 'ଏଆଇ' ସମାଜ ପାଇଁ ସୁରକ୍ଷିତ ହେଉ



**ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଅନୁଷ୍ଠିତ ଭର୍ଚୁଆଲ ଜି-୨୦ ସମ୍ମିଳନୀରେ ଅଧ୍ୟକ୍ଷତା କରିଛନ୍ତି। ସେ ବୈଠକରେ ଡିପ୍‌ଫେକ ଭିଡିଓକୁ ବଡ଼ ଚିନ୍ତାର ବିଷୟ କହିଛନ୍ତି। ଆର୍ଟିଫିସିଆଲ ଇଣ୍ଟିଲେଜେନ୍ସି (ଏଆଇ) ଦ୍ୱାରା ବଢୁଥିବା ବିପଦକୁ ନେଇ ସଦସ୍ୟ ରାଷ୍ଟ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବିପଦର ମୁକାବିଲା ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ କରିଛନ୍ତି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଆଇକୁ ବିକଶିତ କରାଯିବା ଉଚିତ। ଏହା ଲୋକଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଏହା ସମାଜ ପାଇଁ ସୁରକ୍ଷିତ ହେବା ଉଚିତ ବୋଲି ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଏହି ବୈଠକରେ ଇସ୍ରାଏଲ-ଗାଜା ସଂଘର୍ଷ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଆଞ୍ଚଳିକ ବିବାଦ ଯେପରି ଯୁଦ୍ଧ ରୂପ ନ ନେବ ତାହା ସୁନିଶ୍ଚିତ କରିଯିବା ଉଚିତ ବୋଲି କହିଥିଲେ। ଭାରତ ଅଧ୍ୟକ୍ଷତାରେ ଆଫ୍ରିକୀୟ ସଂଘ ଜି-୨୦ର ସଦସ୍ୟ ହେବା ଏହା ଆମ ପାଇଁ ଗର୍ବର ବିଷୟ। ଦେଶର କୋଟି କୋଟି ଲୋକ ଜି-୨୦ ସହ ଯୋଡ଼ି ହୋଇଥିଲେ। ଏହାକୁ ଉତ୍ସବ ଭଳି ପାଳନ କରାଯାଇଥିଲା। ବିଶ୍ୱ ଅନେକ ଆହ୍ୱାନର ସମ୍ମୁଖୀନ ହେଉଥିବାବେଳେ ପାରସ୍ପରିକ ବିଶ୍ୱାସ ଦ୍ୱାରା ଆମେ ସମସ୍ତେ ଏକାଠି ହୋଇପାରିଛେ ବୋଲି ମୋଦୀ କହିଥିଲେ। ଏହି ବୈଠକରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ, କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିସ୍ ପ୍ରମୁଖ ସାମିଲ ହୋଇଥିଲେ। ପ୍ରାୟ ଦୁଇ ବର୍ଷ ହେଲା ଜାରି ରୁଷ୍-ୟୁକ୍ରେନ ଯୁଦ୍ଧକୁ ବନ୍ଦ କରାଯିବା ଉଚିତ ବୋଲି ପୁତିନ କହିଥିଲେ। ଏବେ ଯୁଦ୍ଧ ବନ୍ଦ କରିବାର ସମୟ ଆସିଯାଇଛି। ରୁଷ୍ ଆଲୋଚନା ପାଇଁ ପ୍ରସ୍ତୁତ ଅଛି। ଆମେ କେବେ ବି ଶାନ୍ତି ଆଲୋଚନା ପାଇଁ ମନା କରିନାହୁଁ। ୟୁକ୍ରେନ ଆଇନ ଯୋଗୁଁ ଏହା ବନ୍ଦ ରହିଛି। ୟୁକ୍ରେନ ଉପରେ ହେଉଥିବା ଆକ୍ରମଣକୁ ପୁତିନ ବିପର୍ଯ୍ୟୟ କହିଛନ୍ତି। ଏବେ ଏହି ବିପର୍ଯ୍ୟୟକୁ ବନ୍ଦ କରିବା ପାଇଁ ଧ୍ୟାନ ଦିଆଯିବା ଉଚିତ।

**ଏବେ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ହେବା ଉଚିତ: ପୁତିନ**

# ପକେଟ କାଟିବାକୁ ତିନି ଜଣ ଆସୁଛନ୍ତି: ରାହୁଲ


**ଧ୍ୟାନ ହଟାଉଛନ୍ତି**

**ପକେଟ କାଟୁଛନ୍ତି**

**ଲାଠି ମାରୁଛନ୍ତି**

**ଜୟପୁର, ୨୨।୧୧ (ଏଜେନ୍ସି):**

କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବୁଧବାର ରାଜସ୍ଥାନର ରାଜାଖେଡ଼ା, ଭରତପୁର ଏବଂ ଗଙ୍ଗାପୁର ସିଟିରେ ନିର୍ବାଚନୀ ସଭାକୁ ସମ୍ବୋଧନ କରି କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବ୍ୟବସାୟୀ ଗୌତମ ଆଦାନୀଙ୍କୁ ନିଶାଣ କରିଛନ୍ତି। ରାହୁଲ କହିଛନ୍ତି ଯେ ପକେଟ୍ କାଟୁଥିବା ଲୋକ ଏକାକୀ ଆସୁନାହାନ୍ତି। ଏମାନେ ତିନି ଜଣ ଆସୁଛନ୍ତି। ସର୍ବପ୍ରଥମେ ମୋଦୀ ଆସି ଲୋକଙ୍କ ଧ୍ୟାନ ହଟାଉଛନ୍ତି। ସେ ଟିଭିରେ ଆସି ଥାଳି ବଜାଅ, ମୋବାଇଲ ଲାଇଟ ଲଗାଅ, ହିନ୍ଦୁ-ମୁସଲମାନ, ବିମୁଦ୍ରୀକରଣ, ମୋତେ ଫାଶୀ ଦେଇ ଦିଅ କହୁଛନ୍ତି।

ପରେ ଦ୍ୱିତୀୟ ବ୍ୟକ୍ତି ଆଦାନୀ ଆସି ବ୍ଲେଡରେ ପକେଟ କାଟି ଦେଉଛନ୍ତି। ଶେଷରେ ତୃତୀୟ ଲୋକ ଶାହା ଆସୁଛନ୍ତି। ପକେଟ କଟିଥିବା ଲୋକ ବେଶି ପାଟିକଲେ ସେ ଲାଠିମାରି ଧମକଚମକ ଦେଇ ପାଟି ବନ୍ଦ କରି ଦେଉଛନ୍ତି।

କଂଗ୍ରେସ ସାଂସଦ କହିଛନ୍ତି ଯେ ସେମାନେ ଭାରତ ମାତାଙ୍କ ସ୍ଲୋଗାନ ଦେଉଛନ୍ତି। ପରେ ଆଦାନୀ ଜୀ କି ଜୟ କହୁଛନ୍ତି। କିନ୍ତୁ ରାହୁଲ ନିଜେ ଭାରତ ମାତାଙ୍କ ଜୟ କହୁଥିବା ଉଲ୍ଲେଖ କରିଛନ୍ତି। ତାଙ୍କ ପାଇଁ ଗରିବ, ଦଳିତ, ଆଦିବାସୀ, ପଛୁଆ ବର୍ଗ ଏବଂ କ୍ଷୁଦ୍ର ଦୋକାନୀ ସମସ୍ତେ ସମାନ। ମୋଦୀଙ୍କ ଗ୍ୟାରେଣ୍ଟିର ଅର୍ଥ ଆଦାନୀଙ୍କ ଗ୍ୟାରେଣ୍ଟି। କଂଗ୍ରେସ ଗ୍ୟାରେଣ୍ଟିର ଅର୍ଥ ଜନତାଙ୍କ ଗ୍ୟାରେଣ୍ଟି। ବିଶ୍ୱ ଭାରତ ମାତାଙ୍କୁ ସୁନାର ଚଢ଼େଇ କହୁଛି। ଏଥିରେ କାହାର କେତେ ଭାଗ ରହିଛି ତାହା ସବୁଠାରୁ ବଡ଼ ପ୍ରଶ୍ନ। ସୁନାର ଚଢ଼େଇ ଧନ ସୃଷ୍ଟି କରିଥାଏ। ଏବେ ଦେଶର ଧନ କେଉଁ ଭଳି ଭାବେ ବଣ୍ଟା ଯାଉଛି। କାହା ହାତକୁ ଏହି ଅର୍ଥ ଯାଉଛି? ଦେଶର ଧନର କ'ଣ ସତରେ ଭାରତ ମାତାଙ୍କ ଜନତାଙ୍କ ହାତକୁ ଯାଉଛି। ଏହି ଧନ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ହାତକୁ ଯାଉନାହିଁ ତ! ବିଜେପି ନେତା ସବୁଠି ଇଂରାଜୀ ବଦଳରେ ହିନ୍ଦୀ ପଢ଼ିବାକୁ କହୁଛନ୍ତି। କିନ୍ତୁ ତାଙ୍କ ପିଲାମାନେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଛନ୍ତି। ଅନ୍ୟର ଶିଶୁ ଇଂରାଜୀ ପଢ଼ନ୍ତୁ ବୋଲି ସେମାନେ ଚାହୁଁନାହାନ୍ତି। ଏମାନେ ଦୁଇଟି ହିନ୍ଦୁସ୍ଥାନ ବନାଇବାକୁ ଚାହୁଁଛନ୍ତି। ଗୋଟିଏ ଆଦାନୀ ଏବଂ ଅନ୍ୟଟି ପ୍ରକୃତ ହିନ୍ଦୁସ୍ତାନ। ଏମାନେ ୨୪ ଘଣ୍ଟା ରକ୍ତଝାଳ ବୁହାନ୍ତୁ ବୋଲି ଚାହୁଁଛନ୍ତି। ଏମାନେ ଭାରତ ମାତାଙ୍କ ଜୟ କହି ଆଦାନୀଙ୍କ ପାଇଁ କାମ କରୁଛନ୍ତି।



**ମୋଦୀଙ୍କ ଗ୍ୟାରେଣ୍ଟିର ଅର୍ଥ ଆଦାନୀଙ୍କ ଗ୍ୟାରେଣ୍ଟି**

**ବିଜେପି ଚାହେଁନି ସାଧାରଣ ପିଲା ଇଂରାଜୀ ପଢ଼ନ୍ତୁ**

**ମୁଖ୍ୟ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଉଛି ଗଣମାଧ୍ୟମ**

ଲୋକଙ୍କ ଧ୍ୟାନ ହଟାଇବା ଗଣମାଧ୍ୟମର କାମ ବୋଲି ରାହୁଲ କହିଛନ୍ତି। ମୋଦୀ ଦେଶର ୧୦ରୁ ୧୫ ବଡ଼ ବ୍ୟବସାୟୀଙ୍କ ୧୪ ଲକ୍ଷ କୋଟି ଟଙ୍କା ଛାଡ଼ କରିଛନ୍ତି। ଏମାନଙ୍କ କମ୍ପାନୀରେ ଜଣେ ଦଳିତ, ଆଦିବାସୀ ଏବଂ ପଛୁଆ ବର୍ଗର ଲୋକ ଦେଖିବାକୁ ମିଳିବେନି। ଯଦି ଏପରି ହୁଏ ତେବେ ଅଧାରୁ ଭାଷଣ ବନ୍ଦ କରିଦେବେ ବୋଲି ରାହୁଲ କହିଛନ୍ତି। ଆଦାନୀଙ୍କ ପାଇଁ ନରେନ୍ଦ୍ର ମୋଦୀ କାମ କରୁଛନ୍ତି। ଏ ସବୁ ପ୍ରସଙ୍ଗରୁ ଗଣମାଧ୍ୟମ ଲୋକଙ୍କ ଧ୍ୟାନ ହଟାଉଛି। ଏମାନେ ଆମର ନୁହେଁ, ଆଦାନୀଙ୍କ ବନ୍ଧୁ। ଗଣମାଧ୍ୟମରେ କେବେ ବି ଗରିବ ଚାଷୀ, ଶ୍ରମିକଙ୍କ ଦୁଃଖକୁ ଦେଖାଯାଉ ନାହିଁ। କାରଣ ଟିଭି ଆଦାନୀଙ୍କର। ଆଦାନୀ ମୋଦୀଙ୍କ ମହୁଁ ଲଗାଉଛନ୍ତି। ମୋଦୀ ସବୁ ଧନ ଆଦାନୀଙ୍କୁ ଦେଇ ଦେଉଛନ୍ତି। ପଛରେ ଲାଠି ଧରି ଅମିତ ଶାହା ବ୍ୟବସ୍ଥା ଚଳାଉଛନ୍ତି। ଏହି ବ୍ୟବସ୍ଥାକୁ ଭାଙ୍ଗିବାକୁ ହେବ। ଏହା ଭାଙ୍ଗିବ ମଧ୍ୟ।

### ପ୍ରଧାନମନ୍ତ୍ରୀଙ୍କ ପ୍ରତି ରାହୁଲଙ୍କ 'ପନୌତି' ଶବ୍ଦ ଉଚ୍ଚାରଣ

## ନିର୍ବାଚନ ଆୟୋଗ ନିକଟରେ ଫେରାଦ ହେଲା ବିଜେପି

**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ପନୌତି(ଅମୁଙ୍ଗଳିଆ) ଶବ୍ଦ ବ୍ୟବହାର କରିବା ବିରୋଧରେ ବିଜେପି ବୁଧବାର ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହୋଇଛି। ଅହମ୍ମଦାବାଦରେ ଖେଳାଯାଇଥିବା ବିଶ୍ୱକପ୍ କ୍ରିକେଟ ମ୍ୟାଚ୍ରେ ଭାରତ ପରାଜିତ ହୋଇଥିଲା ବେଳେ ଏଥିପାଇଁ ରାହୁଲ ମୋଦୀଙ୍କୁ ଦାୟୀ କରିଥିଲେ। ଏହାକୁ ନେଇ ଗତକାଲି ସେ ରାଜସ୍ଥାନରେ ଏକ ନିର୍ବାଚନୀ ସଭାରେ ମୋଦୀଙ୍କ ପ୍ରତି ଏହି ଶବ୍ଦ ଉଚ୍ଚାରଣ କରିଥିଲେ। ସେ କହିଥିଲେ ଯେ, ପୂର୍ବରୁ ସବୁ ମ୍ୟାଚ୍ରେ ଭାରତୀୟ ଟିମ୍ ଉତ୍ତମ ପ୍ରଦର୍ଶନ କରି ଆସିଥିଲା ବେଳେ ଫାଇନାଲ ମ୍ୟାଚ୍ରେ ମଧ୍ୟ ଭାରତ ବିଜୟୀ ହୋଇଥାଆନ୍ତା। କିନ୍ତୁ ମୋଦୀଙ୍କ ଭଳି ଜଣେ ଅମଙ୍ଗୁଳିଆ ବ୍ୟକ୍ତିଙ୍କ ପାଇଁ ଭାରତ ହାରିଲା ବୋଲି ରାହୁଲ କହିଥିଲେ। ଜଣେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ରାହୁଲଙ୍କ ଏଭଳି ଟିପ୍ପଣୀକୁ ନେଇ ଜାତୀୟ ଗଣମାଧ୍ୟମରେ ଜୋରଦାର ବିତର୍କ ଚାଲିଥିଲା ବେଳେ ବିଜେପି ରାହୁଲଙ୍କ ବିରୋଧରେ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ ଦାଖଲ କରିଛି। ଏହାବ୍ୟତୀତ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ଦଳ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ରାହୁଲଙ୍କ ଏଭଳି ବୟାନ ତାଙ୍କର ହତାଶା ଏବଂ ମାନସିକ ଅସ୍ଥିରତାକୁ ସୂଚିତ କରୁଛି ବୋଲି ବିଜେପିର ବହୁ ବରିଷ୍ଠ ନେତା କହିଛନ୍ତି।



## ବୌଦ୍ଧର ୩ଟି ବଣଭୋଜି ସ୍ଥଳ ପ୍ଲାଷ୍ଟିକମୁକ୍ତ ଘୋଷଣା

**ବୌଦ୍ଧ, ୨୨।୧୧ (ସମିସ):** ବୌଦ୍ଧ ଜିଲ୍ଲାର ୩ଟି ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ବୌଦ୍ଧ ଜିଲ୍ଲାର ରାମଗଡ଼, ବାଲାସିଙ୍ଗା, କୁଲାରିକୁଦ ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ରାଜ୍ୟର ଏହିପରି ୧୦୦ ଟି ବଣଭୋଜି ସ୍ଥାନକୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବା ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ୟୁଥ ଫର ୱାଟର ମିଳିତ ଭାବେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ଅଭିଯାନ କରିବେ ବୋଲି ଜଣାପଡ଼ିଛି। ଏହି ଅଞ୍ଚଳରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ, ଇକୋ କ୍ଲବ, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ପଞ୍ଚାୟତ ମାନଙ୍କ ସହାୟତାରେ ପ୍ଲାଷ୍ଟିକ ମୁକ୍ତ ଏବଂ ଆବର୍ଜନା ମୁକ୍ତ ବଣଭୋଜି ସମ୍ପର୍କରେ ସର୍ବ ସାଧାରଣରେ ସଚେତନତା ସୃଷ୍ଟି କରାଯିବ। ଏସବୁ ବଣଭୋଜି ସ୍ଥଳରେ ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ରହିବ ତଥା କଣ କରାଯିବ ଏବଂ କଣ କରାନଯିବ ସେ ସମ୍ବନ୍ଧରେ କଡାକଡ଼ି ମାର୍ଗଦର୍ଶିକା ରହିବ। ବଣଭୋଜି କରିବାକୁ ଯାଉଥିବା ସମସ୍ତ ନାଗରିକ ବଣଭୋଜି ପରିବେଶର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହି ପ୍ରତିବନ୍ଧ ଏବଂ ମାର୍ଗଦର୍ଶିକା ମାନିବେ। ସମସ୍ତ ନାଗରିକଙ୍କ ସହଯୋଗରେ ଏହି ପ୍ଲାଷ୍ଟିକମୁକ୍ତ ବଣଭୋଜି ଅଭିଯାନ ସଫଳ ହୋଇପାରିବ ବୋଲି ଆଶା କରାଯାଉଛି।

## ସୁବର୍ଣ୍ଣପୁର ଜିଲ୍ଲାର ୩ ପିକ୍ ନିକ୍ ସ୍ପଟ୍ ପ୍ଲାଷ୍ଟିକ୍‌ମୁକ୍ତ ଘୋଷିତ

**ସୋନପୁର, ୨୨।୧୧ (ସମିସ):** ଆଗକୁ ପିକ୍‌ନିକ ଋତୁ ଆସୁଛି। ବିଭିନ୍ନ ସ୍ଥାନରେ ଭୋଜିଭାତର ଆସର ଜମିବ। ପିକ୍‌ନିକ୍ ପରେ ସେହି ସ୍ଥାନରେ ବହୁ ପଲିଥିନ୍ ଲୋକେ ଫୋପାଡି ଦିଅନ୍ତି। ତେଣୁ ରାଜ୍ୟର ବିଭିନ୍ନ ପିକନିକ୍ ସ୍ପଟ୍‌କୁ ପଲିଥିନ୍ ମୁକ୍ତ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାର ୩ଟି ପିକନିକ୍ ସ୍ପଟ୍‌କୁ ପ୍ଲାଷ୍ଟିକ୍‌ମୁକ୍ତ ଘୋଷଣା କରାଯାଇଛି। ଡୁଙ୍ଗୁରିପାଲି ବ୍ଲକର ପୂଜାଡୁଙ୍ଗୁରୀ, ବିଏମ୍‌ପୁର ହରିହର ଜୋର ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ୍) ଏବଂ ସୋନପୁର ବ୍ଲକ ଅଧୀନସ୍ଥ ମଟିଆପାଲି ଗାଁ ନିକଟରେ ଥିବା ସିଂଘଜୁରୀକଟାକୁ ପ୍ଲାଷ୍ଟିକ୍ ମୁକ୍ତ ଘୋଷଣା କରାଯାଇଛି। ଜିଲ୍ଲାର ଏହି ତିନୋଟି ପିକନିକ୍ ସ୍ପଟ୍‌କୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ଏଠାରେ ପଲିଥିନ୍ କିମ୍ବା ଅନ୍ୟ କୌଣସି ପ୍ଲାଷ୍ଟିକ୍ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

## ରାସ୍ତା ନିମ୍ନମାନର ଅଭିଯୋଗ କଲେ ଗ୍ରାମବାସୀ

**ଟିଟିଲାଗଡ଼, ୨୨।୧୧(ସମିସ):** ସରକାରଙ୍କ ଦ୍ୱାରା ଲୋକଙ୍କ ଗମନାଗମନ ପାଇଁ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ଠିକା ପାଇବା ପାଇଁ ଠିକାଦାର ମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ସହ କମ ଟଙ୍କାରେ ଟେଣ୍ଡର ପାଇ ନିଜର ଲାଭ ଖୋର ମନବୃତ୍ତି ଯୋଗୁଁ ଅତି ନିମ୍ନମାନର କାମ ଦେଖିବାକୁ ମିଳୁଛି। ଶିକେର ଗ୍ରାମରୁ ଶିକେର ମଦ ଭାଟି ଯାଏଁ, ତାପରେ ବାଞ୍ଜିଝାଲ ଗ୍ରାମର ମୁଖ୍ୟରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ରହିଛି। ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟର ୨୪ ଘଣ୍ଟା ନ ପୂରୁଣୁ ପିଚୁ ଉଠି ଗଲାଣି। ଚିପ୍ସ ବାହାରି ପଡ଼ିଲାଣି। ପୁରୁଣା ରାସ୍ତା ଉପରେ ଗୋଟିଏ ପତଳା ପିଚୁ ଢାଳିବା ଫଳରେ ସବୁ କାଢି ହୋଇଗଲାଣି। କେବଳ ଫଂସି ଛକରେ ଭଲ କାମ ହୋଇଥିବା ବେଳେ ଏହି ଦୁଇ ଗ୍ରାମରେ କାହିଁକି ଏପରି ଅବ୍ୟବସ୍ଥା ସେନେଇ ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି। ସରକାରଙ୍କ ମାଲ ଦରିଆ ମେ ଡ଼ାଲ ସଦୃଶ ବିକାଶ କାର୍ଯ୍ୟରେ ଠିକାଦାର ପୋଷା ନୀତି ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। ଲୋକଙ୍କ ଟ୍ୟାକ୍ସ ପଇସାରେ ବିକାଶ କାର୍ଯ୍ୟରେ ଠିକାଦାର ନିଜର ସ୍ୱାର୍ଥ ପାଇଁ ଏଭଳି ଖରାପ କାମ ଯୋଗୁଁ ଲୋକଙ୍କ ଜୀବନ ଯିବା ସ୍ୱାଭାବିକ। ଏନେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଧର୍ମପରାୟଣା ମହିଳାଙ୍କ ବିୟୋଗ

**ସୋନପୁର, ୨୨।୧୧ (ସମିସ) :** ଧର୍ମ ପରାୟଣା ମହିଳା ତଥା ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ରଙ୍କ ମା' ଡାଲ୍ଲାମା ଦେବୀଙ୍କର



୯୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଅମାୟିକ ଓ ଧର୍ମପରାୟଣ ମହିଳା ଭାବରେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ସେ କିଛି ଦିନ ହେଲା ଶଯ୍ୟାଶାୟୀ ଥିଲେ। ମୃତ୍ୟୁବେଳକୁ ତାଙ୍କ ପାଖରେ ବଡପୁଅ ମୃତ୍ୟୁଞ୍ଜୟ, ଗୁଣନିଧି, ଦିଲ୍ଲୀପ ଓ ଶେଷଦେବଙ୍କ ସହ ଝିଅ ସୁଶୀଳା, ନାତି ନାତୁଣୀ ଓ ସମ୍ପର୍କୀୟ ମାନେ ଉପସ୍ଥିତ ଥିଲେ। ତେଲୁଗୁ ରୀତିନୀତି ଅନୁଯାୟୀ ରାମେଶ୍ୱରସ୍ଥିତ ତ୍ରିବେଣୀ ସଙ୍ଗମଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତେବେ ଡାଲ୍ଲାମା ଦେବୀଙ୍କର ବିୟୋଗରେ ଢେରାପଡ଼ାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମାଁ ମହେଶ୍ୱର କ୍ରିକେଟ ଉଦ୍‌ଘାଟିତ

**ସୁବଳୟା, ୨୨।୧୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ହାଇସ୍କୁଲ ପଡ଼ିଆରେ ପ୍ରଥମ ମାଁ ମାହେଶ୍ୱରୀ କ୍ରିକେଟ ମ୍ୟାଚ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀୟା ମହାକୁର, ଅରବିନ୍ଦ ଛତ୍ରିୟା ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରିକେଟ ମ୍ୟାଚ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ରେ ଟିଠିପାଲି ଓ କାନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାନପୁର ଦଳ ୮ ଓଭରରେ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ଟିଠିପାଲି ଦଳ ୭ ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଏଥିରେ କାନପୁର, ଟିଠିପାଲି, ଷଣ୍ଢା, ଟାଙ୍ଗରସାହି, କମଳପୁର, କେନ୍ଦୁପାଲି ଓ ଦେଉମୁଣ୍ଡା ଦଳ ଅଂଶଗ୍ରହଣ କରିଥିବା ଜଣାଯାଇଛି। ପ୍ରଥମ ଦିବସରେ ଟିଠିପାଲି, ଟାଙ୍ଗରସାହି, ଉଫୁଲା ଓ କେନ୍ଦୁପାଲି ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ସଚିନ ଭୋଇ ଓ ଅମୟ ସେଠୀ ଖେଳ ପରିଚାଳନା କରିଥିଲେ। ଶ୍ରୀନିବାସ ମହାକୁର ଓ ସୁନଲ ସେଠି ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସଚିନ ଭୋଇ, ସୁମନ ବାଘ ଓ ଉତ୍ତମ ଖମାରୀ ସହଯୋଗ କରିଥିଲେ।

### ରେଳଷ୍ଟେସନ ନବୀକରଣ ପରେ

# ଅନିଶ୍ଚିତତାରେ ଦେଓଗାଁ ରୋଡ୍ ଏକ୍ସପ୍ରେସ ଟ୍ରେନ ରହଣି

**ଦେଓଗାଁ, ୨୨।୧୧(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ରେଲୱେ ଷ୍ଟେସନଠାରେ ଦ୍ରୁତଗାମୀ ଟ୍ରେନ ରହଣି ଅନିଶ୍ଚିତତା ମଧ୍ୟରେ ରହିଛି। ଏହି ରେଳଷ୍ଟେସନର ନବୀକରଣ ପରେ ଏକ୍ସପ୍ରେସ ଟ୍ରେନ ରହଣି ନେଇ ଅଞ୍ଚଳବାସୀ ବେଶ୍ ଆଶାବାଦୀ ରହିଛନ୍ତି। ଅଞ୍ଚଳବାସୀ ଦୀର୍ଘ ୨୨ ବର୍ଷ ଧରି ଏନେଇ ଦାବି କରି ଆସୁଥିବାବେଳେ ଏହା ଯଥାର୍ଥ ଥାଇ ମଧ୍ୟ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଗତ ୨୦୧୯ ଫେବୃୟାରୀ ୨୦ ତାରିଖରେ ଦଳମତ ନିର୍ବିଶେଷରେ ଦେଓଗାଁ ରେଲୱେ ଷ୍ଟେସନଠାରେ ଅଞ୍ଚଳବାସୀ ରେଲରୋକ ଆନ୍ଦୋଳନ କରିଥିଲେ। ଦୀର୍ଘ ୫ ଘଣ୍ଟା ପରେ ସମ୍ବଲପୁର ଡିଆରଏମଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ବାଣିଜ୍ୟିକ ଅଧିକାରୀ ଜିଡି ସରକାର ସାତ ଦିନ ଭିତରେ ୦୧୦୨ ତପସ୍ୱିନୀ ଏକ୍ସପ୍ରେସ ଓ ତିନିମାସ ମଧ୍ୟରେ ଦୁର୍ଗ ପୁରୀ ଇଣ୍ଟରସିଟି ଏବଂ ଇସ୍ପାତ ଟ୍ରେନ ଷ୍ଟେସନଠାରେ ଷ୍ଟପେଜ କରିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ୨୦୧୯ ଅଗଷ୍ଟ ୧୮ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଲାଙ୍ଗିର ଗସ୍ତରେ ଆସିଥିବାବେଳେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ଓ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ଦାବି ଉପରେ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ସେପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ଏପର୍ଯ୍ୟନ୍ତ କର୍ଣ୍ଣପାତ ହୋଇପାରି ନାହିଁ। ବଲାଙ୍ଗିର ସାଂସଦ ସଙ୍ଗିତା କୁମାରୀ ସିଂଦେଓଙ୍କୁ ଏ ଦିଗରେ ଗ୍ରାମବାସୀ ବହୁବାର ସାକ୍ଷାତ କରି ଆଲୋଚନା କରିଥିବାବେଳେ ଇସ୍ପାତ ଓ ଦୁର୍ଗ-ପୁରୀ ଇଣ୍ଟରସିଟି ଦ୍ରୁତଗାମୀ ଟ୍ରେନ ଦେଓଗାଁ ଷ୍ଟେସନଠାରେ ନିଶ୍ଚିତ ରହିବ ବୋଲି କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ଆଧାରରେ ସ୍ପଷ୍ଟ କରିଥିଲେ। ଏହାପରେ ବି ଦୀର୍ଘ ଦୁଇ ଦଶନ୍ଧି ଧରି ଦାବି ପୂରଣ ପ୍ରଶ୍ନବାଚୀ ରହିଛି। ଆଗକୁ ନିର୍ବାଚନ ଥିବାବେଳେ ଦେଓଗାଁ ଆଖପାଖ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ ଦୃଷ୍ଟିରୁ ଏ ଦିଗରେ ପ୍ରତିଶ୍ରୁତି କେତେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଶ୍ରୀକ୍ଷେତ୍ରରୁ ପାତାଳୀ ଶ୍ରୀକ୍ଷେତ୍ରକୁ ଆସୁଛି ରଥଚକ

**ସୋନପୁର, ୨୨।୧୧ (ସମିସ):** ଲୀଳାମୟ ଠାକୁର ହେଉଛନ୍ତି ପ୍ରଭୁ ଜଗନ୍ନାଥ। ତାଙ୍କର ଲୀଳା ବିଶ୍ୱ ବିଦିତ। କେବଳ ଚକା ଆଖି ଟିକିଏ ଦର୍ଶନ ପାଇଁ ଶହ ଶହ କିଲୋମିଟର ଦୂରରୁ ଶ୍ରୀକ୍ଷେତ୍ରକୁ ଛୁଟି ଯାଉଛି ଭକ୍ତ। କାଳିଆର ସାନ୍ନିଧ ଲାଭ ପାଇଁ ଆତୁର ଭକ୍ତର ମନ। ତେଣୁ ଅତି ନିକଟରୁ ଶ୍ରୀଜିଉଙ୍କୁ ଦର୍ଶନ କଲା



ଭଳି ହୃଦବୋଧ ହେବ ବୋଲି ସୁବର୍ଣ୍ଣପୁରର କିଛି ଜଗନ୍ନାଥ ପ୍ରେମୀ ଗୋଟିଏ ରଥ ଚକ ସୋନପୁର ଆଣୁଛନ୍ତି। ତୁଳସୀ ରଥ ସହ ସୁବର୍ଣ୍ଣପୁରରୁ ପୁରୀ ଯାଇଥିବା ଶ୍ରୀଜଗନ୍ନାଥ ସଂସ୍କୃତିର କର୍ମକର୍ତ୍ତାଙ୍କୁ ବଳଭଦ୍ରଙ୍କ ରଥ ତାଳଧ୍ୱଜର ଏକ ଚକ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ପ୍ରଦାନ କରିଥିବା ଜଣା ପଡ଼ିଛି। ତେବେ ପୁରୀରୁ ସୋନପୁର ଅଭିମୁଖେ ରଥ ଚକ ସହ ଯାତ୍ରା ଆରମ୍ଭ ହୋଇଥିବା ଜଣା ପଡ଼ିଛି। ଏହି ରଥଚକ ଶ୍ରୀଜିଉଙ୍କ ପବିତ୍ର ଲୀଳା କ୍ଷେତ୍ର ଭାବେ ଖ୍ୟାତ ପାତାଳୀ ଶ୍ରୀକ୍ଷେତ୍ରରେ ସ୍ଥାପନ କରାଯିବ। ଗୁରୁବାର ସୋନପୁର ପହଞ୍ଚିଲା ପରେ ବିଭିନ୍ନ ସ୍ଥାନରେ ରଥଚକକୁ ବନ୍ଦାପନା ଓ ପୂଜାର୍ଚ୍ଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀଜିଉ ଶତାଧିକ ବର୍ଷ ଏଠାରେ ପାତାଳି ହୋଇଥିଲେ, ତେଣୁ ଏହି ସ୍ଥାନ ସହ ତିନି ଠାକୁରଙ୍କ ସମ୍ପର୍କ ବହୁ ପୁରୁଣା। ପୂର୍ଣ୍ଣ ରୀତିନୀତି ଅନୁସାରେ ଶ୍ରୀକ୍ଷେତ୍ରରୁ ସୁବର୍ଣ୍ଣପୁରକୁ ରଥ ଚକର ଏକ ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ ହୋଇଛି।

## ଭୀମଭୋଇ ମେଡିକାଲକୁ ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

**ବଲାଙ୍ଗିର, ୨୨।୧୧(ସମିସ):** ଭୀମଭୋଇ ମେଡିକାଲେ କଲେଜ ହସ୍ପିଟାଲକୁ ବୁଧବାର ସନ୍ଧ୍ୟାରେ ପରିଦର୍ଶନ କରିଛନ୍ତି ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା। ମେଡିକାଲରେ ନୂତନ ଭାବରେ ନିର୍ମାଣ ହୋଇଥିବା ମେଡିସିନ ବିଭାଗକୁ ସେ ବୁଲି ଦେଖିଥିଲେ। ଏହାସହ ଅନ୍ୟାନ୍ୟ ନିର୍ମାଣାଧୀନ କାମର ତଦାରଖ କରିବା ସହିତ ରୋଗୀମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରକାଶ ଯେ ଗତବର୍ଷ ଏହି ନୂତନ କୋଠା ନିର୍ମାଣ କରିବାକୁ ଭିତ୍ତିପ୍ରସ୍ତର ଦିଆଯାଇଥିଲା। ମେଡିସିନ ବିଭାଗରେ ରୋଗୀ ସଂଖ୍ୟା ଅଧିକ ରହିଥିବାରୁ ଏହି କୋଠାରେ ରୋଗୀ ମାନଙ୍କୁ ରଖାଯିବ ବୋଲି ଜିଲ୍ଲାପାଳ କହିଥିଲେ।



## ଅଙ୍ଗନବାଡ଼ି ଉଦ୍‌ଘାଟନ ସହ ପେଭର୍ ବ୍ଲକ ରାସ୍ତାର ଭିତ୍ତିପ୍ରସ୍ତର

**ବଲାଙ୍ଗିର,୨୨।୧୧(ସମିସ):** ବଲାଙ୍ଗିର ପୌରସଂସ୍ଥା ଅନ୍ତର୍ଗତ ୱାର୍ଡ ନମ୍ବର ୧୪ ମାଲପଡାଠାରେ ଏକ ନୂତନ ଅଙ୍ଗନବାଡି କେନ୍ଦ୍ରର ଶୁଭ ଉଦ୍‌ଘାଟନ ଓ ୧୫ ଲକ୍ଷ ବ୍ୟୟ ଅଟକଳର ପେଭରବ୍ଲକ ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବଲାଙ୍ଗିର ପୁର୍ବତନ ସାଂସଦ ତଥା ବର୍ତ୍ତମାନର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ। ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଉପସ୍ଥିତ ଥିଲେ। ୱାର୍ଡ ନମ୍ବର ୧୪ କାଉନସିଲର ସଞ୍ଜୁଲତା ଦନ୍ତାଙ୍କ ପ୍ରସ୍ତାବକ୍ରମେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯାଇଥିବା ବେଳେ ମାଲପଡା ମନୋଜ ଅଗ୍ରୱାଲ ଘରଠାରୁ ଚକା କରନ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ମାଲପଡାର ଅନେକ ବୁଦ୍ଧିଜୀବୀ, ମାଁ ଭଉଣୀ ତଥା ପଡାବାସୀ କଳିକେଶଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପୌର ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ଥିଲେ।



## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ମୁରିବାହାଲ, ୨୨।୧୧(ସମିସ):** ମୁରିବାହାଲ ଆଦର୍ଶ ବିଦ୍ୟାଳୟଠାରେ ବୁଧବାର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ବିଇଓ ଶାନ୍ତନୁ ପଡିଆରି, ମୁଖ୍ୟଅତିଥି ମୁରିବାହାଲ ବ୍ଲକ ସରପଞ୍ଚ ସଙ୍ଘ ସଭାପତି ବିଶ୍ୱବିହାରୀ ଯୋଶୀ, ସମ୍ମାନିତ ଅତିଥି ଏବିଇଓ ହୀରାସିଂ ମାଝୀ, ଓଏଭି ଅଧ୍ୟକ୍ଷ ପିତାମ୍ବର ବେସରା, ପଞ୍ଚାୟତି ହାଇସ୍କୁଲ ପ୍ରଧାନଶିକ୍ଷକ ସୁନୀଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୬୦ଟି ବିଦ୍ୟାଳୟ ଏଥିରେ ସାମିଲ ହୋଇଥିଲେ। ବିଚାରକ ଭାବରେ ଇଉଜିଏଚଏସ ତୁଳିଫୁଙ୍କା ଦୁର୍ଗାପ୍ରସାଦ ପାଣିଗ୍ରାହୀ ଓ ତୁରେକେଲା ହାଇସ୍କୁଲ ରାଜେଶ ସିଂ ଦେଓ ଥିବାବେଳେ ନିରୀକ୍ଷକ ଭାବରେ ଶଗଡ଼ଘାଟ ହାଇସ୍କୁଲ ପ୍ରଧାନଶିକ୍ଷକ ଅମେରେନ୍ଦ୍ର ହୋତା ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ଉତ୍ସବରେ ଏବିଇଓଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ମୁରିବାହାଲ ବ୍ଲକ ଆକାଉଣ୍ଟ ଅଫିସର ଘେନୁରାମ ତାଣ୍ଡି, ସମ୍ମାନିତ ଅତିଥି ଏବିଇଓ କୋଦଣ୍ଡଧର ଭୋଇ, ନିରୀକ୍ଷକ ଅମରେନ୍ଦ୍ର ହୋତା, ବିଚାରକ ଦୁର୍ଗାପ୍ରସାଦ ପାଣିଗ୍ରାହୀ, ରାଜେଶ କୁମାର ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଲିଲୁମୋହନ ପଧାନ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ଶିବଶଙ୍କର ସେଠ ଧନ୍ୟବାଦ ଅର୍ପଣ କରିଥିଲେ। କର୍ଲା ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀମନ୍ତ ନାୟକ, ଯାମୁଟ ହାଇସ୍କୁଲ ପ୍ରଧାନଶିକ୍ଷକ ରୋହିତ ଦଣ୍ଡସେନା, ସିରୋଲ ହାଇସ୍କୁଲ ବିଜୟ ରଣା, ଦେବଙ୍ଗ ହାଇସ୍କୁଲ ପ୍ରଧାନଶିକ୍ଷକ ସନାତନ ସାହୁ, ବାଙ୍କେଲ ହାଇସ୍କୁଲ ଯୋଗେନ୍ଦ୍ର ଆଡ଼ଜୁଆଡ଼, ତେନ୍ତୁଳୀଖୁଣ୍ଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ କୁମ୍ଭାର ସମସ୍ତ ସିଆରସିସି ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ସହକାରୀ ଶିକ୍ଷକ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ, ଓଏଭି ଷ୍ଟାଫ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ

**ସୁବଳୟା, ୨୨।୧୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ୫-ଟି ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ମୋ' ସ୍କୁଲ ଅଭିଯାନ ତରଫରୁ ନିର୍ମିତ ଏକ ବ୍ୟାଡମିଣ୍ଟନ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୁରାତନ ଛାତ୍ର ସଂଘ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଭିଭାବକ ଓ ଅଭିଭାବିକାଙ୍କ ମଧ୍ୟରେ ବ୍ୟାଡମିଣ୍ଟନ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ପାତ୍ର ଓ ଧର୍ମକୁମାର ଶତପଥୀ ଏଥିରେ ଯୋଗଦେଇ ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବହୁ ଅଭିଭାବକ ଓ ଆଭିଭାବକା ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଲେଫ୍ରିପଡ଼ା ଡିଗ୍ରୀ କଲେଜରେ କ୍ରୀଡ଼ା ପ୍ରତିଯୋଗିତା



**ସୁନ୍ଦରଗଡ଼, ୨୨।୧୧(ସମିସ):** ଲେଫ୍ରିପଡ଼ା ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶିତ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଯୋଜନାର କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏଥିରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଯୁବ ଓଡ଼ିଶା ନବୀନ ଓଡ଼ିଶା ପ୍ରସଙ୍ଗରେ ସୂଚନା ଦେବା ସହ ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ଯୁବରାଜ ସା, ଅକ୍ଷୟ କୁମାର ମହାନ୍ତି, ସ୍ୱୟଂ ବିକାଶ ପଣ୍ଡା, ଉଦିତ କୁମାର ରଥ, ରୀନା ହୋତାଙ୍କ ସହ ଖେଳ ଶିକ୍ଷକ ଯୋଗେଶ ଚନ୍ଦ୍ର ଆଗୁଆନ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗରେ ଭାଗନେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରୋହନ ମାଝୀ, ଅଙ୍ଗାନୀ ଖାଲକୋ, ମିଳନ କିଶାନ, ସଚିନ କିଶାନ, ରଚନା ଅଡ଼ା, ରଞ୍ଜିତା ତିର୍କୀ, ଲେଖା ଲାକ୍ରା, ବଟକୃଷ୍ଣ ଭୋଇ, ବିଷ୍ଣୁପ୍ରିୟା ମହାକୁଡ଼ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ କବାଡ଼ି, ଖୋ ଖୋ ପ୍ରତିଯୋଗିତା

**ସୁନ୍ଦରଗଡ଼, ୨୨।୧୧(ସମିସ)**

ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବୁଧବାର କବାଡ଼ି ଓ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଏଏଲ ନାୟାର ଖେଳପଡ଼ିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଉଦଘାଟନ କରିଥିଲେ। ବରିଷ୍ଠ ବିଭାଗ କବାଡ଼ିରେ ୧୪ ଦଳ ଭାଗନେଇଥିଲେ। ଆନ୍ତଃ ବିଭାଗସ୍ତରୀୟ ଏହି ପ୍ରତିଯୋଗିତାରେ ମହିଳା କବାଡ଼ି ଫାଇନାଲରେ ରସାୟନ ବିଜ୍ଞାନ ବିଭାଗ ବିଜୟୀ ହୋଇଥିବା ବେଳେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଉପ ବିଜେତା ହୋଇଛି। ସେହିପରି ପୁରୁଷ କବାଡ଼ିରେ ବାଣିଜ୍ୟ ଓ ରାଜନୀତି ବିଜ୍ଞାନ ବିଭାଗ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଏଥିରେ ବାଣିଜ୍ୟ ବିଭାଗ ବିଜେତା ଏବଂ ରାଜନୀତି ବିଜ୍ଞାନ ବିଭାଗ ଉପବିଜେତା ହୋଇଛି। ଖୋ ଖୋ ମହିଳା ବର୍ଗ ଫାଇନାଲ ମ୍ୟାଚ ଅର୍ଥନୀତି ଏବଂ ଶିକ୍ଷା ବିଭାଗ ମଧ୍ୟରେ ହୋଇଥିଲା। ଏଥିରେ ଅର୍ଥନୀତି ବିଭାଗ ବିଜେତା ହୋଇଥିବା ବେଳେ ଶିକ୍ଷା ବିଭାଗ ଉପ ବିଜେତା ହୋଇଛି। ରସାୟନ ବିଜ୍ଞାନ ବିଭାଗ ଏବଂ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମଧ୍ୟରେ ଆୟୋଜିତ ପୁରୁଷ ବର୍ଗ ଖୋ ଖୋ ଫାଇନାଲ ମ୍ୟାଚରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ବିଜୟୀ ହୋଇଛି। କନିଷ୍ଠ ବିଭାଗ ପୁରୁଷ ବିଭାଗ କବାଡ଼ିରେ ଯୁକ୍ତ ଦୁଇ କଳା ବିଜେତା, ବାଳକ କବାଡ଼ିରେ ଯୁକ୍ତ ଦୁଇ କଳା ବିଜେତା ଏବଂ ଖୋ ଖୋ ବାଳିକା ବିଭାଗରେ ଯୁକ୍ତ ଦୁଇ କଳା ବିଜୟୀ ହୋଇଛନ୍ତି।

ଅତିଥି ଭାବରେ ଅସିତ ଦେ, ଅରୁଣ କୁମାର ପୃଷେଠ, ସରୋଜ କୁମାର ପଟେଲ, ବେଣୁମାଧବ ତ୍ରିପାଠୀ, ପ୍ରଭାତ କୁମାର ଭୋଳ, ଧନଞ୍ଜୟ ପଟେଲ, ଗୋବିନ୍ଦ ଚନ୍ଦ୍ର ସୁଆର, କରୁଣାକର ବିଶ୍ୱାଳ, ସଦାନନ୍ଦ ଦାଶ ପ୍ରମୁଖ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଆଲୋକ କୁମାର ପଟେଲ, ପ୍ରାଧ୍ୟାପକ କୁଳମଣି ବେହେରା, ଆଶୁତୋଷ ଝା, ସେକସନ ଅଧିକାରୀ ପ୍ରଦୀପ କୁମାର ବହିଦାରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର କନିଷ୍ଠ ବିଭାଗ ନୋଡାଲ ଅଧିକାରୀ ରାଧାନାଥ ମିଶ୍ର ଏବଂ ବରିଷ୍ଠ ବିଭାଗ ନୋଡାଲ ଅଧିକାରୀ ନୂତନ ଖମାରୀଙ୍କ ସଂଯୋଜନାରେ ଏହି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଖେଳ ପ୍ରଶିକ୍ଷକ ଶିବକାନ୍ତ ସେଠୀ, ରାଜେଶ ଓରାମ ଖେଳ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଅଧିକାରୀ ଭାବେ ଡ. ପ୍ରଦୀପ କୁମାର ସାମନ୍ତରାୟ, ଡ. ଅର୍ଜୁନ କୁମାର ବେହେରା, ମେରୀରୋଜ ଲାକ୍ରା, ସ୍ମିତାରାଣୀ କୁଲ୍ଲୁ, ଚିନ୍ତାମଣି କାଲୋ, ପ୍ରଭାକର ସେଠୀ ପ୍ରମୁଖ ସହଯୋଗ କରିଥିଲେ।



### ଗରିବ ହିତାଧିକାରୀଙ୍କୁ 'ଆବାସ' ଅପହଞ୍ଚ

# ୬ ପ୍ରାଣୀ କୁଟୁମ୍ବର ଭରସା ମାଟି କୁଡ଼ିଆ

**ଫିରିଙ୍ଗିଆ, ୨୨ ।୧୧(ସମିସ)**



**କମାର ବୃତ୍ତିରେ ପୂରୁନି ପେଟ**

ପରିବାର ପ୍ରତିପୋଷଣ ପାଇଁ ଲୁହା ଓ ନିଆଁ ସହ ସଂଗ୍ରାମ କରି ୬ ପ୍ରାଣୀଙ୍କ ପେଟକୁ ଦାନା ଯୋଗାଡୁଛନ୍ତି କଙ୍ଗେରା ବିନ୍ଧାଣି (୩୫) ।ଆଜିର ଅତ୍ୟାଧୁନିକ ଯୁଗରେ ଆଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ସତ୍ତ୍ୱେ କୌଳିକ ବୃତ୍ତିକୁ ବଞ୍ଚାଇବାର ମାଧ୍ୟମ କରି ପରିବାର ସଦସ୍ୟଙ୍କ ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି କଂଗେରା। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଅନ୍ତର୍ଗତ ଲଦାପଦର ଗ୍ରାମରେ ନିଜ ରୁଗ୍ଣ ବାପା, ସ୍ତ୍ରୀ ଓ ୪ ସନ୍ତାନଙ୍କୁ ଧରି ବସବାସ କରୁଛନ୍ତି କଙ୍ଗେରା। ପରିବାରର ମୁଖିଆ ଭାବେ ତାଙ୍କରି ଉପରେ ନିର୍ଭର କରୁଛନ୍ତି ସମସ୍ତ ସଦସ୍ୟ। କମାର ବୃତ୍ତିରେ ଯାହା କିଛି ବି ମିଳେ ସେଥିରେ ବାପାଙ୍କ ପାଇଁ ଔଷଧ, ପରିବାର ପାଇଁ ରାସନ ସାଙ୍ଗକୁ ପିଲାଙ୍କ ପାଠପଢ଼ାର ଖର୍ଚ୍ଚ। ବଡ଼ ପୁଅ ସାମନ୍ତ ବିନ୍ଧାଣିର ବୟସ ୧୨ ବର୍ଷ, ଦ୍ୱିତୀୟ ପୁଅ ବିକାଶକୁ ୯ ବର୍ଷ, ତୃତୀୟ ପୁଅ ରୋମୀୟ ବିନ୍ଧାଣି ୭ ବର୍ଷ, ଓ ସବୁଠୁ ସାନ ପୁଅ ଅଭୟ ବିନ୍ଧାଣିର ବୟସ ୫ବର୍ଷ। କଞ୍ଚାଇଟାର କାନ୍ଥ ସାଙ୍ଗକୁ ଖପର ଚାଳରେ ତିଆରି ଗୋଟିଏ ବଖରା ମାଟି କୁଡିଆରେ ରହୁଛନ୍ତି ପରିବାରର ସମସ୍ତ ସଦସ୍ୟ। ସରକାରୀ ସହାୟତା କହିଲେ ରାସନ୍ କାର୍ଡ ରେ ମିଳୁଛି ମାତ୍ର ୪୦ କେଜି ଚାଉଳ। ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଶ୍ରେଣୀର ଲୋକଙ୍କୁ ପକ୍କା ଘର ସବୁ ଯୋଗାଉଥିଲେ ମଧ୍ୟ ଏଯାଏଁ ଆବାସ ଯୋଜନାରେ ଘର ଖଣ୍ଡେ ପାଇନାହାନ୍ତି କଂଗେରା। ଖରା, ବର୍ଷା ଓ ଶୀତ ବସନ୍ତରେ ମାଟି କୁଡିଆ ହିଁ ସେମାନଙ୍କ ପାଇଁ ସାହା ଭରସା। ବର୍ଷାଦିନ ଆସିଲେ ମାଟି ଚଟାଣ ସନ୍ତେଇ ଯାଏ ଓ ତାରି ଉପରେ ଶୋଇବାକୁ ପଡେ ସମସ୍ତଙ୍କୁ। ନିହାତି ଗରିବ ଶ୍ରେଣୀରେ ଆସୁଛନ୍ତି କଙ୍ଗେରାଙ୍କ ପରିବାର ତଥାପି ଆବାସ ଯୋଜନାରୁ ବଞ୍ଚିତ। ପୈତୃକ ବା ନିଜସ୍ୱ ଭୂମି ଜମି କହିଲେ କେବଳ ଘରଡିହ ଖଣ୍ଡେ ଅଛି। ଯେଉଁଥିରେ କି କଂଗେରାଙ୍କ ପରିବାର ମାଟି କୁଡ଼ିଆଟିଏ କରି କାଳାତିପାତ କରୁଛନ୍ତି। ବର୍ଷାର ଆଗମନ ପୂର୍ବରୁ ଗ୍ରାମାଞ୍ଚଳରେ କୃଷିଭିତ୍ତିକ ଆବଶ୍ୟକ ପଡୁଥିବା ପାରମ୍ପରିକ ଲୁହା ତିଆରି ସାମଗ୍ରୀ ମଧ୍ୟରେ ଲଙ୍ଗଳ ଲୁହା, ବାର୍ସି, ଟାଙ୍ଗିଆ, ଘାଗଡ଼ା, ପନକି, କୋଦାଳ, ଇଲା, ଦାଆ, ଶାବଳ ଗୋଇଁତି କୁରାଢ଼ି ଆଦି ପ୍ରସ୍ତୁତ କରିବାକୁ କଙ୍ଗେରାଙ୍କ ପାଖକୁ ଆସି ବନାଇଥାନ୍ତି ଚାଷୀମାନେ। ଚାଷ ଋତୁରେ ଚାଷୀର ଆବଶ୍ୟକିୟ ସାମଗ୍ରୀ ତିଆରି କରି ଦୁଇ ପଇସା ଅର୍ଜନ କରୁଥିବାବେଳେ ବର୍ଷର ଅନ୍ୟ ଋତୁ ମାନଙ୍କରେ ସେତେଟା କାମ ମିଳୁନଥିବା କହିଛନ୍ତି କଙ୍ଗେରା ବିନ୍ଧାଣୀ। କାଠ କିଣି କୋଇଲା ନିଜେ ପ୍ରସ୍ତୁତ କରୁଛନ୍ତି। ୩ ଶହରୁ ୪ ଶହ ଟଙ୍କା ଦେଇ ବିଡା ଶୁଖିଲା କାଠ କିଣିବାକୁ ପଡୁଛି। ଜଙ୍ଗଲ ନିକଟରେ ନଥିବାରୁ ଦୂର ଜଙ୍ଗଲ ୧୦ କିମି ବାଟ ଯିବାକୁ ପଡ଼ିଥାଏ। କାଠ କିଣିବାରେ ଅଧିକ ଖର୍ଚ୍ଚ ହେଉଥିବାରୁ ଲାଭ ସେତେ ପରିମାଣରେ ହେଉନଥିବା କହିଛନ୍ତି କଙ୍ଗେରା। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରେ ମଧ୍ୟ ଅଙ୍ଗାର ନିଆଁରେ ସିଝି କାମ କରୁଥିବା ଦେଖିବାକୁ ମିଳିଛି। ଗୋଟିଏ ଦିନରେ ୨୦୦ରୁ ୩୦୦ ଟଙ୍କା ଆୟ ହେଉଥିବା ବେଳେ ଅନ୍ୟ ଦିନ ମାନଙ୍କରେ ଶହେ ଦେଢ଼ ଶହ ଟଙ୍କା ମିଳୁଥିବା କହିଛନ୍ତି। ଆଧୁନିକ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ଗ୍ରାମାଞ୍ଚଳ ସ୍ତରରେ ହେଉଥିବାରୁ ଏହି କୌଳିକ ବୃତ୍ତିରେ ପ୍ରଭାବ ପଡ଼ିଛି। ଜେଜେ ବାପା ଅମଳରୁ ଚାଲିଆସିଥିବା କୌଳିକ ବୃତ୍ତିକୁ ଆପଣାଇ ପରିବାରର ଜୀବନ ଜୀବିକା ପାଇଁ ଆଜିବି ସଂଘର୍ଷ କରିଚାଲିଛନ୍ତି କଙ୍ଗେରା ଓ ତାଙ୍କ ପରିବାର। ବଡ଼ ପୁଅ ସରୁକୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଛି। ମଝିଆ ଏବଂ ସାନ ପୁଅ କୁଡୁକି ପ୍ରାଥମିକ ବିଦ୍ୟାଳୟରେ ପଢୁଛନ୍ତି। ସରକାର ଏହି ନିରୀହ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିକ ଯୋଗେଇ ଦେଲେ ପରିବାର ଲୋକେ ଉପକୃତ ହୁଅନ୍ତେ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ଗଞ୍ଜେଇ ଗଛ କଟାକୁ ବନ୍ଦ କରିବା ଲାଗି ମାଓ ପୋଷ୍ଟରରେ ଦାବି



**ନିଲମ୍ବିତ ତତ୍କାଳୀନ ଥାନା ଅଧିକାରୀଙ୍କୁ ଗିରଫ କର**

**ଫିରିଙ୍ଗିଆ,୨୨।୧୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ବୈରିକୁମ୍ପା ହାଇସ୍କୁଲ ନିକଟ ରାସ୍ତା କଡ଼ରେ ଥିବା ବର ଗଛରେ ଲାଗିଲା ମାଓ ପୋଷ୍ଟର । କିଛିଦିନର ନୀରବତା ପରେ ପୋଷ୍ଟର ଲଗାଇ ନିଜର ସ୍ଥିତି ଜାହିର କଲେ ମାଓବାଦୀ। ସେପଟେ ଏହି କେଳାପଡ଼ା ଅଞ୍ଚଳରେ ପ୍ରଥମ ଥର ଏମିତି ମାଓ ପୋଷ୍ଟର ଲାଗିଥିବା ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଏକପ୍ରକାର ଭୟରେ ବାତାବରଣ ଦେଖିବାକୁ ମିଳିଛି । ତେବେ ଗତ କିଛିଦିନ ହେଲା ରାଜ୍ୟ ପୁଲିସ ମୁଖିଆଙ୍କ ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲାରେ ପୁଲିସ 'ଅପରେସନ ନୀଳ ଜହର' ବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ ଅଭିଯାନ ଆରମ୍ଭ କରିଥିବା ବେଳେ ପ୍ରଥମେ ପୁଲିସ ଏହି ଫିରିଙ୍ଗିଆ ବ୍ଲକରୁ ଏହି ଅଭିଯାନ ଆରମ୍ଭ କରିଥିଲା । ତେବେ ଲାଗିଥିବା ମାଓ ପୋଷ୍ଟରରେ ଏହି ଗଞ୍ଜେଇ କଟାକୁ ବନ୍ଦ କରିବା ପାଇଁ ଉଲ୍ଲେଖ ରହିଥିବା ବେଳେ ଗତ କିଛିଦିନ ତଳେ ପୁଲିସ ଗଞ୍ଜେଇ ଚାଲାଣ କରୁଥିବା ନେଇ ଅଭିଯୋଗ ହେବା ପରେ ଅଂଚଳର ଜନସାଧାରଣ ଫିରିଙ୍ଗିଆ ଥାନାକୁ ପୋଡ଼ି ଦେଇଥିଲେ । ଏହି ଘଟଣାରେ ନିଲମ୍ବିତ ହୋଇଥିବା ତତ୍କାଳୀନ ଥାନା ଅଧିକାରୀଙ୍କୁ ଗିରଫ କରିବା ନେଇ ପୋଷ୍ଟରରେ ଉଲ୍ଲେଖ ରହିଛି । ତେବେ ବୁଧବାର ସକାଳୁ ମାସରୀପଡ଼ା ନୂଆପଦର ମୁଖ୍ୟ ରାସ୍ତାର ବଇରୀକୁମ୍ପା ହାଇସ୍କୁଲ ନିକଟରେ ରାସ୍ତାକଡ଼ରେ ଥିବା ଏକ ବର ଗଛରେ ଏହି ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି ଏବଂ ପୋଷ୍ଟରର ସବା ଶେଷରେ ସିପିଆଇ ମାଓବାଦୀ ଲେଖାଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଗଞ୍ଜେଇ କଟା ଆରମ୍ଭ ହେବା ପରେ କିଛି ଗଞ୍ଜେଇ ମାଫିଆ ମାଓବାଦୀଙ୍କ ନାମ ନେଇ ଏହି ପୋଷ୍ଟର ଲଗାଇଥିବା ପୁଲିସ କହିଛି। ସେପଟେ ପୋଷ୍ଟରକୁ ନେଇ ଲୋକେ ଭୟଭୀତ ଥଇବାବେଳେ ଜନସାଧାରଣ ଭୟଭୀତ ନହେବା ପାଇଁ ଅନୁରୋଧ କରିଛନ୍ତି ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ।

## ସାଂସ୍କୃତିକ ପରିଷଦର ପୁରସ୍କାର ବିତରଣ ଉତ୍ସବ



**ଜି.ଉଦୟଗିରି, ୨୨ ।୧୧(ସମିସ):** ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କଳିଙ୍ଗ ମହାବିଦ୍ୟାଳୟରେ ଯୁକ୍ତ ତିନି କଳା ଓ ବିଜ୍ଞାନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଡିଓ ମନୋଜ କୁମାର ଦେବତା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିକାଶର ପଥିକ ହେବାକୁ ଆହ୍ୱାନ ଦେଇଥିଲେ। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ସଂଯୋଜକ ପ୍ରାଧ୍ୟାପକ ଭେଙ୍କଟରମଣ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସାଂସ୍କୃତିକ ପରିଷଦର ବରିଷ୍ଠ ସଦସ୍ୟ ଅଧ୍ୟାପକ ଡଃ ନଳିନୀ କୁମାର ପାଣିଗ୍ରାହୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟତମ ସଦସ୍ୟା ଅଧ୍ୟାପିକା ଅନ୍ନପୂର୍ଣ୍ଣା ମଲ୍ଲିକ କୃତୀ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା ଏବଂ ଅଧ୍ୟାପକ ମାନସ ରଞ୍ଜନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା



**ଫିରିଙ୍ଗିଆ,୨୨।୧୧(ସମିସ):** ଫିରିଙ୍ଗିଆ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ୧୧୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ୫ ଟି ପ୍ରକଳ୍ପ ପଠାଯିବ ବୋଲି ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣା ପଡ଼ିଛି। ବ୍ଲକ ଶିକ୍ଷାଧିକାରୀ ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଜିଲ୍ଲାପାଳ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ରଣଜିତ, ବିଡିଓ ଅନୁପ ଅଭିଷେକ ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କ ପାଇଁ ବିଜ୍ଞାନ ମେଳାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

## ମନରେଗା ଯୋଜନା ସଚେତନତା କାର୍ଯ୍ୟକ୍ରମ




**ନୂଆଗଡ଼, ୨୨ ।୧୧(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ପଞ୍ଚାୟତ ସମିତି ସଦ ଭାବନା ସଭା ଗୃହରେ ମନରେଗା ଯୋଜନା ଅଧି ନିୟମର ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ, ବିଡିଓ ଲୋକନାଥ ଶବର, ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ୍ୟୁମ୍ନ କୁମାର ଦାସ, ବ୍ଲକ ଅଧକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷ ନିହିମୀୟା ରଇତ, ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନୃସିଂହ ଚରଣ ମିଶ୍ର ଉପସ୍ଥିତ ଥିଲେ। ଏହି ବ୍ଲକକୁ ଶ୍ରମିକ ସ୍ଥାନାନ୍ତରଣ ପ୍ରବଣ ବ୍ଲକ ଭାବେ ନେଇ ଶ୍ରମିକ ମାନଙ୍କ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ଯୋଜନା ମାଧ୍ୟମରେ ଶ୍ରମିକ ମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି ପଦକ୍ଷେପ ନେଇଛନ୍ତି। ତେଣୁ ବ୍ଲକର ଶ୍ରମିକ ମାନେ କିଭଳି ଉପକାର ପାଇପାରିବେ ସେନେଇ ଆଲୋଚନା କରାଯାଇଥିଲା। ଏଥିରେ ସମସ୍ତ ପିଆର୍ଆଇ ମେମ୍ବର, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସମସ୍ତ ଲାଇନ ବିଭାଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ( ଏପିଓ) ଦିଲୀପ କୁମାର ଦାସ ପରିଚାଳନା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




**ଗୁମ୍ମା,୨୨ ।୧୧(ସମିସ) :** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ହାଟପଦା ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଶରତ କୁମାର ପାତ୍ର, ଅଧକ୍ଷା ସୁନେମି ମଣ୍ଡଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋସ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ/ସମିତି ସଭ୍ୟ ଯୋଗ ଦେଇଥିଲେ। ଶିବିରରେ ସ୍ଥାନୀୟ ବ୍ଲକ, ତହସିଲ, ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ବିଭିନ୍ନ ଷ୍ଟଲରେ ଉପସ୍ଥିତ ରହି ୨୦ଟି ପଞ୍ଚାୟତରୁ ଆସିଥିବା ଦିବ୍ୟାଙ୍ଗ ଓ ବିକଳାଙ୍ଗଙ୍କ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୨୨୬ଟି ପଞ୍ଜୀକରଣ କରାଯାଇଥିବା ବେଳେ ଡ. ସାନ୍ତନୁ ପାଢ଼ୀ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପ୍ରମାଣ ପତ୍ର ସ୍ୱାକ୍ଷର କରିଥିଲେ। ସେହିପରି ୨ଟି ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ, ୨ଟି ଆଶା ବାଡ଼ି, ଗୋଟିଏ ବଧିର ଯନ୍ତ୍ର, ବସ ଓ ଟ୍ରେନ ପାସ୍ ଆଦି ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଗୋଷ୍ଠୀ ସାମାଜିକ ଅଧିକାରୀ ସତ୍ୟଜିତ ବେହେରା ଓ ଉପେନ୍ଦ୍ର ମାଛ ପରିଚାଳନା କରିଥିଲେ। ବିଭିନ୍ନ ପ୍ରକାର ସରକାରୀ ଯୋଜନାକୁ ଗ୍ରାମାଞ୍ଚଳରେ ପହଁଚିବା ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଡିଓ କହିଛନ୍ତି।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ବାଲିଗୁଡ଼ା, ୨୨ ।୧୧(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ସ୍ଥିତ ନେତାଜୀ ସୁବାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ୍ୟ ଡଃ, ସୁନୀଲ କୁମାର ପାତ୍ର ସଭାପତିତ୍ୱ କରିଥିଲେ ଏବଂ ଛାତ୍ରଛାତ୍ରୀ କିପରି ସମସ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସେଥି ଲାଗି ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଲିଗୁଡ଼ା ବିଧାୟକ ତଥା ବିଜେଡିର ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜୀବ ପାତ୍ର ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷ ବାସନ୍ତୀ ମାଝୀ ଯୋଗ ଦେଇ ମତ ବ୍ୟକ୍ତ କରିଥିଲେ ଯେ କିପରି ଛାତ୍ରଛାତ୍ରୀ ମାନେ ସବୁ କ୍ଷେତ୍ରରେ ଅଂଶ ଗ୍ରହଣ କରି ନିଜର ବ୍ୟକ୍ତିତ୍ୱ କୁ ବୃଦ୍ଧି କରିପାରିବେ। ସମ୍ମାନିତ ଅତିଥି ଭାବେ ବିଜୁ ଛାତ୍ର ଜନତା ଦଳର ବ୍ଲକ ସଭାପତି ଧର୍ମପଦ ପରକ୍ଷସେଟ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଡ଼ଃ ସତ୍ୟ ରଞ୍ଜନ ପାଣିଗ୍ରାହୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ଇଂରଜୀ ବିଭାଗର ଅଧ୍ୟାପକ ଦୁଃଖୀଶ୍ୟାମ ମହାରଣା ଅତିଥି ମାନଙ୍କ ପରିଚୟ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଭଞ୍ଜ କିଶୋର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଥନୀତି ଅଧ୍ୟାପିକା ଡ଼ଃ ମଞ୍ଜୁଳା ମହାପାତ୍ର, ଓଡ଼ିଆ ଅଧ୍ୟାପିକା ଡ଼ଃ ବନିତା ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ।



## କଇଁଝରରେ ଡାକମେଳା

**ଟିକାବାଲି, ୨୨ ।୧୧(ସମିସ):** ଟିକାବାଲି ବ୍ଲକ ଅନ୍ତର୍ଗତ କଇଁଝର ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଡାକ ମେଳା ସଚେତନତା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମୀଣ ଡାକ ବିଭାଗରେ ଉପଲବ୍ଧ ଥିବା ଗ୍ରାମୀଣ ଡାକ ଜୀବନ ବୀମା, ଡାକ ସଞ୍ଚୟ ବ୍ୟାଙ୍କ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା, ମହିଳା ସମ୍ମାନ ସଞ୍ଚୟ ପତ୍ର, ଡାକଘର ଆଧାର କେନ୍ଦ୍ର ଇତ୍ୟାଦି ବିଭନ୍ନ ସରକାରୀ ଯୋଜନା ଗୁଡିକ ମାଧ୍ୟମରେ ଲୋକେ କିଭଳି ଉପକୃତ ହେବେ ସେନେଇ ଏହି ଡାକ ମେଳାର ମୁଖ୍ୟ ଉଦେଶ୍ୟ। କାର୍ଯ୍ୟକ୍ରମରେ ଡାକ ବିଭାଗ ସୁପାରିଡେଣ୍ଟ ମନୋଜ କୁମାର ବେହେରା, ଆଇପିପିବି ମ୍ୟାନେଜର ଅଭିନାଶ ପାଣି, ଡିଓପିଏଲଆଇ ସଂଗ୍ରାମ ପ୍ରଧାନ, ସ୍ଥାନୀୟ ସରପଞ୍ଚ ରୁନୁମା କହଁର, ସ୍ଥାନୀୟ ପୋଷ୍ଟ ମାଷ୍ଟର ସତ୍ୟ ନାରାୟଣ ବିଶିଙ୍କ ସମେତ ପ୍ରାୟ ୧୦୦ଜଣ ପୁରୁଷ ଓ ମହିଳା ମାନେ ଉପସ୍ଥିତ ଥିଲେ।

### ଅନାବଶ୍ୟକ ପାଇପ୍ ଲାଇନ୍ ସମସ୍ୟା

## ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟହେଉଛି ପାଣି

**ଜି.ଉଦୟଗିରି ୨୨ ।୧୧(ସମିସ):** ଜି.ଉଦୟଗିରିରେ ପାନୀୟ ଜଳ ସଂକଟ ବହୁ ଦିନର ସମସ୍ୟା ଥିଲା। ମେଗା ପାନୀୟ ଜଳ ହେବା ପରେ ସମସ୍ୟା ସୁଧୁରୁଥିବା ବେଳେ ଏବେ ମନଇଛା ଅନାବଶ୍ୟକ ଘରୋଇ ପାଣି ଲାଇନ କନେକସନ ସମସ୍ୟା ବଢେଇବାରେ ଲାଗିଛି। ମାଗଣା ଏହାର ଠିକ ରକ୍ଷଣା ବେକ୍ଷଣ ନହେବା ଫଳରେ କେଉଁଠି ଟ୍ୟାପ ଭାଙ୍ଗିଲାଣି ତ ଆଉ କେଉଁଠି ପାଇପ ଫାଟି ପାଣି ନଷ୍ଟ ହେବାରେ ଲାଗିଛି। ବରାଳିନି ମାର୍କେଟରେ ଏବେ ତିନି ଦିନ ପାଣି ଭାସୁଥିବା ଦେଖିବାକୁ ମିଳିଛି। ସହରରେ ବାରମ୍ବାର ଏମିତି ସମସ୍ୟା ଦେଖାଯାଉଛି। ତେଣୁ ବିଭାଗ



ଭାବି ଅନାବଶ୍ୟକ ଭାବେ ଯେଉଁଠି ପାରିଲେ ସେଇଠି ପାଇପ ଲାଇନ ନେବା ଏମିତିକି ଘର ନଥାଇ ଖାଲି ପଡ଼ିଆରେ ମଧ୍ୟ ପାଇପ ଲାଇନ ସଂଯୋଗ କରିବା ପରେ ଏବେ ଏହି ଅନାବଶ୍ୟକ ସଂଯୋଗ ଗୁଡିକୁ ଚିହ୍ନଟ କରିବା ସହିତ ରକ୍ଷଣା ବିକ୍ଷଣ କରାଗଲେ ସମସ୍ୟା ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି।

## ବିଜେଡି କାଉନସିଲରଙ୍କ ଅକାଳ ବିୟୋଗ



**ପାରଳାଖେମୁଣ୍ଡି, ୨୨ ।୧୧(ସମିସ):** ପାରଳାଖେମୁଣ୍ଡି ପୌରପରିଷଦର ୬ନଂ ୱାର୍ଡ କାଉନସିଲର ତଥା ବିଜେଡିର ଜଣେ ଟାଣୁଆନେତା ଭାବେ ପରିଚିତ ଜି.ବେଙ୍କଟ ରାବଣା (୫୧) ଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରାରଣା ବୁଧବାର ଅପରାହ୍ଣ ସମୟରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ନିଜର ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ଯାଇଥିଲେ। ହେଲେ ସେଠାରେ ସେ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ମେଡିକାଲ କର୍ମଚାରୀମାନେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ହେଲେ ସେତେବେଳକୁ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଖବର ପ୍ରଚାରିତ ହେବାପରେ ସବୁ ମହଲରେ ଶୋକର ଛାୟା ଖେଳିଯାଇଥିଲା। ସ୍ୱର୍ଗତ ଭେଙ୍କଟ ରାବଣା ସହରର ଜଣେ ଜଣାଶୁଣା ବ୍ୟକ୍ତି ଥିବାବେଳେ ସେ ଛାତ୍ର ଜୀବନରୁ ହିଁ ରାଜନିତୀରେ ପାଦଥାପିଥିଲେ। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢ଼ିବା ସମୟରେ ଦୁଇ ଦୁଇ ଥର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ଭାଜପାରେ ଯୋଗଦେଇ ଜିଲ୍ଲାସଭାପତି ମଧ୍ୟ ହୋଇଥିଲେ। ହେଲେ ୨୦୨୨ ପୌର ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିଲେ। ସେବେଠାରୁ ସେ ବିଜେଡିର ଜଣେ ତୁଙ୍ଗ ନେତାଭାବେ ସକ୍ରିୟ ହୋଇ ପାରିଥିଲେ। ସ୍ୱର୍ଗତ ରାବଣା ଜଣେ ମ୍ରିଭାଷୀ, ପରଉପକାରୀ, ବନ୍ଧୁବତ୍ସଳ ପ୍ରକୃତିର ଲୋକ ହୋଇଥିବାରୁ ବିଶେଷ ପାରଳା ସହରର ଜଣ ସାଧାରଣଙ୍କ ପ୍ରିୟଭାଜନ ଥିଲେ। ତାଙ୍କର ନିଧନରେ ସମସ୍ତ ରାଜନୈତିକ ଦଳର ନେତା ଓ କର୍ମକର୍ତ୍ତାଙ୍କ ଠାରୁ ଆରମ୍ଭ କରି ସହରର ଜନସାଧାରଣ ଏବଂ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

### ଗୁମ୍ମାରେ ପଞ୍ଚାୟତ ସମିତି ବୈଠକ

# ଉନ୍ନୟନମୂଳକ କାର୍ଯ୍ୟ ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

**ଗୁମ୍ମା,୨୨ ।୧୧(ସମିସ)**



ଗଜପତି ଜିଲ୍ଲା ଗୁମ୍ମା ପଞ୍ଚାୟତ ସମିତି ସଦଭାବନା ସଭାଗୃହରେ ବ୍ଲକ ଅଧକ୍ଷା ସୁନେମି ମଣ୍ଡଳଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଡିଓ ଶରତ କୁମାର ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ରେଣୁକା ପାତ୍ର/ସନ୍ଧ୍ୟା ଶବର, ଉପାଧକ୍ଷ ଶ୍ରୀନିବାସ ରାଓ,ଏବିଡିଓ ବିପ୍ରଚରଣ ପ୍ରଧାନ,ଏଇଇ ବିଭୁଚରଣ ପୂଜାରୀ,ସାଂସଦ ଓ ବିଧାୟକ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଥମେ ଏବିଡିଓ ପୂର୍ବ ବୈଠକର ବିବରଣୀ ପାଠ କରି ଶୁଣାଇଥିଲେ। ଏଥିସହ ସ୍ୱଚ୍ଛ ଭାରତ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ମନରେଗା ଯୋଜନା, ପଞ୍ଚଦଶ ଅର୍ଥ କମିଶନ ଓ ପଞ୍ଚଦଶ ଅର୍ଥ କମିଶନ, ଓଡ଼ିଶା ଜୀବିକା ମିଶନ ଯୋଜନା, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ,ଶିକ୍ଷା, କୃଷି, ଗ୍ରାମୀୟ ଉନ୍ନୟନ, ପୂର୍ତ୍ତ ବିଭାଗ, କୃଷି ଉଦ୍ୟାନ ଯୋଜନା, ପଶୁ ସମ୍ପଦ, ଶିଶୁ ସୁରକ୍ଷା, ଉନ୍ନୟନ କାର୍ଯ୍ୟ ଓ ଜନସାଧାରଣଙ୍କ ଅଭିଯୋଗ ଭଳି ଅନ୍ୟାନ୍ୟ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ଅଧକ୍ଷା ଶ୍ରୀ ମଣ୍ଡଳ ସ୍ୱାସ୍ଥ୍ୟ ସେବାରେ ବହୁ ଅବହେଳିତ ହେଉଥିବା ଏହାର ସମାଧାନ ନକଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସାଧାରଣ ଲୋକଙ୍କ ଟଙ୍କାରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀ ମାନେ ଅବହେଳିତ ଭାବେ କାର୍ଯ୍ୟ କରୁଥିବା ଯୋଗୁଁ ବହୁ ଉନ୍ନୟନ ପ୍ରକଳ୍ପ ପଛରେ ପଡ଼ିଛି ପଡ଼ିଥିବା ଯୋଗୁଁ ଗୃହରେ ହଟ୍ଟଗୋଳ ହୋଇଥିଲା। ଅନେକ ଗ୍ରାମ ମାନଙ୍କରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ନବନିର୍ବାଚିତ ଜିବା, ଝାମି, ଗୁମ୍ମା, ଉଖୁରା ଓ ପରିଡ଼ା ପ୍ରତିନିଧିମାନେ ଗୃହରେ ଅଭିଯୋଗ କରିଥିଲେ। ଏହି ବୈଠକରେ ୨୦ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଗ୍ରାମ ସେବକ ଏବଂ ସମସ୍ତ ଲାଇନ୍ ଡିପାର୍ମେଣ୍ଟ ଉପସ୍ଥିତ ଥିଲେ।

# ଗଞ୍ଜେଇ ଚୋରା ଚାଲାଣ; ୫ ଯୁବକ ଗିରଫ



**ଉଲୁଣ୍ଡା, ୨୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଝାରବାହାଲି ଛକରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ୫ ଜଣ ଯୁବକଙ୍କ ଠାରୁ ୩୨ କେଜି ୧୯୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ବିଲାସପୁର ଜିଲ୍ଲା ମଟିଆରି ଗ୍ରାମର ବାଲକ୍ରିଷ୍ଣ, ରାମବିଲାସ ଶିକାରୀ, ମହେନ୍ଦ୍ର ଶିକାରୀ, ଅଭିଜିତ ମାଲିଆ ଏବଂ ରଘୁନାଥ ମାଲିଆ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଉଲୁଣ୍ଡା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଝାରବାହାଲି ଛକରେ ୫ ଜଣ ଯୁବକ ବ୍ୟାଗ ଧରି ବସ୍ ଅପେକ୍ଷାରେ ଥିବା ବେଳେ ସେମାନଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ତେବେ ଯୁବକ ମାନଙ୍କ ବ୍ୟାଗରୁ ଗଞ୍ଜେଇ ବାହାରିଥିବା ରୁ ସାତଟି ଗଞ୍ଜେଇ ବ୍ୟାଗ ଜବତ କରି ଯୁବକ ମାନଙ୍କୁ ଗିରଫ କରାଯାଇଥିଲା। ପରେ ଉଲୁଣ୍ଡା ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଦିଲ୍ଲୀପ ମାଝିଙ୍କ ଉପସ୍ଥିତି ରେ ଜବତ ଗଞ୍ଜେଇର ଓଜନ କରାଯିବା ପରେ ତାର ପରିମାଣ ୩୨ କେଜି ୧୯୦ ଗ୍ରାମ ଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ନିମ୍ନଗାମୀ ହେଉଛି ଭୂତଳ ଜଳସ୍ତର

**ଗଭୀର ନଳକୂପ ହିଁ ଜଳ ସମସ୍ୟାର କାରଣ**

ସୋନପୁର, ୨୨।୧୧ (ସମିସ)

ନଦୀ ନାଳର ଜିଲ୍ଲା ହେଉଛି ସୁବର୍ଣ୍ଣପୁର। ମହାନଦୀ, ଅଙ୍ଗନଦୀ, ତେଲ, ସୁକତେଲ ଭଳି ନଦୀ ସହ ବଡ ବଡ ନାଳ ଏହି ଜିଲ୍ଲାରେ ପ୍ରବାହିତ ହେଉଛି। ୧୫-୨୦ ବର୍ଷ ପୂର୍ବରୁ ସୋନପୁର ସହରରେ ୧୮-୨୦ ଫୁଟ କୂଅ ଖୋଳିଲେ ପାଣି ବାହାରୁଥିଲା। ଏବେ ଘର ନିର୍ମାଣ ସମୟରେ କୂଅ ଖୋଳିଲେ ୨୫ ଫୁଟରୁ ଅଧିକ ଖୋଳିବାକୁ ପଡୁଛି। ଭୂତଳ ଜଳ କିଭଳି ନିମ୍ନଗାମୀ ହେଉଛି ଏଥିରୁ ସହଜରେ ଅନୁମେୟ। ତେବେ ଭୂତଳ ଜଳ ନିମ୍ନଗାମୀ ହେବାର ପ୍ରମୁଖ କାରଣ ଗଭୀର ନଳକୂପ ହିଁ ସାଜିଛି। ହଜାର ହଜାର ସଂଖ୍ୟାରେ ଚାଷୀ ମାନେ ଡିପ୍ ବୋର୍ ୱେଲ୍ ଖୋଳୁଥିବାରୁ ଭବିଷ୍ୟତରେ ଘୋର ଜଳ ସମସ୍ୟା ଦେଖା ଦେବାର ଆଶଙ୍କା ପ୍ରକାଶ ପାଇଛି।

## ନଦୀ, ନାଳରେ ଆନିକଟ ନିର୍ମାଣ ଆବଶ୍ୟକ

ଚାଷୀଙ୍କ ଅମଳ ବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଅଧିକ ଅମଳ ତଥା ଚାଷ ସମୟରେ ପାଣିର ସମସ୍ୟା ଦୂର କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ପ୍ରତ୍ୟେକ ଗାଁରେ ପାତାଳ ବୋର୍ (ଗଭୀର ନଳକୂଅ) ଖନନ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସାରା ରାଜ୍ୟରେ ଏକ ଲକ୍ଷ ବୋର୍ ୱେଲ୍ ଖୋଳିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ନଦୀ, ନାଳ ଘେରା ସୁବର୍ଣ୍ଣପୁର ଜିଲ୍ଲାରେ ସଂଖ୍ୟାଧିକ ବୋର୍ ୱେଲର ଆବଶ୍ୟକତା ନାହିଁ। ବରଂ ଏହା ବଦଳରେ ବିଭିନ୍ନ ନଦୀ ନାଳରେ ଆନିକଟ ନିର୍ମାଣ ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏହା ଦ୍ୱାରା ଭୂତଳ ଜଳ ରିଚାର୍ଜ ହୋଇ ପାରିବ। ଅନ୍ୟପକ୍ଷରେ ହଜାର ହଜାର ବୋର୍ ୱେଲ୍ ଖୋଳାଗଲେ ଭୂତଳ ଜଳ ଶୁଷ୍କ ହେବାର ଆଶଙ୍କା ଦେଖା ଦେଇଛି।



ବୀରମହାରାଜପୁର ହରିହର ଯୋର ପ୍ରକଳ୍ପ ଛଡା ହୀରାକୁଦ ନଦୀବନ୍ଧ, ବଲାଙ୍ଗିର ଜିଲ୍ଲାର ଗାଇଖାଇ ପ୍ରକଳ୍ପ ଏବଂ କିଛି ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ସୋନପୁର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳ ଜଳସେଚିତ ହୋଇ ପାରୁଛି। ଅନ୍ୟପକ୍ଷରେ ଜିଲ୍ଲାରେ ପ୍ରାୟ ୩ ହଜାରରୁ ଅଧିକ ଚାଷୀ ପାତାଳ ବୋର୍ ଖୋଳିବା ପାଇଁ ଆବେଦନ କରିଛନ୍ତି। ଏହା ହେଲେ ଜଳସ୍ତର ଆହୁରି ତଳକୁ ଖସି ଯିବ। ଆମ ଦେଶରେ ୩ ଭାଗରୁ ଭାଗେ ଲୋକ ଜଳକଷ୍ଟ ଭୋଗୁଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଜଳକଷ୍ଟର ମୁଖ୍ୟ କାରଣ ସାଜିଛି ଏଭଳି ହଜାର ହଜାର ସଂଖ୍ୟାରେ ବୋର୍ ୱେଲ୍। ଖାଲି ଯେ ଚାଷୀମାନେ ଡିପ୍ ବୋର୍ ୱେଲ୍ ଖୋଳାଉଛନ୍ତି ତାହା ନୁହେ। ଜଳ ଉତ୍ସ ଭାବେ ଘରେ ଘରେ ଖୋଳା ଯାଉଛି ପାତାଲ୍ ବୋର୍। ଏଭଳି ଭାବରେ ମନଇଚ୍ଛା ଭୂତଳ ଜଳର ଅପଚୟ ହେଲେ କେତେବର୍ଷ ପରେ ମାଟି ଖୋଳିଲେ ଆଉ ପାଣି ମିଳିବ ନାହିଁ। ତେଣୁ ଜଳ ସଂରକ୍ଷଣ ପାଇଁ ଦୃଷ୍ଟି ଦେବାର ସମୟ ଆସିଛି।

# ମିଶନ ଶକ୍ତି କାଫେ ଲୋକାର୍ପିତ



**ହରଭଙ୍ଗା, ୨୨।୧୧ (ସମିସ):** ବୌଦ୍ଧ ଜିଲ୍ଲା ରେ ମିଶନ ଶକ୍ତି କାଫେ ପୂର୍ବରୁ ୪ଟି ଖୋଲିଥିବା ବେଳେ ବୁଧବାର ଦିନ ହରଭଙ୍ଗା ବ୍ଲକ ପରିସରରେ ମିଶନ ଶକ୍ତି କାଫେ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥିଭାବେ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ହରଭଙ୍ଗା ବିଡ଼ିଓ ସ୍ୱପ୍ନିତା ନାଏକ, ତହସିଲଦାର ଶିବାନୀ ଦାସ, ରଶ୍ମି ରଞ୍ଜନ ସେଠି, ସୁବାଷ ଚନ୍ଦ୍ର ଯାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାଫେର ଘରୋଇ ସ୍ୱାଦିଷ୍ଟ ଖାଦ୍ୟ ନିମନ୍ତ୍ରିତ ଅତିଥିଭାବେ ଗଣମାଧ୍ୟମ ପ୍ରତିନିଧି ଓ ଉପସ୍ଥିତ ଥିବା ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଡିପିଓ ପରିଚାଳନା କରିଥିବା ବେଳେ ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଚରଦା ଶୈବପୀଠରେ ଦଶମୀ ଯାତ୍ରା

**ବିନିକା, ୨୨।୧୧(ସମିସ):** ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା କପିଳେଶ୍ୱର ମନ୍ଦିରରେ ଆଜି ଦଶମୀ ଯାତ୍ରା ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ କାର୍ତ୍ତିକ ଦଶମୀ ତିଥିରେ ଏହି ଶୈବପୀଠରେ ଦଶମୀ ପର୍ବ ଓ ପରଦିନ କଳାସି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଆଜି ଭୋରରୁ କପିଳେଶ୍ୱରଙ୍କ ପାରମ୍ପାରିକ ପୂଜାର୍ଚ୍ଚନା ପରେ ମନ୍ଦିର ପରିସର ସ୍ଥିତ ପାର୍ଶ୍ୱ ଦେବଦେବୀ ଓ ମା' ଚରଦେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟ, ଶଙ୍ଖ ଓ ହୁଳହୁଳି ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିବା ବେଳେ ହଜାରହଜାର ଶ୍ରଦ୍ଧାଳୁ ଧାଡି ବାନ୍ଧି ବାବା କପିଳେଶ୍ୱର ଓ ମା' ଚରଦେଇଙ୍କୁ ଦର୍ଶନ କରିଥିଲେ। ଦଶମୀ ଯାତ୍ରା ଅବସରରେ ବାବା କପିଳେଶ୍ୱର ଓ ମା ଚରଦେଇଙ୍କୁ ଗମ୍ଭୀରାରୁ ବାହାରି କଳାସି କୁଠିକୁ ଅଣାଯାଇଥିଲା। ଅଞ୍ଚଳର କୌଡିଆମୁଣ୍ଡା, ଡଭଲା, ବଲାରଙ୍ଗା, ସେଲେଡି, ଡୁଲୁଣ୍ଡୁପାଲି, ବାଡଁଶୁଣି, ନନ୍ଦନମାଲ ପ୍ରଭୃତି ଗ୍ରାମରୁ ବରୁଆମାନେ ନିଜ ନିଜ ଛତ୍ର ଧରି କପିଳେଶ୍ୱରଙ୍କୁ ଦର୍ଶନକରି ଢୋଲ ନିସାନ ବାଦ୍ୟର ତାଳେ ତାଳେ ନୃତ୍ୟ କରିଥିଲେ। ଏହି ଯାତ୍ରା ଦେଖିବାପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଆସନ୍ତାକାଲି ପ୍ରସିଦ୍ଧ କଳାସିଯାତ୍ରା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଦୂରଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ଯାତ୍ରା କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାରର ବ୍ୟବସ୍ଥା କରାଯାଇଛି। ଯାତ୍ରା ସମାରୋହକୁ ଚରଦା ଟ୍ରଷ୍ଟ ବୋର୍ଡ ସଭାପତି ଅଶୋକ ପୃଷ୍ଟି, ସରପଞ୍ଚ ବୃନ୍ଦାବତି ନାୟକଙ୍କ ସମେତ ଟ୍ରଷ୍ଟ ବୋର୍ଡ କମିଟିର ସମସ୍ତ ସଦସ୍ୟ, ମନ୍ଦିର ସେବାୟତ, ପଞ୍ଚାୟତ ପ୍ରତିନିଧି ଏବଂ ଗ୍ରାମର ଜନସାଧାରଣ ସହଯୋଗ କରିଥିଲେ।



# ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୌଦ୍ଧ, ୨୨।୧୧ (ସମିସ):** ଜଣେ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ତାଙ୍କ ବାସଭବନରୁ ଉଦ୍ଧାର ହୋଇଛି। ସୂଚନା ପ୍ରକାରେ ମୃତ କନଷ୍ଟେବଲ ୩୦ ବର୍ଷୀୟ ଚାନ୍ଦ ମେହେର ଆଜି ସକାଳ ପ୍ରାୟ ୮ ଟା ବେଳେ ଘର ଭିତର ପଟୁ କବାଟ ବନ୍ଦ କରି ଥିବା ଜାଣିପାରି ତାଙ୍କ ମା' ଡାକ ପକାଇଥିଲେ। ବହୁତ ସମୟ ଡାକିବା ପରେ ମଧ କବାଟ ନ ଖୋଲିବାରୁ ତାଙ୍କ ମା' ପାଖ ପଡୋଶୀଙ୍କ ସହାୟତାରେ ବନ୍ଦ କବାଟ କୌଣସି ପ୍ରକାରେ ଖୋଲି ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ ମହିଳା କନଷ୍ଟେବଲଙ୍କୁ ବେକରେ ଦଉଡ଼ି ଦେଇ ଝୁଲୁଥିବା ଅବସ୍ଥାରେ ଦେଖି ସଙ୍ଗେ ସାଙ୍ଗେ ଡାକ୍ତରଖାନା ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣା ପଡ଼ିନଥିବା ବେଳେ ତାଙ୍କର ସ୍ୱାମୀ ଏବଂ ଦୁଇଟି ଛୋଟ ପୁଅ ଅଛନ୍ତି। ଏ ସମ୍ପର୍କରେ ବୌଦ୍ଧ ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ଏବଂ ପୁଲିସ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ପଞ୍ଚଦିବସୀୟ ଯୋଗ ଶିବିର ଉଦ୍‌ଯାପିତ

**ସୋନପୁର, ୨୨।୧୧ (ସମିସ) :** ଗତ ୧୮ ତାରିଖରୁ ସୁବର୍ଣ୍ଣପୁର ସବ୍ ଜେଲରେ ଆରମ୍ଭ ହୋଇଥିବା ପଞ୍ଚଦିବସୀୟ ଯୋଗ ଶିବିର ଆଜି ସକାଳେ ଉଦଯାପିତ ହୋଇଛି। ଏହି ଉପଲକ୍ଷେ ଜେଲର ସୁପରିନଟେଣ୍ଡେଣ୍ଟ ଡିଲେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ହରିଦ୍ୱାର ପତଂଜଳି ଯୋଗ ପୀଠର ଆଜୀବନ ସଭ୍ୟ ଯୋଗାଚାର୍ଯ୍ୟ ଗୋରେଖନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶାରୀରିକ, ମାନସିକ, ଆଧ୍ୟାତ୍ମିକ ଓ ସାମାଜିକ ସ୍ତରରେ ସୁସ୍ଥ ଜୀବନ ଯାପନ ପାଇଁ ଯୋଗର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପଞ୍ଚ ଦିବସୀୟ ଯୋଗ ଶିବିରରେ ଶହେ ପଚାଶ ଜଣ ଅନ୍ତେବାସୀଙ୍କୁ ଯୋଗର ନୀତି ନିୟମ ଓ ପ୍ରୟୋଗ ସମ୍ପର୍କରେ ବିଶେଷ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ୟକ୍ତିଗତ ଭାବେ ବିଭିନ୍ନ ରୋଗରେ ପୀଡିତ ଜେଲ ଅନ୍ତେବାସୀମାନଙ୍କୁ କିଏ କେଉଁ ରୋଗ ପାଇଁ କେଉଁ ଯୋଗ କରିବେ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ପତଂଜଳି ଯୋଗ ସମିତିର ବରିଷ୍ଠ ସଭ୍ୟ ଦିଲ୍ଲୀପ କୁମାର ରଥ ଏବଂ ନାରାୟଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଶିବିରାର୍ଥୀମାନଙ୍କୁ ଉଦବୋଧନ ଦେଇଥିଲେ। ଅନ୍ତେବାସୀମାନଙ୍କ ମଧ୍ୟରୁ ପଣ୍ଡୁ ବେହେରା, ସୌରଭ ବାରିକ, ବିକ୍ରମ ହରିପାଲ, ରାଜ ଯାଦବ ପ୍ରମୁଖ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜେଲ ଅଧିକାରୀ ଶରତ ମିଶ୍ର ଓ ସୁବ୍ରତ କୁମାର ଆଚାର୍ଯ୍ୟ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ଓ ସଭାଶେଷରେ ଫାର୍ମାସିଷ୍ଟ ପ୍ରଭାକର ଦଳେଇ ଧନ୍ୟବାଦ ଦେଇଥିଲେ। ଜେଲରେ ନିୟମିତ ଯୋଗାଭ୍ୟାସ କରିବା ନିମନ୍ତେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଜଣେ ଅମିନରେ ଚାଲିଛି ଦୁଇ ରାଜସ୍ୱ କାର୍ଯ୍ୟାଳୟ

**ଶଗଡ଼ା, ୨୨।୧୧ (ସମିସ):** କଣ୍ଟାମାଳ ତହସିଲ ଅଧୀନ ମନମୁଣ୍ଡା ଓ ବିଳାସପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦୀର୍ଘଦିନ ହେବ ଆର୍ ଆଇ ପଦବୀ ଖାଲି ଥିବା ଜଣା ପଡ଼ିଛି। ଯାହାଫଳରେ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସି ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା ଅଭିଯୋଗ ହୋଇଛି। ମନମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ଆର୍ ଆଇ ତାଲିମ ପାଇଁ ଯାଇଥିବା ବେଳେ ଜାନୁଆରୀ ମାସରେ ଯୋଗଦାନ କରିବେ ବୋଲି ଜଣା ପଡ଼ିଛି। ସେହିପରି ବିଳାସ ପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ରାଜସ୍ୱ ନିରୀକ୍ଷକ ଅନ୍ୟତ୍ର ବଦଳି ହେବା ପରେ ଦୀର୍ଘ ଦିନ ହେବ ଉକ୍ତ ପଦ ଖାଲି ରହିଛି। ତେବେ ଉକ୍ତ ଦୁଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଜଣେ ମାତ୍ର ଅମିନ ଉଭୟ କାର୍ଯ୍ୟାଳୟରେ କାର୍ଯ୍ୟଭାର ତୁଲାଉଛନ୍ତି। ଯାହା ଫଳରେ ଲୋକେ ସଠିକ ସମୟରେ ସେବା ପାଇ ପାରୁ ନାହାଁନ୍ତି। ସରକାର ଅନେକ କାର୍ଯ୍ୟାଳୟକୁ ୫-ଟିରେ ସାମିଲ କରି ଯୋଜନାରେ ସ୍ୱଚ୍ଛତା ଆଣିବା ସହ ଲୋକାଭିମୁଖୀ କରିବାକୁ ଚେଷ୍ଟା କରୁଥିବା ବେଳେ ଉଭୟ କାର୍ଯ୍ୟାଳୟରେ ଆର୍ ଆଇ ପଦବୀ ଖାଲି ଥିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ସୁବିଧା ଦୃଷ୍ଟିରୁ ଉକ୍ତ କାର୍ଯ୍ୟାଳୟ ରେ ତୁରନ୍ତ ଆର୍ ଆଇ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି। ଘଟଣା ସମ୍ପର୍କରେ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ପଚାରିବାରୁ ଖାଲି ପଡ଼ିଥିବା ପଦବୀକୁ ପୂରଣ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ରୋଗୀ କଲ୍ୟାଣ ସମିତି ପକ୍ଷରୁ ବ୍ଲକସ୍ତରୀୟ କାୟାକଳ୍ପ ସମନ୍ୱୟ ସମିତି ବୈଠକ

**ଡୁଙ୍ଗୁରିପାଲି, ୨୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ରୋଗୀ କଲ୍ୟାଣ ସମିତି ତଥା ବ୍ଲକ ସ୍ତରୀୟ କାୟାକଳ୍ପ ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ଉନ୍ନୟନ ଅଧିକାରୀ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରୋଗୀ କଲ୍ୟାଣ ସମିତିର ସମ୍ପାଦକ ତଥା ଅଧୀକ୍ଷକ ଡା. ରବୀନ୍ଦ୍ରନାଥ ପଣ୍ଡା ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ରୋଗୀମାନଙ୍କ ସେବା ପାଇଁ ସେ ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ ଆଗତ କରିଥିଲେ। ବିପିଏମ୍ ନାରାୟଣ ମେହେର ପୂର୍ବ ବୈଠକରେ ପ୍ରସ୍ତାବିତ ଏବଂ ସମ୍ପୂର୍ଣ୍ଣ ହୋଇଥିବା ବିଭିନ୍ନ କାର୍ଯ୍ୟ ବିଷୟରେ ଉପସ୍ଥାପନା କରିଥିବାବେଳେ ଅର୍ଥ ପରିଚାଳକ ପ୍ରଦୀପ ସାହୁ ଆୟବ୍ୟୟର ହିସାବ ଉପସ୍ଥାପନା କରିଥିଲେ। ରୋଗୀମାନଙ୍କ ସୁବିଧା ଓ ସୁରକ୍ଷା ଆବଶ୍ୟକତାକୁ ଦୃଷ୍ଟିରେ ବିଭିନ୍ନ ପ୍ରସ୍ତାବ ରୋଗୀ କଲ୍ୟାଣ ସମିତିଦ୍ୱାରା ଅନୁମୋଦନ ହୋଇଥିଲା। ସମିତିର ସଦସ୍ୟ ହିମାଂଶୁ ଶେଖର ବିଶ୍ୱାଳ ଜରୁରୀକାଳୀନ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ ଅନୁଯାୟୀ ମହଜୁଦ ରଖିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଡୁଙ୍ଗୁରିପାଲିଠାରେ ଏକ ସର୍ବସାଧାରଣ ଉଦ୍ୟାନ ତିଆରି କରିବା ପାଇଁ ବ୍ଲକ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଡାକ୍ତରଖାନା ରାସ୍ତା ଆଲୋକିକରଣ, ଡାକ୍ତରଖାନା ପାର୍ଶ୍ୱରେ ପାର୍କିଂ ବ୍ୟବସ୍ଥା, ସର୍ବସାଧାରଣ ପାଇଖାନା ନିର୍ମାଣ, ଡ୍ରେନ ମରାମତି, ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ରକ୍ତ ଶିକୁଳୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି "ବୈଠକରେ ପଞ୍ଚାୟତ ସମିତି ସହ-ଅଧ୍ୟକ୍ଷ ମକରଧ୍ୱଜ ସାହୁ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ସଞ୍ଜୟ କୁମାର ପଧାନ, ଡା.ଆଲୋକ ରଞ୍ଜନ ଫଡ଼ା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବଟକୃଷ୍ଣ ପାଢ଼ୀ, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା ସୀତା ମେହେର, ସ୍ୱାସ୍ଥ୍ୟ ପରିଦର୍ଶକ ହରିଶ୍ଚନ୍ଦ୍ର ସୁନା, ଫାର୍ମାସିଷ୍ଟ ରବୀନ୍ଦ୍ର ମହାନ୍ତି, ବିଜୟ କୁମାର ଭୋଇ, ବି.ଏସ୍.ଏସ. ଓ ପ୍ରବୀନ କୁମାର ରଥ, ଅମିତ କୁମାର ଅଗ୍ରାଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ଚାରିପାର୍ଶ୍ୱରେ ଏକ ସଫେଇ ଅଭିଯାନ ହୋଇଥିଲା। ପ୍ରଭାସ ପଧାନ, ଗଦାଧର ବାରିକ, ବିଶ୍ୱନାଥ ବାଘ, ମୋତିଲାଲ ଖମାରୀ, ପ୍ରଦୀପ ଦାସ, ନେତ୍ରାନନ୍ଦ ଗୁରୁ ଓ ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




# ତରଭାରେ ମ୍ୟାଜିକ ଶୋ' ଉଦ୍‌ଘାଟିତ

**ତରଭା, ୨୨।୧୧(ସମିସ):** ଜିଲ୍ଲା ଯାଦୁଗର ସଂଘ ଓ ଜିଲ୍ଲା ରେଡ଼କ୍ରସ ତରଫରୁ ତରଭା ନାରାୟଣ ମୁରଲୀ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ମ୍ୟାଜିକ୍ ଶୋ'ର ଶୁଭାରମ୍ଭ ହୋଇଯାଇଛି। ସୋନପୁର ଉପ-ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ତରଭା ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ ଦୁର୍ଯ୍ୟୋଧନ ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ସୋନପୁର ଜିଲ୍ଲା ଯାଦୁଗର ସଂଘ ସଭାପତି ଯଦୁନାଥ ମିଶ୍ର ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ। ସମ୍ପାଦକ ସଞ୍ଜୟ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦଘାଟନୀ ସଭାପରେ ଖ୍ୟାତି ସମ୍ପନ୍ନ ଜାଦୁଗର ଏସ.ଶ୍ରୀକାନ୍ତ ଚମତ୍କାର ଯାଦୁ ପ୍ରଦର୍ଶନ କରି ଉପସ୍ଥିତି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ରଙ୍ଗା-ରଙ୍ଗ ଯାଦୁ ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ସମ୍ପାଦକ ସଞ୍ଜୟ କୁମାର ଭୋଇ ସୂଚନା ପ୍ରଦାନ କରିଛନ୍ତି।



**ଫାସେଡ଼ରେ ଜୟ ଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ଦ୍ୱିତୀୟ ଦିବସରେ ବରପଦରକୁ ହରାଇ ବଲାଙ୍ଗିର ସେମିରେ

ଶଗଡ଼ା, ୨୨।୧୧ (ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ଅନ୍ତର୍ଗତ ଫାସେଡ଼ ଗ୍ରାମର ଖେଳ ପଡ଼ିଆରେ ଜୟ ଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲା ବିଜେପି ଉପସଭାପତି ଚିତ୍ତରଞ୍ଜନ ପାତ୍ର, ବିଜେପି ଘଣ୍ଟାପଡ଼ା ମଣ୍ଡଳ ସଭାପତି ପିନାକଧର ରଣା, ଘଣ୍ଟାପଡ଼ା ଆଦିବାସୀ ମଣ୍ଡଳ ସଭାପତି ଗୋପୀନାଥ କହଁର, କଣ୍ଟାମାଳ ଆଦିବାସୀ ମହାସଂଘର ସଭାପତି ଡମ୍ବୁରୁଧର କହଁର ପ୍ରମୁଖ ଉପସ୍ଥିତ ରହି ଦ୍ୱିତୀୟ ଦିବସର ମ୍ୟାଚରେ ଖେଳାଳୀଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ୫ ଦିନ ଧରି ଚାଲିବାକୁ ଥିବା ଉକ୍ତ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚରେ ସ୍ଥାନୀୟ ଦଳ ଫାସେଡ଼କୁ ଟାଇବ୍ରେକରରେ ୩-୧ଗୋଲରେ ହରାଇ ବଲାଙ୍ଗିରର ବରପଦର ଦଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଅର୍ଜ୍ଜନପୁର ଦଳକୁ ୪-୩ଗୋଲ ଟାଇବ୍ରେକରରେ ହରାଇ ବଲାଙ୍ଗିରର ଏନଏସ ସ୍ପୋର୍ଟିଙ୍ଗ ଦଳ ବିଜୟୀ ହୋଇ ପରବର୍ତ୍ତୀ କ୍ୱାର୍ଟର ଫାଇନାଲରେ ବରପଦରକୁ ଟ୍ରାଇବ୍ରେକରରେ ୪-୨ ଗୋଲରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟଦଳ ଭାବେ ସେମିଫାଇନାଲକୁ ଉନ୍ନିତ ହୋଇଛି। ଉକ୍ତ ମ୍ୟାଚ ଗୁଡ଼ିକୁ ସଞ୍ଜିବ କୁଦେଇ, ବେଣୁପାଣି ବାଘ ଓ ରାଧାକାନ୍ତ ବାଘ ଖେଳ ପରିଚାଳନା କରିଥିବା ସ୍ଥଳେ ପ୍ରକାଶ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ମୋତିଲାଲ ଭୋଇ ସ୍କୋରର କାର୍ଯ୍ୟ ତୁଲାଇଥିଲେ ଓ ଫୁଟବଲ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ହରଭଙ୍ଗା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ହରଭଙ୍ଗା, ୨୨।୧୧ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ବୁଧବାର ଦିନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ବିଡିଓ ସ୍ୱପ୍ନିତା ନାଏକ, ତହସିଲଦାର ଶିବାନୀ ଦାସ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ବିଶି ଓ ବିଭିନ୍ନ ବିଭାଗର ଡାକ୍ତରୀ ଦଳ ଉପସ୍ଥିତ ରହିଥିଲେ। ଶିବିରରେ ହରଭଙ୍ଗା ବ୍ଲକରୁ ସମୁଦାୟ ୨୧୯ଜଣ ପଞ୍ଜିକରଣ କରିଥିବା ବେଳେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ୧୧ଜଣ, ହୁଇଲ ଚେୟାର ୨ଜଣ, ଭିନ୍ନକ୍ଷମମାନଙ୍କୁ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ୨୦ଜଣ, ଶ୍ରବଣ ଯନ୍ତ୍ର ବଣ୍ଟନ ୬ଜଣ, ବସ୍ ପାସ ବଣ୍ଟନ ପାଇଁ ୧୫ଜଣ ଓ ବିଭିନ୍ନ ଯନ୍ତ୍ରପାତି ପାଇଁ ୨୮ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଉକ୍ତ ଭିନ୍ନକ୍ଷମ ମାନଙ୍କୁ ବିଭିନ୍ନ ବିଭାଗର ଡାକ୍ତର ଡାକ୍ତରୀ ପରୀକ୍ଷା କରି ଚିହ୍ନଟ କରିଥିଲେ।



କାର୍ଯ୍ୟକ୍ରମକୁ କନିଷ୍ଠ ସହାୟକ ସୁନୀଲ ବେହେରା, ମନୋଜ ବେହେରା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଶ୍ୱକପ୍ ପରାଜୟ ସତ୍ତ୍ୱେ ଏକାଧିକ ବିରଳ ରେକର୍ଡ

# ଭାରତୀୟ ଦଳ ପାଇଁ ସାନ୍ତ୍ୱନା

ନୂଆଦିଲ୍ଲୀ, ୨୨।୧୧(ଏଜେନ୍ସି): ସଦ୍ୟସମାପ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ବିଶ୍ୱକପ୍‌ରେ ଆୟୋଜକ ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ



ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛି। ଏଥିସହ ଆଇସିସି ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟରେ ଭାରତର ପରାଜୟଧାରା ଅବ୍ୟାହତ ରହିଛି। କ୍ରମାଗତ ୧୦ଟି ମ୍ୟାଚ୍ ଜିତି ଅପରାଜେୟ ରହିଥିଲେ ମଧ୍ୟ ଭାରତ ଫାଇନାଲରେ ୬ ୱିକେଟରେ ପରାସ୍ତ ହୋଇଥିଲା। ଏହି ପରାଜୟ ଦେଶର କୋଟି କୋଟି ଦର୍ଶକଙ୍କ ହୃଦୟ ଭାଙ୍ଗିଛି। ଇତିମଧ୍ୟରେ ୫ ଦିନ ବିତି ଯାଇଥିଲେ ମଧ୍ୟ ଭାରତୀୟ କ୍ରିକେଟ ପ୍ରଶଂସକ ଫାଇନାଲ ପରାଜୟର ଦୁଃଖ ତଥା ବିଷାଦରୁ ମୁକୁଳିପାରି ନାହାନ୍ତି। କେବଳ ଗୋଟିଏ ପରାଜୟ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ସାରା ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରଦର୍ଶନ ଅନ୍ୟ ସବୁ ଦଳଠାରୁ ଉଚ୍ଚକୋଟୀର ହୋଇଛି। କଳାତ୍ମକ କ୍ରିକେଟ ସହ ଭାରତୀୟ ଦଳ ବିସ୍ଫୋରକ ପ୍ରଦର୍ଶନ ମଧ୍ୟ



କରିଥିଲା। ଅପ୍ରତ୍ୟାଶିତ ଭାବେ ପରାସ୍ତ ହୋଇଥିଲେ ଭାରତୀୟ ଦଳକୁ ସାନ୍ତ୍ୱନା ଦେବା ଭଳି କିଛି ତଥ୍ୟ ରହିଛି। ଏହା ଭାରତୀୟ କ୍ରିକେଟ ପ୍ରଶଂସକଙ୍କୁ କିଛିଟା ଖୁସି ପ୍ରଦାନ କରିବ। ଏହି ତଥ୍ୟ ଗୁଡ଼ିକ ପ୍ରଦାନ କରାଗଲା।

### ୧. ୪୫ ଦିନର ଆଧିପତ୍ୟ

ବିଶ୍ୱକପ୍ ୪୬ ଦିନଧରି ଚାଲିଥିଲା ଓ ଏଥିରେ ୪୮ଟି ମ୍ୟାଚ୍ ଖେଳାଯାଇଥିଲା। ଭାରତ ୪୫ ଦିନଧରି ଆଧିପତ୍ୟ ଜାହିର କରିଥିଲା। କିନ୍ତୁ ଗୋଟିଏ ଦିନ ଭାରତ ପାଇଁ ଖରାପ ଥିଲା ଓ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

### ୨. ସର୍ବାଧିକ ରନ ସଂଗ୍ରହ

ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ସବୁ ୧୦ଟି ଦଳ ମଧ୍ୟ ଭାରତୀୟ ଦଳ ସବୁଠାରୁ ଅଧିକ ରନ ସଂଗ୍ରହ କରିଥିଲା। ଭାରତ ୧୧ଟି ମ୍ୟାଚ୍ ଖେଳି ମୋଟ୍ ୩୧୬୦ ରନ ସଂଗ୍ରହ କରିଥିଲା। ଅର୍ଥାତ ମ୍ୟାଚ୍ ପିଛା ଭାରତ ହାରାହାରି ୨୮୭ରୁ ଉର୍ଦ୍ଧ୍ୱ ରନ ରହିଥିଲା।

### ୩. ସର୍ବାଧିକ ୱିକେଟ ହାସଲ

ରନ ସଂଗ୍ରହ ଭଳି ୱିକେଟ ହାସଲରେ ମଧ୍ୟ ଭାରତ ଅନ୍ୟ ଦଳଗୁଡ଼ିକଠାରୁ ଆଗରେ ରହିଛି। ଟୁର୍ଣ୍ଣାମେଣ୍ଟରେ ଭାରତ ୧୧ଟି ମ୍ୟାଚ୍‌ରେ ମୋଟ ୧୦୦ଟି ୱିକେଟ ହାସଲ କରିଥିଲା। ଅର୍ଥାତ ଭାରତ ପ୍ରତ୍ୟେକ ମ୍ୟାଚ୍‌ରେ ହାରାହାରି ୯ରୁ ଉର୍ଦ୍ଧ୍ୱ ୱିକେଟ ନେଇଥିଲା।

### ୪. ସର୍ବାଧିକ ଶତକ ଓ ଅର୍ଦ୍ଧଶତକ

ବିଶ୍ୱକପ୍‌ରେ ଭାରତୀୟ ଦଳ ତରଫରୁ ସର୍ବାଧିକ ଶତକ ଓ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ଭାରତୀୟ ଖେଳାଳିମାନେ ୨୫ଟି ଅର୍ଦ୍ଧଶତକ ଓ ୭ ଶତକ ହାସଲ କରିଥିଲେ।

### ୫. ସର୍ବାଧିକ ବ୍ୟାଟିଂ ଆଭରେଜ୍

ସାରା ଟୁର୍ଣ୍ଣାମେଣ୍ଟରେ ଭାରତର ହାରାହାରି ରନ୍ ସଂଗ୍ରହ ସର୍ବାଧିକ ରହିଛି। ଅର୍ଥାତ ଭାରତର ବ୍ୟାଟିଂ ଆଭରେଜ୍ ସର୍ବାଧିକ ୫୨.୩୭ ରହିଛି। ଅନ୍ୟ କୌଣସି ଦଳର ଆଭରେଜ୍ ୫୦ ପାର କରିପାରିନାହିଁ।

### ୬. ସର୍ବାଧିକ ବ୍ୟକ୍ତିଗତ ସ୍କୋର

ବିଶ୍ୱକ୍‌ପ୍‌ରେ ସୁପରଷ୍ଟାର ବିରାଟ କୋହଲି ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ୧୧ଟି ମ୍ୟାଚ୍ ଖେଳି କୋହଲି ୯୫.୬୨ ହାରରେ ସର୍ବାଧିକ ୭୬୫ ରନ ସଂଗ୍ରହ କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୯୦.୩ ରହିଥିଲା। କୋହଲି ୩ଟି ଶତକ ଓ ୬ଟି ଅର୍ଦ୍ଧଶତକ ହାସଲ କରିଥିଲେ।

### ୮. ସର୍ବାଧିକ ୱିକେଟ ହାସଲ

ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ଟୁର୍ଣ୍ଣାମେଣ୍ଟରେ ୧୦. ୭୦ ରନ ହାରରେ ସର୍ବାଧିକ ୨୪ଟି ୱିକେଟ ହାସଲ କରିଛନ୍ତି। ସେ ୩ଥର ୫ ୱିକେଟ ସଫଳତା ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ସେ ୫୭ ରନ ଦେଇ ସର୍ବାଧିକ ୭ ୱିକେଟ ହାସଲ କରିଥିଲେ।

### ୯. ସର୍ବାଧିକ ଛକା ଓ ଚୌକା

ଭାରତୀୟ ବ୍ୟାଟରମାନେ ବିଶ୍ୱକପ୍‌ରେ ସର୍ବାଧିକ ଚୌକା ଓ ଛକା ମାରିଛନ୍ତି। ଅଧିନାୟକ ରୋହିତ ଶର୍ମା ୧୧ଟି ମ୍ୟାଚ୍ ଖେଳି ସବୁଠାରୁ ଅଧିକ ସଂଖ୍ୟକ ୩୧ ଛକା ମାରିଛନ୍ତି। ସେହିପରି କୋହଲି ୧୧ଟି ମ୍ୟାଚ୍ ଖେଳି ସର୍ବାଧିକ ୬୮ଟି ଚୌକା ମାରିଛନ୍ତି।

## ସର୍ବଭାରତୀୟ, ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ କିଟ୍‌ର ଯୋଗ୍ୟତା




ଭୁବନେଶ୍ୱର, ୨୨।୧୧ (ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ରାୟପୁରର ରବି ଶୁକ୍ଳା ବିଶ୍ୱବିଦ୍ୟାଳୟଠାରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ (ପୁରୁଷ ଓ ମହିଳା) ପ୍ରତିଯୋଗିତା ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ସେମିରେ ପ୍ରବେଶ କରି କିଟ୍ ବିଶ୍ୱବିଦ୍ୟାଳୟର ଉଭୟ ପୁରୁଷ ଓ ମହିଳା ଦଳ ଆଗାମୀ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ଟେନିସ ଓ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଛି।

କ୍ୱାର୍ଟର ଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ଦଳ ସମାନ ପ୍ରତିଦ୍ୱନ୍ଦ୍ୱୀ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲେ। ଗୁରୁବାର ଖେଳାଯିବାକୁ ଥିବା ସେମିଫାଇନାଲରେ କିଟ୍ ପୁରୁଷ ଦଳ ବାରଣାସୀର ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠକୁ ଏବଂ ମହିଳା ଦଳ ଅନ୍ୟତମ ଓଡ଼ିଶା ଟିମ୍ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟକୁ ଭେଟିବ। କିଟ୍ ପୁରୁଷ ଦଳ କବୀର ହଂସ, ଅଥର୍ବ ଶର୍ମା, ଅଂଶୁମାନ ସିଂ, ପ୍ରତ୍ୟୁଷ ମହାନ୍ତି, ଆଶିଷ କୁମାର ପରିଡ଼ା ଏବଂ ମହିଳା ଦଳ ଋତୁପର୍ଣ୍ଣା ଚୌଧୁରୀ, ଅଭିଳାଷା ବିସ୍ତ, ରିୟା ମର୍ଦ୍ଦରାଜ ଓ ଅର୍କିର୍ତ୍ତୀଙ୍କୁ ନେଇ ଗଠିତ। ମହମ୍ମଦ ଏନାମୁଲ ହକ୍ କିଟ୍ ଟେନିସ ଦଳର ପ୍ରଶିକ୍ଷକ ରହିଛନ୍ତି। ସର୍ବଭାରତୀୟ ଓ ଖେଲୋ ଇଣ୍ଡିଆ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଥିବାରୁ କିଟ୍ ଦଳର ସମସ୍ତ ଖେଳାଳିଙ୍କୁ ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

● ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ

## ଲକ୍ଷ୍ୟ, ଶ୍ରୀକାନ୍ତ, ପ୍ରିୟାଂଶୁ ବିଦାୟ ନେଲେ

ଶେନଝେନ୍, ୨୨।୧୧(ଏଜେନ୍ସି): ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବୁଧବାର ଏକାଧିକ ଭାରତୀୟ ପୁରୁଷ ଖେଳାଳି ଏକକ ପ୍ରତିଯୋଗିତାରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଯୁବ ଖେଳାଳି ଲକ୍ଷ୍ୟ ସେନ୍, ଅଭିଜ୍ଞ କିଦାମ୍ବି ଶ୍ରୀକାନ୍ତ, ପ୍ରିୟାଂଶୁ ରାଜାୱତ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବିଶ୍ୱର ୧୭ ନଂ ଖେଳାଳି ଲକ୍ଷ୍ୟ ୧୯-୨୧, ୧୮-୨୧ରେ ସପ୍ତମ ସିଡ୍ ଚୀନ୍ ଖେଳାଳି ଶି ୟୁକିଙ୍କଠାରୁ ପରାସ୍ତ ହୋଇ


ଏଚ୍. ଏସ୍. ପ୍ରଣୟ

ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି। ସେହିପରି ୨୪ ନଂ ଖେଳାଳି ଶ୍ରୀକାନ୍ତ ୧୫-୨୧, ୨୧-୧୪, ୧୩-୨୧ରେ ଥାଇଲାଣ୍ଡ ବିଶ୍ୱ ଚାମ୍ପିଅନ କୁନଲାଭୁତ ଭିତିଦଶରନଙ୍କଠାରୁ ପରାସ୍ତ ହୋଇଛନ୍ତି। ଅନ୍ୟଏକ ମ୍ୟାଚ୍‌ରେ ପ୍ରିୟାଂଶୁ ୧୭-୨୧, ୧୪- ୨୧ରେ ଜାପାନର କେଣ୍ଟା ନିଶିମୋଟୋଙ୍କଠାରୁ ମାତ୍ର ୪୬ ମିନିଟ୍‌ରେ ପରାସ୍ତ ହୋଇଛନ୍ତି।

ପୂର୍ବରୁ ଅନ୍ୟତମ ତାରକା ଏଚ୍‌ଏସ୍ ପ୍ରଣୟ ଏକକ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କୁ ନେଇ ଭାରତୀୟ ଯୋଡି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଣୟ ୨୧-୧୮, ୨୨-୨୦ରେ ତାଇୱାନର ଚୋଉ ତିଏନ- ଚେନ୍‌ଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ସାତ୍ତ୍ୱିକ- ଚିରାଗ ୨୧-୧୩, ୨୧-୧୦ରେ ବ୍ରିଟିଶ ଯୋଡି ବେନ ଲେନ୍ ଓ ସିନ ଭେଣ୍ଡିଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି।

● ଆଇପିଏଲ-୧୭

## ଗମ୍ଭୀର କେକେଆର ଉପଦେଷ୍ଟା

କୋଲକାତା, ୨୨।୧୧(ଏଜେନ୍ସି): ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ୧୭ତମ ସଂସ୍କରଣ ପାଇଁ ଭାରତୀୟ ପୂର୍ବତନ ଓପନର ଗୌତମ ଗମ୍ଭୀରଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଗମ୍ଭୀର କୋଲକାତା ନାଇଟ



ରାଇଡର୍ସ (କେକେଆର)ର ମେଣ୍ଟର ଅର୍ଥାତ ଉପଦେଷ୍ଟା ନିଯୁକ୍ତ ହୋଇଛନ୍ତି। ଗମ୍ଭୀର ସାମାଜିକ ଗଣମାଧ୍ୟମରେ ବୁଧବାର ଏ ନେଇ ସୂଚନା ଦେଇଛନ୍ତି। ଏଥିସହ ସେ ଲକ୍ଷ୍ନୌ ସୁପର ଜାଏଣ୍ଟସ ସହ ସମ୍ପର୍କ ତୁଟାଇଛନ୍ତି। ୨୦୨୧ ଡିସେମ୍ବରରେ ସେ ଲକ୍ଷ୍ନୌର ମେଣ୍ଟର ଭାବେ ନିଯୁକ୍ତି ପାଇଥିଲେ। ଦୁଇବର୍ଷ ସେ ଲକ୍ଷ୍ନୌ ସହିତ ଜଡ଼ିତ ରହିଥିଲେ।

ଗମ୍ଭୀର ୨୦୦୭ ଟି-୨୦ ଓ ୨୦୧୧ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ଥିଲେ। ସେ ୧୦ ବର୍ଷ ଆଇପିଏଲ୍ ଖେଳିଛନ୍ତି। ୨୦୦୮ରେ ସେ ଆଇପିଏଲ ଖେଳିବା ଆରମ୍ଭ କରିଥିଲେ ଓ ୨୦୧୮ରେ ସନ୍ନ୍ୟାସ ନେଇଥିଲେ। ୧୫୪ଟି ଆଇପିଏଲ୍ ମ୍ୟାଚ୍ ଖେଳି ସେ ୩୦ଟି ଅର୍ଦ୍ଧଶତକ ହାସଲ କରିବା ସହ ମୋଟ୍ ୪୨୧୭ ରନ ସଂଗ୍ରହ କରିଥିଲେ। ତାଙ୍କ ନେତୃତ୍ୱରେ କୋଲକାତା ଦୁଇଥର ୨୦୧୨ ଓ ୨୦୧୪ରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ସେ ଦିଲ୍ଲୀ କ୍ୟାପିଟାଲ୍ସର ମଧ୍ୟ ନେତୃତ୍ୱ ନେଇଥିଲେ। ଆଇପିଏଲ୍‌ରେ ସେ ୧୨୯ଟି ମ୍ୟାଚ୍‌ର ନେତୃତ୍ୱ ନେଇ ଦଳକୁ ୭୧ଟି ମ୍ୟାଚ୍‌ରେ ବିଜୟୀ କରାଇଥିଲେ ଓ ୫୭ଟିରେ ସେ ପରାଜୟର ସମ୍ମୁଖୀନ ହୋଇଥିଲେ।

ଆଇସିସି ଦିନିକିଆ ମାନ୍ୟତା

## ଗିଲ୍‌ଙ୍କ ଶୀର୍ଷ ସ୍ଥାନ ଅକ୍ଷୁର୍ଣ୍ଣ

**ଶ୍ରେଷ୍ଠ-୪ରେ ୩ ଭାରତୀୟ ବ୍ୟାଟର**

ଦୁବାଇ, ୨୨।୧୧(ଏଜେନ୍ସି): ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଶେଷ ହେବ ପରେ ବୁଧବାର ପ୍ରଥମଥର ପାଇଁ ଅନ୍ତର୍ଜାତୀୟ




କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ମାନ୍ୟତା ପ୍ରକାଶିତ ହୋଇଛି। ବ୍ୟାଟିଂ ତାଲିକାର ଶ୍ରେଷ୍ଠ-୪ରେ ୩ ଜଣ ଭାରତୀୟ ସ୍ଥାନ ପାଇଛନ୍ତି। ଯୁବ ଓପନର ଶୁବମାନ ଗିଲ ୮୨୬ ର୍‍ୟାଙ୍କିଙ୍ଗ ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ପାକିସ୍ତାନ ଅଧିନାୟକ ବାବର ଆଜମ ୮୨୪ ଅଙ୍କ ସହ ଦ୍ୱିତୀୟ, ୭୯୧ ଅଙ୍କ ସହ ବିରାଟ କୋହଲି ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟ, ରୋହିତ ଶର୍ମା ୭୬୯ ପଏଣ୍ଟ ସହ ଗୋଟିଏ ପାହାଚ ଉପରକୁ ଉଠି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ଓପନର କ୍ୱିଣ୍ଟନ ଡିକକ୍ ଦୁଇଟି ସ୍ଥାନ ତଳକୁ ଖସି ପଞ୍ଚମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ଗୋଟିଏ ପାହାଚ ଉପରକୁ ଉଠି ଷଷ୍ଠ, ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ଣ୍ଣର ଗୋଟିଏ ସ୍ଥାନ ତଳକୁ ଖସି ୭ମ ସ୍ଥାନରେ ରହିଛନ୍ତି।

### ଶ୍ରେଷ୍ଠ-୧୦ରେ ୪ ଭାରତୀୟ ବୋଲର

ବୋଲିଂ ତାଲିକାର ଶ୍ରେଷ୍ଠ ୧୦ଟି ସ୍ଥାନରେ ୪ଜଣ ଭାରତୀୟ ସ୍ଥାନ ପାଇଛନ୍ତି। ଦ୍ରୁତ ବୋଲର ମହମ୍ମଦ ସିରାଜ ଗୋଟିଏ ପାହଚ ଖସି ତୃତୀୟ, ଯଶପ୍ରୀତ ବୁମ୍‌ରା ଚତୁର୍ଥ, ସ୍ପିନର କୁଲଦୀପ ଯାଦବ ଗୋଟିଏ ପାହଚ ଖସି ଆଫଗାନିସ୍ତାନର ରସିଦ ଖାନ୍‌ଙ୍କ ସହ ଯୁଗ୍ମ ଭାବେ ଷଷ୍ଠ ଓ ମହମ୍ମଦ ସାମି ଗୋଟିଏ ପାହାଚ ଖସି ୧୦ମ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ ଶୀର୍ଷରେ ରହିଥିବା ବେଳେ ପାକିସ୍ତାନର ଶାହିନ ଶାହା ଆଫ୍ରିଦି ୯ମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଜୋଶ ହାଜଲେଉଡ ଦ୍ୱିତୀୟ, ସ୍ପିନର ଆଦାମ ଜାମ୍ପା ୫ମ, ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ୮ମ ସ୍ଥାନରେ ରହିଛନ୍ତି।

### ୧୦ମ ସ୍ଥାନକୁ ଖସିଲେ ଅଲରାଉଣ୍ଡର ଜାଡେଜା

ସେହିପରି ଅଲରାଉଣ୍ଡର ତାଲିକାରେ ଭାରତର ରବୀନ୍ଦ୍ର ଜାଡେଜା ଗୋଟିଏ ପାହାଚ ଖସି ୧୦ମ ସ୍ଥାନରେ ରହିଛନ୍ତି। ଏକମାତ୍ର ଭାରତୀୟ ଭାବେ ସେ ଟପ୍-୧୦ରେ ସ୍ଥାନ ପାଇଛନ୍ତି। ବାଂଲାଦେଶର ଶାକିବ ଅଲ ହାସନ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

**ଜାତୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍**

## ଓଡ଼ିଶାର ତନଭି ପତ୍ରୀଙ୍କ ଅଗ୍ରଗତି

ବଲାଙ୍ଗିର, ୨୨।୧୧(ସମିସ): ୩୫ତମ ଜାତୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ର ଦ୍ୱିତୀୟ ଦିନ ବୁଧବାର ପୃଥ୍ୱୀରାଜ ହାଇସ୍କୁଲ ଇନ୍ଡୋର ଷ୍ଟାଡିୟମରେ ଚିତ୍ତାକର୍ଷକ ବ୍ୟାଡମିଣ୍ଟନ ଖେଳ ଦେଖିବାକୁ ମିଳିଛି। ୧୩ ବର୍ଷରୁ କମ୍ ବର୍ଗ ବାଳକ ବର୍ଗରେ ଟପ୍ ସିଡରେ କର୍ଣ୍ଣାଟକର ପୁଷ୍କର ସାଏ ୨୧-୧୩, ୨୧-୧୪ ଗେମ୍‌ରେ ତାମିଲନାଡୁର ଦକ୍ଷଣ ଏସ୍‌ଏଲଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ




ହୋଇଥିଲେ। ସୌର୍ଯ୍ୟ ଯାଦବ ୨୨-୨୦, ୨୧-୧୫ରେ ରାଜସ୍ଥାନର ସ୍ଥଭିକ୍ ଅଗ୍ରୱାଲଙ୍କୁ ପରାସ୍ତ କରିଥିଲେ। ସେହିପରି ଉତ୍ତରପ୍ରଦେଶର ଦିବ୍ୟାଂଶ ସିଂ, ମହାରାଷ୍ଟ୍ରର ଆଦିତ୍ୟ ଯାଉଲ, ହରିଆଣାର ଯତିନ୍ କୁମାର, ପଶ୍ଚିମବଙ୍ଗର ସ୍ୱଚ୍ଛଦ୍ୟୁତି ଘୋଷ, ଆସାମର ଅର୍ନବ, ମଧ୍ୟପ୍ରଦେଶର ପାର୍ଥ ଶର୍ମା, ତାମିଲନାଡୁର ଦଶ୍ୱନ୍ତ, ହରିଆଣାର ଆର୍ଯ୍ୟାନ୍ ଡାଙ୍ଗୀ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବାଳିକା ବର୍ଗର କର୍ଣ୍ଣାଟକର ଶାଇନା ମଣିମୁଥୁ, ତାମିଲନାଡୁର ଧାନ୍ୟା ଏସ୍କେ, ଓଡ଼ିଶାର ତନ୍ଭି ପତ୍ରୀ , ଆନ୍ଧ୍ରପ୍ରଦେଶର ଲକ୍ଷ୍ମୀ ସାଏ ଆରାଧା ରାଚାପୁଡି, ଉତ୍ତରପ୍ରଦେଶର ଅଗ୍ରୀମା ସିଂ, ତେଲେଙ୍ଗାନାର ଅଦ୍ୱି ବିକ୍ରମ ଗୋବିନ୍ଦ, ଗୁଜୁରାଟର ଆର୍ଶିଆ, ହରିଆଣାର ଜୁଏଲ ରାଣା, ପଶ୍ଚିମବଙ୍ଗର ଆର୍ଯ୍ୟମା ଚକ୍ରବର୍ତ୍ତୀ, ଆସାମର ଶୁଭଶ୍ରୀ ସ୍ମିତା ବରୁଆତି, ମହାରାଷ୍ଟ୍ରର ସରଜୁ ରଞ୍ଜନେ, ତାମିଲନାଡୁର ଯାଝିନି ଏସ୍କେ, କର୍ନାଟକର କୀର୍ତ୍ତି ବାଲାଜୀ, ପଞ୍ଜାବର ମେହବିଶ୍ କୌର ପ୍ରମୁଖ ବିଜୟ ହାସଲ କରିଛନ୍ତି। ଓଡ଼ିଶାର ତନଭି ୨୧-୧୦, ୨୧-୧୦ ଗେମ୍‌ରେ ତ୍ରିପୁରାର ଦେ ଅଦ୍ରିଜାଙ୍କୁ ପରାସ୍ତ କରିଥିଲେ।

ଏହି ଜାତୀୟ ଚାମ୍ପିଅନସିପରେ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ଏସ୍. ମୁରଲୀଧରଣ, ଅନ୍ତର୍ଜାତୀୟ ଖେଳାଳି ସମ୍ପନ୍ନ ଉଦୟ ସାନେ, ବୈଷୟିକ କମିଟିର ରାକେଶ ଶେଖର, ଆଇନ୍ସି ଦଥାନ, ସୁଧୀର ଭାର୍ବେ, ସାଙ୍ଗଠନିକ ସମ୍ପାଦକ ଲିଲିନ୍ କୁମାର, ରାଜ୍ୟ ସଂଘ ଉପସଭାପତି ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ରହିଛନ୍ତି। ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ସୁରୁଲାଲ ମଟାରୀ ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି।

**ଆଜିଠୁ ବିଜୟ ହଜାରେ ଟ୍ରଫି**

# ୮ ବର୍ଷ ପରେ ଓଡ଼ିଶା-ତ୍ରିପୁରା ମୁହାଁମୁହିଁ

କଟକ, ୨୨।୧୧(ସମିସ): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଏକଦିବସୀୟ ଫର୍ମାଟ ଘରୋଇ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଗୁରୁବାର ଠାରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଭେଟିବ ତ୍ରିପୁରାକୁ। ୮ ବର୍ଷ ବ୍ୟବଧାନ ପରେ ଉଭୟ ଦଳ ମୁହାଁମୁହିଁ ହେଉଛନ୍ତି। ୨୦୧୫ରେ ଶେଷ ଥର ପାଇଁ ହୋଇଥିବା ମୁକାବିଲାରେ ତ୍ରିପୁରା ବିଜୟୀ ହୋଇଥିଲା। ତେବେ ବିଗତ ୫ଟି ମୁକାବିଲାରେ ଓଡ଼ିଶାର ପଲା ଭାରୀ ରହିଛି। ଓଡ଼ିଶା ୩ଟି ଜିତିଥିବା ବେଳେ ତ୍ରିପୁରାକୁ ୨ଟି ବିଜୟ ମିଳିଛି। ବେଙ୍ଗାଲୁରୁର ଏମ.ଏ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଗୁରୁବାର




ହେବାକୁ ଥିବା ମ୍ୟାଚ୍‌ରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ବିଜୟ ଆଶା ନେଇ ପଡ଼ିଆକୁ ଓହ୍ଲାଇବ।

ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ଣ୍ଣାମେଣ୍ଟରେ ଦଳରୁ ବାଦ୍ ପଡ଼ିଥିବା ବିପ୍ଳବ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ସହ ତାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଛି। ବାମହାତୀ ଓପନର ବ୍ୟାଟର ଅନୁରାଗ ଷଡଙ୍ଗୀ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶୁଭ୍ରାଂଶୁ ଶେଖର ସେନାପତି, ଗୋବିନ୍ଦ ପୋଦ୍ଦାର, ଶାନ୍ତନୁ ମିଶ୍ର, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ଦେବେନ୍ଦ୍ର କୁଅଁର ପ୍ରମୁଖ ବ୍ୟାଟର ଭାବେ ଦଳରେ ରହିଛନ୍ତି। ୱିକେଟ କିପର ରାଜେଶ ଧୂପର ଏବଂ ପ୍ରବୀଣ ଲୁହାଙ୍କୁ ସାମିଲ କରାଯାଇଛି। ସ୍ପିନର ଭାବେ ହର୍ଷିତ ରାଥୋଡ ଏବଂ ଅଭିଷେକ ଯାଦବଙ୍କୁ ଦଳରେ ନିଆଯାଇଥିବା ବେଳେ ସ୍ପିନ ଅଲରାଉଣ୍ଡର ଅଭିଷେକ ରାଉତ ମଧ୍ୟ ଚୂଡାନ୍ତ ଦଳରେ ସ୍ଥାନ ପାଇଛନ୍ତି। ପ୍ରୟାସ ସିଂହ, ତରଣୀ ସ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ପେସ୍ ବୋଲିଂ ଭାର ସମ୍ଭାଳିବେ। ସେହିପରି ପ୍ରତିପକ୍ଷ ତ୍ରିପୁରା ଦଳର ନେତୃତ୍ୱ ନେବେ ଅନ୍ତର୍ଜାତୀୟ ତାରକା ଋଦ୍ଧିମାନ ସାହା। ଅଲରାଉଣ୍ଡର ମଣିଶଙ୍କର ମୁରାସିଂହ, ତୁଷାର ସାହା, ବିକ୍ରମ ଦେବନାଥଙ୍କ ସମେତ ସୁଦୀପ ଚାଟାର୍ଜୀ, ଜୟଦୀପ ବାଣିକ, ଗଣେଶ ସତୀଶ, ପରଭେଜ ସୁଲତାନଙ୍କ ଭଳି ବ୍ୟାଟର ଦଳରେ ରହିଛନ୍ତି। ଅଜୟ ସରକାର, ଚିରଞ୍ଜୀତ ପଲ, ରିମନ ସାହା ହେଉଛନ୍ତି ତ୍ରିପୁରାର ପ୍ରମୁଖ ବୋଲର। ଗୁରୁବାରର ମ୍ୟାଚ ରୋମାଞ୍ଚକର ହେବ ବୋଲି ସମ୍ଭାବନା କରାଯାଉଛି।

# ମାଣ୍ଡିଆରୁ ସ୍ୱାବଲମ୍ବୀ ଆଦିବାସୀ ମହିଳା






**ଏବେ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ଫଳରେ ଲୋକମାନେ ପାଶ୍ଚାତ୍ୟ ଖାଦ୍ୟରୁ ମୁହଁ ଫେରାଇ ଆମର ପାରମ୍ପରିକ ତଥା ଦେଶୀ ଖାଦ୍ୟକୁ ଆପଣାଉଛନ୍ତି । ଯେମିତି ମାଣ୍ଡିଆ । ଅନ୍ୟପକ୍ଷରେ ଏହି ମିଲେଟ୍ ଜାତୀୟ ଖାଦ୍ୟ ଶସ୍ୟର ଚାହିଦା ବଢ଼ିବାରୁ ଏହାକୁ ଚାଷ କରି ଅନେକ ସ୍ୱାବଲମ୍ବୀ ହୋଇପାରିଛନ୍ତି । ବିଶେଷକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଏହା ରୋଜଗାରର ଭଲ ମାଧ୍ୟମଟିଏ ପାଲଟି ଯାଇଛି । ରାଜ୍ୟ ସରକାର ମଧ୍ୟ ମିଲେଟ୍ ମିଶନ ଗଢ଼ି ପ୍ରୋତ୍ସାହନ ଯୋଗାଉଛନ୍ତି । ଏପରି ସ୍ଥଳେ ମାଣ୍ଡିଆ ଚାଷ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ମୟୂରଭଞ୍ଜର ମାଆ ହିଙ୍ଗୁଳା ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ମହିଳାମାନେ ।**

**ଦେଶୀ ଖାଇବାକୁ ଲୋକଲୋଚନକୁ ଆଣିବାର ପ୍ରୟାସ:** ମାଣ୍ଡିଆ କ'ଣ ସେମାନେ ଜାଣିଥିଲେ । କିନ୍ତୁ ଏହାକୁ ଚାଷ କରି ରୋଜଗାର କରି ହେବ ଏହା କେବେ ସେମାନେ ଭାବି ନ ଥିଲେ । ଓଡ଼ିଶା ମିଲେଟ୍ ମିଶନ୍ ପକ୍ଷରୁ ବିଭିନ୍ନ ଟ୍ରେନିଂରେ ଭାଗ ନେଇ ଏହା ବିଷୟରେ ବିସ୍ତୃତରେ ଜାଣିବାକୁ ସେମାନେ ପାଇଥିଲେ । ଫଳରେ ଧୀରେ ଧୀରେ ଏହି ମିଲେଟ୍ ପ୍ରତି ଆଗ୍ରହ ଆସିଲା । ନିଜର ଦେଶୀ ଖାଇବାକୁ ଲୋକଲୋଚନକୁ ଆଣିବା ପାଇଁ ଭିନ୍ନ ଏକ ପ୍ରୟାସ କରିଛନ୍ତି ମୟୂରଭଞ୍ଜର ଯଶୀପୁର ବ୍ଲକ୍-ର ମା' ହିଙ୍ଗୁଳା ସ୍ୱୟଂ ସହାୟକ ଗୋଷ୍ଠୀର ଏହି ଆଦିବାସୀ ମହିଳାମାନେ । ଏହି ସ୍ୱୟଂ ସହାୟକ ଗୋଷ୍ଠୀ ୨୦୦୮ ମସିହାରେ ଆରମ୍ଭ ହୋଇଥିଲା । କିନ୍ତୁ ୨୦୧୮ ମସିହାରେ ପ୍ରଥମ କରି ମାଣ୍ଡିଆ ଚାଷ ସେମାନେ ଆରମ୍ଭ କଲେ । ଏହି ଚାଷ ପାଇଁ ସରକାରଙ୍କ ତରଫରୁ ମାଗଣାରେ ବିହନ ଯୋଗାଇ ଦିଆଯାଇଥିଲା । ପରେ ସେମାନଙ୍କର ଚାଷ ମଧ୍ୟ ଭଲ ହୋଇଥିଲା । ପ୍ରଥମେ ଏହାକୁ ସରକାରଙ୍କୁ ବିକ୍ରି କରାଯାଉଥିଲା । ପରେ ସ୍ଥାନୀୟ ଲୋକମାନଙ୍କର ମଧ୍ୟ ଚାହିଦା ବଢ଼ିଲା । ଫଳରେ ସମଗ୍ର ଜିଲ୍ଲାକୁ ଏହା ବିକ୍ରି କରାଗଲା ।

**ସାମିଲ ଅଛନ୍ତି ୧୦ ମହିଳା:** ଏବେ ମାଣ୍ଡିଆ ମହିଳାମାନଙ୍କୁ ରୋଜଗାର ଦେଇଥିବା ବେଳେ ବର୍ତ୍ତମାନ ଏହି ଗୋଷ୍ଠୀରେ ୧୦ ଜଣ ସଦସ୍ୟ ରହିଛନ୍ତି । ସେହିପରି ଏହି ଗୋଷ୍ଠୀରେ ଥିବା ସମସ୍ତ ମହିଳା ଜଣେ ଜଣେ ଗୃହିଣୀ । ଘରକାମ ଶେଷ କରିବା ପରେ ବାକି ସମୟରେ ସେମାନେ ଏହି ମିଲେଟ୍ ଚାଷ କରିଥାନ୍ତି । ସରଗମ୍, ଲିଟିଲ୍ ମିଲେଟ୍ ସୁଆଁ, ବାଜରା ଆଦି ବିଭିନ୍ନ ମିଲେଟ୍ ଜାତୀୟ ଶସ୍ୟ ଚାଷ କରି ସେମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଯଦିଓ ପୂର୍ବରୁ ଏହି ଚାଷ ସେତେଟା ଲାଭଦାୟକ ହୋଇପାରି ନ ଥିଲା । ପରେ ଏହା ଫଳପ୍ରଦ ହୋଇଥିଲା ବୋଲି କହିଛନ୍ତି ଏହି ଗୋଷ୍ଠୀର ସଦସ୍ୟା ପ୍ରମିଳା ସେଠୀ । ମିଲେଟ୍ ଚାଷ କରିବା ସହ ଏହାର ପ୍ରକ୍ରିୟାକରଣ ମଧ୍ୟ ସେମାନେ କରିଥାନ୍ତି । ବିଭିନ୍ନ ମେସିନ୍ ସାହାର୍ଯ୍ୟରେ ମିଲେଟ୍‌ରୁ ଅଦରକାରୀ ଜିନିଷ ଯଥା- ମାଟି,ଗୋଡ଼ି ଆଦି ପୃଥକ୍ କରିଥାନ୍ତି ।

**ମାଣ୍ଡିଆରୁ ତିଆରି କରୁଛନ୍ତି ସ୍ୱାଦିଷ୍ଟ ଖାଦ୍ୟ:** ସେହିପରି ମାଣ୍ଡିଆକୁ କେବଳ ଚକଟି କିମ୍ବା ଜାଉ କରି ଖାଦ୍ୟ ଭାବେ ଗ୍ରହଣ କରିବା ସମସ୍ତେ ଜାଣିଥିଲେ । କିନ୍ତୁ ଧୀରେ ଧୀରେ ମାଣ୍ଡିଆରୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ହୋଇପାରିବ ବୋଲି ପରେ ଜାଣିଲେ ଏବଂ ଟ୍ରେନିଂ ମଧ୍ୟ ନେଲେ । ଫଳରେ ମିଲେଟ୍ ଜାଉ,ଚକୁଳି, ପୋଡ଼ପିଠା, ପକୁଡ଼ି, ବରା, ମୁଆଁ ପିଠା, ଆଳୁଚପ୍ ଆଦି ମିଲେଟ୍‌ରୁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ଦୁଇ ପଇସା ରୋଜଗାର କରିପାରୁଛନ୍ତି । ଏହାସହ ଉକ୍ତ ଗୋଷ୍ଠୀର ମହିଳାମାନେ ରାଜ୍ୟ ଏବଂ ଜାତୀୟ ସ୍ତରରେ ମିଲେଟ୍‌କୁ ନେଇ ହେଉଥିବା ବିଭିନ୍ନ ପ୍ରଦର୍ଶନୀରେ ଭାଗ ନେଇଥାନ୍ତି । ଏଥିସହିତ ନିଜ ଜିଲ୍ଲା ତଥା ମୟୂରଭଞ୍ଜର ସ୍ୱତନ୍ତ୍ରତାକୁ ଖାଦ୍ୟ ମାଧ୍ୟମରେ ପ୍ରଦର୍ଶନ କରିଥାନ୍ତି । ସେମାନେ ଆଗାମୀ ଦିନରେ ଏହି ମିଲେଟ୍‌କୁ ନେଇ ଫୁଡ୍-ଷ୍ଟଲ୍, ମିଲେଟ୍ କାଫେ ଆଦି କରିବାର ଆଶା ରଖିଛନ୍ତି ।



# ଘରେ ତିଆରି କରନ୍ତୁ ବଡି ଲୋସନ

**ତ୍ୱଚାକୁ କୋମଳ ଓ ସୁନ୍ଦର ରଖିବା ପାଇଁ ସମସ୍ତେ ବଡିଲୋସନ କିଣନ୍ତି । କିନ୍ତୁ ବଜାରରୁ ସବୁବେଳେ ମହଙ୍ଗା ବଡିଲୋସନ କିଣିବାର କୌଣସି ଆବଶ୍ୟକତା ନାହିଁ । ଘରେ ମଧ୍ୟ ସହଜରେ ବଡି ଲୋସନ ତିଆରି କରି ହେବ । ଏହାର ଖର୍ଚ୍ଚ ମଧ୍ୟ କମ୍ । ଏହାକୁ ତିଆରି କରିବା ପାଇଁ ନିମ୍ନ ପ୍ରଦତ୍ତ କିଛି ସହଜ ଉପାୟ ବିଷୟରେ ଜାଣନ୍ତୁ ।**

- ଉଷୁମ ନଡ଼ିଆ ତେଲରେ ଲେମ୍ବୁ ରସ, ଭିଟାମିନ୍ ଇ କ୍ୟାପ୍‌ସୁଲ ମିଶାନ୍ତୁ ।
- ଏହି ଲୋସନ୍‌କୁ ତ୍ୱଚାରେ ଲଗାଇଲେ ତ୍ୱଚାର ରୁକ୍ଷତା ଦୂର ହୋଇଥାଏ ।
- ସେହିପରି ଉଷୁମ ନଡ଼ିଆ ତେଲରେ ଲେମ୍ବୁ ରସ, ଭିଟାମିନ୍-ଇ କ୍ୟାପ୍‌ସୁଲ ଏବଂ ଏସେନସିଆଲ ଓଏଲ ମିଶାଇ ମଧ୍ୟ ବଡିଲୋସନ ତିଆରି କରିପାରିବେ ।
- ଏହି ବଡିଲୋସନକୁ ପରିଷ୍କାର ପାତ୍ରରେ ରଖନ୍ତୁ ।
- ଏହାକୁ ପ୍ରତିଦିନ ଲଗାଇବା ଦ୍ୱାରା ତ୍ୱଚା ସୁନ୍ଦର ଓ ସୁସ୍ଥ ରହିଥାଏ ।





# ଶୀତଦିନେ କେଶର ଯତ୍ନ

**ସାଧାରଣତଃ ଶୀତଦିନେ ତ୍ୱଚା ଭଳି କେଶ ଶୁଷ୍କ, ରୁକ୍ଷ ଏବଂ ଦୁର୍ବଳ ହୋଇଥାଏ । ସେଥିପାଇଁ କେଶର ଉପଯୁକ୍ତ ଯତ୍ନ ନେବା ଖୁବ୍ ଜରୁରି । ଶୀତଦିନେ କେଶର ଯତ୍ନ କିଭଳି ନେବା ଦରକାର, ଜାଣିବା ସେ ସମ୍ପର୍କରେ ।**

**କେଶ କାଟିବା**

ମଝିରେ ମଝିରେ କେଶ କାଟିବା ଆବଶ୍ୟକ । ଅତିକମ୍‌ରେ ୪ରୁ ୮ ସପ୍ତାହ ମଧ୍ୟରେ କେଶ କାଟିପାରିବେ । ଏହାଦ୍ୱାରା ଦୁଇମୁହାଁ କେଶ ଜନିତ ସମସ୍ୟା ଦୂର ହୋଇଥାଏ । ଫଳରେ କେଶ ଦ୍ରୁତ ଗତିରେ ବଢ଼ିଥାଏ ।

**ହିଟ୍ ମେସିନ୍ ବ୍ୟବହାର କରନ୍ତୁନି**

ଓଦା କେଶକୁ ଶୁଖାଇବା ପାଇଁ ହେୟାର-ଡ୍ରାଏର ବ୍ୟବହାର କରନ୍ତି । କିନ୍ତୁ କେଶକୁ ପ୍ରାକୃତିକ ଉପାୟରେ ଶୁଖାଇବା କେଶ ପାଇଁ ହିତକର । କାରଣ ହିଟ୍ ମେସିନ୍ ବ୍ୟବହାର ଦ୍ୱାରା କେଶ ଅଧିକ ଶୁଷ୍କ ଏବଂ ରୁକ୍ଷ ହୋଇଥାଏ ।

**ତେଲ ଲଗାନ୍ତୁ**

ଶୀତଦିନେ କେଶରେ ତେଲ ଲଗାଇବା ଜରୁରି । ଏହା ଦ୍ୱାରା କେଶକୁ ଉପଯୁକ୍ତ ପୋଷଣ ମିଳିଥାଏ । ସୋରିଷ ତେଲ କିମ୍ବା ନଡ଼ିଆ ତେଲକୁ ହାଲୁକା ଗରମ୍ କରି କେଶମୂଳରେ ମସାଜ୍ କରି ୧-୨ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ । ଏହାପରେ ଯେକୌଣସି ସାମ୍ପୁରେ କେଶକୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହା ଦ୍ୱାରା କେଶ ଅଧିକ ମଜଭୁତ ଏବଂ ଘନ ହୋଇଥାଏ । ଏଥିସହିତ କେଶର ଡ୍ରାଏନେସ୍ ଦୂର ହେବା ସହ କେଶରେ ଚମକ ଆସିଥାଏ ।

**କେଶରେ କଣ୍ଡିସନର୍ ଲଗାନ୍ତୁ**

ଶୀତଦିନେ କେଶରେ କଣ୍ଡିସନର ଲଗାଇବା ନିହାତି ଜରୁରୀ । ଏହାସହ ଯେକୌଣସି ହାଇଡ୍ରେଟିଙ୍ଗ୍ ମାସ୍କ କିମ୍ବା ଘର ତିଆରି ମାସ୍କ ମଧ୍ୟ ବ୍ୟବହାର କରିପାରିବେ । ହେୟାର ମାସ୍କ ଦ୍ୱାରା କେଶ ଅଧିକ ମୁଲାୟମ ହୋଇଥାଏ ।

**କେଶକୁ ଘୋଡ଼ାଇ ରଖନ୍ତୁ**

ଥଣ୍ଡା ପବନ ଏବଂ କାକର ସଂସ୍ପର୍ଶରେ କେଶ ଆସିବା ଦ୍ୱାରା ଏହା ଅଧିକ ନଷ୍ଟ ହୋଇଥାଏ । ତେଣୁ ଥଣ୍ଡା ପବନରୁ କେଶକୁ ସୁରକ୍ଷିତ ରଖିବା ପାଇଁ ଓଢ଼ଣି କିମ୍ବା ଟୋପିର ବ୍ୟବହାର କରି କେଶକୁ ଘୋଡ଼ାଇ ରଖନ୍ତୁ । ଏଥିପାଇଁ ସିଲ୍କ କିମ୍ବା ରେଶମ କପଡ଼ା ବ୍ୟବହାର କରିପାରିବେ ।

# ସ୍ମୋକି ଆଇ ମେକ୍‌ଅପ୍‌ରୁ ଆକର୍ଷଣୀୟ ଲୁକ୍



ଆଖି ମେକଅପ୍‌କୁ ନେଇ ମହିଳାମାନେ ଅନେକ ସମୟରେ ଭିନ୍ନ ଭିନ୍ନ ପରୀକ୍ଷାନୀରିକ୍ଷା କରିଥାନ୍ତି । ତେବେ ଏବେ ଆଇ ମେକ୍‌ଅପ୍‌ର ଟ୍ରେଣ୍ଡରେ ଅଛି ସ୍ମୋକି ମେକଅପ୍ । ଏହି ମେକଅପ୍ କେବଳ ଆଖିକୁ ନୁହେଁ, ମୁହଁକୁ ମଧ୍ୟ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିଥାଏ । ତା'ସହ ଏହି ମେକ୍‌ଅପ୍ ମହିଳାଙ୍କୁ ବୋଲ୍ଡ ଲୁକ୍ ପ୍ରଦାନ କରିଥାଏ ।

ଆଖିକୁ ଆକର୍ଷଣୀୟ କରିବା ପାଇଁ ଗାଢ଼ କଳା, ମାଟିଆ କିମ୍ବା ଘନ ନୀଳ ରଙ୍ଗର ଆଇସ୍ୟାଡୋ ଆଖିରେ ବ୍ୟବହାର କରାଯାଏ । ସେହିପରି ଆଖି ତଳେ ହାଲକା ରଙ୍ଗର ଆଇସ୍ୟାଡୋ ଲଗାଯାଏ । ଯାହାଦ୍ୱାରା ଆଖି ସୁନ୍ଦର ବଡ଼ ଏବଂ ବେଶି ଆକର୍ଷଣୀୟ ଦେଖାଯାଏ । ଯେକୌଣସି ପାର୍ଟି ପାଇଁ ମଧ୍ୟ ସ୍ମୋକି ଆଇ ମେକ୍‌ଅପ୍‌କୁ ଆପଣାଇପାରିବେ ।

# ଟ୍ରେଣ୍ଡରେ ବାର୍ବିକୋର୍ ଫେଶନ

**ଲୋକପ୍ରିୟ ବାର୍ବି ଡଲ୍‌ରୁ ପ୍ରେରିତ ଫେଶନ ଟ୍ରେଣ୍ଡ ହେଉଛି 'ବାର୍ବିକୋର୍ ଫେଶନ୍ ।' ଗୋଲାପି ରଙ୍ଗ ଓ ଫଙ୍କି ପ୍ୟାଟର୍ଣ୍ଣ ହେଉଛି ଏହି ଫେଶନର ବିଶେଷତା । ତେବେ ଏହି ଟ୍ରେଣ୍ଡରେ ସାମିଲ ହେବାକୁ ହେଲେ ନିଜ ପୋଷାକରେ ଅଧିକରୁ ଅଧିକ ଗୋଲାପି ରଙ୍ଗକୁ ସାମିଲ କରାଯାଏ । ଏହାର ଅର୍ଥ ନୁହେଁ, କେବଳ ଗୋଲାପି ରଙ୍ଗ ଜଣେ ପିନ୍ଧିବ, ଗୋଲାପି ସେଡ୍‌ର ରଙ୍ଗ ଏହି ଟ୍ରେଣ୍ଡରେ ସାମିଲ ହୋଇଥାଏ ।**

ବାର୍ବି ଫେଶନ କେବଳ ପୋଷାକରେ ସୀମିତ ନାହିଁ । ଘରକୁ ଗୋଲାପି ରଙ୍ଗରେ ସଜାଇପାରିବେ । ମୁଖ୍ୟତଃ ଘରେ ଗୋଲାପି ରଙ୍ଗର ସାଜସଜ୍ଜା ଉପକରଣକୁ ସ୍ଥାନ ଦେବା । ପିଙ୍କ୍ କଲର୍‌ର ବିଡେଡ୍ ବ୍ରେସ୍‌ଲେଟ୍ ପିନ୍ଧିବା, ପିଙ୍କ୍ ଭ୍ୟାନିଟି ବ୍ୟାଗ୍ ଧରିବା । ଗୋଲାପି ରଙ୍ଗର ଛୋଟ ହ୍ୟାଣ୍ଡବ୍ୟାଗ୍ ମଧ୍ୟ ସବୁପ୍ରକାର ଉତ୍ସବକୁ ବେଶ୍ ଭଲ ମାନିଥାଏ । ଗୋଲାପି ରଙ୍ଗର ସ୍କ୍ରଞ୍ଚିକୁ କେଶରେ ଲଗାଇଲେ ଲୁକ୍ ଅଧିକ ଆକର୍ଷଣୀୟ ଦିଶେ । ସେହିପରି ସବୁପ୍ରକାର ପୋଷାକକୁ ଗୋଲାପି ଷ୍ଟ୍ରିପ୍‌ର ହାଇ ହିଲ୍ ମାନିଥାଏ । ଗୋଲାପି ରଙ୍ଗ ଗାଉନ୍ ସହିତ ଲାଇଟ୍ ପିଙ୍କ କାନଫୁଲ ସହ ଧଳା ଷ୍ଟୋନ୍ ସୁନ୍ଦର ଦିଶିଥାଏ । ଅବଶ୍ୟ ଏହି କାନଫୁଲ ସମସ୍ତ ଆଉଟ୍‌ଫିଟ୍ ସହିତ ଭଲ ଲାଗେ । ଅନ୍ୟପଟେ ଗୋଲାପି ରଙ୍ଗର ମିନି ସ୍କର୍ଟ୍ ସହିତ ଗୋଲାପି ସନ୍‌ଗ୍ଲାସ୍ ମଧ୍ୟ ବାର୍ବି ଲୁକ୍‌କୁ ଅଧିକ ଆକର୍ଷଣୀୟ କରିଥାଏ ।



# ତ୍ୱଚା ପାଇଁ ତେଲ



**ଶୀତଦିନେ ମୁଖ୍ୟତଃ ତ୍ୱଚା ଶୁଷ୍କ ହୋଇଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ କିଛି ପ୍ରାକୃତିକ ତେଲକୁ ଉପଯୋଗ କରିପାରିବେ । ନିୟମିତ ଏହିସବୁ ତେଲର ବ୍ୟବହାର ତ୍ୱଚା ପାଇଁ ଖୁବ୍ ହିତକର ।**

**ବାଦାମ ତେଲ:** ଶୀତଦିନେ ଏହି ତେଲକୁ ଲଗାଇଲେ ତ୍ୱଚା ସୁନ୍ଦର ଓ କୋମଳ ରହେ । ତା'ସହ ଦାଗ ଆଦି ମଧ୍ୟ ଲିଭିଯାଏ ।

**ଆଭକାଡୋ ଅଏଲ:** ଏହାକୁ ନିତିଦିନ ଲଗାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଦିଶେ ।

**କୁମ୍‌କୁମାଦି ତେଲ:** ଏହି ତେଲକୁ ମୁହଁରେ ଲଗାଇଲେ ମୁହଁ ସୁନ୍ଦର ଦେଖାଯାଏ । ତ୍ୱଚା ଉଜ୍ଜ୍ୱଳ ଦେଖାଯିବା ସହ ତ୍ୱଚା ଜନିତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ରୁହେ ନାହିଁ ।

**ଅଲିଭ୍ ଅଏଲ:** ଅଲିଭ୍ ତେଲକୁ ମୁହଁରେ ମାଲିସ୍ କରିବା ଦ୍ୱାରା ତ୍ୱଚା କୋମଳ ହୋଇଥାଏ । ତା'ସହ ଶୁଷ୍କତା ହଟିଯାଏ ।

**ନଡ଼ିଆ ତେଲ:** ତ୍ୱଚାକୁ କୋମଳ ରଖିବାକୁ ଚାହୁଁଥିଲେ ନଡ଼ିଆ ତେଲ ବ୍ୟବହାର କରିବା ଉତ୍ତମ । ଏହା ତ୍ୱଚା କୁଞ୍ଚନ ସମସ୍ୟା ଦୂର କରେ ।

# କ୍ରିମ୍ ପନିର୍



ମୋ ହାଣ୍ଡିଶାଳରୁ...

**ଆବଶ୍ୟକ ସାମଗ୍ରୀ:** ପନିର୍: ୫୦୦ ଗ୍ରାମ୍, କଟା କ୍ୟାପ୍‌ସିକମ୍: ଅଧା କପ୍, କ୍ଷୀର: ଏକ କପ୍, କ୍ରିମ୍: ଦୁଇ ଚାମଚ, ଚିଜ୍: ଦୁଇ ଚାମଚ, ଓରେଗାନୋ: ଅଧା ଚାମଚ, ଗୋଲମରିଚ ଗୁଣ୍ଡ: ଅଧା ଚାମଚ, ଚିଲି ଫ୍ଲେକ୍ସ: ଅଧା ଚାମଚ, ଲୁଣ: ସ୍ୱାଦ ଅନୁସାରେ, ବଟର: ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି:** ଚୁଲିରେ କଡ଼େଇ ବସାଇ ଅଳ୍ପ ବଟର ଦିଅନ୍ତୁ । ସେଥିରେ ପନିର୍‌କୁ ହାଲକା ଭାଜି ରଖନ୍ତୁ । ଏହାପରେ ପୁଣି ସେହି କଡ଼େଇରେ ଅଳ୍ପ ବଟର ଦିଅନ୍ତୁ । ସେଥିରେ କଟା କ୍ୟାପ୍‌ସିକମ୍ ପକାଇ ଦୁଇ ମିନିଟ୍ ଭାଜନ୍ତୁ । ଏହା ପରେ କ୍ଷୀର ଦିଅନ୍ତୁ । କିଛି ସମୟ ଫୁଟିଲା ପରେ ସେଥିରେ କ୍ରିମ୍ ଓ ଚିଜ୍‌କୁ ଗ୍ରେଟ୍ କରି ପକାନ୍ତୁ । କିଛି ସମୟ ପରେ ସେଥିରେ ଗୋଲମରିଚ ଗୁଣ୍ଡ, ଓରେଗାନୋ, ଚିଲି ଫ୍ଲେକ୍ସ, ଭଜା ପନିର୍ ପକାଇ କିଛି ସମୟ ଫୁଟାନ୍ତୁ । ଏହାପରେ ଲୁଣ ପକାଇ ଏକ ପାତ୍ରକୁ କାଢ଼ି ଗରମ ଗରମ ପରଷନ୍ତୁ 'କ୍ରିମ୍ ପନିର୍' ।

# ମେକ୍‌ଅପ୍ ଆସକ୍ତି

## କେମିତି ଚିହ୍ନିବେ



**ଦିନକୁ ଦିନ ଅନେକ ମେକ୍‌ଅପ୍ ଟ୍ରେଣ୍ଡ ସାମ୍ନାକୁ ଆସୁଛି । ଅବଶ୍ୟ ନିୟମିତ ମେକ୍‌ଅପ୍ ବ୍ୟବହାର ତ୍ୱଚା ପାଇଁ ହାନିକାରକ । କାରଣ ଏଥିରେ ବିଭିନ୍ନ ପ୍ରକାର ରସାୟନ ଥାଏ । ତେଣୁ କମ୍ ମେକ୍‌ଅପ୍ ନେବା ତଥା ଶୋଇବା ପୂର୍ବରୁ ମେକ୍‌ଅପ୍ ଛଡ଼ାଇବା ଖୁବ୍ ଜରୁରି । ତେବେ ଜଣେ ଯଦି ଏହିସବୁ କରୁ ନାହିଁ କିମ୍ବା ସବୁବେଳେ ମେକ୍‌ଅପ୍ ନେବାକୁ ଇଚ୍ଛା କରୁଛନ୍ତି, ହୋଇପାରେ ତାଙ୍କର ମେକ୍‌ଅପ୍ ପ୍ରତି ଗଭୀର ଆସକ୍ତି ରହିଛି । ଯାହାକୁ ସେ ଚାହିଁଲେ ମଧ୍ୟ ଛାଡ଼ିପାରି ନ ଥାନ୍ତି । ତେବେ ମେକ୍‌ଅପ୍ ପ୍ରତି ଅତ୍ୟଧିକ ଆସକ୍ତି ଥିଲେ, କେମିତି ଜାଣିବେ, ସେ ସମ୍ପର୍କରେ... ।**

- ମେକ୍‌ଅପ୍ ଉତ୍ପାଦ ପାଖରେ ଥିବ, ପୁଣି ସେହି ଉତ୍ପାଦକୁ କିଣିବା ହେଉଛି ମେକ୍‌ଅପ୍ ଆସକ୍ତିର ଲକ୍ଷଣ । ସେହିପରି ମେକ୍‌ଅପ୍ ଉତ୍ପାଦ ବ୍ୟବହାର ସମୟସୀମା ଚାଲିଗଲେ ମଧ୍ୟ ତାହାକୁ ରଖିବା ମଧ୍ୟ ଏକପ୍ରକାର ମେକଅପ୍ ନିଶା ।
- ଖାଲି ସମୟରେ ମେକଅପ୍ ଜିନିଷ ବ୍ୟବହାର କରିବା, ମେକ୍‌ଅପ୍ ଶିଖିବା ତଥା ମେକଅପ୍ ଇନଫ୍ଲୁଏନସରଙ୍କୁ ଅନୁକରଣ କରିବା ମଧ୍ୟ ଏହାର ଲକ୍ଷଣ ।
- ମେକ୍‌ଅପ୍ ପ୍ରତି ନିଶା ଥିଲେ ବିନା ମେକ୍‌ଅପ୍‌ରେ କୁଆଡ଼େ ନ ଯିବା ଏହାର ଅନ୍ୟତମ ଲକ୍ଷଣ ।




### ଆଜିଠାରୁ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜ୍

# ବିଜୟ ଅଭିଯାନ ଲକ୍ଷ୍ୟରେ ଭାରତ

ବିଶାଖାପଟନମ, ୨୨।୧୧(ଏଜେନ୍ସି): ଆଇସିସି ଦିନିକିଆ ଶେଷ ହେବାର ୩ ଦିନପରେ ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ। ସ୍ଥାନୀୟ ୱାଇଏସ୍ ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ଗୁରୁବାର ପ୍ରଥମ ଟି-୨୦ ମ୍ୟାଚ୍ ଖେଳାଯିବ। ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ବିଶ୍ୱକପ୍ ଫାଇନାଲ ମୁକାବିଲାରେ ଭାରତ ୬ ୱିକେଟରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ତେଣୁ ଏହି ସିରିଜ ଜିତି ଭାରତ କିଛିଟା ଆଶ୍ୱସ୍ତି ଲାଭ କରିବାକୁ ପ୍ରୟାସ କରିବ। ନୂଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ପଡ଼ିଆକୁ ଓହ୍ଲାଇବ। ପୂର୍ବତନ ବ୍ୟାଟର ତଥା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଅଧ୍ୟକ୍ଷ ଭିଭିଏସ୍ ଲକ୍ଷ୍ମଣ ଭାରତୀୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ସେହିପରି ଅଷ୍ଟ୍ରେଲିଆର ନେତୃତ୍ୱ ନେବେ ମାଥ୍ୟୁ ୱେଡ୍। ଦୀର୍ଘ ଏକ ବର୍ଷ ପରେ ସେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ। ଟି-୨୦ ସ୍ପେଶାଲିଷ୍ଟ ଦ୍ରୁତ ବୋଲର ଅର୍ଶଦୀପ ସିଂ ପୁଣି ଥରେ ଚମକ ଦେଖାଇବାର ସୁଯୋଗ ପାଇବେ। ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ଏହି ଦଳରେ ସ୍ଥାନ ପାଇଛନ୍ତି।


ପ୍ରଶିକ୍ଷକ ଭିଭିଏସ୍ ଲକ୍ଷ୍ମଣ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆଲୋଚନାରତ

**ପିଚ୍ ଉଭୟ ବ୍ୟାଟର, ବୋଲରଙ୍କୁ ସୁହାଇବ**

ବିଶାଖାପଟନମର ଏହି ପିଚ୍ ସନ୍ତୁଳିତ ମନେହେଉଛି। ଉଭୟ ବ୍ୟାଟର ଓ ବୋଲରଙ୍କୁ ଏହି ପିଚ୍ ସୁହାଇବ। ଏଠାରେ ଗତ ୧୦ଟି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳର ହାରାହାରି ସ୍କୋର ୧୩୨ ରହିଛି। ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ଟସ୍ ଜିତିବା ଦଳ ବ୍ୟାଟିଂ କରିବାକୁ ପସନ୍ଦ କରିବ। ଦ୍ୱିତୀୟ ପାଳିରେ ବ୍ୟାଟିଂ କରିଥିବା ଦଳ ଏଠାରେ ୬୭% ମ୍ୟାଚ୍ ଜିତିଛି। ଉଭୟ ଦ୍ରୁତ ବୋଲର ଓ ସ୍ପିନର ଏହି ପିଚ୍‌ରେ ସହାୟତା ପାଇବେ।

**ଭାରତର ରେକର୍ଡ ଭଲ ରହିଛି**

ଟି-୨୦ରେ ଉଭୟ ଦଳ ପରସ୍ପରକୁ ୨୬ଥର ଭେଟିଛନ୍ତ ଓ ଭାରତର ରେକର୍ଡ ଭଲ ରହିଛି। ଭାରତ ୧୫ଟି ମ୍ୟାଚ୍ ଓ ଅଷ୍ଟ୍ରେଲିଆ ୧୦ଟିରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି। ଗତ ୫ଟି ମ୍ୟାଚ୍‌ରେ ଭାରତ ୩ ଓ ଅଷ୍ଟ୍ରେଲିଆ ୨ଟିରେ ବିଜୟୀ ହୋଇଛି। ତେଣୁ ଏହି ମ୍ୟାଚ୍‌ରେ ଭାରତ ଫେବରାଇଟ୍ ବିବେଚିତ ହେଉଛି। ସିରିଜର ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ମ୍ୟାଚ୍ ୨୬, ୨୮, ଡିସେମ୍ବର ୧ ଓ ୩ରେ ଯଥାକ୍ରମେ ଥିରୁବନନ୍ତପୁରମ, ଗୁଆହାଟୀ, ରାୟପୁର ଓ ବେଙ୍ଗାଲୁରୁରେ ଖେଳାଯିବ।

ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା
ସ୍ଥାନ: ବିଶାଖାପଟନମ
ସିଧାପ୍ରସାରଣ: ସ୍ପୋର୍ଟ୍ସ ୧୮, ଜିଓ ସିନେମା ଆପ୍

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଇଶାନ କିଶନ, ଋତୁରାଜ ଗାଏକ୍ୱାଡ, ତିଳକ ବର୍ମା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଆଭେସ ଖାନ ଓ ମୁକେଶ କୁମାର।

**ଅଷ୍ଟ୍ରେଲିଆ ଦଳ:** ମାଥ୍ୟୁ ୱେଡ (ଅଧିନାୟକ), ଷ୍ଟିଭ ସ୍ମିଥ୍, ଆରୋନ ହାର୍ଡି, ଜୋଶ ଇଂଲିଶ, ମାର୍କସ ଷ୍ଟୋଇନିସ୍, ଟିମ ଡେଭିଡ୍, ସିନ ଆବୋଟ, ନାଥନ ଏଲିସ୍, ଜାସନ ବେହେରନଡୋର୍ଫ, ମାଥ୍ୟୁ ଶର୍ଟ, ସ୍ପେନସର ଜନଦସନ, ତନବୀର ସାଙ୍ଘା, ଟ୍ରାଭିସ ହେଡ ଓ ଗ୍ଲେନ ମ୍ୟାକ୍ସୱେଲ।

■ ବିଶ୍ୱକପ୍ ବିଜୟ ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ

## ଅଷ୍ଟ୍ରେଲିଆ ଖେଳାଳିଙ୍କୁ ସମ୍ବର୍ଦ୍ଧନା ମିଳିଲାନି


ବିମାନ ବନ୍ଦରରେ ପ୍ୟାଟ କମିନ୍ସଙ୍କ ସହ କୁନି ପ୍ରଶଂସକ ସେଲ୍‌ଫି ନେଉଛନ୍ତି।

ସିଡ୍‌ନୀ, ୨୨।୧୧(ଏଜେନ୍ସି): ଆଇସିସି ଦିନିକିଆ ବିଶ୍ୱକପ୍ ବିଜୟ ପରେ ଅଷ୍ଟ୍ରେଲିଆ ଦଳର କେତେକ ଖେଳାଳି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସିଡ୍‌ନୀ ବିମାନବନ୍ଦରରେ ଖେଳାଳିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇନାହିଁ। ଅଧିନାୟକ ପ୍ୟାଟ କମିନ୍ସଙ୍କ ସମେତ ଅନ୍ୟ ଖେଳାଳିମାନେ ସାଧାରଣ ଯାତ୍ରୀଙ୍କ ଭଳି ବିମାନବନ୍ଦରରୁ ବାହାରି ଘରକୁ ଯାତ୍ରା କରିଥିଲେ। କମିନ୍ସ ନିଜ ଟ୍ରଲି ନିଜେ ନେଉଥିବାର ଦେଖାଯାଇଥିଲା। ଅନ୍ୟଯାତ୍ରୀମାନେ ନିଜ ନିଜ କାମରେ ବ୍ୟସ୍ତ ଥିଲେ ଓ କମିନ୍ସଙ୍କୁ ସେତେଟା ଗୁରୁତ୍ୱ ଦେଉନ ଥିଲେ। ଟ୍ୟାକ୍ସି ପାଇଁ ତାଙ୍କୁ ଲାଇନ୍‌ରେ ମଧ୍ୟ ଠିଆ ହେବାକୁ ପଡ଼ିଥିଲା। ଅବଶ୍ୟ କେତେଜଣ ସାମ୍ବାଦିକ କମିନ୍ସଙ୍କ ଫଟୋ ଉଠାଉଥିଲେ। ବିଶ୍ୱକପ୍ ବିଜୟ ଖୁସି ଦେଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଭାରତରେ କ୍ରିକେଟର ତଥା ବିଶ୍ୱକପ୍ ଚାମ୍ପିଅନ ଦଳକୁ ଜୋରଦାର ସ୍ୱାଗତ କରାଯାଇଥାଏ ଓ ବିଶ୍ୱବିଜୟୀ କ୍ରିକେଟରଙ୍କୁ ଭଗବାନଙ୍କ ଭଳି ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ୨୦୦୭ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳକୁ ସ୍ୱଦେଶ ଫେରିବା ପରେ ଜୋରଦାର ସ୍ୱାଗତ କରାଯାଇଥିଲା।

ସେହିପରି ୨୦୧୧ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଦଳକୁ ରାଷ୍ଟ୍ରପତି ପ୍ରତିଭା ପାଟିଲ ସମ୍ବର୍ଦ୍ଧିତ କରିଥିଲେ। ୧୯୮୩ ବିଶ୍ୱକପ୍ ବିଜୟୀ ଦଳ ପାଇଁ କିମ୍ବଦନ୍ତୀ ଗାୟିକା ତଥା ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକର ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ବା ଲାଇଭ କନସର୍ଟର ଆୟୋଜନ କରିଥିଲେ।

### ଆଇପିଏଲ୍-୧୭: ଖେଳାଳି ଅଦଳବଦଳ

## ରାଜସ୍ଥାନରୁ ଆଭେସ୍; ଲକ୍ଷ୍ନୌ ପାଇଁ ଖେଳିବେ ପଡ଼ିକଲ୍

ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୭ତମ ସଂସ୍କରଣ ପୂର୍ବରୁ ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ଖେଳାଳି ଅଦଳବଦଳ ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଳି ଅଦଳବଦଳ ହୋଇଛି। ଲକ୍ଷ୍ନୌର ଡାହାଣହାତୀ ଦ୍ରୁତ ବୋଲର ଆଭେସ ଖାନ ଆଇପିଏଲ୍-୨୦୨୪ରେ ରାଜସ୍ଥାନ ପକ୍ଷରୁ ଖେଳୁଥିବାର ଦେଖିବାକୁ ମିଳିବେ। ସେହିଭଳି ରାଜସ୍ଥାନ ରୟାଲ୍ସର ବ୍ୟାଟର୍ ଦେବଦତ୍ତ ପାଡିକଲ୍ ଲକ୍ଷ୍ନୌ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ଉଭୟ ଦଳର ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ଜଣାପଡ଼ିଛି। ଗତବର୍ଷ ଖେଳାଳି ନିଲାମୀରେ ଲକ୍ଷ୍ନୌ ଆଭେସଙ୍କୁ ୧୦ କୋଟି ଟଙ୍କା ଓ ରାଜସ୍ଥାନ ୭.୭ କୋଟି ଟଙ୍କା ମୂଲ୍ୟରେ ପଡ଼ିକଲ୍‌ଙ୍କୁ କ୍ରୟ କରିଥିଲା। ବାମହାତୀ ଓପନର୍ ବ୍ୟାଟର୍ ପଡ଼ିକଲ୍ ଏଥିସହ ଆଇପିଏଲ୍‌ରେ ୩ୟ ଦଳ ପକ୍ଷରୁ ଖେଳିବେ। ପୂର୍ବରୁ ରାଜସ୍ଥାନ ରୟାଲ୍ସ ପୂର୍ବରୁ ସେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳିସାରିଥିଲେ।



## ଟି-୨୦ରୁ ଦୂରେଇ ରହିବେ ରୋହିତ

ନୂଆଦିଲ୍ଲୀ, ୨୨।୧୧(ଏଜେନ୍ସି): ଅଧିନାୟକ ରୋହିତ ଶର୍ମା ଏବେ ଟି-୨୦ ଫର୍ମାଟରୁ ଦୂରେଇ ରହିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଜଣାଯାଇଛି। ୨୦୨୨ ନଭେମ୍ବରରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ସେମିଫାଇନାଲ ପରାଜୟ ପରେ ରୋହିତ ଗୋଟିଏ ହେଲେ ବି ଟି-୨୦ ମ୍ୟାଚ୍ ଖେଳିନାହାନ୍ତି। ସେବେଠାରୁ ହାର୍ଦ୍ଦିକ ପାଣ୍ଡ୍ୟ ଟି-୨୦ ଦଳର ନେତୃତ୍ୱ ନେଉଛନ୍ତି। ପାଣ୍ଡ୍ୟା ଆହତ ଥିବାରୁ ସୂର୍ଯ୍ୟକୁମରା ଯାଦବଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜର ନେତୃତ୍ୱ ପ୍ରଦାନ କରାଯାଇଛି। ୩୬ ବର୍ଷୀୟ ରୋହିତ ୧୪୮ଟି ଟି-୨୦ ମ୍ୟାଚ୍ ଖେଳି ୧୪୦ ଷ୍ଟ୍ରାଇକରେଟ୍‌ରେ ୩୮୫୩ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୪ଟି ଶତକ ସାମିଲ ରହିଛି। ପାଖାପାଖି ଗୋଟିଏ ବର୍ଷ ଟି-୨୦ ଖେଳିନଥିବାରୁ ରୋହିତ କ୍ରିକେଟର ଏହି ଛୋଟିଆ ଫର୍ମାଟ୍‌ରୁ ଅବସର ନେବେ ବୋଲି ଅନୁମାନ କରାଯାଉଛି।



## ଆଇସିସି ନିୟମ ପରିବର୍ତ୍ତନ: ବିଶ୍ୱର ପ୍ରଥମ ଟ୍ରାନ୍ସଜେଣ୍ଡର କ୍ରିକେଟରଙ୍କ ଅବସର




ଟରଣ୍ଟୋ, ୨୨।୧୧(ଏଜେନ୍ସି): ବିଶ୍ୱର ପ୍ରଥମ ଟ୍ରାନ୍ସଜେଣ୍ଡର କ୍ରିକେଟର ଡାନିଏଲେ ମ୍ୟାକ୍‌ଗାହେ ବୁଧବାର ଅବସର ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତା'ର ଲିଙ୍ଗଗତ ନିୟମରେ ପରିବର୍ତ୍ତନ କରିବା ପରେ ହିଁ ସେ ଅବସର ନେବାକୁ ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି। ନୂଆ ନିୟମ ଅନୁସାରେ ପୁରୁଷରୁ ମହିଳାରେ ପରିବର୍ତ୍ତନ ହୋଇଥିବା ଖେଳାଳି କୌଣସି ଅନ୍ତର୍ଜାତୀୟ ମହିଳା କ୍ରିକେଟ ମ୍ୟାଚ୍ ଖେଳିପାରିବେ ନାହିଁ। ତେଣୁ କ୍ରିକେଟରେ ତାଙ୍କର ଭବିଷ୍ୟତ ନଥିବା ଦେଖି ଡାନିଏଲେ କ୍ରିକେଟ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି।

କାନାଡା ତରଫରୁ ପ୍ରତିନିଧିତ୍ୱ କରି ସେ ୬ଟି ଟି-୨୦ ମ୍ୟାଚ୍ ଖେଳି ୧୯.୬୬ ହାରରେ ଓ ୯୫.୯୩ ଷ୍ଟ୍ରାଇକ୍‌ରେଟ୍‌ରେ ୧୧୮ ରନ ସଂଗ୍ରହ କରିଛନ୍ତି। କ୍ରୀଡ଼ାରେ ମହିଳା ଟ୍ରାନ୍ସଜେଣ୍ଡର କ୍ରୀଡ଼ାବିତଙ୍କୁ ନ୍ୟାୟ ଦେବା ପାଇଁ ସେ ଲଢେଇ ଜାରି ରଖିବେ। ଅଷ୍ଟ୍ରେଲିଆରେ ଜନ୍ମିତ ୨୯ ବର୍ଷୀୟ ଡାନିଏଲେ ୨୦୨୦ରେ କାନାଡା ଚାଲିଯାଇଥିଲେ। ୨୦୨୧ରେ ସେ ପୁରୁଷରୁ ମହିଳାରେ ପରିଣତ ହୋଇଥିଲେ।

### ଅଲ୍ଟିମେଟ୍ ଖୋ ଖୋ ୨ୟ ସଂସ୍କରଣ

# ୩.୯ କୋଟିରେ ୧୪୫ ଖେଳାଳି ନିଲାମୀ

ଭୁବନେଶ୍ୱର, ୨୨।୧୧ (ସମିସ): ପ୍ରଥମ ସଂସ୍କରଣରେ ବେଶ୍ ଲୋକପ୍ରିୟତା ହାସଲ କରିଥିବା ଫ୍ରାଞ୍ଚାଇଜଭିତ୍ତିକ ଖୋ ଖୋ ପ୍ରତିଯୋଗିତା ଅଲ୍ଟିମେଟ୍ ଖୋ ଖୋ (ୟୁକେକେ)ର ୨ୟ ସଂସ୍କରଣ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆଗାମୀ ୨ୟ ସଂସ୍କରଣ ଲାଗି ଭୁବନେଶ୍ୱରରେ ଖେଳାଳି ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଦେଶର ୧୪୫ ଶ୍ରେଷ୍ଠ ଖୋ ଖୋ ଖେଳାଳିଙ୍କୁ ୬ ଗୋଟି ଫ୍ରାଞ୍ଚାଇଜ ୩.୯ କୋଟି ଟଙ୍କା ମୂଲ୍ୟରେ ଖେଳାଳି ଡ୍ରାଫ୍ଟ ମାଧ୍ୟମରେ କ୍ରୟ କରିଛନ୍ତି। କ୍ରୟ ହୋଇଥିବା ଖେଳାଳିଙ୍କ ମଧ୍ୟରୁ ୩୩ଜଣ ଯୁବ ଖେଳାଳି ରହିଛନ୍ତି। ଯେଉଁମାନଙ୍କ ବୟସ ୧୬ରୁ ୧୮ ବର୍ଷ ମଧ୍ୟରେ ରହିଛି। ସେହିଭଳି ୨ୟ ସଂସ୍କରରେ ନିଲାମୀ ହୋଇଥିବା ଖେଳାଳିଙ୍କ ହାରାହାରି ବୟସ ୨୨.୫ ବର୍ଷ ରହିଛି।

ଦଳରେ ଅଧିକ ଶକ୍ତି ଓ ଗତି ଯୋଡ଼ିବା ସହ ପ୍ରତିଭାବାନ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଉପରେ ଗୁରୁତ୍ୱ ଦେଇ ଫ୍ରାଞ୍ଚାଇଜଗୁଡ଼ିକ ଅଧିକରୁ ଅଧିକ ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରିଛନ୍ତି। ଯାହା ଫଳରେ ଆଗାମୀ ୨ୟ ସଂସ୍କରଣ ଆହୁରି ରୋମାଞ୍ଚକ ହେବ ବୋଲି ଅଲ୍ଟିମେଟ୍ ଖୋ ଖୋ ସିଇଓ ତେନଜିଙ୍ଗ ନିୟୋଗୀ କହିଛନ୍ତି। ମୁମ୍ବାଇ ଖିଲାଡି ଫ୍ରାଞ୍ଚାଇଜ ଓଡ଼ିଶାର ୧୬ ବର୍ଷୀୟ ସୁନିଲ ପାତ୍ରଙ୍କୁ, ପୁଡୁଚେରୀର ୧୭ ବର୍ଷୀୟ ଏମ୍, ମୁଗିଲାନଙ୍କୁ ଚେନ୍ନାଇ କୁଇକ୍ ଗନ୍ସ ଦଳରେ ନେଇଛନ୍ତି। ଦ୍ୱିତୀୟ ସଂସ୍କରଣ ଖେଳାଳି ନିଲାମୀରେ ୧୮ ଗୋଟି ରାଜ୍ୟର ମୋଟ୍ ୨୯୦ ଜଣ ଖେଳାଳି ନାମ ରେଜିଷ୍ଟର କରିଥିଲେ। ସେମାନଙ୍କ ମଧ୍ୟରୁ ପୁଲ୍‌ରୁ ୧୪୫ଜଣଙ୍କୁ ୬ ଗୋଟି ଫ୍ରାଞ୍ଚାଇଜ ଦଳରେ ସାମିଲ କରିଛନ୍ତି। ସେହିଭଳି ମୋଟ୍ ୧୮ଜଣ ଖେଳାଳିଙ୍କୁ ସେମାନଙ୍କ ଫ୍ରାଞ୍ଚାଇଜ ବଜାୟ ରଖିଥିଲେ। ପ୍ରତିଯୋଗିତାର ନିୟମ ଅନୁଯାୟୀ ବଜାୟ ତଥା ରିଟେନ ରହିଥିବା ଖେଳାଳିଙ୍କୁ ସେମାନଙ୍କ ଫ୍ରାଞ୍ଚାଇଜ ୬ ଲକ୍ଷ ଲେଖାଏ ଟଙ୍କା ପ୍ରଦାନ କରିବେ। ସେହିଭଳି ବଳକା ଖେଳାଳିଙ୍କୁ ଏ, ବି, ସି ଓ ଡିରେ ୪ଟି ବର୍ଗରେ ବିଭକ୍ତ କରାଯାଇଥିଲା। ଏହି ବର୍ଗରେ ରହିଥିବା ଖେଳାଳି ଯଥାକ୍ରମେ ୫, ୩, ୧.୫ ଓ ଏକ ଲକ୍ଷ ଟଙ୍କା ପାଇବେ।




ପ୍ରଥମ ସଂସ୍କରଣର ବିଜେତା ତଥା ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ଖେଳାଳି ନିଲାମୀରେ ଏକ ଶକ୍ତିଶାଳୀ ଦଳ ଚୟନ କରିଛି। ଯେଉଁଥିରେ ଯୁବ ଓ ଅଭିଜ୍ଞତାକୁ ନେଇ ଦଳ ବେଶ୍ ସନ୍ତୁଳିତ ରହିଛି। 'ଡିଫେଣ୍ଡିଂ ଚାମ୍ପିଅନ ଭାବେ ଆମ ପାଖରେ ଗତବର୍ଷ ଏକ ଭଲ ଦଳ ଥିଲା। ତେଣୁ ଆମେ ଆମର ଅଧିକାଂଶ ଖେଳାଳିଙ୍କୁ ଦଳରେ ବଜାୟ ରଖିଛୁ। ଅତ୍ୟନ୍ତ ଯତ୍ନର ସହ ଆମେ ଏକ ଭଲ ଦଳ ଚୟନ କରିଛୁ। ଏଥିରେ ରାଜ୍ୟର କିଛି ଆଗାମୀ ପିଢ଼ିର ଯୁବ ଖେଳାଳି ରହିଛନ୍ତି। ଆମେ ଟାଇଟଲ୍ ବଜାୟ ରଖିବା ନେଇ ଆଶାବାଦୀ ରହିଛୁ' ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଓଏସ୍‌ଡି ଲିଳନ ପ୍ରସାଦ ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅଲ୍ଟିମେଟ୍ ଖୋ ଖୋ'ର ପ୍ରଥମ ସିଜନ ସମ୍ପୂର୍ଣ୍ଣ ରୂପେ ପୁଣେରେ ଖେଳାଯାଇଥିଲା। କିନ୍ତୁ ଦ୍ୱିତୀୟ ସଂସ୍କରଣ ଓଡ଼ିଶାରେ ଆୟୋଜିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

**ଓଡ଼ିଶା ଜଗରନଟ୍ସ ଦଳ:** ଦିଲୀପ ଖାଣ୍ଡଭି, ଦୀପେଶ ମୋର୍, ଏମ୍‌କେ ଗୌତମ, ବିଶାଳ (ସମସ୍ତେ ରିଟେନ ଖେଳାଳି), ଓମକାର ସୋନୱାନେ, ରୋହନ ସିଂଘାଡେ, ଅକ୍ଷୟ ମାସାଲ, ପି. ମହେଶ, ମନୋଜ ପାଟିଲ, ଅଭିନାଶ ଦେଶାଇ, ମନୋଜ କୁମାର, ଦୀପକ କୁମାର ସାହୁ, ନିରଞ୍ଜନ ସାମଲ, ସିଦ୍ଧେଶ୍ୱର ଟୁଡୁ, ଏସ୍. ଭିସାଗ, ଦେବେନ୍ଦ୍ର ନାଥ, ନିଖିଳ କୁମାର, ବିଶାଲ ଓରାମ, ସଞ୍ଜୟ କୁମାର, ବି. ନିଖିଳ, ମହମ୍ମଦ ମିରାଜୁଲ, ସୁଶାନ୍ତ କାଲଧୋନେ, ସୋଭାଗ ଶ୍ରୀଗାଦା, ସବିର ଅହମ୍ମଦ ଓ ସୁରେଶ କୁମାର।

**୬ ଗୋଟି ଫ୍ରାଞ୍ଚାଇଜ:** ଓଡ଼ିଶା ଜଗରନଟ୍ସ, ତେଲଗୁ ଯୋଦ୍ଧାସ, ଚେନ୍ନାଇ କୁଇକ୍ ଗନ୍ସ, ରାଜସ୍ଥାନ ୱାରିୟର୍ସ, ଗୁଜରାଟ ଜିଆଣ୍ଟ୍ସ ଓ ମୁମ୍ବାଇ ଖିଲାଡିସ୍।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର